ଭାରତର

ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ

ମାର୍ଚ୍ଚ 2018 ରେ ସମାପ୍ତ ବର୍ଷ ପାଇଁ

ରାଜ୍ୟ ଆର୍ଥିକ ସ୍ଥିତିର ଲେଖାପରୀକ୍ଷା ପ୍ରତିବେଦନ

ଲୋକହିତାର୍ଥ ସତ୍ୟନିଷ୍ଠା

ଜନ ସାଧାରଣଙ୍କ ସତ୍ୟତା ନିମନ୍ତେ ଉଦ୍ଦିଷ୍ଟ

ଓଡିଶା ସରକାର

ପ୍ରତିବେଦନ ସଂଖ୍ୟା 1 ବର୍ଷ 2019

ଭାରତର
ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ

ମାର୍ଚ୍ଚ 2018 ରେ ସମାପ୍ତ ବର୍ଷ ପାଇଁ
ରାଜ୍ୟ ଆର୍ଥିକ ସ୍ଥିତିର ଲେଖାପରୀକ୍ଷା ପ୍ରତିବେଦନ

ଓଡ଼ିଶା ସରକାର

ପ୍ରତିବେଦନ ସଂଖ୍ୟା 1 ବର୍ଷ 2019

ସୂଚୀପତ୍ର

	ପ୍ରସଙ୍ଗ ସୂଚନା	
	ଅନୁଚ୍ଛେଦ	ପୃଷ୍ଠା
ମୁଖବନ୍ଧ		*iii*
ସଂକ୍ଷିପ୍ତ ସାରମର୍ମ		*v-xi*
ଅଧ୍ୟାୟ I: ରାଜ୍ୟ ସରକାରଙ୍କ ଅର୍ଥ ବ୍ୟବସ୍ଥା		
ସାମଗ୍ରୀକ ରାଜ୍ୟ ଘରୋଇ ଉତ୍ପାଦ (ଜି.ଏସ୍.ଡ଼ି.ପି)	1.1	1
ଆର୍ଥିକ ନେଣଦେଣର ସାରାଂଶ	1.2	2
ଆର୍ଥିକ ସ୍ଥିତିର ସମୀକ୍ଷା	1.3	2
ରାଜ୍ୟର ଆର୍ଥିକ ସମ୍ବଳ	1.4	7
ସମ୍ବଳର ପ୍ରୟୋଗ	1.5	14
ଆସ୍ତି ଓ ଦେୟତାର ଉପାଦାନ	1.6	23
ଋଣ ପରିଚାଳନା	1.7	33
ବିତ୍ତୀୟ ସୁଧାର ପଥ	1.8	36
ଅଧ୍ୟାୟ II: ଆର୍ଥିକ ପରିଚାଳନା ଓ ବଜେଟ ନିୟନ୍ତ୍ରଣ		
ଆର୍ଥିକ ଉତ୍ତରଦାୟିତ୍ୱ ଓ ବଜେଟ ପରିଚାଳନା	2.1	39
ବିନିଯୋଗ ହିସାବର ସାରାଂଶ	2.2	40
ରୋକଡ଼ ପରିଚାଳନା ପଦ୍ଧତି ଏବଂ ଖର୍ଚ୍ଚର ଭିଡ଼	2.3	49
ବଣ୍ଟାଯାଇଥିବା ଅନୁଦାନର ସମୀକ୍ଷା	2.4	50
ଅଧ୍ୟାୟ III: ବିତ୍ତୀୟ ପ୍ରତିବେଦନ		
ବ୍ୟକ୍ତିଗତ ଜମା ଖାତା	3.1	57
ହିସାବ ଖାତାର ଅସ୍ୱଚ୍ଛତା	3.2	60
ସାୟତ୍ତ ନିକାୟମାନଙ୍କ ଦ୍ୱାରା ବାର୍ଷିକ ହିସାବର ଅନୁପସ୍ଥାପନ	3.3	60
ବିନିଯୋଗ ପ୍ରମାଣ ପତ୍ରର ଅବସ୍ଥାପନା	3.4	61
ଦାଖଲ ନ ହୋଇଥିବା ବିଷଦ ଆକସ୍ମିକ ବିଲ	3.5	63
ଅନ୍ୟାନ୍ୟ ଆର୍ଥିକ ବିବୃତି ବିଷୟ	3.6	64
ପରିଶିଷ୍ଟ		
1.1 ଓଡ଼ିଶାର ସଂକ୍ଷିପ୍ତ ପାର୍ଶ୍ୱଚିତ୍ର		67
1.2 ସରକାରୀ ହିସାବର ଢାଞ୍ଚା ଓ ଆକାର		68
1.3 2017-18 ବର୍ଷ ନିମିତ୍ତ ପ୍ରାପ୍ତି ଓ ବିତରଣର ବିବରଣୀ	1.2	69
1.4 ରାଜ୍ୟ ସରକାରଙ୍କ ଅର୍ଥ ବ୍ୟବସ୍ଥା ଉପରେ ସମୟ ପର୍ଯ୍ୟାପ୍ତ ତଥ୍ୟ	1.2	71
1.5 ରାଜ୍ୟ ଏକତ୍ରୀକୃତ ପାଣ୍ଠିରେ ସମ୍ବଳର ଗଠନ ଏବଂ ପାଣ୍ଠିର ବିନିଯୋଗ	1.2	74

		ପ୍ରସଙ୍ଗ ସୂଚନା	
		ଅନୁଚ୍ଛେଦ	ପୃଷ୍ଠା
1.6	31 ମାର୍ଚ୍ଚ 2018 ସୁଦ୍ଧା ଓଡ଼ିଶା ସରକାରଙ୍କର ଆର୍ଥିକ ସ୍ଥିତିର ସଂକ୍ଷିପ୍ତ ବିବରଣୀ	1.6	75
2.1	2017-18 ବର୍ଷରେ ବିଭିନ୍ନ ଅନୁଦାନ / ବିନିଯୋଗ ଯେଉଁଠି ସଂଚୟ ପ୍ରତ୍ୟେକ କ୍ଷେତ୍ରରେ 100 କୋଟି ଟଙ୍କାରୁ ଏବଂ ସଂପୂର୍ଣ୍ଣ ବ୍ୟବସ୍ଥାର 20 ପ୍ରତିଶତରୁ ଉର୍ଦ୍ଧ୍ୱ ଥିଲା ତାହାର ବିବରଣୀ	2.2.2	77
2.2	2017-18 ବର୍ଷରେ ଅନାବଶ୍ୟକ ଅନୁପୁରକ ବ୍ୟବସ୍ଥା ହେବାର ବିବରଣୀ (ପ୍ରତ୍ୟେକ କ୍ଷେତ୍ରରେ 1 କୋଟି ଟଙ୍କା କିମ୍ବା ତତୋଧିକ)	2.2.3	78
2.3	2017-18 ବର୍ଷରେ ଅଧିକ ଅନୁପୁରକ ବ୍ୟବସ୍ଥା ହେବାର ବିବରଣ (ପ୍ରତ୍ୟେକ କ୍ଷେତ୍ରରେ ଏକ କୋଟି ଟଙ୍କା କିମ୍ବା ତତୋଧିକ)	2.2.3	79
2.4	2017-18 ବର୍ଷରେ ଅନୁପୂରକ ଅପର୍ଯ୍ୟାପ୍ତ ବ୍ୟବସ୍ଥା ଗୁଡ଼ିକ (ପ୍ରତ୍ୟେକ କ୍ଷେତ୍ରରେ ଏକ କୋଟି ଟଙ୍କା କିମ୍ବା ତତୋଧିକ)	2.2.3	80
2.5	2017-18 ରେ ଅଧିକ/ ଅନାବଶ୍ୟକ ଭାବେ ପୁନଃ ବିନିଯୋଗ ହୋଇଥିବା ନିଧିର ବିତରଣ	2.2.4	81
2.6	31 ମାର୍ଚ୍ଚ 2018 ର ପୁନଃ ବିନିଯୋଗ ପାଣ୍ଠି	2.2.4	82
2.7	2017-18 ବର୍ଷ ମଧ୍ୟରେ ମୂଳ ବ୍ୟବସ୍ଥାର ଶତ ପ୍ରତିଶତ ପ୍ରତ୍ୟାର୍ପଣର ବିବରଣୀ (10 କୋଟି ଟଙ୍କା କିମ୍ବା ତଦୁର୍ଦ୍ଧ୍ୱ ପ୍ରତି କ୍ଷେତ୍ରରେ)	2.2.5	83
2.8	2017-18 ବର୍ଷରେ ଆଂଶିକ ଫେରସ୍ତ ହୋଇନଥିବା ଏକ କୋଟି ଟଙ୍କା ତତୋଧିକ ସଂଚୟ ରାଶିକୁ ଦର୍ଶାଇଥିବା ବିବରଣୀ	2.2.7	86
2.9	ଅନୁଦାନ / ମୁଖ୍ୟ ଶିର୍ଷାନୁସାରେ 31 ମାର୍ଚ୍ଚ 2018 ରେ 10 କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଏବଂ ମୂଳ ବ୍ୟବସ୍ଥାର 20 ପ୍ରତିଶତରୁ ଉର୍ଦ୍ଧ୍ୱ ପାଣ୍ଠି ସମର୍ପଣ ମାମଲାରେ ବିବରଣ	2.2.7	87
2.10	2017-18 ଆର୍ଥିକ ବର୍ଷ ଶେଷ ଭାଗରେ 624.90 କୋଟି ଟଙ୍କା ଉନ୍ମୋଚିତ ଅର୍ଥ	2.2.8	89
2.11	2017-18 ଅବଧିର ଶେଷ ତ୍ରୈମାସିକ ଓ ଶେଷ ମାସ ମଧ୍ୟରେ ପ୍ରଚୁର ବ୍ୟୟର ପ୍ରଦର୍ଶନ ବିବରଣ	2.3.1	91
3.1	31 ମାର୍ଚ୍ଚ 2018 ସୁଦ୍ଧା ଅଚଳ ଥିବା ପିଏଲ ହିସାବର ବିଷଦ ବିବରଣ	3.1	92
3.2	2017-18 ବର୍ଷ ଶେଷରେ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗ ଦ୍ୱାରା ପ୍ରାପ୍ତ ହେବାକୁ ଥିବା ବିନିଯୋଗ ପ୍ରମାଣ ପତ୍ରର ଅନୁଦାନ ଦର୍ଶାଉଥିବା ବିଷଦ ବିବରଣ	3.4	93
3.3	31-03-2018 ସୁଦ୍ଧା ଦଶ ବର୍ଷରୁ ଉର୍ଦ୍ଧ୍ୱ ବକେୟା ଥିବା ଅନୁଦାନର ବିନିଯୋଗ ପ୍ରମାଣ ପତ୍ରର ବିଷଦ ବିବରଣ	3.4.1	94
4.1	ବିବରଣୀରେ ବ୍ୟବହୃତ ହୋଇଥିବା ପଦର ତାଲିକା (ସେମାନଙ୍କ ଗଣନାର ଆଧାର) ଏବଂ ସମାଲୋଚନାତ୍ମକ ମନ୍ତବ୍ୟ	***4.1***	95-98

ମୁଖବନ୍ଧ

ସମ୍ବିଧାନର ଧାରା 151 ଅନୁଯାୟୀ ଏହି ପ୍ରତିବେଦନ ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ କରିବା ନିମିତ୍ତ ପ୍ରସ୍ତୁତ କରାଯାଇଛି ।

ଓଡ଼ିଶା ସରକାରଙ୍କର ଆର୍ଥିକସ୍ଥିତିର ପ୍ରତିବେଦନ 2017-18 ବର୍ଷ ମଧ୍ୟରେ ରାଜ୍ୟର ଆର୍ଥିକ ସଂପାଦନର ଆକଳନ ଏବଂ ରାଜ୍ୟ ବିଧାନସଭାକୁ ସମୀକ୍ଷା ବିଶ୍ଳେଷଣ ଉପରେ ଆଧାରିତ ଆର୍ଥିକ ତଥ୍ୟର ଉପାଦାନ ଯୋଗାଇଦେବା ପାଇଁ ଉଦ୍ଦିଷ୍ଟ । ଏହି ପ୍ରତିବେଦନ ଓଡ଼ିଶା ଫିସ୍କାଲ ରେସ୍‌ପନ୍‌ସିବିଲିଟି ଏବଂ ବଜେଟ ପରିଚାଳନା (ସଂଶୋଧନ) ଆକ୍ଟ 2016, ଚତୁର୍ଥ ଅର୍ଥକମିଶନ ପ୍ରତିବେଦନ ଏବଂ 2017-18 ର ବଜେଟ ଆକଳନ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟର ଆର୍ଥିକ ସଂପାଦନର ବିଶ୍ଳେଷଣ କରିବା ପାଇଁ ପ୍ରଯତ୍ନ କରେ। ଏହି ପ୍ରତିବେଦନରେ ତିନୋଟି ଅଧ୍ୟାୟ ଅଛି ।

ଅଧ୍ୟାୟ **I** ବିତ୍ତୀୟ ହିସାବର ସମୀକ୍ଷା ଉପରେ ଆଧାରିତ ଏବଂ 31 ମାର୍ଚ୍ଚ 2018 ସୁଦ୍ଧା ଓଡ଼ିଶା ସରକାରଙ୍କ ବିତ୍ତୀୟ ସ୍ଥିତିର ଆକଳନ କରେ । ଏହା ରାଜସ୍ୱ, ଖର୍ଚ୍ଚ, ଋଣ ପରିଶୋଧ ଓ କରଜ ଢାଞ୍ଚାର ଆଧାର ଅନ୍ତଦୃଷ୍ଟି ଉପରେ ସୂଚନା ପ୍ରଦାନ କରେ ।

ଅଧ୍ୟାୟ **II** ବିନିଯୋଗ ହିସାବର ସମୀକ୍ଷା ଉପରେ ଆଧାରିତ ଏବଂ ସେବା ପ୍ରଦାନ ବିଭାଗ ଗୁଡ଼ିକରେ ବଣ୍ଟନ କରାଯାଉଥିବା ସମ୍ବଳ ବିନିଯୋଗର ରିତି ବିଷୟରେ ସୂଚନା ପ୍ରଦାନ କରେ ।

ଅଧ୍ୟାୟ **III** ଆର୍ଥିକ ନିୟମ ଏବଂ ରିପୋର୍ଟ ପାଇଁ ଆବଶ୍ୟକ ଓଡ଼ିଶା ସରକାରଙ୍କର ଅନୁପାଳନର ତାଲିକା ପ୍ରଦାନ କରେ ।

ଫେବୃୟାରୀ 2019 ରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବଙ୍କ ସହିତ ପ୍ରସ୍ଥାନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ରାଜ୍ୟ ଆର୍ଥିକ ସ୍ଥିତିର ପ୍ରତିବେଦନରେ ପୁନଃଅବଲୋକନ ପାଇଁ ନିଆଯାଇଥିବା ସମସ୍ୟାଗୁଡ଼ିକର ଆଲୋଚନା କରାଯାଇଥିଲା । ଯେଉଁଠାରେ ସରକାରଙ୍କର ଜବାବ ମିଳିଥିଲା ସେଗୁଡ଼ିକ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

ଭାରତର ମହାସମୀକ୍ଷକ ଏବଂ ମହାନିୟନ୍ତ୍ରକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନଦଣ୍ଡ ଅନୁଯାୟୀ ଅଡ଼ିଟ୍ ସଂପାଦନ କରାଯାଇଛି ।

ସଂକ୍ଷିପ୍ତ ସାରମର୍ମ

ସଂକ୍ଷିପ୍ତ ସାରମର୍ମ

ରାଜ୍ୟ ସରକାରଙ୍କ ବିତ୍ତ

ରାଜ୍ୟର ବିତ୍ତୀୟ ସ୍ଥିତି

ସରକାରଙ୍କ ରାଜସ୍ୱ ପ୍ରାପ୍ତି (85,204 କୋଟି ଟଙ୍କା) ଯାହା ସମଗ୍ର ରାଜ୍ୟ ଘରୋଇ ଉତ୍ପାଦ (ଜିଏସଡ଼ିପି) (4,15,982 କୋଟି ଟଙ୍କା) ର 20.48 ପ୍ରତିଶତ ଅଟେ । ପୂର୍ବ ବର୍ଷ (74,299 କୋଟି ଟଙ୍କା) ତୁଳନାରେ 14.67 ପ୍ରତିଶତ ବୃଦ୍ଧି ଘଟିଥିଲା । 2017-18 ମଧ୍ୟରେ ରାଜସ୍ୱ ଖର୍ଚ୍ଚ (71,837 କୋଟି ଟଙ୍କା)ରେ ଅନୁରୂପ ବୃଦ୍ଧି ଘଟିଥିଲା । ଯାହା 2016-17 (65,041 କୋଟି ଟଙ୍କା) ତୁଳନାରେ 10.45 ପ୍ରତିଶତ ଏବଂ ଜିଏସଡ଼ିପିର 17.27 ପ୍ରତିଶତ ଥିଲା । ବର୍ଷ 2017-18 ରେ ପୁଞ୍ଜିଗତ ଖର୍ଚ୍ଚ (ସିଇ) (21,109 କୋଟି ଟଙ୍କା) ଯାହା ପୂର୍ବ ବର୍ଷ (18,471 କୋଟି ଟଙ୍କା) ଠାରୁ 2,638 କୋଟି ଟଙ୍କା (14.28 ପ୍ରତିଶତ) ବୃଦ୍ଧି ଘଟିଥିଲା । ବର୍ଷ 2017-18 ରେ ପୁଞ୍ଜିଗତ ଖର୍ଚ୍ଚ ଜିଏସଡ଼ିପିର 5.07 ପ୍ରତିଶତ ଥିଲା ।

(ଅନୁଚ୍ଛେଦ 1.4.2, 1.5.3 ଏବଂ 1.5.4)

ରାଜ୍ୟ 13,367 କୋଟି ଟଙ୍କାର ରାଜସ୍ୱ ବଳକା ହାସଲ କରିଥିଲା । ବିତ୍ତିୟ ନିୟନ୍ତ 9,360 କୋଟି ଟଙ୍କା ଥିଲା । i) ଜାତୀୟ ପେନସନ ପ୍ରଣାଳୀ ବାବଦକୁ ଅଧିକ ଅଂଶଦାନ ii) ଏକତ୍ରୀକରଣ ଋଣ ଶୋଧନ ପାଣ୍ଠିକୁ ଅଂଶଦାନ ନ କରିବା iii) ସଂରକ୍ଷିତ ପାଣ୍ଠି ଏବଂ ସୁଧ ବହନ କରୁଥିବା ଜମା ଖାତାରେ ସୁଧ ଜମା ନ ହେବା କାରଣରୁ ରାଜସ୍ୱ ବଳକା 453.30 କୋଟି ଟଙ୍କା ଅଧିକ ଦର୍ଶାଯାଇଥିଲା ଏବଂ ବିତ୍ତୀୟ ନିଅଣ୍ଟ ସମପରିମାଣର କମ୍ ଦର୍ଶାଯାଇଥିଲା । ଏହା ପ୍ରଭାବରେ ରାଜସ୍ୱ ବଳକା 12,914 କୋଟି ଟଙ୍କା ଏବଂ ବିତ୍ତୀୟ ନିଅଣ୍ଟ 9,813 କୋଟି ଟଙ୍କା ହୋଇଥିଲା ।

ବିତ୍ତୀୟ ନିଅଣ୍ଟ (9,360 କୋଟି ଟଙ୍କା) ଜିଏସଡ଼ିପି (4,15,982 କୋଟି ଟଙ୍କା)ର 2.25 ପ୍ରତିଶତ ଥିଲା। ଏହା ଏଫଆରବିଏମ୍ (ସଂଶୋଧନ) ଧାରା 2016 ରେ ନିର୍ଦ୍ଧାରିତ ବିତ୍ତୀୟ ଧାର୍ଯ୍ୟ ଲକ୍ଷକୁ ପୂରଣ କରୁଥିଲା, ଯାହା ବିତ୍ତୀୟ ନିଅଣ୍ଟକୁ ଜିଏସଡ଼ିପିର 3 ପ୍ରତିଶତ ମଧ୍ୟରେ ସୀମିତ ରଖିବାର ଥିଲା ଏବଂ ଚତୁର୍ଦ୍ଦଶ ଅର୍ଥକମିଶନଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା 3 ପ୍ରତିଶତ ସର୍ବୋଚ୍ଚ ସୀମାର ଅନୁପାଳନ କରୁଥିଲା ।

ଯଦିଓ 2017-18 ବର୍ଷରେ ପ୍ରାଥମିକ ନିଅଣ୍ଟ (4,372 କୋଟି ଟଙ୍କା) ପୂର୍ବ ବର୍ଷ (5,343 କୋଟି ଟଙ୍କା) ତୁଳନାରେ 18.17 ପ୍ରତିଶତ ହ୍ରାସ ଘଟିଥିଲା, ଅଣଋଣ ପ୍ରାପ୍ତି (85,461 କୋଟି ଟଙ୍କା) ପ୍ରାଥମିକ ଖର୍ଚ୍ଚ (89,833 କୋଟି ଟଙ୍କା) କୁ ଭରଣା କରିବାକୁ ଯଥେଷ୍ଟ ନ ଥିଲା ।

ଏଫାଆରବିଏମ୍ (ସଂଶୋଧନ) ଧାରା 2016 ଅନୁଯାୟୀ ବର୍ଷ 2015-16 ରୁ 2019-20 ବର୍ଷ ପର୍ଯ୍ୟନ୍ତ ଋଣ ଏବଂ ଜିଏସଡ଼ିପି ର ଅନୁପାତ 25 ପ୍ରତିଶତ ଠାରୁ କମ କିମ୍ବା ସମାନ ଥିଲା । ବକେୟା ଋଣ ଏବଂ ଜିଏସଡ଼ିପିର ଅନୁପାତ 2017-18 ରେ 12.55 ପ୍ରତିଶତ ଥିଲା ଏବଂ ଯଦିଓ ବଢୁଥିଲା, ଏହା ଏଫଆରବିଏମ

(ଶଂସୋଧନ) ଧାରା 2016 ରେ ନିର୍ଦ୍ଧାରିତ ବିତ୍ତୀୟ ଧାର୍ଯ୍ୟ ଲକ୍ଷକୁ ପୂରଣ କରୁଥିଲା ଏବଂ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା 25 ପ୍ରତିଶତ ସର୍ବୋଚ୍ଚ ସୀମାର ଅନୁପାଳନ କରୁଥିଲା ।

2013-14 ବର୍ଷରେ ସମୁଦାୟ ବକେୟା ଦେୟତା ଏବଂ ଜିଏସଡ଼ିପିର ଅନୁପାତ 15.08 ପ୍ରତିଶତ ଥିଲା ଯାହା ବୃଦ୍ଧି ପାଇ 2017-18 ରେ 23.36 ପ୍ରତିଶତ ହୋଇଥିଲା ।

(ଅନୁଚ୍ଛେଦ 1.3.1)

ସମ୍ବଳର ଚଳମାନ ଏବଂ ପ୍ରୟୋଗ

ବର୍ଷ 2017-18 ର ରାଜସ୍ୱ ପ୍ରାପ୍ତି (85,204 କୋଟି ଟଙ୍କା) ବର୍ଷ 2016-17 ରେ 10,905 କୋଟି ଟଙ୍କା (14.68 ପ୍ରତିଶତ) ଅଧିକ ଥିଲା । ପରନ୍ତୁ, ଏଗୁଡ଼ିକ ବଜେଟ ଆକଳନ (88,932 କୋଟି ଟଙ୍କା) ଠାରୁ 3,728 କୋଟିଟଙ୍କା କମ୍ ଥିଲା ।

(ଅନୁଚ୍ଛେଦ 1.4.2)

ନିଜସ୍ୱ ରାଜସ୍ୱ କର (27,914 କୋଟି ଟଙ୍କା) ପୂର୍ବ ବର୍ଷ ଠାରୁ 22.15 ପ୍ରତିଶତ ବୃଦ୍ଧି ଘଟିଥିଲା ଏବଂ ବଜେଟ ଆକଳନ (26,800 କୋଟି ଟଙ୍କା) ଠାରୁ 1,114 କୋଟି ଟଙ୍କା ଅଧିକ ଥିଲା, ଅଣ ରାଜସ୍ୱ କର (8,398 କୋଟି ଟଙ୍କା) ପୂର୍ବ ବର୍ଷ ଠାରୁ 4.41 ପ୍ରତିଶତ ବୃଦ୍ଧି ଘଟିଥିଲା। କିନ୍ତୁ ବଜେଟ ଆକଳନ (9,500 କୋଟି ଟଙ୍କା) ଠାରୁ 1,102 କୋଟି ଟଙ୍କା କମ୍ ଥିଲା ।

(ଅନୁଚ୍ଛେଦ 1.4.2.1 ଏବଂ 1.4.2.4)

ବର୍ଷ 2017-18 ର ରାଜସ୍ୱ ଖର୍ଚ୍ଚ (71,837 କୋଟି ଟଙ୍କା) ବର୍ଷ (65,041 କୋଟି ଟଙ୍କା)ର ରାଜସ୍ୱ ଖର୍ଚ୍ଚ ଠାରୁ 6,796 କୋଟି ଟଙ୍କା (10.44 ପ୍ରତିଶତ) ବୃଦ୍ଧି ଘଟିଥିଲା ଏବଂ ଏହା ବର୍ଷ 2017-18 ରେ କରାଯାଇଥିବା ବଜେଟ ବ୍ୟବସ୍ଥା (82,237 କୋଟି ଟଙ୍କା) ମଧ୍ୟରେ ଥିଲା ।

(ଅନୁଚ୍ଛେଦ 1.5.3)

ବର୍ଷ 2017-18 ରେ ପୁଞ୍ଜିଗତ ଖର୍ଚ୍ଚ (21,109 କୋଟି ଟଙ୍କା) ସମୁଦାୟ ଖର୍ଚ୍ଚ (94,821 କୋଟି ଟଙ୍କା)ର 22.26 ପ୍ରତିଶତ ଥିଲା ଏବଂ ଏହା ପୂର୍ବ ବର୍ଷ (18,471 କୋଟି ଟଙ୍କା) ଠାରୁ 2,638 କୋଟି ଟଙ୍କା (14.28 ପ୍ରତିଶତ) ଅଧିକ ଥିଲା । ପରନ୍ତୁ ବର୍ଷ 2017-18 ରେ ପୁଞ୍ଜିଗତ ଖର୍ଚ୍ଚ ଜିଏସଡ଼ିପିର 5.07 ପ୍ରତିଶତ ଥିଲା ଏବଂ ବିଗତ ପାଞ୍ଚ ବର୍ଷ ମଧ୍ୟରେ ଏହା ଜିଏସଡ଼ିପିର 5.17 ପ୍ରତିଶତ ଠାରୁ ଅଧିକ ହୋଇ ନ ଥିଲା । (2013-14: 2.62 ପ୍ରତିଶତ, 2014-15: 3.52 ପ୍ରତିଶତ, 2015-16: 5.17 ପ୍ରତିଶତ ଏବଂ 2016-17: 4.90 ପ୍ରତିଶତ)

(ଅନୁଚ୍ଛେଦ 1.5.4)

କର ଆଦାୟରେ ଦକ୍ଷତା

ବିଗତ ବର୍ଷ ତୁଳନାରେ ବର୍ଷ 2017-18 ରେ ବିକ୍ରୟ, ବାଣିଜ୍ୟ ଇତ୍ୟାଦି ଏବଂ ରାଜ୍ୟ ଅବକାରୀ ଶୁଳ୍କଗୁଡ଼ିକର ଆଦାୟ ଖର୍ଚ୍ଚ କମିଥିଲା ଯାହା ଅଧିକ ଦକ୍ଷତା ସୂଚଉଥିଲା (ସମୁଦାୟ କର ଆଦାୟ ଖର୍ଚ୍ଚ ଏବଂ ଆଦାୟ କରର ପ୍ରତିଶତ) ଯାନବାହାନ ଆଦାୟ ଖର୍ଚ୍ଚ, ଯାହା ଆପେକ୍ଷିକ କମ୍ ରାଜସ୍ୱ ପ୍ରଦାନ କରୁଛି, ସବୁଠାରୁ ଅଧିକ ରାଜସ୍ୱ ପ୍ରଦାନକାରୀଙ୍କ ଠାରୁ ମହଙ୍ଗା ଅଟେ ।

*(ଅନୁଚ୍ଛେଦ **1.4.2.2**)*

ସରକାରୀ ଖର୍ଚ୍ଚରେ ପର୍ଯ୍ୟାପ୍ତତା

ସମୁଦାୟ ଖର୍ଚ୍ଚ ଏବଂ ଜିଏସଡ଼ିପିର ଅନୁପାତ ଓଡ଼ିଶାରେ ସାଧାରଣ ବର୍ଗର ରାଜ୍ୟମାନଙ୍କ ଠାରୁ ଉନ୍ନତ ଥିଲା। ଓଡ଼ିଶା ମଧ୍ୟ ଉନ୍ନତିମୂଳକ ଖର୍ଚ୍ଚ (71,353 କୋଟି ଟଙ୍କା) ଏବଂ ପୁଞ୍ଜିଗତ ଖର୍ଚ୍ଚ (21,109 କୋଟି ଟଙ୍କା) ଉପରେ ସାଧାରଣ ବର୍ଗର ରାଜ୍ୟମାନଙ୍କ ଠାରୁ ଅଧିକ ଗୁରୁତ୍ୱ ଦେଇଥିଲା । ପରନ୍ତୁ ରାଜ୍ୟ ଉନ୍ନତିମୂଳକ ଖର୍ଚ୍ଚ ଅଧିନରେ ଗୁରୁତ୍ୱ ଦେଇଥିଲା । ପରନ୍ତୁ ରାଜ୍ୟ ଉନ୍ନତିମୂଳକ ଖର୍ଚ୍ଚ ଅଧିନରେ ଥିବା ସାମାଜିକ ସେବା ହେତୁ ଏବଂ ଶିକ୍ଷା ଉପରେ ସାଧାରଣ ବର୍ଗ ରାଜ୍ୟ ମାନଙ୍କ ଠାରୁ ପଛରେ ଥିଲା ।

*(ଅନୁଚ୍ଛେଦ **1.5.5.1**)*

ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚ

ସରକାରଙ୍କ ପ୍ରତିଶ୍ରୁତି ବଦ୍ଧ ଖର୍ଚ୍ଚ ସୁଧ ପ୍ରଦାନ (4,988 କୋଟି ଟଙ୍କା), ଦରମା ଏବଂ ମଜୁରୀ (17,697 କୋଟି ଟଙ୍କା), ପେନସନ (8,693 କୋଟି ଟଙ୍କା) ଏବଂ ରିହାତି (2,830 କୋଟି ଟଙ୍କା)କୁ ନେଇ ଗଠିତ 2017-18 ରେ ପ୍ରତିଶ୍ରୁତି ବଦ୍ଧ ଖର୍ଚ୍ଚ (34,208 କୋଟି ଟଙ୍କା) ରାଜସ୍ୱ ବ୍ୟୟ (71,837 କୋଟି ଟଙ୍କା) ର 47.62 ପ୍ରତିଶତ ଥିଲା ।

*(ଅନୁଚ୍ଛେଦ **1.5.3.1**)*

ଜାତୀୟ ପେନସନ ପଦ୍ଧତି

01 ଜାନୁୟାରୀ 2005 କିମ୍ବା ତା ପରେ ନିଯୁକ୍ତି ପାଇଥିବା ରାଜ୍ୟ ସରକାରୀ କର୍ମଚାରୀ ଜାତୀୟ ପେନସନ ପଦ୍ଧତି ପରିସରରେ ଆସୁଛନ୍ତି ଯାହାକୁ ଅଂଶଦାୟୀ ପେନସନ ପଦ୍ଧତି କୁହାଯାଏ । ଯଦିଓ ରାଜ୍ୟ ସରକାର 2006-07 ରୁ କର୍ମଚାରୀଙ୍କ ଠାରୁ ପେନସନ ଅଂଶଦାନ ଆରମ୍ଭ କଲେ କିନ୍ତୁ ଏହା 2010-11 ରେ 0.01 କୋଟି ଟଙ୍କା ଏନଏସଡ଼ିଏଲ କୁ ସ୍ଥାନାନ୍ତର କଲେ ଏବଂ 31 ମାର୍ଚ୍ଚ 2011 ସୁଦ୍ଧା ଏନଏସଡ଼ିଏଲ 39.62 କୋଟି ଟଙ୍କା ସ୍ଥାନାନ୍ତର ହେବାକୁ ବାକି ରହିଅଛି । ସେହିପରି ସେହି ବର୍ଷ ପର ଠାରୁ ପ୍ରତିବର୍ଷ ଏନଏସଡ଼ିଏଲକୁ କମ୍ ସ୍ଥାନାନ୍ତରଣ ହେଉଥିଲା । 31 ମାର୍ଚ୍ଚ 2018ସୁଦ୍ଧା ଏନଏସଡ଼ିଏଲ ସମୁଦାୟ 20.72 କୋଟି ଟଙ୍କାର କମ୍ ସ୍ଥାନାନ୍ତର ହୋଇଥିଲା ।

ସୁପାରିଶ : *ରାଜ୍ୟ ସରକାର ଏହା ସୁନିଶ୍ଚିତ କରିବା ଉଚିତ୍ ଯେ କର୍ମଚାରୀ ଅଂଶଦାନ ଉପଯୁକ୍ତ ଭାବରେ କଟା ଯାଉଅଛି ଏବଂ ସମପରିମାଣ ଅଂଶଦାନ ସମୟାନୁସାରେ ଏନଏସଡ଼ିଏଲ କୁ ସ୍ଥାନାନ୍ତରଣ ହେଉଅଛି। ବଳକା 20.72 କୋଟି ଟଙ୍କା ଏନଏସଡ଼ିଏଲକୁ ତୁରନ୍ତ ସ୍ଥାନାନ୍ତରଣ କରିବା ପଦକ୍ଷେପ ନେବା ଉଚିତ୍ ।*

*(ଅନୁଚ୍ଛେଦ **1.5.3.3**)*

ସରକାରୀ ଉଦ୍ୟୋଗରେ ନିବେଶ

31 ମାର୍ଚ୍ଚ 2018 ସୁଦ୍ଧା ରାଜ୍ୟ ସରକାରଙ୍କର ବୈଧାନିକ ନିଗମ, ସରକାରୀ କମ୍ପାନୀ, ଜଏଣ୍ଟ ଷ୍ଟକ କମ୍ପାନୀ ଏବଂ ସମୁଦାୟ ସମିତିରେ 4,974 କୋଟି ଟଙ୍କାର ନିବେଶ କରିଥିଲେ । ନିଗମ /କମ୍ପାନୀରୁ ନିବେଶର ଫେରସ୍ତ ହାର 1.33 ପ୍ରତିଶତ କମ୍ ଥିଲା । ଯେତେବେଳେ କି ସରକାରଙ୍କର ଋଣର ସୁଧର ହାର 7.58 ପ୍ରତିଶତ ଥିଲା ।

*(ଅନୁଚ୍ଛେଦ **1.6.1.2**)*

ସରକାରଙ୍କ ଦ୍ୱାରା ପ୍ରଦତ୍ତ ଋଣ ଏବଂ ଅଗ୍ରିମ

31 ମାର୍ଚ୍ଚ 2018 ସୁଦ୍ଧା ସରକାରୀ ଉଦ୍ୟୋଗ କମ୍ପାନୀ, ସ୍ୱୟଂଶାସିତ ସଂସ୍ଥା ଏବଂ ନିଗମକୁ ଦିଆଯାଇଥିବା ସରକାରଙ୍କ ଦ୍ୱାରା ଦିଆଯାଇଥିବା ଋଣ ଏବଂ ଅଗ୍ରୀମ 6,326 କୋଟି ଟଙ୍କା ଥିଲା ।

31 ମାର୍ଚ୍ଚ 2018 ସୁଦ୍ଧା 1,600.66 କୋଟି ଟଙ୍କା ଋଣର ସର୍ତ୍ତ ଏବଂ ଚୁକ୍ତିର ଫଏସଲା ହେବାକୁ ବାକି ଥିଲା । ଏହି ଋଣ 1979 ରୁ 2018 ମସିହା ସମୟ ମଧ୍ୟରେ ଥିଲା ।

(ଅନୁଚ୍ଛେଦ 1.6.1.3)

ରୋକଡ଼ ଅବଶେଷ

ମାର୍ଚ୍ଚ 2018 ଶେଷ ସୁଦ୍ଧା ରୋକଡ଼ ଅବଶେଷ 30,848.11 କୋଟି ଟଙ୍କା ଥିଲା । 2015-16 ଏବଂ 2016-17 ରେ ଅନ୍ତିମ ରୋକଡ଼ ଅବଶେଷ ଯଥାକ୍ରମେ 12,047.68 କୋଟି ଟଙ୍କା ଏବଂ 14,601.11 କୋଟି ଟଙ୍କା ଥିଲା । ରାଜ୍ୟ ସରକାର ନିୟମିତ ଭାବରେ ଅଧିକ ରୋକଡ଼ ପରିଚାଳନା କରୁଥିଲେ । ଯେତେବେଳେ କି ରାଜ୍ୟ ବିତ୍ତୀୟ ନିଅଣ୍ଟରେ ଗତି କରୁଥିଲା । 31 ମାର୍ଚ୍ଚ 2018 ସୁଦ୍ଧା ଆଇନ ଅନୁଯାୟୀ ଅତିକମ୍‌ରେ ବଳକା ରୋକଡ଼ ଅବଶେଷର 1.28 କୋଟି ଟଙ୍କାର ବିରୁଦ୍ଧରେ ରାଜ୍ୟ ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କରେ 557.03 କୋଟି ଟଙ୍କାର ପରିଚାଳନା କରୁଥିଲେ । ଏହା ବ୍ୟତୀତ ତ୍ରୟୋଦଶ ଅର୍ଥ କମିଶନର ସୁପାରିଶ କରିଥିଲେ ଯେ ଅଧିକ ଟଙ୍କା ବଳକା ଥିବା ରାଜ୍ୟମାନେ ସଦ୍ୟ ଋଣ କରିବା ପୁର୍ବରୁ ବଳକା ଥିବା ଟଙ୍କାକୁ ବ୍ୟବହାର କରିବା ପାଇଁ ପଦକ୍ଷେପ ନେବା ଉଚିତ୍ । ସାଧାରଣ ବଳକା ଟଙ୍କା 25,305 କୋଟି ଟଙ୍କାରୁ ମୁକ୍ତ ବଳକା ଟଙ୍କା 13,436.83 କୋଟି ଟଙ୍କା ଥିଲା । ରାଜ୍ୟ ଅର୍ଥ କମିଶନଙ୍କର ସୁପାରିଶକୁ ଉଲଂଘନ କରି ରାଜ୍ୟ ସରକାର କିନ୍ତୁ 12,013 କୋଟି ଟଙ୍କାର 6.94 ରୁ 8.24 ପ୍ରତିଶତ ସୁଧ ହାରରେ ଋଣ କରିଥିଲେ ।

(ଅନୁଚ୍ଛେଦ 1.6.1.4)

ଏକତ୍ରୀକୃତ ଶୋଧନ ପାଣ୍ଠି

2017-18 ରେ ରାଜ୍ୟ ସରକାର ଏକତ୍ରୀକୃତ ଶୋଧନ ପାଣ୍ଠିକୁ 358.12 କୋଟି ଟଙ୍କାର ଅତିକମ୍‌ରେ ବାର୍ଷିକ ଅଂଶଦାନ ପ୍ରଦାନ କରିବାର ପାଳନ କରିନଥିଲେ । 2013-14 ଠାରୁ 2017-18 ମଧ୍ୟରେ ନିରବଚ୍ଛିନ୍ନ ଭାବରେ ଅଂଶ ନ କରିଥିବାର ପରିମାଣ 1,349.65 କୋଟି ଟଙ୍କା ଥିଲା ।

(ଅନୁଚ୍ଛେଦ 1.6.2.2)

ଋଣ ପରିଚାଳନା

2017-18 ରେ ବକେୟା ଋଣ (52,190 କୋଟି ଟଙ୍କା) ପୂର୍ବବର୍ଷ (42,018 କୋଟି ଟଙ୍କା) ଅପେକ୍ଷା 24.21 ପ୍ରତିଶତ ଅଧିକ ଥିଲା । ଯାହାକି ଜିଏସଡ଼ିପିର ବୃଦ୍ଧି ହାର ଠାରୁ ଅଧିକ ଥିଲା । ରାଜସ୍ୱ ପ୍ରାପ୍ତିର ସୁଧ ପ୍ରଦାନ 5.85 ପ୍ରତିଶତ ଥିଲା ଯାହାକି ଓଡ଼ିଶା ଏଫଆରବିଏମ (ସଂଶୋଧନ) ଧାରା 2016 ଦ୍ୱାରା ଧାର୍ଯ୍ୟ ହୋଇଥିବା 15 ପ୍ରତିଶତ ଲକ୍ଷ୍ୟରୁ ଯଥେଷ୍ଟ କମ୍ ଥିଲା ଏବଂ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ସର୍ବୋଚ୍ଚ ସୀମା ମଧ୍ୟରେ ରହିଥିଲା । ଋଣ ପ୍ରଦାନ ଏବଂ ରାଜସ୍ୱ ଜରର ଅନୁପାତ 2013-14 ରୁ 13.57 ପ୍ରତିଶତକୁ 2017-18ରେ 9.64 ପ୍ରତିଶତକୁ କମ୍ ହୋଇଥିଲା ।

(ଅନୁଚ୍ଛେଦ 1.7)

ଆର୍ଥିକ ପରିଚାଳନା ଏବଂ ବଜେଟ୍ ନିୟନ୍ତ୍ରଣ

ଅଧିକ ବ୍ୟୟର ନିୟମିତକରଣର ଆବଶ୍ୟକତା

ଭାରତର ସମ୍ବିଧାନ ଧାରା 205 ଅନୁଯାୟୀ ରାଜ୍ୟ ସରକାରଙ୍କ ପାଇଁ ବାଧ୍ୟତାମୂଳକ ଅଟେ ଯେ, ଅନୁଦାନ ପ୍ରାପ୍ତରୁ ଅଧିକ ଖର୍ଚ୍ଚକୁ ରାଜ୍ୟ ବିଧାନ ସଭାରେ ନିୟମିତ କରାଇବା ଆବଶ୍ୟକ । ମାର୍ଚ୍ଚ 2019 ସୁଦ୍ଧା ରାଜ୍ୟ ସରକାର 2013-14 ରୁ 2016-17 ମଧ୍ୟରେ ଆବଣ୍ଟିତ ରାଶିରୁ ଅଧିକ 79.08 କୋଟି ଟଙ୍କାର ଅଧିକ ଖର୍ଚ୍ଚ ଏବଂ 2017-18 ର 0.52 କୋଟି ଟଙ୍କାର ନିୟମିତ କରାଇଥିଲା ।

ସୁପାରିଶ: *ସମସ୍ତ ବିଦ୍ୟମାନ ଅତ୍ୟଧିକ ଖର୍ଚ୍ଚ ପ୍ରାରମ୍ଭରୁ ନିୟନ୍ତ୍ରିତ କାର୍ଯ୍ୟନିର୍ବାହକ ସାରାଂଶ କରିବା ଆବଶ୍ୟକ ଏବଂ ଭବିଷ୍ୟତରେ ସେହି ଅର୍ଥ ପ୍ରାପ୍ତ ମତ ବ୍ୟୟ ସଂପୂର୍ଣ୍ଣ ରୂପରେ ବନ୍ଦ କରାଯାଇ ପାରେ । ଅତି ଜରୁରୀ କାଳୀନ ସମୟକୁ ଛାଡ଼ି ଯାହାର ଖର୍ଚ୍ଚ ଆକସ୍ମିକ ପାଣ୍ଠିରୁ କରି ହେବ ନାହିଁ ।*

(ଅନୁଚ୍ଛେଦ 2.2.2.2)

ସଂଚୟ

2017-18 ରେ ମୋଟ ସଂଚୟ 21,206 କୋଟି ଟଙ୍କା ଥିଲା । ଏଥିରୁ 11,672 କୋଟି ଟଙ୍କା (55 ପ୍ରତିଶତ) 10 ଟି ଅନୁଦାନ ଏବଂ ଗୋଟିଏ ବିନିଯୋଗ ସହିତ ସଂପୃକ୍ତ ଥିଲା, ଯେଉଁଥିରେ କି ସଂଚୟ ଶହେ କୋଟିରୁ ଅଧିକ ଏବଂ ସମସ୍ତ ବ୍ୟବସ୍ଥାରୁ 20 ପ୍ରତିଶତରୁ ଉର୍ଦ୍ଧ୍ୱ ଥିଲା । ପୂର୍ବ ପାଞ୍ଚ ବର୍ଷ ମଧ୍ୟରେ 20 ଟି ଅନୁଦାନ ଏବଂ ଗୋଟିଏ ବିନିଯୋଗରେ 26 ଟି ମାମଲାରେ ଲଗାତାର ସଂଚୟ 10 କୋଟିରୁ ଉର୍ଦ୍ଧ୍ୱ ଥିଲା ।

ସୁପାରିଶ : *ସମସ୍ତ ପ୍ରତ୍ୟାଶିତ ସଂଚୟ ଠିକ୍ ସମୟରେ ଫେରସ୍ତ କରିବା ଉଚିତ୍ ତାହା ଦ୍ୱାରା ପାଣ୍ଠି ଅନ୍ୟ ଉନ୍ନୟନ ଉଦ୍ଦେଶ୍ୟରେ ବ୍ୟବହୃତ କରିହେବ ।*

(ଅନୁଚ୍ଛେଦ 2.2.2.3)

ପୁନଃ ବିନିଯୋଗ

ପୁନଃ ବିନିଯୋଗ ମାନେ ଗୋଟିଏ ପରିକଳ୍ପନା / ଏକକରୁ ସଂଚୟ ପାଣ୍ଠିକୁ ସମାନ ଅନୁଦାନ ଏବଂ ଭାଗରୁ ଅନ୍ୟ ପରିଯୋଜନା /ଏକକକୁ ହସ୍ତାନ୍ତର କରିବା (ପୁଞ୍ଜି, ରାଜସ୍ୱ କିମ୍ବା ଋଣ) । ଅର୍ଥ ବିଭାଗ ସୂଚୀତ କରିଥିଲେ (ଫେବୃୟାରୀ 2018) ଯେ ପୁନଃ ବିନିଯୋଗର ମିଆଦ 26.02.2018 ଥିଲା । 26 ଟି ମାମଲାରେ ବିନିଯୋଗ ଆଦେଶ 31 ମାର୍ଚ୍ଚ 2018 ରେ ଦିଆଯାଇ ଥିଲା ଯାହାର ମୂଲ୍ୟ 1,043.38 କୋଟି ଟଙ୍କା (ଏକ କୋଟି ଏବଂ ତଦୁର୍ଦ୍ଧ୍ୱ ପ୍ରତ୍ୟେକ ମାମଲାରେ) ସେଥିପାଇଁ 2017-18 ମଧ୍ୟରେ ଖର୍ଚ୍ଚ ପରିସର ଭୁକ୍ତ ନ ଥିଲା ।

ସୁପାରିଶ : *ପ୍ରଯୁକ୍ତି ବିଦ୍ୟାର ଉନ୍ନତି ହେଲେ ରାଜ୍ୟ ସରକାର ବିନିଯୋଗ ପ୍ରତିଶୃତି ବଦ୍ଧ ଖର୍ଚ୍ଚ ଏବଂ ବାସ୍ତବିକ ଖର୍ଚ୍ଚ ଠିକ୍ ସମୟରେ ଜାରି କରିପାରିବେ ।*

(ଅନୁଚ୍ଛେଦ 2.2.4)

ପ୍ରଚୁର ଫେରସ୍ତ

17 ଟି ଅନୁଦାନ ଅଧିନରେ ସମସ୍ତ ବ୍ୟବସ୍ଥାର (2,686.12 କୋଟି ଟଙ୍କା) 100 ପ୍ରତିଶତ, 45 ଟି ଉପଶୀର୍ଷ (10 କୋଟି କିମ୍ବା ତଦୁର୍ଦ୍ଧ୍ୱ) ପ୍ରତ୍ୟେକ ମାମଲାରେ ଟଙ୍କା ଫେରସ୍ତ କରାଯାଇଥିଲା । ଏଗୁଡ଼ିକ ବିଭିନ୍ନ ପରିକଳ୍ପନା, କାର୍ଯ୍ୟକ୍ରମ, ପ୍ରକଳ୍ପ ଏବଂ କାର୍ଯ୍ୟକଳାପକୁ ବହନ କରିଥିଲା । ସେହିଭଳି 2015-16 ଏବଂ 2016-17 ରେ ଯଥାକ୍ରମେ 2,731.20 କୋଟି ଟଙ୍କା (21 ଟି ଅନୁଦାନ) ଏବଂ 1,788.12 କୋଟି ଟଙ୍କା (15 ଟି ଅନୁଦାନ) ଫେରସ୍ତ କରାଯାଇଥିଲା ।

(ଅନୁଚ୍ଛେଦ 2.2.5)

ସଂଚୟ ଠାରୁ ଅଧିକ ଫେରସ୍ତ

10 ଟି ମାମଲାରେ (9 ଟି ଅନୁଦାନ) 8,128.15 କୋଟି ଟଙ୍କା ସଂଚୟ ହୋଇଥିଲା । ଫେରସ୍ତ ରାଶିର ପରିମାଣ 8,312.17 କୋଟି ଟଙ୍କା ଥିଲା ଫଳସ୍ୱରୁପ ଅଧିକ ଫେରସ୍ତ (ଏକ କୋଟି କିମ୍ବା ତଦୁର୍ଦ୍ଧ୍ୱ ପ୍ରତ୍ୟେକ ମାମଲାରେ) ଯାହାର ମାତ୍ର 184.02 କୋଟି ଥିଲା ।

(ଅନୁଚ୍ଛେଦ 2.2.6)

ରୋକଡ଼ ପରିଚାଳନା ପଦ୍ଧତି ଏବଂ ଖର୍ଚ୍ଚର ବହୁଳତା

ଓଡ଼ିଶା ବିତ୍ତୀୟ ଦାୟିତ୍ୱ ଏବଂ ବଜେଟ ପରିଚାଳନା ନିୟମ 2016 ର ଭାଗ 8 ଉପଭାଗ (1-a) ବ୍ୟବସ୍ଥାର ପଶ୍ଚାତ୍ 2017-18 ମଧ୍ୟରେ 20 ଟି ବିଭାଗର ବଜେଟ ଅନୁଦାନ ପାଇଁ ଆବଣ୍ଟିତ ଟଙ୍କା କିଭଳି ଖର୍ଚ୍ଚ ହେବ ତାହାର ଅନୁଦେଶ ସ୍ଥିର କରାଯାଇଥିଲା ।

ଏହି ଅନୁସାରେ ତୃତୀୟ କ୍ୱାଟରରେ ଶେଷ ଆଡ଼କୁ ଖର୍ଚ୍ଚ 60 ପ୍ରତିଶତ ରୁ କମ୍ ହେବା ଏବଂ ମାର୍ଚ୍ଚ ମାସ ମଧ୍ୟରେ ଖର୍ଚ୍ଚର ବ୍ୟବସ୍ଥିତ ବଜେଟର 15 ପ୍ରତିଶତ ରୁ ଅଧିକ ହେବା ବର୍ଜନୀୟ । ରୋକଡ଼ ପରିଚାଳନା ଦୃଷ୍ଟିରୁ 20 ଟି ବିଭାଗରୁ ମାତ୍ର 3 ଟି ଆବଣ୍ଟିତ ଟଙ୍କାକୁ ଠିକ୍ ସମୟରେ ଖର୍ଚ୍ଚ କରିବାରେ ନିର୍ଦ୍ଦେଶକୁ ପାଳନ କରିଥିଲେ ।

ଓଡ଼ିଶା ବଜେଟ ମାନୁଆଲ ନିୟମ 147 ଅନୁସାରେ ଆର୍ଥିକ ବର୍ଷର ଶେଷ ଆଡ଼କୁ ବହୁଳ ଖର୍ଚ୍ଚ ବିତ୍ତୀୟ ନିୟମର ଉଲ୍ଲଙ୍ଘନ ଅଟେ । 11 ଟି ବିଭାଗର 18 ଟି ପରିକଳ୍ପନା ଥିଲା (ଉପଶୀର୍ଷ) ଯେଉଁ ଠାରେ 100 ପ୍ରତିଶତ ମୋଟ ଖର୍ଚ୍ଚ (1,169.43 କୋଟି ଟଙ୍କା) ମାର୍ଚ୍ଚ 2018 ରେ କରାଯାଇଥିଲା ।

(ଅନୁଚ୍ଛେଦ 2.3)

ବିତ୍ତୀୟ ପ୍ରତିବେଦନ

ବ୍ୟକ୍ତିଗତ ଜମା ହିସାବ

836 ବ୍ୟକ୍ତିଗତ ଜମା ଖାତା ଧାରୀମାନଙ୍କର 31 ମାର୍ଚ୍ଚ 2018 ସୁଦ୍ଧା 13,509.35 କୋଟି ଟଙ୍କା ଖର୍ଚ୍ଚ ନ ହୋଇ ଅନ୍ତିମ ଅବଶେଷ ଥିଲା । ସେଥି ମଧ୍ୟରୁ ଗୋଟିଏ 11,568.18 କୋଟି ଟଙ୍କା (85.63 ପ୍ରତିଶତ) ଓଡ଼ିଶା ମିନେରାଲ ବିୟରିଂ ଏରିଆଜ ଡ଼େଭଲପମେଣ୍ଟ କରପୋରେସନ (ଓଏମବିଏଡ଼ିସି) ର ବ୍ୟକ୍ତିଗତ ଜମା ଖାତା ସମ୍ପର୍କିତ ଥିଲା । ଯେଉଁଟାକୁ ସମ୍ମାନୀୟ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଖୋଲା ଯାଇଥିଲା ।

ଏହା ବେଆଇନ ଭାବେ ଖଣି ସମ୍ବନ୍ଧୀୟ କାର୍ଯ୍ୟକଳାପରୁ କ୍ଷତି ପୂରଣ ରୂପେ ବସୁଲି କରାଯାଇଥିଲା ଏବଂ ଏହି ଟଙ୍କା ଆଦିବାସୀ ପୀଡିତ ଜିଲ୍ଲା ମାନଙ୍କର ଉପକାର ଏବଂ ସେହି ଅଂଚଳର ଉନ୍ନତିମୂଳକ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଥିଲା ।

ପୁନଶ୍ଚ ଓଡ଼ୀଶା ଟ୍ରେଜେରୀ କୋଡ଼ର ବିପରୀତ ଓଡ଼ିଶା ସରକାର 16 ଟି ବ୍ୟକ୍ତିଗତ ଖାତା ଯେଉଁଥିରେ ଅନ୍ତିମ ଅବଶେଷ 0.19 କୋଟି ଥିଲା । ଏବଂ ତିନି ବର୍ଷ ରୁ ଉର୍ଦ୍ଧ୍ୱ ଆର୍ଥିକ ବର୍ଷର ନେଣଦେନ ନ ଥିଲା । ସେହି ଖାତାକୁ ବନ୍ଦ କରିବାରେ ସରକାର ଅସମର୍ଥ ହୋଇଥିଲେ ।

ସୁପାରିଶ : ଅର୍ଥ ବିଭାଗ ସମସ୍ତ ବ୍ୟକ୍ତିଗତ ଖାତାକୁ ସମୀକ୍ଷା କରିବରେ ଆବଶ୍ୟକ ଅଛି ଏବଂ ସୁନିଶ୍ଚିତ କରିବା କଥା ଯେ ସେହି ସମସ୍ତ ପରିମାଣ ଯେଉଁଟାକୁ ବ୍ୟକ୍ତିଗତ ଖାତାରେ ଅନାବଶ୍ୟକ ରୂପରେ ପଡ଼ିରହିଛି ଯାହା ତୁରନ୍ତ ଏକତ୍ରୀକୃତ ପାଣ୍ଠିକୁ ପଠାଯାଉ । ଅଧିକନ୍ତୁ ଅର୍ଥ ବିଭାଗକୁ ଯେଉଁସବୁ ନିର୍ଦ୍ଦେଶ ବିତ୍ତୀୟ ନିୟମରେ ଅଛି ତାକୁ ଦୋହରାଇବାର ଅଛି ଏବଂ ସୁନିଶ୍ଚି କରିବାର ଅଛି ଯେ ଯେଉଁ ବିଭାଗର ଅଧିକାରୀମାନେ ଏହାକୁ ପାଳନ କରିବାକୁ ଅସମର୍ଥ ହେଲେ ତାଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷାନ କରିବାର ଅଛି ।

(ଅନୁଚ୍ଛେଦ 3.1)

ଉପଯୋଗ ପ୍ରମାଣ ପତ୍ର ପଠେଇବାରେ ବିଳମ୍ବ

2017-18 ବର୍ଷ ମଧ୍ୟରେ ସରକାର 21,780.30 କୋଟି ଟଙ୍କା ଅନୁଦାନ ରୂପେ ଖଲାସ କଲେ ସେଥିମଧ୍ୟରୁ 16,391.16 କୋଟି ଟଙ୍କା (75 ପ୍ରତିଶତ) ପାଇଁ ଉପଯୋଗ ପ୍ରମାଣ ପତ୍ର ପ୍ରାପ୍ତ ହୋଇନଥିଲା । ଏତଦଦ୍ୱାରା 16,391.16 କୋଟି ଟଙ୍କାର ଖର୍ଚ୍ଚର ନିର୍ଭରତା ନ ଥିଲା । ଯେଉଁ ଉଦ୍ଦେଶ୍ୟ ପାଇଁ ଏହି ଟଙ୍କା ଉଦ୍ଦିଷ୍ଟ ଥିଲା ସେଥିପାଇଁ ଏହା ଖର୍ଚ୍ଚ ହୋଇଥିଲା । ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ) ଓଡ଼ିଶାଙ୍କ ଖାତାରୁ ସ୍ପଷ୍ଟ ଜଣାଗଲା ଯେ 35 ଟି ବିଭାଗର ମୋଟ 38,427.91 କୋଟି ଟଙ୍କାର ଉପଯୋଗ ପ୍ରମାଣ ପତ୍ର ମାର୍ଚ୍ଚ 2018 ସୁଦ୍ଧା ବକେୟା ରହିଥିଲା ।

(ଅନୁଚ୍ଛେଦ 3.4)

ବିସ୍ତୃତ ଆକସ୍ମିକ ବିଲର ବକେୟା

ଆର୍ଥିକ ବର୍ଷ 2017-18 ରେ ସରକାରଙ୍କ ହିସାବ ଖାତାରୁ ଜଣାଗଲା ଯେ 16 ଟା ବିଭାଗର 764 ଆବଷ୍ଯକ ଆକସ୍ମିକ ବିଲ (17.63 କୋଟି ଟଙ୍କା) ଉଠାନ କରିଥିଲେ ଏବଂ ଏହା ବିରୁଦ୍ଧରେ କେବଳ 490 ଟି ବିସ୍ତୃତ ଆକସ୍ମିକ ବିଲ 3.08 କୋଟି ଟଙ୍କାର ଉପସ୍ଥାପନା କରିଥିଲେ । ଏଥିରୁ ସ୍ପଷ୍ଟ ଯେ ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ 274 ବିସ୍ତୃତ ଆକସ୍ମିକ ବିଲ ଯାହାର ମୂଲ୍ୟ 14.55 କୋଟି ଟଙ୍କା 12 ଟି ବିଭାଗ ଦ୍ୱାରା ଜମା କରାଯାଇ ନ ଥିଲା । ଏଣୁ ଏହା ଭରସାଯୋଗ୍ୟ ନୁହେଁ ଯେ 14.55 କୋଟି ଟଙ୍କା ଯେଉଁଥିପାଇଁ ଅନୁମୋଦନ/ ଅଧିକୃତ ବିଧାନସଭା ଦ୍ୱାରା କରାଯାଇଥିଲା ତାହା ସେଥିରେ ଖର୍ଚ୍ଚ ହୋଇଛି । ଏହା 2017-18 ବର୍ଷର ସମ୍ଭାବିତ ଖର୍ଚ୍ଚର ମାତ୍ରାଧିକ ବିବରଣୀ ଅଟେ ।

ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଆକସ୍ମିତ ବିଲ ଜମା ନ କରିବା ଏକ ବିତ୍ତୀୟ ଅନୁଶାସନର ଉଲ୍ଲଘନ ଏବଂ ସରକାରୀ ଟଙ୍କାକୁ ତୋହାର ପାତ କରିବାରେ ଏକ ସମ୍ଭାବନ ସୃଷ୍ଟି କରାଏ ଏବଂ ଏକ ଅସ୍ୱାସ୍ଥ୍ୟକର ଅଭ୍ୟାସ ।

(ଅନୁଚ୍ଛେଦ 3.5)

ଅଧ୍ୟାୟ -I

ରାଜ୍ୟ ସରକାରଙ୍କ ଅର୍ଥ ବ୍ୟବସ୍ଥା

ଅଧ୍ୟାୟ I

ଓଡ଼ିଶା ସରକାରଙ୍କ ଅର୍ଥ ବ୍ୟବସ୍ଥା

ଏହି ଅଧ୍ୟାୟ 2017-18 ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ବିତ୍ତ ଉପରେ ଏକ ଲେଖା ପରୀକ୍ଷା ପରିପେକ୍ଷ ପ୍ରଦାନ କରୁଛି ଏବଂ ବିଗତ ପାଞ୍ଚ ବର୍ଷ ମଧ୍ୟରେ ସଂପୂର୍ଣ୍ଣ ବିତ୍ତୀୟ ସର୍ବମୋଟ ଧାରାକୁ ଧ୍ୟାନରେ ରଖି ବର୍ଷ 2016-17 ର ସାପେକ୍ଷ ପ୍ରମୁଖ ଆର୍ଥିକ ପରିବର୍ତ୍ତନକୁ ବିଶ୍ଳେଷଣ କରେ ।

ଏହି ବିଶ୍ଳେଷଣ ଓଡ଼ିଶା ସରକାରଙ୍କ ବିସ୍ତୃତ ବିତ୍ତୀୟ ଲେଖା ଉପରେ ଆଧାରିତ । ରାଜ୍ୟର ଜନସଂଖ୍ୟା ଏବଂ ଅନ୍ୟ ବିସ୍ତୃତ ବୃତ୍ତାନ୍ତ ପରିଶିଷ୍ଟ-1.1 ରେ ଦର୍ଶାଯାଇଛି । ସରକାରୀ ଲେଖାର ବିନ୍ୟାସ ପାର୍ଟ - ***A*** ଏବଂ ବିତ୍ତୀୟ ଲେଖାର ଅଭିନ୍ୟାସ ପାର୍ଟ - ***B*** ପରିଶିଷ୍ଟ 1.2 ରେ ଦିଆଯାଇଛି ।

1.1 ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଏସ.ଡ଼ି.ପି)

2017-18 ବର୍ଷ ରେ ଓଡ଼ିଶା ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦ (ଜିଏସଡ଼ିପି)[1] ବର୍ତ୍ତମାନ ମୂଲ୍ୟର 4,15,982 କୋଟି ଟଙ୍କା ଥିଲା । ଭାରତର ସାମଗ୍ରିକ ଘରୋଇ ଉତ୍ପାଦର ବାର୍ଷିକ ବୃଦ୍ଧିର ବର୍ତ୍ତମାନ ମୂଲ୍ୟ ଓ ସ୍ଥିର ମୂଲ୍ୟ (ଆଧାର ବର୍ଷ : 2011-12) ର ଜି.ଏସ୍.ଡ଼ି.ପି ଧାରା ତାଲିକା 1.1 ରେ ଅଛି । ଓଡ଼ିଶାର ବିକାଶ 2016-17 ଏବଂ 2017-18 ମଧ୍ୟରେ ବର୍ତ୍ତମାନ ଓ ସ୍ଥିର ମୂଲ୍ୟ ଉପରେ ସର୍ବ ଭାରତୀୟ ହାରାହାରି ଠାରୁ ଅଧିକ ଥିଲା ।

ସାରଣୀ 1.1 ଭାରତୀୟ ଜି.ଡ଼ି.ପି ଓ ରାଜ୍ୟର ଜି.ଏସ୍.ଡ଼ି.ପି

ବର୍ଷ	2013-14	2014-15 (ଟିଆରଇ)	2015-16 (ଏସଆରଇ)	2016-17 (ଏଫଆରଇ)	2017-18 (ଏଇ)
ବର୍ତ୍ତମାନ ମୂଲ୍ୟ					
ଭାରତର ଜି.ଡ଼ି.ପି (କୋଟିରେ)	1,12,33,522	1,24,67,959	1,37,64,037	1,52,53,714	1,67,73,145
ବିକାଶ ଦର (ପ୍ରତିଶତ)	12.97	*10.99*	*10.40*	*10.82*	*9.96*
ରାଜ୍ୟର ଜି.ଏସ.ଡ଼ି.ପି) (କୋଟିରେ)	2,96,475	3,14,267	3,30,874	3,77,202	4,15,982
ବିକାଶ ଦର (ପ୍ରତିଶତରେ)	13.29	6.00	5.28	14.00	10.28
ସ୍ଥିର ମୂଲ୍ୟ (ଆଧାର ବର୍ଷ : 2011-12)					
ଭାରତର ଜି.ଡ଼ି.ପି (କୋଟିରେ)	98,01,370	1,05,27,674	1,13,86,145	1,21,96,006	1,30,10,843
ବିକାଶ ଦର (ପ୍ରତିଶତ)	6.39	*7.41*	*8.15*	*7.11*	*6.68*
ରାଜ୍ୟର (ଜି.ଏସ.ଡ଼ି.ପି) (କୋଟିରେ)	2,65,892	2,70,670	2,92,792	3,23,218	3,46,294
ବିକାଶ ଦର (ପ୍ରତିଶତରେ)	9.26	1.80	8.17	10.39	7.14

ଉତ୍ସ : ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟନ୍ୱୟନ ମନ୍ତ୍ରାଳୟ ଅଙ୍କ ବିଶିଷ୍ଟ ବ୍ୟୁରୋ ଦ୍ୱାରା 29 ଅଗଷ୍ଟ 2018 ଟି.ଆର.ଇ. ତୃତୀୟ ସଂଶୋଧିତ ଆକଳନ -ଏସ.ଆର.ଇ. ଦ୍ୱିତୀୟ ସଂଶୋଧିତ ଆକଳନ : ଏଫ.ଆର.ଇ ପ୍ରଥମ ସଂଶୋଧିତ ଆକଳନ ଏ.ଇ. ଉନ୍ନତ ସଂଶୋଧିତ ।

[1] ଘରୋଇ ସାମଗ୍ରିକ ଉତ୍ପାଦ (ଜି.ଡ଼ି.ପି) ଓ ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଏସ.ଡ଼ି.ପି) ଦେଶ ଓ ରାଜ୍ୟ ଭିତରର ସମସ୍ତ ସରକାରୀ ସଂସ୍ଥା ଦ୍ୱାରା ମାନ୍ୟତା ପ୍ରାପ୍ତ ଅନ୍ତିମ ବସ୍ତୁ ଓ ସେବାର ବଜାର ମୂଲ୍ୟକୁ ଦର୍ଶାଏ ଯାହା କି ନିଶ୍ଚିତ ସମୟ ସୀମାର ପ୍ରତିରୂପ ବିନା ଖାତା ଅଟେ ଓ ଦେଶ ଓ ରାଜ୍ୟର ଅର୍ଥ ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଅଟେ ।

1.2 ଆର୍ଥିକ ନେଣଦେଣର ସାରାଂଶ

ରାଜ୍ୟ ସରକାରଙ୍କ ଆର୍ଥିକ ନେଣଦେଣର ସାରାଂଶ ବର୍ଷ 2017-18 ସହିତ 2016-17 ଓ 2015-16 ର ସାରଣୀ 1.2 ରେ ପ୍ରସ୍ତୁତ କରାଯାଇଛି । 2017-18 ରେ ପ୍ରାପ୍ତି ଏବଂ ବିତରଣ ସାଙ୍ଗରେ ସାମଗ୍ରିକ ବିତ୍ତୀୟ ସ୍ଥିତିର ବିବରଣୀ ପରିଶିଷ୍ଟ 1.3 ରେ ଅଛି । ବର୍ଷ 2013-18 ପାଇଁ ସରକାରୀ ଅର୍ଥର ସମୟ ଶୃଙ୍ଖଳାର ତଥ୍ୟାବଳୀ ପରିଶିଷ୍ଟ 1.4 ରେ ଦିଆଯାଇଛି ।

ସାରଣୀ 1.2 : ଆର୍ଥିକ ନେଣଦେଣର ସାରାଂଶ

(କୋଟି ଟଙ୍କାରେ)

ପ୍ରାପ୍ତି				ବିତରଣ			
	2015-16	2016-17	2017-18		2015-16	2016-17	2017-18
ଖଣ୍ଡ A ରାଜସ୍ୱ ପ୍ରାପ୍ତି[2]							
ରାଜସ୍ୱ କର	22,527	22,852	27,914	ସାଧାରଣ ସେବା	15,059	16,715	20,261
ଅଣ କର ରାଜସ୍ୱ	8,711	8,043	8,398	ସାମାଜିକ ସେବା	24,643	27,600	29,557
କେନ୍ଦ୍ରୀୟ ସରକାରଙ୍କ କର/ ଶୁଳ୍କର ଭାଗ	23,574	28,322	31,272	ଅର୍ଥନୈତିକ ସେବା	18,188	19,714	20,757
ଭାରତ ସରକାରଙ୍କ ଠାରୁ ଅନୁଦାନ	14,129	15,082	17,620	ଅନୁଦାନ ଏବଂ ଅଂଶଦାନ	916	1,012	1,262
ମୋଟ ରାଜସ୍ୱ ପ୍ରାପ୍ତି	**68,941**	**74,299**	**85,204**	**ମୋଟ ରାଜସ୍ୱ ଖର୍ଚ୍ଚ**	**58,806**	**65,041**	**71,837**
ଖଣ୍ଡ B ପୁଞ୍ଜି ହିସାବ[3] ଓ ଅନ୍ୟାନ୍ୟ							
ବିବିଧ ପୁଞ୍ଜିଗତ ପ୍ରାପ୍ତି	--	--	--	ପୁଞ୍ଜିଗତ ବ୍ୟୟ	17,090	18,471	21,109
ଋଣ ଓ ଅଗ୍ରୀମର ଅସୁଲୀ	228	89	257	ଋଣ ଏବଂ ଅଗ୍ରିମର ବିତରଣ	337	254	1,875
ଋଣ ପ୍ରାପ୍ତି[4]	9,790	11,223	12,862	ସରକାରୀ ଋଣର ପରିଶୋଧ	2,881	2,962	2,690
ଆକସ୍ମିକ ପାଣ୍ଠି	--	123	--	ଆକସ୍ମିକ ପାଣ୍ଠି	123	--	--
ସରକାରଙ୍କ ହିସାବ ପ୍ରାପ୍ତି	31,098	41,627	71,874	ସରକାରୀ ହିସାବର ବିତରଣ	28,766	38,080	56,439
ପ୍ରାରମ୍ଭିକ ଅବଶେଷ	9,997	12,048	14,601	ଅନ୍ତିମ ଅବଶେଷ	12,051	14,601	30,848
ସର୍ବମୋଟ	**1,20,054**	**1,39,409**	**1,84,798**	**ମୋଟ**	**1,20,054**	**1,39,409**	**1,84,798**

ଉତ୍ସ : ସଂବନ୍ଧୀୟ ବର୍ଷର ବିତ୍ତୀୟ ହିସାବ

2017-18 ବର୍ଷରେ ରାଜ୍ୟର ଏକତ୍ରୀକୃତ ପାଣ୍ଠିର ସମ୍ବଳର ଗଠନ ଏବଂ ପ୍ରୟୋଗ ପରିଶିଷ୍ଟ 1.5 ରେ ଦିଆଯାଇଛି ।

1.3 ଆର୍ଥିକ ସ୍ଥିତିର ସମୀକ୍ଷା

1.3.1 ଆର୍ଥିକ ମାନଦଣ୍ଡ

ଆର୍ଥିକ ମାନଦଣ୍ଡର ତିନୋଟି ମୁଖ୍ୟ ବିତ୍ତୀୟ ମାନଦଣ୍ଡ ଯଥା – (କ) ରାଜସ୍ୱ ବଳକା[5]/ନିଅଣ୍ଟ (ଖ) ଆର୍ଥିକ ନିଅଣ୍ଟ[6] ଏବଂ (ଗ) ପ୍ରାଥମିକ ନିୟଣ୍ଟ[7] ସରକାରଙ୍କର ଆର୍ଥିକ ସ୍ଥିତିର ଆକଳନ କରିବାରେ ସାହାଯ୍ୟ କରେ ।

ଯେଉଁଭଳି ଭାବେ ସେହି ନିଅଣ୍ଟିଆ ଗୁଡ଼ିକ ବିତ୍ତିୟ ଭରଣା କରାଯାଏ ତାହା ସରକାରଙ୍କ ଆର୍ଥୀକ ସ୍ୱାସ୍ଥ୍ୟକୁ ମୂଲ୍ୟାଙ୍କନ କରିବାରେ ସାହାଯ୍ୟ କରେ । ଚାର୍ଟ 1.1 ଏବଂ 1.2 ରେ ଥିବା ବିତ୍ତୀୟ ମାନଦଣ୍ଡର ଧାରା 2017-18 ବର୍ଷରେ ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ଲେଖାକୁ ସୂଚାଏ ଯାହା କି ଗତବର୍ଷର ବିତ୍ତୀୟ ଉନ୍ନତିର ଏକ ସୂଚକ ଥିଲା। ଋଣ ପୋଷଣୀୟତାର ଧାରା (ଋଣ ଏବଂ ଜି.ଏସ.ଡ଼ି.ପିର ପ୍ରତିଶତର ଅନୁପାତ) ଏବଂ ମୋଟ

[2] ରାଜସ୍ୱ ଖାତା ରାଜ୍ୟର ବର୍ତ୍ତମାନ ଆୟ ଏବଂ ବ୍ୟୟର ଖାତା ଅଟେ । ଆୟ ମୁଖ୍ୟ ରୂପରେ କର ଓ ଶୁଳ୍କ ଦ୍ୱାରା ପ୍ରାପ୍ତ ହୋଇ ଥାଏ । ପ୍ରଦାନ କରାଯାଇ ଥିବା ସେବା ପାଇଁ ଶୁଳ୍କ, ଜରିମାନା ଏବଂ ଦଣ୍ଡ, ସରକାରୀ ସମ୍ପତ୍ତିରୁ ରାଜସ୍ୱ ଯେ ପରିକି ଜଙ୍ଗଲ ଏବଂ ଅନ୍ୟ ବିବିଧ ସମ୍ବଳରୁ ରାଜସ୍ୱ ପ୍ରାପ୍ତ ହୋଇଥାଏ ।

[3] ପୁଞ୍ଜିଗତ ହିସାବ ଏକ ପୁଞ୍ଜି ଗତ ଖର୍ଚ୍ଚର ହିସାବ ଖାତା ଅଟେ ଯେପରି ଭବନ ନିର୍ମାଣ, ସଡ଼କ ନିର୍ମାଣ, ଜଳସେଚନ ଓ ବିଜୁଳୀ ପରିଯୋଜନା । ସେହି ଖର୍ଚ୍ଚ ଗୁଡ଼ିକ ବର୍ତ୍ତମାନ ରାଜସ୍ୱରୁ କରାନଯାଇ ଅନ୍ୟ ସମ୍ବଳରୁ କରାଯାଇଥାଏ । ଉଦାହରଣ ସ୍ୱରୁପ ଋଣ, ପୂର୍ବ ବର୍ଷ ବଳକା ରାଜସ୍ୱ ଯଦି ଥାଏ ଏବଂ ପୁଞ୍ଜିଗତ ପ୍ରାପ୍ତିରୁ ।

[4] ସରକାରଙ୍କ ଦ୍ୱାରା ଉଠାଇଥିବା ଋଣରେ ଯଥା ବଜାର ଋଣ, ଭାରତୀୟ ଜୀବନ ବୀମା ନିଗମ ଠାରୁ ଋଣ ଓ କେନ୍ଦ୍ର ସରକାରଙ୍କ ଠାରୁ ଅଣାଯାଇଥିବା ଋଣ ଇତ୍ୟାଦି ଏବଂ କେନ୍ଦ୍ର ସରକାରଙ୍କ ଠାରୁ ଉଧାର ।

[5] ବଳକା ରାଜସ୍ୱ = ରାଜସ୍ୱ ପ୍ରାପ୍ତି – ରାଜସ୍ୱ ବ୍ୟୟ

[6] ଆର୍ଥିକ ନିୟଣ୍ଟ = ରାଜସ୍ୱ ବ୍ୟୟ + ପୁଞ୍ଜିଗତ ବ୍ୟୟ + ନେଟ ଋଣ ଏବଂ ଅଗ୍ରୀମ (-)ରାଜସ୍ୱ ପ୍ରାପ୍ତି (-)ବିବିଧ ପୁଞ୍ଜି ପ୍ରାପ୍ତି

[7] ପ୍ରାଥମିକ ନିୟଣ୍ଟ = ଆର୍ଥିକ ନିୟଣ୍ଟ – ସୁଧ ପୈଠ

ବକେୟା ଏବଂ ଦେୟତା ଜି.ଏସ.ଡ଼ି.ପି ର ଗ୍ରଫ 1.3 ଏବଂ 1.4 ରେ ଦିଆଯାଇଛି ।



ସାରଣୀ **1.1:** ବିତ୍ତୀୟ ମାନଦଣ୍ଡର ଧାରା



ସାରଣୀ **1.2:** ଆର୍ଥିକ ମାନଦଣ୍ଡ ବନାମ ଜିଏସଡ଼ିପି

ଗ୍ରଫ **1.3:** ଋଣ ପୋଷଣୀୟତା ଯଥା ଋଣ ଜିଏଡ଼ିପିର ଅନୁପାତ



ଉତ୍ସ : ବିତ୍ତୀୟ ହିସାବ

ଗ୍ରଫ **1.4:** ମୋଟ ବକେୟା /ଜିଏସଡ଼ିପି



- ବଳକା ରାଜସ୍ୱ – ବିତ୍ତୀୟ ଲେଖା ଅନୁସାରେ ରାଜ୍ୟର 2017-18 ରେ ରାଜସ୍ୱ ବଳକା (13,367 କୋଟି ଟଙ୍କା) ପୂର୍ବ ବର୍ଷ ତୁଳନାରେ (9,258 କୋଟି ଟଙ୍କା) ରୁ 4,109 କୋଟି ଟଙ୍କା ବୃଦ୍ଧି ହୋଇଥିଲା । 22 ବର୍ଷ ଅନ୍ତରାଳରେ 2005-06 କୁ ରାଜ୍ୟର ରାଜସ୍ୱ ବଳକା ହୋଇ ଆସୁଅଛି, ଏବଂ ରାଜ୍ୟ 481 କୋଟି ରାଜସ୍ୱ ବଳକା କରିବାରେ ସାମର୍ଥ ହେଲା । 2017-18 ରେ ରାଜସ୍ୱ ପ୍ରାପ୍ତିର ବୃଦ୍ଧି ପୂର୍ବ ବର୍ଷ ତୁଳନାରେ 14.68 ପ୍ରତିଶତ ଥିଲା ଏବଂ ଏହା ସେହି ସମୟ ମଧ୍ୟରେ ଗତ ବର୍ଷ ଠାରୁ ଏହାର ରାଜସ୍ୱ ଖର୍ଚ୍ଚ 10.45 ପ୍ରତିଶତ ବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ସକ୍ଷମ ଥିଲା । ଯାହା ଦ୍ୱାରା ଏହା ବଳକା ହୋଇଥିଲା । ଏହି ସଫଳତା ରାଜ୍ୟର ଏଫ.ଆର.ବି.ଏମ (ସଂଶୋଧନ) ଧାରା 2016 ର ଅନୁରୂପ ଥିଲା । ଯେଉଁଟା ରାଜସ୍ୱ ନିଅଣ୍ଟକୁ ଶୂନରେ ପରିଣତ କରିବା ପାଇଁ 2011-12 ଠାରୁ ନିର୍ଦ୍ଧାରିତ

ହୋଇଥିଲା ।

- 2017-18 ମଧ୍ୟରେ ଆର୍ଥିକ ନିଅଣ୍ଟ (9,360 କୋଟି ଟଙ୍କା) ପୂର୍ବ ବର୍ଷର (9,378 କୋଟି ଟଙ୍କା) ତୁଳନାରେ 18 କୋଟି ଟଙ୍କା କମ୍ ହୋଇଥିଲା । ବିତ୍ତୀୟ ନିଅଣ୍ଟ ଜି.ଏସ.ଡ଼ି.ପି ର 2.25 ପ୍ରତିଶତ ଥିଲା ଏବଂ ଏଫଆରବିଏମ (ସଂଶୋଧନ) ଧାରା 2016 ରେ ବିତ୍ତୀୟ ନିଅଣ୍ଟକୁ ଜି.ଏସ.ଡ଼ି.ପି ର ତିନି ପ୍ରତିଶତ ମଧ୍ୟରେ ରଖିବାକୁ ବିତ୍ତୀୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ।
- ପୂର୍ବ ବର୍ଷ (5,343 କୋଟି ଟଙ୍କା) ତୁଳନାରେ 2017-18 ରେ ପ୍ରାଥମିକ ନିୟଣ୍ଟ (4,372 କୋଟି ଟଙ୍କା) ର 18.17 ପ୍ରତିଶତ ହ୍ରାସ ପାଇ ଥିଲା । ଯଦିଓ ପ୍ରାଥମିକ ନିୟଣ୍ଟ କମ୍ ହୋଇଥିଲା, ଏହା ସ୍ପଷ୍ଟ ହୋଇ ଥିଲା ଯେ ଅଣ ଋଣ ପ୍ରାପ୍ତି[8] ମାନଙ୍କର (85,461 କୋଟି ଟଙ୍କା) ପ୍ରାଥମିକ ବ୍ୟୟ (89,833 କୋଟି ଟଙ୍କା) କୁ ଭରଣା କରିବା ପାଇଁ ପର୍ଯ୍ୟାପ୍ତ ନ ଥିଲା ।
- ଏଫ୍.ଆର.ବି.ଏମ୍ (ସଂଶୋଧନ) ଧାରା 2016 ଧାର୍ଯ୍ୟ ଜି.ଏସ.ଡ଼ି.ପି. ର ଅନୁପାତ (ପ୍ରତିଶତରେ) ଋଣ ବର୍ଷ 2015-16 ରୁ 2019-20 ପାଇଁ ପଚିଶ ପ୍ରତିଶତ ରୁ କମ୍ ଅଥବା ଏଥିପାଇଁ ସମତୁଲ୍ୟ ରଖିବା ଦରକାର ଥିଲା । ଋଣ ଜି.ଏସ.ଡ଼ି.ପି.ର ଅନୁପାତ (12.55 ପ୍ରତିଶତ), ଯଦିଓ ବଢି ଯାଉଥିଲା। ରାଜ୍ୟର ଏଫ.ଆର.ବି.ଏମ (ସଂଶୋଧନ) ଧାରା 2016 ରେ ନିର୍ଦ୍ଧାରିତ ଆର୍ଥିକ ଲକ୍ଷ୍ୟକୁ ପୁରା କରୁଥିଲା ।
- ମୋଟ ବକେୟା ଦେୟତା ଜି.ଏସ.ଡ଼ି.ପି.ର ଅନୁପାତ ଯାହା କି 15.08 ପ୍ରତିଶତ 2013-14 ବର୍ଷରେ ଥିଲା । ତାହା 2017-18 ମଧ୍ୟରେ 23.36 ପ୍ରତିଶତକୁ ବୃଦ୍ଧି ପ୍ରାପ୍ତ ହେଲା ।
- ଏହା ପରିଲକ୍ଷିତ ହୋଇଥିଲା ଯେ ନିମ୍ନଲିଖିତ କାରଣରୁ ରାଜସ୍ୱ ବଳକା 453.30 କୋଟି ଟଙ୍କା ରୁ ଅଧିକ ଦର୍ଶାଯାଇ ଥିଲା ଏବଂ ଆର୍ଥିକ ନିୟଣ୍ଟକୁ ସମତୁଳନାରେ କମ୍ ଦର୍ଶାଯାଇଥିଲା–

(i) ନୂଆ ପେନସନ ଯୋଜନା ପାଇଁ ସରକାରଙ୍କ ଅଧିକ ଅଂଶଦାନ । **(ii)** ଏକତ୍ରୀକୃତ ନିକ୍ଷେପ ପାଣ୍ଠିକୁ ଅଣ ଅଂଶଦାନ ଆଉ **(iii)** ସଂରକ୍ଷିତ ପାଣ୍ଠି ଏବଂ ଜମା ଖାତା ଯେଉଁଟାକି ସୁଧ ଉପନ୍ନ କରେ ତାକୁ ସୁଧ ସହ ନ ମିଶାଯାଇ ଏହା ସାରଣୀ 1.3 ରେ ଦର୍ଶାଯାଇଛି ।

ସାରଣୀ 1.3 : ରାଜସ୍ୱ ବଳକା ଓ ଆର୍ଥିକ ନିୟଣ୍ଟର ପ୍ରଭାବ

ସବିଶେଷ ବିବରଣୀ	ରାଜସ୍ୱ ବଳକାର ପ୍ରଭାବ (କୋଟି ଟଙ୍କାରେ)		ଆର୍ଥିକ ନିୟଣ୍ଟର ପ୍ରଭାବ (କୋଟି ଟଙ୍କାରେ)	
	ଅଧିକ ଦର୍ଶାଯାଇଥିବା	କମ୍ ଦର୍ଶାଯାଇଥିବା	ଅଧିକ ଦର୍ଶାଯାଇଥିବା	କମ୍ ଦର୍ଶାଯାଇଥିବା
ଜାତୀୟ ପେନସନ ଯୋଜନାରେ ଅଧିକ ଅଂଶଦାନ (ପାରା 1.5.3.3)	--	17.90	17.90	--
ଏକତ୍ରୀକୃତ ପାଣ୍ଠିର ଅଣ ଅଂଶଦାନ (ପାରା 1.6.2.2)	358.12	--	--	358.12
ସଂରକ୍ଷିତ ପାଣ୍ଠିରେ ସୁଧ ଜମା ନ ହେବା ଏବଂ ସୁଧ ଅର୍ଜନ କରୁଥିବା ଜମା ଖାତା (ପାରା 1.6.2.2)	113.08	--	--	113.08
ମୋଟ (ନିଟ୍ ପ୍ରଭାବ)	**453.30 (**ଅଧିକ ଦର୍ଶାଯାଇଥିବା**)**		**453.30 (**କମ୍ ଦର୍ଶାଯାଇଥିବା**)**	

ଉତ୍ସ : ବିତ୍ତୀୟ ହିସାବ

ପ୍ରଭାବୀ ରୂପରେ 2017-18 ରେ ରାଜ୍ୟର ରାଜସ୍ୱ ବଳକା ଓ ଆର୍ଥିକ ନିଅଣ୍ଟ କ୍ରମଶଃ 12,914 କୋଟି ଟଙ୍କା ଆଉ 9813 କୋଟି ଟଙ୍କା ଥିଲା ।

1.3.1.1 ବିତ୍ତୀୟ ନିଅଣ୍ଟର ଗଠନ ଏବଂ ଆର୍ଥିକ ସହାୟତା

ରାଜସ୍ୱ ନିଅଣ୍ଟ ରାଜ୍ୟର ଆବଶ୍ୟକ ସମୁଦାୟ ଅର୍ଥ ଯୋଗାଣକାରୀ ସଂସ୍ଥାର ପ୍ରତିନିଧିତ୍ୱ କରେ (ମୁଖ୍ୟ ରୂପରେ ରାଜସ୍ୱ ଓ ଅଣ ଋଣ ପ୍ରାପ୍ତି ଉପରେ ରାଜସ୍ୱ ଓ ପୁଞ୍ଜିଗତ ବ୍ୟୟ) (ଋଣ ଓ ଅଗ୍ରିମର ବୃଦ୍ଧି) କୁ ପୁରା

[8] ଅଣ ଋଣ ପ୍ରାପ୍ତି = ରାଜସ୍ୱ ପ୍ରାପ୍ତି + ବିବିଧ ପୁଞ୍ଜି ପ୍ରାପ୍ତି + ଋଣ ଓ ଅଗ୍ରିମର ବସୁଲୀ

କରିବା ପାଇଁ ନିଜସ୍ୱ ଟଙ୍କା ଓ ଆର.ବି.ଆଇ. ଠାରୁ ଧାର ନେଇ ସନ୍ତୁଳିତ କରିବା ପାଇଁ ପୁଞ୍ଜି ଲଗାଣ କରନ୍ତି । ବିତ୍ତୀୟ ନିଅଣ୍ଟର ଅର୍ଥ ଯୋଗାଣକାରୀ ସଂସ୍ଥାର ଗଠନ ସାରଣୀ 1.4 ରେ ଦିଆଯାଇଛି ।

ସାରଣୀ **1.4:** ବିତ୍ତୀୟ ନିଅଣ୍ଟର ଉପାଦାନ ସମୂହ ଏବଂ ଅର୍ଥ ଯୋଗାଣ ସଂସ୍ଥାଙ୍କ ପ୍ରଣାଳୀ

(କୋଟି ଟଙ୍କାରେ)

ସବିଶେଷ ବିବରଣୀ		2013-14	2014-15	2015-16	2016-17	2017-18		
		ନିଟ୍	ନିଟ୍	ନିଟ୍	ନିଟ୍	ପ୍ରାପ୍ତି	ବିତରଣ	ନିଟ୍
A.	ବିତ୍ତୀୟ ନିଅଣ୍ଟର ବିଘଟନ **(1 ରୁ 3)**	**(-)4,633**	**(-)5,479**	**(-)7,064**	**(-)9,378**	**85,461**	**94,821**	**(-)9,360**
1	ରାଜସ୍ୱ ବଳକା	3,329	5,862	10,135	9,258	85,204	71,837	13,367
2	ପୁଞ୍ଜିଗତ ବ୍ୟୟ	(-)7,756	(-)11,075	(-)17,090	(-)18,471	--	21,109	(-)21,109
3	ଋଣ ଏବଂ ଅଗ୍ରିମ	(-)206	(-)266	(-)109	(-)165	257	1,875	(-)1,618
B	ରାଜସ୍ୱ ନିଅଣ୍ଟ*/ବଳକାର ଅର୍ଥ ଯୋଗାଣକାରୀ ପଦ୍ଧତି							
1	ନେଟ ଧାର	**(-)3**	**3,534**	**6,909**	**8,261**	**12,862**	**2,690**	**10,172**
a	ଆନ୍ତରଣୀୟ ଧାର #	(-)36	3,655	6,797	8,028	12,013	1,982	10,031
b	ଭାରତ ସରକାରଙ୍କଠାରୁ ଋଣ	33	(-)121	112	233	849	708	141
2	ନିଟ୍ ସରକାରୀ ଖାତା	**4,837**	**2,054**	**2,331**	**3,546**	**71,875**	**56,440**	**15,435**
a	ସ୍ୱଳ୍ପ ସଂଚୟ, ଭବିଷ୍ୟନିଧି ପାଣ୍ଠି ଇତ୍ୟାଦି	689	1,073	1,835	1,857	4,792	3,234	1,558
b	ସଂରକ୍ଷିତ ପାଣ୍ଠି	(-)130	(-)35	285	1,145	3,826	3,912	(-)86
c	ଜମା ଏବଂ ଅଗ୍ରିମ	813	915	230	607	40,357	26,460	13,897
d	ନିଲମ୍ବନ ଏବଂ ବିବିଧ	3,437	99	(-)32	(-)10	99	21	78
e	ଟଙ୍କା ପ୍ରେରଣ	28	2	(-)51	(-)53	22,801	22,813	(-)12
3	ଆକସ୍ମିକ ପାଣ୍ଠି	**(-)150**	**150**	**(-) 123**	**123**	--	--	--
4	ମୋଟ **(1 ରୁ 3)**	**4,684**	**5,738**	**9,117**	**11,930**	**84,737**	**59,130**	**25,607**
5	ଜମା ରାଶିର ବୃଦ୍ଧି**(+)** / ହ୍ରାସ **(-)**	(-)51	(-)259	**(-)2,053**	**(-)2,552**	--	--	**(-)16,247**
6	ସର୍ବମୋଟ ବଳକା / ନିଅଣ୍ଟ **(4+5)**	**4,633**	**5,479**	**7,064**	**9,378**	--	--	**9,360**

ଉତ୍ସ : ସଂବନ୍ଧିତ ବର୍ଷର ବିତ୍ତୀୟ ହିସାବ

ଅନ୍ୟ ସଂସ୍ଥାଠାରୁ ଧାର ଆଣିବା

* ବର୍ଷ ମଧ୍ୟରେ ବିତରଣ /ବାହ୍ୟ ଖର୍ଚ୍ଚର ସମସ୍ତ ଅଙ୍କ

1.3.1.2 ନିଅଣ୍ଟ / ବଳକାର ଗୁଣବତ୍ତା

ପ୍ରାଥମିକ ନିଅଣ୍ଟର ବିଭାଜନ ଦର୍ଶାଉଛି ଯେ ପୁଞ୍ଜିଗତ ବ୍ୟୟର ବୃଦ୍ଧି ପାଇଁ ନିଅଣ୍ଟ କେତେ ପର୍ଯ୍ୟନ୍ତ ହୋଇଛି, ତାହା ସରକାରଙ୍କର ଉତ୍ପାଦକ କ୍ଷମତାରେ ସୁଧାର ପାଇଁ ବାଂଛନୀୟ ହୋଇ ପାରେ ।

ସାରଣୀ **1.5:** ପ୍ରାଥମିକ ନିଅଣ୍ଟ / ବଳକା – କାରକର ବିଭାଜନ

(₹ କୋଟିଟଙ୍କାରେ**)**

ବର୍ଷ	ଅଣ ଋଣ ପ୍ରାପ୍ତି	ପ୍ରାଥମିକ ରାଜସ୍ୱ ଖର୍ଚ୍ଚ [9]	ପୁଞ୍ଜିଗତ ଖର୍ଚ୍ଚ	ଋଣ ଏବଂ ଅଗ୍ରିମ	ପ୍ରାଥମିକ ରାଜସ୍ୱ ବଳକା	ପ୍ରାଥମିକ ନିଅଣ୍ଟ (-)/ବଳକା [10] (+)	ପ୍ରାଥମିକ ରାଜସ୍ୱ ବଳକା/ପୁଞ୍ଜିଗତ ଖର୍ଚ୍ଚ (-) / (+)
1	**2**	**3**	**4**	**5**	**6 (3+4+5)**	**7 (2-3)**	**8 (2-6)**
2013-14	49,204	42,730	7,756	463	50,949	6,474	(-)1,745
2014-15	57,090	48,326	11,075	358	59,759	8,765	(-)2,669
2015-16	69,169	55,463	17,090	337	72,890	13,706	(-)3,721
2016-17	74,388	61,006	18,471	254	79,731	13,382	(-)5,343
2017-18	85,461	66,849	21,109	1,875	89,833	18,612	(-)4,372

ଉତ୍ସ : ସଂବନ୍ଧିତ ବର୍ଷର ବିତ୍ତୀୟ ହିସାବ

ଉପରୋକ୍ତ ସାରଣୀରୁ ଦେଖାଯାଇ ପାରେ ଯେ ପ୍ରାଥମିକ ବ୍ୟୟକୁ ପୁରା କରିବା ପାଇଁ ଅଣ ଋଣ ପ୍ରାପ୍ତି ଅପର୍ଯ୍ୟାପ୍ତ ଥିଲା ।

[9] ପ୍ରାଥମିକ ରାଜସ୍ୱ ଖର୍ଚ୍ଚ = ରାଜସ୍ୱ ଖର୍ଚ୍ଚ– ସୁଧ ପରିଶୋଧ

[10] ପ୍ରାଥମିକ ରାଜସ୍ୱ ଖର୍ଚ୍ଚ ବଳକା = ଅଣ ଋଣ ପ୍ରାପ୍ତି (ରାଜସ୍ୱ ପ୍ରାପ୍ତି + ବିବିଧ ପୁଞ୍ଜି ପ୍ରାପ୍ତି + ଋଣ ବସୁଲୀ) - ପ୍ରାଥମିକ ରାଜସ୍ୱ ଖର୍ଚ୍ଚ

1.3.2 ବଜେଟ ଆକଳନ ଏବଂ ବାସ୍ତବିକ

ବଜେଟ ଆକଳନ ତୁଳନାରେ ସଠିକ୍ ପ୍ରାପ୍ତି ଏବଂ ଖର୍ଚ୍ଚର ଅଭାବ ଓ ଅପ୍ରତ୍ୟାଶିତ ଏବଂ ଅନିଶ୍ଚିତ ଘଟଣା କିମ୍ବା କମ୍ / ଅଧିକ ଖର୍ଚ୍ଚର ଆକଳନ ବଜେଟ ପ୍ରସ୍ତୁତି ସମୟରେ ରାଜସ୍ୱ ବିପରୀତ ରୂପେ ବିତ୍ତୀୟ ବାଂଛନୀୟ ଲକ୍ଷ୍ୟକୁ ପ୍ରତିକୂଳ ପ୍ରଭାବ ପକାଇ ଥିଲା । 2017-18 ବର୍ଷ ପାଇଁ ବାସ୍ତବିକ ରାଜସ୍ୱ ମାନଦଣ୍ଡର ବଜେଟ ଆକଳନ ଚାର୍ଟ 1.5 ରେ ଦର୍ଶାଯାଇଛି ।

ଚାର୍ଟ 1.5: 2017-18 ବର୍ଷ ପାଇଁ ବଜେଟ ଆକଳନ ଏବଂ ପ୍ରକୃତ ଆୟବ୍ୟୟ



ଉତ୍ସ : ବିତ୍ତୀୟ ହିସାବ /ଋଣ ଶୋଧନ ଏବଂ ବଜେଟ 2017-18 ଏକ ଦୃଷ୍ଟିରେ ।

- ରାଜସ୍ୱ ପ୍ରାପ୍ତି ବଜେଟ ଆକଳନରେ 4.19 ପ୍ରତିଶତ ନିଅଣ୍ଟିଆ ହୋଇଛି । ରାଜସ୍ୱ ପ୍ରାପ୍ତିର ହ୍ରାସ ମୁଖ୍ୟତଃ ଅଣ ରାଜସ୍ୱ କରର ପ୍ରାପ୍ତି 1,102 କୋଟି ଟଙ୍କା (11.60 ପ୍ରତିଶତ) କମ୍ ହେବା ଯୋଗୁଁ କେନ୍ଦ୍ର ସରକାର ଠାରୁ ଅନୁଦାନ 3590 କୋଟି ଟଙ୍କା (16.93 ପ୍ରତିଶତ) ଏବଂ କେନ୍ଦ୍ରୀୟ କର ଓ ଶୁଳ୍କର ଅଂଶଦାନ 150 କୋଟି ଟଙ୍କା (0.48 ପ୍ରତିଶତ) ର ବଜେଟ ଆକଳନ ଅପେକ୍ଷା କମ୍ ପ୍ରାପ୍ତି ହୋଇଥିଲା । କିନ୍ତୁ ରାଜ୍ୟର ନିଜସ୍ୱ ରାଜସ୍ୱ କର ବଜେଟ ଆକଳନ ଅପେକ୍ଷା 1,114 କୋଟି ଟଙ୍କା (4.16 ପ୍ରତିଶତ) ଅଧିକ ଥିଲା ।

- ରାଜସ୍ୱ ବ୍ୟୟ ବଜେଟ ଅନୁମାନ ଠାରୁ 12.65 ପ୍ରତିଶତ କମ୍ ଥିଲା । ଯେଉଁଟା ସାଧାରଣ କ୍ଷେତ୍ରରେ 4,592 କୋଟି ଟଙ୍କା ଏବଂ ସାମାଜିକ କ୍ଷେତ୍ରରେ 4,984 କୋଟି ଟଙ୍କା କମ ଖର୍ଚ୍ଚ ହୋଇଥିବା ଯୋଗୁଁ ।

- ରାଜ୍ୟ ସରକାରର ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗର କାର୍ଯ୍ୟାନ୍ୱୟନ ଓ ବଳକାର ଅର୍ଥ ପ୍ରଦାନ କରିବା ପାଇଁ ବେତନ ଓ ପେନସନ ମଧ୍ୟରେ ଅଧିକ ବଜେଟର ପ୍ରାବଧାନ କରିଥିଲେ । ଯାହା ହେଉ ବର୍ଷ ମଧ୍ୟରେ କେବଳ 40 ପ୍ରତିଶତ ବଳକା ରାଶି ଖଲାସ କରାଯାଇଥିଲା । ପରିଣାମ ସ୍ୱରୂପ ରାଜସ୍ୱ ବଳକା (13,367 କୋଟି ଟଙ୍କା) ବଜେଟ ଅନୁମାନର 6,694 କୋଟି ଟଙ୍କା ଯାହାକି 99.68 ପ୍ରତିଶତ ଅଧିକା ଥିଲା ।

- ବ୍ୟୟର ଖର୍ଚ୍ଚ କାଟ ଯୋଗୁଁ ବିତ୍ତୀୟ ନିଅଣ୍ଟ ବଜେଟ ଅନୁମାନ ଠାରୁ 35.15 ପ୍ରତିଶତ କମ୍ ଥିଲା ।

ସୁପାରିଶ 1 : ଅର୍ଥ ବିଭାଗ ବଜେଟ ପ୍ରସ୍ତୁତୀ କରଣକୁ ତର୍କ ସଂଗତ କରିବା ଉଚିତ୍ ତାହା ଦ୍ୱାରା ବଜେଟ୍ ଆକଳନ ଏବଂ ଆୟ ବ୍ୟୟର ଫାଙ୍କକୁ କମ୍ କରିହେବ ।

1.4 ରାଜ୍ୟର ଆର୍ଥିକ ସମ୍ବଳ

1.4.1 ବାର୍ଷିକ ଆର୍ଥିକ ହିସାବ ଅନୁସାରେ ରାଜ୍ୟର ସମ୍ବଳ

ରାଜସ୍ୱ କର, ଅଣ ରାଜସ୍ୱ କର, କେନ୍ଦ୍ରିୟ କରରୁ ରାଜ୍ୟର ଭାଗ ଏବଂ ଭାରତ ସରକାରଙ୍କଠାରୁ ଅନୁଦାନ ଗୁଡ଼ିକୁ ନେଇ ରାଜସ୍ୱ ପ୍ରାପ୍ତି ଗଠିତ । ମିଶ୍ରିତ ପୁଞ୍ଜି ପ୍ରାପ୍ତ ଯଥା : ବିନିବେଶ ଉପଲବ୍ଧ, ଋଣ ଓ ଅଗ୍ରୀମ ଆଦାୟ, ଆଭ୍ୟନ୍ତରିଣ ଉତ୍ସରୁ ଋଣ ପ୍ରାପ୍ତି (ବଜାର ଋଣ, ଆର୍ଥିକ ଅନୁଷ୍ଠାନ /ବ୍ୟବସାୟୀକ ବ୍ୟାଙ୍କଗୁଡ଼ିକରୁ ଋଣ) ଏବଂ ଭାରତ ସରକାରଙ୍କ ଠାରୁ ଋଣ ଏବଂ ଅଗ୍ରୀମକୁ ନେଇ ପୁଞ୍ଜିପ୍ରାପ୍ତି ଗଠିତ । କ୍ଷୁଦ୍ର ସଞ୍ଚୟ ଭବିଷ୍ୟନିଧି, ସଂରକ୍ଷିତ ପାଣ୍ଠି, ପେନସନ୍, ଅର୍ଥ ପ୍ରେରଣା ଇତ୍ୟାଦିର ବିତରଣ ପରେ ଅବଶିଷ୍ଟାଂଶକୁ ନେଇ ନିଟ୍ ସରକାରି ହିସାବ ପ୍ରାପ୍ତି ସଂଗଠିତ । ସରକାରୀ ହିସାବର ବିତରଣ ପରେ ଅବଶିଷ୍ଟାଂଶ ସରକାରଙ୍କ ପାଖରେ ଖର୍ଚ୍ଚ ପାଇଁ ଉପଲବ୍ଧ । ବର୍ଷ 2017-18 ରେ ରାଜ୍ୟ ସମ୍ବଳଗୁଡ଼ିକର ପୁରାପୁରି ଗଠନ ଚାର୍ଟ 1.6 ରେ ପ୍ରଦତ୍ତ :

ଚାର୍ଟ 1.6: ସମ୍ବଳଗୁଡ଼ିକର ଗଠନ (2017-18)



ଉତ୍ସ : ବିତ୍ତୀୟ ହିସାବ

2017-18 ବର୍ଷ ରେ ରାଜ୍ୟର ସମୁଦାୟ ସମ୍ବଳ (1,13,758 କୋଟି ଟଙ୍କା)ର 74.90 ପ୍ରତିଶତ ରାଜସ୍ୱପ୍ରାପ୍ତି (85,204 କୋଟି ଟଙ୍କା) ଅଟେ । ସମୁଦାୟ ସମ୍ବଳର 13.57 ପ୍ରତିଶତ ଓ 11.53 ପ୍ରତିଶତ କ୍ରମାନ୍ୱୟରେ ପୁଞ୍ଜିପ୍ରାପ୍ତି (13,119 କୋଟି ଟଙ୍କା) ଓ ନିଟ୍ ସରକାରି ହିସାବ ପ୍ରାପ୍ତି (15,435 କୋଟି ଟଙ୍କା) ଅଟେ । 2013-18 ମଧ୍ୟରେ ରାଜ୍ୟର ସମୁଦାୟ ସମ୍ବଳର ବିଭିନ୍ନ ଉପାଦନ ଗୁଡ଼ିକ ବିଷଦଭାବରେ ଚାର୍ଟ୍ 1.7 ରେ ଦର୍ଶାଯାଇଛି ।

ଗ୍ରଫ୍ 1.7 : 2013-18 ମଧ୍ୟରେ ରାଜ୍ୟର ସମ୍ବଳ



ଉତ୍ସ :ସଂପୃକ୍ତ ବର୍ଷଗୁଡ଼ିକର ବିତ୍ତୀୟ ହିସାବ

1.4.2 ରାଜସ୍ୱ ପ୍ରାପ୍ତି

ସରକାରଙ୍କର ରାଜସ୍ୱ ପ୍ରାପ୍ତିର ବିତ୍ତୀୟ ହିସାବର ପୁଙ୍ଖାନୁପୁଙ୍ଖ ବିବରଣୀ-14 ରେ ଦିର୍ଶାଯାଇଛି । ସରକାରଙ୍କର ରାଜସ୍ୱ ପ୍ରାପ୍ତି (85,204 କୋଟି ଟଙ୍କା) । ଯାହା ଗ୍ରସ ଷ୍ଟେଟ ଡ଼ୋମେଷ୍ଟିକ ପ୍ରଡ଼କ୍ଟ (ଜିଏସଡ଼ିପି) ର 20.48 ପ୍ରତିଶତ, ପୂର୍ବବର୍ଷ ଠାରୁ (74,299 କୋଟି ଟଙ୍କା) 14.67 ପ୍ରତିଶତ ବୃଦ୍ଧି ଘଟିଛି । କିନ୍ତୁ, ଏହା ବଜେଟ୍ ଆକଳନ ଠାରୁ 3,728 କୋଟି ଟଙ୍କା କମ୍ । ବର୍ଷ 2013-14 ରୁ 2017-18 ମଧ୍ୟରେ ରାଜସ୍ୱ ପ୍ରାପ୍ତିର ଧାରା ଓ ଗଠନ ଗ୍ରଫ୍ 1.8 ରେ ଦର୍ଶାଯାଇଛି ।

ଗ୍ରଫ୍ 1.8 : ବର୍ଷ 2013-14 ଠାରୁ 2017-18 ମଧ୍ୟରେ ରାଜସ୍ୱ ପ୍ରାପ୍ତିର ଗଠନ



ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଏଥିରୁ ଜଣାଗଲା ଯେ ଶେଷ ପାଞ୍ଚବର୍ଷରେ ନିଜସ୍ୱ କର, କେନ୍ଦ୍ରିୟ କର ସ୍ଥାନନ୍ତରଣ ଓ ସହାୟକ ଅନୁଦାନ ପ୍ରାପ୍ତିର ବୃଦ୍ଧି ଘଟିଥିବା ବେଳେ ଅଣ ରାଜସ୍ୱ ପ୍ରାପ୍ତିର ପ୍ରାୟତଃ ସ୍ଥିର ରହିଛି ।

1.4.2.1 ରାଜ୍ୟର ନିଜସ୍ୱ ସମ୍ବଳ

କେନ୍ଦ୍ରୀୟ କରରେ ରାଜ୍ୟର ଭାଗ ଏବଂ ସହାୟକ ଅନୁଦାନ ଗୁଡ଼ିକୁ ନ ନେଇ ରାଜସ୍ୱ କର ଏବଂ ଅଣ ରାଜସ୍ୱ କର ଅନୁସାରେ ସମ୍ବଳଗୁଡ଼ିକର ପ୍ରବୃତ୍ତି କରଣରେ ରାଜ୍ୟର ପ୍ରଦର୍ଶନ ଆକଳନ କରାଯାଇଛି ଯାହା ଅର୍ଥ କମିଶନଙ୍କ ସୁପାରିଶ ଉପରେ ଆଧାରିତ । ରାଜ୍ୟର ରାଜସ୍ୱ ପ୍ରାପ୍ତି 17.53 ପ୍ରତିଶତ ବଢିଥିଲା ଯାହାକି ଜିଏସଡ଼ିପି ସର୍ତ୍ତ ଅନୁସାରେ ଆର୍ଥିକ ଭିତ୍ତିଭୂମି ଉପରେ ଆଧାରିତ ବୃଦ୍ଧି ପାଉଥିବା ଦର ଠାରୁ ଅଧିକ ଥିଲା (10.28 ପ୍ରତିଶତ) ।

ରାଜ୍ୟର ନିଜସ୍ୱ ରାଜସ୍ୱ କର

ରାଜ୍ୟର ନିଜସ୍ୱ ରାଜସ୍ୱକରର ବିଭିନ୍ନ ଭାଗଗୁଡ଼ିକ ସାରଣୀ 1.6 ରେ ଦିର୍ଶାଯାଇଛି ।

ସାରଣୀ 1.6 : ରାଜ୍ୟର ନିଜସ୍ୱ ରାଜସ୍ୱ କରର ଭାଗଗୁଡ଼ିକ

(କୋଟି ଟଙ୍କାରେ)

	2013-14	2014-15	2015-16	2016-17	2017-18	
	ବାସ୍ତବ	ବାସ୍ତବ	ବାସ୍ତବ	ବାସ୍ତବ	ବଜେଟ ଅନୁମାନ	ବାସ୍ତବ
ରାଜ୍ୟର ଜିନିଷପତ୍ର ଓ ସେବା କର	--	--	--	--	--	6,609
ବିକ୍ରି,ବାଣିଜ୍ୟ କର, ଇତ୍ୟାଦି	10,729	11,817	13,097	13,402	15,840	11,522
ରାଜ୍ୟ ଅବକାରୀ କର	1,780	2,035	2,547	2,786	3,600	3,221
ଯାନବାହାନ କର	860	910	1,044	1,216	1,350	1,535
ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜିକରଣ ଫିସ	606	800	2,157	1,364	1,150	1,037
ଭୂ-ରାଜସ୍ୱ	431	646	589	460	631	542
ମାଲ୍ ପତ୍ର ଓ ଯାତ୍ରୀ କର	1,613	1,711	1,663	1,760	2,200	1,260
ଅନ୍ୟାନ୍ୟ କର[11]	873	1,909	1,430	1,864	2,029	2,188
ମୋଟ	**16,892**	**19,828**	**22,527**	**22,852**	**26,800**	**27,914**

ଉତ୍ସ : ସଂପୃକ୍ତ ବିତ୍ତୀୟ ହିସାବ

2017-18 ବର୍ଷ ମାନଙ୍କରେ ରାଜ୍ୟର ନିଜସ୍ୱ ରାଜସ୍ୱ କର (ଏସ୍ଓଟିଆର) 27,914 କୋଟି ଟଙ୍କା ଥିଲା ଯାହା ସମୁଦାୟ ରାଜସ୍ୱ ପ୍ରାପ୍ତିର 32.76 ପ୍ରତିଶତ ଅଟେ । ନିଜସ୍ୱ ରାଜସ୍ୱକର ଗତ ବର୍ଷ ଠାରୁ 22.15 ପ୍ରତିଶତ ବୃଦ୍ଧି ଘଟିଥିଲା, ଏବଂ ବଜେଟ୍ ଆକଳନ ଠାରୁ ମଧ୍ୟ 1,114 କୋଟି ଟଙ୍କା ଅଧିକ ଥିଲା ।

1.4.2.2 କର ଆଦାୟର ଖର୍ଚ୍ଚ

ବିଗତ ତିନିବର୍ଷରେ (ସାରଣୀ – 1.7) ଗୁରୁତ୍ୱପୂର୍ଣ୍ଣ କରଗୁଡ଼ିକର ଆଦାୟ ଖର୍ଚ୍ଚ କମ୍ ଥିଲା । ଯାହା କର ଆଦାୟରେ ଅଧିକ ଦକ୍ଷତା ଦର୍ଶାଉଥିଲା । (କର ଆଦାୟ ତୁଳନାରେ କର ଆଦାୟ ଖର୍ଚ୍ଚର ପ୍ରତିଶତ) ।

ସାରଣୀ 1.7: ସଂଗୃହିତ କର ଏବଂ ଆଦାୟ ଖର୍ଚ୍ଚ ପ୍ରତିଶତରେ

		2015-16	2016-17	2017-18
ବିକ୍ରୟ,ବାଣିଜ୍ୟ ଇତ୍ୟାଦି ଏବଂ ଏସ୍‌ଜିଏସ୍‌ଟି	ମୋଟରାଜସ୍ୱ ଆଦାୟ (କୋଟି ଟଙ୍କାରେ)	13,097	13,402	18,131
	ଆଦାୟ ଖର୍ଚ୍ଚ (କୋଟି ଟଙ୍କାରେ)	85	100	118
	ମୋଟଆଦାୟର ପ୍ରତିଶତ	0.65	0.75	0.65
ରାଜ୍ୟ ଅବକାରୀ	ମୋଟରାଜସ୍ୱ ଆଦାୟ (କୋଟି ଟଙ୍କାରେ)	2,547	2,786	3,221
	ଆଦାୟ ଖର୍ଚ୍ଚ (କୋଟି ଟଙ୍କାରେ)	53	56	64
	ମୋଟଆଦାୟର ପ୍ରତିଶତ	2.08	2.01	1.99
ଯାନବାହାନ କର	ମୋଟରାଜସ୍ୱ ଆଦାୟ (କୋଟି ଟଙ୍କାରେ)	1,044	1,216	1,535
	ଆଦାୟ ଖର୍ଚ୍ଚ (କୋଟି ଟଙ୍କାରେ)	61	87	113
	ମୋଟଆଦାୟର ପ୍ରତିଶତ	5.84	7.15	7.36

[11] କୃଷି ସମ୍ବନ୍ଧୀୟ ଜମିକୁ ଛାଡ଼ି ସ୍ଥାବର ସମ୍ପତ୍ତିଉପରେ କର, ବିଦ୍ୟୁତ, ଏବଂ କୃଷି ରୋଜଗାର ଉପରେ କର ଓ ଶୁଳ୍କ ଅନ୍ୟାନ୍ୟ କର ମଧ୍ୟରେ ଅନ୍ତର୍ଭୁକ୍ତ ।

		2015-16	2016-17	2017-18
ଷ୍ଟାମ୍ପ ଏବଂ ପଞ୍ଜିକରଣ ଫିସ୍	ମୋଟରାଜସ୍ୱ ଆଦାୟ (କୋଟି ଟଙ୍କାରେ)	2,157	1,364	1,037
	ଆଦାୟ ଖର୍ଚ୍ଚ (କୋଟି ଟଙ୍କାରେ)	37	50	43
	ମୋଟ ଆଦାୟର ପ୍ରତିଶତ	1.72	3.67	4.15

ଉତ୍ସ : ସଂପୃକ୍ତ ବର୍ଷମାନଙ୍କରେ ବିତ୍ତୀୟ ହିସାବ

2017-18 ରେ ରାଜ୍ୟ ସରକାର 1,535 କୋଟି ଟଙ୍କାର ଯାନବାହାନ କର ଆଦାୟ କରିବାରେ 113 କୋଟି ଟଙ୍କା (ମୋଟ ଆଦାୟ 7.36 ପ୍ରତିଶତ) ଖର୍ଚ୍ଚ କରିଥିଲେ । ଏହି ଖର୍ଚ୍ଚ 18,131 କୋଟି ଟଙ୍କା ବିକ୍ରୟ, ବାଣିଜ୍ୟ ଓ ଏସ୍‌ଜିଏସ୍‌ଟି ଇତ୍ୟାଦି ଆଦାୟ କରିବା ପାଇଁ ଖର୍ଚ୍ଚ ହୋଇଥିବା ଅର୍ଥ (118 କୋଟି ଟଙ୍କା) ଠାରୁ ଅଧିକ ଥିଲା, ଯାହା ଗ୍ରସ୍ ଆଦାୟର ମାତ୍ର 0.65 ପ୍ରତିଶତ ଥିଲା । ଏହା ଦର୍ଶାଉଛି ଯେ ଯାନବାହାନ କର ଆଦାୟ ଖର୍ଚ୍ଚ, ଯାହା ଆପେକ୍ଷିକ କମ ରାଜସ୍ୱ ପ୍ରଦାନ କରୁଛି, ସବୁଠାରୁ ଅଧିକ ରାଜସ୍ୱ ପ୍ରଦାନକାରୀଙ୍କ ଠାରୁ ମହଙ୍ଗା ଅଟେ ।

1.4.2.3 ଜିଏସ୍‌ଟି କ୍ଷତିଭରଣା

ରାଜ୍ୟ ସରକାର 01.07.2017 ଠାରୁ ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ପ୍ରଚଳନ କଲେ । ଦ୍ରବ୍ୟ ଏବଂ ସେବା କର ନିୟମ 2017 ଅନୁଯାୟୀ (ରାଜ୍ୟମାନଙ୍କୁ କ୍ଷତିଭରଣା) କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଦ୍ରବ୍ୟ ଏବଂ ସେବାକର ପ୍ରଚଳନ ଯୋଗୁ ହୋଇଥିବା ରାଜସ୍ୱ କ୍ଷତିକୁ ଭରଣା କରିବା ପାଇଁ 2017-18 ଠାରୁ 5 ବର୍ଷ ପାଇଁ କ୍ଷତି ଭରଣା ଦେବେ । ଭାରତର ମହାଲେଖା ନିୟନ୍ତ୍ରକ ଓ ମହା ସମୀକ୍ଷକଙ୍କ ଦ୍ୱାରା ସମୀକ୍ଷା ପରେ ଚୂଡ଼ାନ୍ତ ରାଜସ୍ୱ ଅଙ୍କ ପ୍ରାପ୍ତି ହେବା ପରେ ପ୍ରତି ଆର୍ଥିକ ବର୍ଷ ପାଇଁ ରାଜ୍ୟମାନଙ୍କୁ ଦେବାକୁ ଥିବା କ୍ଷତି ଭରଣା ହିସାବ କରାଯାଏ । ରାଜ୍ୟର କୌଣସି ଏକ ବର୍ଷର ସଂରକ୍ଷିତ ରାଜସ୍ୱ ସେହି ରାଜ୍ୟର ବାର୍ଷିକ ଭିତ୍ତି ରାଜସ୍ୱର ଆକଳନ ବୃଦ୍ଧି ହାର (ବାର୍ଷିକ 14 ପ୍ରତିଶତ) ବ୍ୟବହାର କରି ହିସାବ କରାଇଥାଏ। ଦ୍ରବ୍ୟ ଏବଂ ସେବା କର ଅଧିନରେ ଆସୁଥିବା କର ଗୁଡ଼ିକର ରାଜସ୍ୱ ଅଙ୍କ ହିସାବ କରିବା ପାଇଁ 2015-16 କୁ ଭିତ୍ତି (ପ୍ରାରମ୍ଭ) ବର୍ଷ ଭାବରେ ଧାର୍ଯ୍ୟ କରାଯାଇଛି ।

ଓଡ଼ିଶା କ୍ଷେତ୍ରରେ, ଭିତ୍ତିବର୍ଷ (2015-16) ରେ ରାଜସ୍ୱ 11,049.34 କୋଟି ଟଙ୍କା ଥିଲା। 2017-18 ବର୍ଷ ପାଇଁ ସଂରକ୍ଷିତ ରାଜସ୍ୱ (ଦ୍ରବ୍ୟ ଏବଂ ସେବା କର ଲାଗୁ ହେବା ତାରିଖ ଠାରୁ 9 ମାସ ପାଇଁ ଯାହାକି 01.07.2017 ରୁ 31 ମାର୍ଚ୍ଚ 2018), ଭିତ୍ତିବର୍ଷ ତୁଳନାରେ ହିସାବ କଲେ 10,769.79 କୋଟି ଟଙ୍କା ଥିଲା । 01 ଜୁଲାଇ 2017 ଠାରୁ 31 ମାର୍ଚ୍ଚ 2018 ସମୟ ମଧ୍ୟରେ ରାଜ୍ୟ 8,421.71 କୋଟି ଟଙ୍କା ପାଇଥିଲା । (ଏଥିରେ 1812.44 କୋଟି ଟଙ୍କା ପ୍ରାରମ୍ଭିକ ଦ୍ରବ୍ୟ ଏବଂ ସେବା କର ଓ 482 କୋଟି ଟଙ୍କା ସମନ୍ୱିତ ଦ୍ରବ୍ୟ ଏବଂ ସେବା କରର ଅଗ୍ରୀମ ଆନୁପାତିକ ଅର୍ନ୍ତଭୁକ୍ତ ଥିଲା ।)
ମାର୍ଚ୍ଚ 2018 ସୁଦ୍ଧା, ରାଜ୍ୟ ଦ୍ରବ୍ୟ ଓ ସେବା କରର କ୍ଷତିପୂରଣ ବାବଦକୁ ଅସ୍ଥାୟୀ ଭାବରେ 2019 କୋଟି[12] ଟଙ୍କା ପାଇଥିଲା ।

1.4.2.4 ଅଣ ରାଜସ୍ୱ କର

ଅଣ ରାଜସ୍ୱ କର (ଏନଟିଆର), ସେବା ପ୍ରଦାନରୁ ପ୍ରାପ୍ତି, ସରକାରଙ୍କର ବିଭିନ୍ନ ବିଭାଗ ଦ୍ୱାରା କରାଯାଇଥିବା ଯୋଗାଣ ଏବଂ ସୁଧ ପ୍ରାପ୍ତିକୁ ନେଇ ଗଠିତ ।

[12] ମାର୍ଚ୍ଚ 2018 ର 245 କୋଟି ଟଙ୍କାର କ୍ଷତି ଭରଣାକୁ ଛାଡ଼ି ମେ 2018 ରେ ପ୍ରାପ୍ତ ହୋଇଥିଲା ।

ଚାର୍ଟ 1.9 : ଅଣ ସମ୍ବଳ କର 2013-14 ରୁ 2017-18



ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତିୟ ହିସାବ

ଅଡ଼ିଟରେ ନିମ୍ନଲିଖିତ ଅବଲୋକନ କରାଗଲା:

2017-18 ରେ ଏନଟିଆର 8,398 କୋଟି ଟଙ୍କା ଥିଲା ଯାହାକି ରାଜସ୍ୱ ପ୍ରାପ୍ତିର 9.86 ପ୍ରତିଶତ ଥିଲା ଏବଂ ଏହା ପୂର୍ବ ବର୍ଷ (8,043 କୋଟି ଟଙ୍କା) ତୁଳନାରେ 355 କୋଟି ଟଙ୍କା (4.41 ପ୍ରତିଶତ) ଅଧିକ ହୋଇଥିଲା। ଏହା ତଥାପି ବଜେଟ୍ ଅଟକଳ ଠାରୁ 1,102 କୋଟି ଟଙ୍କା କମ୍ ଥିଲା ।

- ଏହି ବୃଦ୍ଧି ମୁଖ୍ୟତଃ ଅଣଲୌହ ଖଣି ଏବଂ ଧାତୁଗତ ଶିଳ୍ପ ପାଇଁ (1,205 କୋଟି ଟଙ୍କା) ଏବଂ ସୁଧ ପ୍ରାପ୍ତି (174 କୋଟି ଟଙ୍କା) ଥିଲା । ଲାଭାଂଶ ପ୍ରାପ୍ତି (500 କୋଟି ଟଙ୍କା) ଅଧିନରେ କୋଇଲା ଏବଂ ଲିଗ୍‌ନାଇଟି (179 କୋଟି ଟଙ୍କା), ବିବିଧ ସାଧାରଣ ସେବା (144 କୋଟି ଟଙ୍କା ଏବଂ ଜଙ୍ଗଲ ଏବଂ ବନ୍ୟଜନ୍ତୁ (69 କୋଟି ଟଙ୍କା) ରେ ହ୍ରାସ ପାଇ ଏହି ବୃଦ୍ଧି ଆଂଶିକ ଭାବେ ସ୍ଥିରିକୃତ କରାଯାଇଥିଲା ।
- ଗତବର୍ଷ ତୁଳନାରେ 2017-18 ରେ ଲାଭାଂଶ ଏବଂ ଲାଭର ବୃଦ୍ଧି ଏବଂ ଅନ୍ୟ ଅଣ କର ପ୍ରାପ୍ତି ନକରାତ୍ମକ ଥିଲା ।
- 2008-09 ରୁ 2016-17 ବର୍ଷରେ ରାଜ୍ୟର ଅଣ କର ରାଜସ୍ୱର ଯୌଗିକ ବାର୍ଷିକ ବୃଦ୍ଧିର ହାର (12.30 ପ୍ରତିଶତ) ଯାହାକି ସାଧାରଣ ବର୍ଗ ରାଜ୍ୟ (9.50 ପ୍ରତିଶତ) ଠାରୁ ଅଧିକ ଥିଲା (ପରିଶିଷ୍ଟ-1.1) । ଯାହାହେଉ 2017-18 ମଧ୍ୟରେ ଓଡ଼ିଶାର ଏନ୍.ଟି.ଆର୍ ବୃଦ୍ଧିର ହାର (4.40 ପ୍ରତିଶତ) ଯାହାକି ସାଧାରଣ ବର୍ଗ ରାଜ୍ୟରୁ ବୃଦ୍ଧିର ହାର ଠାରୁ କମ୍ ଥିଲା (5.90 ପ୍ରତିଶତ) ।
- 2013-14 ରୁ 2017-18 ମଧ୍ୟରେ ଆଦାୟ ହୋଇଥିବା ଅଣକର ରାଜସ୍ୱ ପ୍ରାପ୍ତିର 10 ରୁ 17 ପ୍ରତିଶତ ମଧ୍ୟରେ ଥିଲା । କିନ୍ତୁ ଦସ୍ତାବିଜରେ ଏହା ଉଣା ଅଧିକ ସ୍ଥିର ଥିଲା । ଏଣୁ ରାଜ୍ୟ ନିଜର ଆଦାୟ କରିବା ସଂସ୍ଥାକୁ ଭଲଭାବେ ପରିଚାଳନା କରିବା ଉଚିତ୍ । ଯାହାଦ୍ୱାରା ନିଜର ଅଣକର ରାଜସ୍ୱ ସଂଗ୍ରହକୁ ବୃଦ୍ଧି କରିପାରିବ ।

1.4.2.5 କେନ୍ଦ୍ରୀୟ କର ଏବଂ ଶୁଳ୍କରେ ରାଜ୍ୟର ଅଂଶ

2013-14 ରୁ 2017-18 ବର୍ଷ ମଧ୍ୟରେ କେନ୍ଦ୍ରୀୟ ଶୁଳ୍କର ବିଭିନ୍ନ ରାଜ୍ୟର ଅଂଶର ବିଭିନ୍ନ ଉପାଦାନ ସାରଣୀ 1.8 ରେ ପ୍ରଦାନ କରାଗଲା ।

ସାରଣୀ 1.8: କେନ୍ଦ୍ରିୟ ଶୁଳ୍କରେ ରାଜ୍ୟ ଭାଗର ବିଭିନ୍ନ ଉପାଦନର ଅବମୂଲ୍ୟାୟନ

(କୋଟି ଟଙ୍କାରେ)

କେନ୍ଦ୍ର କରର ରାଜ୍ୟର ଅଂଶର ଭାଗ	2013-14	2014-15	2015-16	2016-17	2017-18
ନିଗମ କର	5,128	5,650	7,409	9,072	9,575
ସୀମା ଶୁଳ୍କ	2,488	2,617	3,771	3,903	3,156
ଆୟ କର	3,376	4,035	5,141	6,305	8,085
ଅନ୍ୟ କର ଏବଂ ପଣ୍ୟ ଏବଂ ସେବା ଉପରେ ଶୁଳ୍କ	--	--	18	--	--
ସେବା କର	2,484	2,386	4,086	4,564	3,561
ସମ୍ପତି କର	14	15	2	21	--
କେନ୍ଦ୍ର ଉତ୍ପାଦ ଶୁଳ୍କ	1,757	1,478	3,147	4,457	3,298
ସିଜିଏସ୍‌ଟି	--	--	--	--	441
ଆଇଜିଏସ୍‌ଟି	--	--	--	--	3,156
ସର୍ବମୋଟ	**15,247**	**16,181**	**23,574**	**28,322**	**31,272**
ରାଜ୍ୟର ରାଜସ୍ୱ ପ୍ରାପ୍ତିର ଉତ୍ତରାଧିକାରୀ ସୂତ୍ର ପ୍ରବର୍ତ୍ତନ	31	28	34	38	37

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ ଗତ ପାଞ୍ଚବର୍ଷରେ ଡ଼ିଭାଲ୍ୟୁଏସନ ବଢ଼ିଆସୁ ଅଛି ଯାହା ହେଉ ଗତ ବର୍ଷ ତୁଳନାରେ 2017-18 ମଧ୍ୟରେ ରାଜସ୍ୱ ପ୍ରାପ୍ତିର ଏକ ପ୍ରତିଶତ କମିଛି ।

1.4.2.6 ଭାରତ ସରକାରଙ୍କ ଠାରୁ ଅନୁଦାନ

2013-14 ରୁ 2017-18 ମଧ୍ୟରେ ବିସ୍ତୃତ ଅନୁଦାନ ଏବଂ ଏହାର ସଂରଚନାର ବିସ୍ତୃତ ବିବରଣୀ ସାରଣୀ 1.9 ରେ ଦର୍ଶାଯାଇଅଛି :

ସାରଣୀ 1.9: ଭାରତ ସରକାରଙ୍କ ଠାରୁ ଅନୁଦାନ

(କୋଟି ଟଙ୍କାରେ)

ସବିଶେଷ ବିବରଣୀ	2013-14	2014-15	2015-16	2016-17	2017-18	
	ବାସ୍ତବ	ବାସ୍ତବ	ବାସ୍ତବ	ବାସ୍ତବ	ବଜେଟ ଆକଳନ	ବାସ୍ତବ
ଅଣ ଯୋଜନା ଅନୁଦାନ	2,729	1,929	3,063	3,248	--	--
ରାଜ୍ୟ ଯୋଜନା ଅନୁଦାନ	3,429	10,886	10,773	11,769	--	--
କେନ୍ଦ୍ରୀୟ ଯୋଜନା ଅନୁଦାନ	122	102	293	65	--	--
କେନ୍ଦ୍ରୀୟ ପ୍ରୟୋଜିତ ଯୋଜନା	2,149	0.08	0.04	0.1	--	--
କେନ୍ଦ୍ରୀୟ ପ୍ରୟୋଜିତ ପରିକଳ୍ପନା ଯୋଜନା	--	--	--	--	17,516	12,900
ବିତ୍ତୀୟ କମିଶନ ଅନୁଦାନ	--	--	--	--	2,694	2,406
ରାଜ୍ୟ/ବିଧାନମଣ୍ଡଳ ଥିବା କେନ୍ଦ୍ରଶାସିତ ଅଂଚଳ ମାନଙ୍କୁ ଅନ୍ୟାନ୍ୟ ସ୍ଥାନାନ୍ତରଣ / ଅନୁଦାନ	--	--	--	--	1,000	2,314
ମୋଟ	**8,429**	**12,917**	**14,129**	**15,082**	**21,210**	**17,620**
ମୋଟ ଅନୁଦାନର ରାଜସ୍ୱ ପ୍ରାପ୍ତିର ପ୍ରତିଶତ ହିସାବରେ	17.22	22.66	20.49	20.30	23.85	20.68

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଭାରତ ସରକାରଙ୍କ ଦ୍ୱାରା ଦ୍ୱାଦଶ ଯୋଜନା ଅବଧି ସରିବା ପରେ 2017-18 ବଜେଟ ପାଇଁ ଅନୁମାନରେ ଯୋଜନା ଏବଂ ଅଣ ଯୋଜନାର ବିଲୟ ପାଇଁ ନିର୍ଣ୍ଣୟ କଲେ । ଯୋଜନା ଏବଂ ଅଣ ଯୋଜନାର ଅନ୍ତର ହଟାଇବା ଦ୍ୱାରା କେନ୍ଦ୍ର ଅନୁଦାନ ଠାରୁ ଅନୁଦାନ - ସହାୟତାରେ କେବଳ (i) ଅର୍ଥ କମିଶନଙ୍କର ସ୍ଥାନୀୟ ସଂସ୍ଥାକୁ ଅନୁଦାନ ସୁପାରିଶ (ii) ବିପର୍ଯ୍ୟୟ ଜବାଦୀ ଅନୁଦାନ ପାଇଁ ଏବଂ (iii) କେନ୍ଦ୍ରୀୟ ସେକଟର

ଏବଂ କେନ୍ଦ୍ରୀୟ ପରିକଳ୍ପନା ଅନୁଦାନର ପ୍ରତିଶତ । ରାଜସ୍ୱ ପ୍ରାପ୍ତିର ଅନୁଦାନ 2013-14 ରେ 17.22 ପ୍ରତିଶତ ରୁ 2017-18 ରେ 20.68 ପ୍ରତିଶତକୁ ବୃଦ୍ଧି ହେଲା ।

1.4.2.7 ରାଜ୍ୟର ଏକତ୍ରୀକୃତ ପାଣ୍ଠିକୁ ପାଣ୍ଠି ହସ୍ତାନ୍ତର ନ କରି ସିଧାସଳଖ କାର୍ଯ୍ୟକାରୀ ସଂସ୍ଥାକୁ ପାଣ୍ଠି ହସ୍ତାନ୍ତରଣ ।

01 ଅପ୍ରେଲ 2014 ରୁ ଭାରତ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଛି ଯେ କେନ୍ଦ୍ରିୟ ପ୍ରାୟୋଜିତ ଯୋଜନା / ଅତିରିକ୍ତ କେନ୍ଦ୍ରିୟ ସହାୟତା କାର୍ଯ୍ୟାନ୍ୱୟନ ସଂସ୍ଥାମାନଙ୍କୁ ସିଧା ସଳଖ ଭାବେ ଦିଆ ନ ଯାଇ ରାଜ୍ୟମାନଙ୍କୁ ଦିଆଯିବ । କିନ୍ତୁ 2017-18 ମଧ୍ୟରେ ଭାରତ ସରକାର 4,669.14 କୋଟି ଟଙ୍କା ସିଧାସଳଖ କାର୍ଯ୍ୟକାରୀ ଏଜେନସିକୁ ମୁକ୍ତ କଲେ (i) ଖାଦ୍ୟ ରିହାତି (3,029.95 କୋଟି ଟଙ୍କା) (ii) ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମିଣ ନିୟୋଜନ ଗ୍ୟାରେଣ୍ଟି ଯୋଜନା (1,013.23 କୋଟି ଟଙ୍କା) (iii) ଇ-କୋଟି ଦ୍ୱିତୀୟ ଭାଗ (259.27 କୋଟି ଟଙ୍କା) ଏବଂ (iv) ସାଂସଦଙ୍କ ସ୍ଥାନୀୟ ଅଂଚଳର ଉନ୍ନତି ପାଇଁ (132.50 କୋଟି ଟଙ୍କା)। ସେହିଭଳି ସିଧାସଳଖ କାର୍ଯ୍ୟକାରୀ ସଂସ୍ଥା 2016-17 ରେ (1,110.26 କୋଟି ଟଙ୍କା) ଏବଂ 2015-16 ରେ (281.69 କୋଟି ଟଙ୍କା) ମୁକ୍ତ କରାଯାଇଥିଲା ।

1.4.3 ପୁଞ୍ଜି ଭାଗ ଅଧିନରେ ପ୍ରାପ୍ତି

ପୁଞ୍ଜି ପ୍ରାପ୍ତିର ବିସ୍ତାରିତ ବିବରଣୀ ଏବଂ ସେମାନଙ୍କର ଗଠନ 2013-14 ରୁ 2017-18 ସାରଣୀ 1.10 ରେ ଦିଆଯାଇଛି ।

ସାରଣୀ **1.10:** ପୁଞ୍ଜି ପ୍ରାପ୍ତିର ଗଠନ

(କୋଟି ଟଙ୍କାରେ)

ରାଜ୍ୟ ପ୍ରାପ୍ତିର ଉତ୍ସ	2013-14	2014-15	2015-16	2016-17	2017-18	
	ବାସ୍ତବ	ବାସ୍ତବ	ବାସ୍ତବ	ବାସ୍ତବ	ବଜେଟ ଆକଳନ	ବାସ୍ତବ
ପୁଞ୍ଜି ପ୍ରାପ୍ତି	**2,547**	**7,738**	**10,018**	**11,312**	**17,133**	**13,119**
ଋଣ ଏବଂ ଅଗ୍ରୀମର ଅସୁଲି	257	92	228	89	130	257
ସରକାରୀ ଋଣର ପ୍ରାପ୍ତି	2,290	7,646	9,790	11,223	17,003	12,862

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

2017-18 ରେ ପୁଞ୍ଜି ପ୍ରାପ୍ତି (13,119 କୋଟି ଟଙ୍କା) ଯେଉଁଟାକି ସମସ୍ତ ପ୍ରାପ୍ତି (11,3758 କୋଟି ଟଙ୍କା) ରାଜ୍ୟର 11.53 ପ୍ରତିଶତ ଥିଲା । ରାଜ୍ୟ ସରକାର ଖୋଲା ବଜାରରୁ ଏବଂ ଅନ୍ୟ ଆର୍ଥିକ ଅନୁଷ୍ଠାନରୁ 12013 କୋଟି ଟଙ୍କା ଧାର କରିଥିଲେ ଏବଂ 849 କୋଟି ଟଙ୍କା ଭାରତ ସରକାରଙ୍କ ଠାରୁ ଋଣ ନେଇଥିଲେ। ଏହା ଉପରୋକ୍ତ ସାରଣୀରୁ ଦେଖାଗଲା ଯେ ସରକାରୀ ଋଣ ପ୍ରାପ୍ତି ମୁଖ୍ୟ ପୁଞ୍ଜି ପ୍ରାପ୍ତିର (98 ପ୍ରତିଶତ) ଥିଲା ।

1.4.3.1 ସରକାରୀ ହିସାବ ପ୍ରାପ୍ତି

ସମ୍ବିଧାନର 266 (2) ଅନୁଚ୍ଛେଦ ଅଧିନରେ ପ୍ରାପ୍ତି ଏବଂ ବିତରଣ – ସ୍ୱଳ୍ପ ସଂଚୟ, ଭବିଷ୍ୟନିଧି, ସଂରକ୍ଷିତ ପାଣ୍ଠି ଜମା, ନିଲମ୍ବନ, ଟଙ୍କା ପ୍ରେରଣ ଇତ୍ୟାଦି ଯେଉଁଟାକି ଏକତ୍ରୀକୃତ ପାଣ୍ଠିର ଅଂଶ ନୁହେଁ, ତାହା ସରକାରୀ ହିସାବରେ ରଖାଯାଏ । ଏସବୁ ରାଜ୍ୟ ବିଧାନସଭାରେ ଭୋଟଯୁକ୍ତ ନୁହଁନ୍ତି । ସରକାର ଏହାର ବ୍ୟାଙ୍କର କିମ୍ବା ଟ୍ରଷ୍ଟି ରୂପେ କାମ କରନ୍ତି । ବିତରଣ ପରେ ବଳକା ପାଣ୍ଠି ରହିଯାଏ ସରକାର ନିଜର ଖର୍ଚ୍ଚ

କରନ୍ତି । ସରକାରୀ ହିସାବ ପ୍ରାପ୍ତି ଏବଂ ବିତରଣର ଗଠନ ବିସ୍ତୃତ ବିବରଣୀ ସାରଣୀ 1.11 ରେ ଦର୍ଶାଯାଇଅଛି ।

ସାରଣୀ **1.11:** ସରକାରୀ ହିସାବ ପ୍ରାପ୍ତିର ଗଠନ

(କୋଟି ଟଙ୍କାରେ)

ବିଭିନ୍ନ ଶିର୍ଷରୁ ସମ୍ବଳ	2013-14	2014-15	2015-16	2016-17	2017-18	
	ବାସ୍ତବ	ବାସ୍ତବ	ବାସ୍ତବ	ବାସ୍ତବ	ବଜେଟ ଆକଳନ	ବାସ୍ତବ
କ. ସରକାରୀ ହିସାବ ପ୍ରାପ୍ତି						
ସ୍ୱଳ୍ପ ସଂଚୟ, ଭବିଷ୍ୟନୀଧି ଇତ୍ୟାଦି	3,332	3,471	4,088	4,424	3,513	4,792
ସଂରକ୍ଷିତ ପାଣ୍ଠି	1,760	658	1,933	4,141	3,580	3,825
ଜମା ଏବଂ ଅଗ୍ରୀମ	7,019	6,842	7,200	14,210	18,261	40,357
ନିଲମ୍ବନ ଏବଂ ବିବିଧ	10,225	210	174	23	160	99
ପ୍ରେରଣ	10,341	13,620	17,703	18,829	13,546	22,801
ମୋଟ **(କ)**	**32,677**	**24,801**	**31,098**	**41,627**	**39,060**	**71,874**
ଖ. ସରକାରୀ ହିସାବ ବିତରଣ						
ସ୍ୱଳ୍ପ ସଂଚୟ, ଭବିଷ୍ୟନୀଧି ଇତ୍ୟାଦି	2,643	2,398	2,253	2,567	2,713	3,234
ସଂରକ୍ଷିତ ପାଣ୍ଠି	1,890	401	1,647	2,996	3,579	3,911
ଜମା ଏବଂ ଅଗ୍ରୀମ	6,206	5,927	6,969	13,603	17,665	26,460
ନିଲମ୍ବନ ଏବଂ ବିବିଧ	10,205	168	142	32	156	21
ପ୍ରେରଣ	10,313	13,617	17,755	18,882	17,824	22,813
ମୋଟ **(ଖ)**	**31,257**	**22,511**	**28,766**	**38,080**	**41,937**	**56,439**
ନିଟ୍ ସରକାରୀ ହିସାବ **(କ)-(ଖ)**	**1,420**	**2,290**	**2,332**	**3,547**	**(-) 2,877**	**15,435**

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

- 2017-18 ରେ ରାଜ୍ୟର ସମସ୍ତ ସମ୍ବଳ (1,13,758 କୋଟି ଟଙ୍କା) ର ନିଟ୍ ସରକାରୀ ହିସାବ ପ୍ରାପ୍ତିର (15,435 କୋଟି ଟଙ୍କା) ର 13.56 ପ୍ରତିଶତ ଥିଲା । ପୂର୍ବ ବର୍ଷ ଠାରୁ ସରକାରୀ ହିସାବ ନେଟ୍ 11,888 କୋଟି ଟଙ୍କା ବଢ଼ିଲା, ଏହା ମୁଖ୍ୟତଃ ପୂର୍ବ ବର୍ଷର (13,290 କୋଟି ଟଙ୍କା) ଜମା ଏବଂ ଅଗ୍ରୀମର ବୃଦ୍ଧି ପାଇଁ ହୋଇଥିଲା । ଓଏମବିଏଡ଼ିସି ହିସାବକୁ 11,568.18 କୋଟି ଟଙ୍କାକୁ ପ୍ରାପ୍ତି ହେବା ଯୋଗୁ ଜମା ଏବଂ ଅଗ୍ରୀମ ବୃଦ୍ଧି ଘଟିଥିଲା (ସବିଶେଷ ବିବରଣୀ ଅନୁଚ୍ଛେଦ 3.1.2) ।

1.5 ସମ୍ବଳର ପ୍ରୟୋଗ

1.5.1 ବୃଦ୍ଧି ଏବଂ ବ୍ୟୟର ଗଠନ

2017-18 ରେ ମୋଟ ବ୍ୟୟ 94,821 କୋଟି ଟଙ୍କା ଥିଲା । ଗ୍ରଫ୍ 1.10 ରେ 2013 ରୁ 2018 ପର୍ଯ୍ୟନ୍ତ ମୋଟ ଖର୍ଚ୍ଚର ଧାରା ଏବଂ ଗଠନ ଦର୍ଶାଏ ।

ସାରଣୀ **1.10:** ଗତ ପାଞ୍ଚ ବର୍ଷ ମଧ୍ୟରେ ବ୍ୟୟର ବୃଦ୍ଧି ଏବଂ ବ୍ୟୟର ଗଠନ



ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

2017-18 ରେ ମୋଟ ଖର୍ଚ୍ଚର ତିନି ଚତୁର୍ଥାଂଶ ଖର୍ଚ୍ଚ ରାଜସ୍ୱ ବ୍ୟୟ ଖର୍ଚ୍ଚ ଥିଲା । ସମସ୍ତ ଖର୍ଚ୍ଚର ସାମାଜିକ ସେବା[13] ଖର୍ଚ୍ଚ, ସାଧାରଣ ସେବା (28.20 ପ୍ରତିଶତ) ଏବଂ ଆର୍ଥିକ ସେବା[14] (28.89 ପ୍ରତିଶତ) ଠାରୁ (41.14 ପ୍ରତିଶତ) ଅଧିକ ଥିବାର ନଜିର ଥିଲା । ପୁଞ୍ଜିଗତ ଖର୍ଚ୍ଚ ଆସ୍ତି ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ଏବଂ ଏହା ମୋଟ ବ୍ୟୟର 22.26 ପ୍ରତିଶତ ଥିଲା ଯେଉଁଟାକୁ ପ୍ରାଧାନ୍ୟ ଦିଆଯାଇଥିଲା । ପରିବହନ, ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ ଏବଂ ଆର୍ଥିକ ସେବା ଶକ୍ତି ଅଧିନରେ (77.90 ପ୍ରତିଶତ) ।

2017-18 ରେ ଗଠନ ଦୃଷ୍ଟିରୁ ମୁଖ୍ୟ ଖର୍ଚ୍ଚ ଅଧିନରେ ରାଜସ୍ୱ ଏବଂ ପୁଞ୍ଜି ଅନୁଭାଗରେ ସାରଣୀ 1.12 ରେ ଦର୍ଶାଯାଇଛି ।

ସାରଣୀ 1.12: ରାଜସ୍ୱ ଏବଂ ପୁଞ୍ଜିଗତ ଅଧିନରେ ମୁଖ୍ୟ ଖର୍ଚ୍ଚ

(କୋଟି ଟଙ୍କାରେ)

ରାଜସ୍ୱ				ପୁଞ୍ଜି			
ଅଂଶ	ସେକ୍ଟର	2016-17	2017-18	ଅଂଶ	ସେକ୍ଟର	2016-17	2017-18
ଶିକ୍ଷା, କ୍ରୀଡ଼ା କଳା ଏବଂ ସଂସ୍କୃତି	ସାମାଜିକ	11,809	13,788	ପରିବହନ	ଅର୍ଥନୈତିକ	6,767	7,148
ଗ୍ରାମ୍ୟ ଉନ୍ନୟନ	ଅର୍ଥନୈତିକ	7,991	9,018	ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ	ଅର୍ଥନୈତିକ	5,799	6,841
କୃଷି ଏବଂ ସମ୍ବନ୍ଧଯୁକ୍ତ କାର୍ଯ୍ୟ	ଅର୍ଥନୈତିକ	6,497	5,801	ଶକ୍ତି	ଅର୍ଥନୈତିକ	2,048	2,049
ସାମାଜିକ ମଙ୍ଗଳ ଏବଂ ପୋଷଣ	ସାମାଜିକ	5,872	5,184	ପାନୀୟ ଜଳ ଯୋଗାଣ, ପରିମଳ ଏବଂ ଗୃହ ନଗର ଉନ୍ନୟନ	ସାମାଜିକ	1,371	2,006
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ	ସାମାଜିକ	4,061	4,153	ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ	ସାମାଜିକ	668	774
ଜଳ ଯୋଗାଣ, ପରିମଳ, ଗୃହ ଏବଂ ନଗର ଉନ୍ନୟନ	ସାମାଜିକ	3,555	3,854	ଶିକ୍ଷା, କ୍ରୀଡ଼ା କଳା ଏବଂ ସଂସ୍କୃତି	ସାମାଜିକ	360	746
ପରିବହନ	ଅର୍ଥନୈତିକ	1,981	2,224	ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟା ଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ	ସାମାଜିକ	462	527
ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟା ଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ	ସାମାଜିକ	1,985	2,218				
ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ	ଅର୍ଥନୈତିକ	1,870	1,911				

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

[13] ସରକାରଙ୍କର କଲ୍ୟାଣ କାର୍ଯ୍ୟକଳାପକୁ ଦର୍ଶାଇବା ସହିତ (i) ଶିକ୍ଷା, କ୍ରୀଡ଼ା, କଳା ଏବଂ ସଂସ୍କୃତି (ii) ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ (iii) ଜଳ ଯୋଗାଣ, ପରିମଳ, ଗୃହ ଏବଂ ନଗର ଉନ୍ନୟନ (iv) ସୂଚନା ଏବଂ ପ୍ରସାରଣ (v) ଅନୁସୂଚିତ ଜାତି, ଅନୁସୂଚିତ ଜନ ଜାତି ଏବଂ ପଛୁଆ ବର୍ଗ କଲ୍ୟାଣ, ଶ୍ରମିକ ଏବଂ ଶ୍ରମିକ କଲ୍ୟାଣ (vi) ସମାଜ କଲ୍ୟାଣ ଏବଂ ପୋଷଣ ଏବଂ (vii) ଅନ୍ୟାନ୍ୟ ।

[14] ସରକାରଙ୍କ ଉନ୍ନତି ମୂଳକ କାର୍ଯ୍ୟକ୍ରମର ଭାଗକୁ ଉଲ୍ଲେଖ ଏବଂ ଏହି ଗୁଡ଼ିକ ଅର୍ନ୍ତଭୁକ୍ତ (i) କୃଷି ଏବଂ ଆନସାଂଗିକ ସେବା (ii) ଜଳ ସେଚନ ଓ ବନ୍ୟା ନିୟନ୍ତ୍ରଣ (iii) ଶକ୍ତି (iv) ଶିଳ୍ପ ଓ ଖଣିଜ (v) ପରିବହନ (vi) ବିଜ୍ଞାନ, ବୈଷିକ ଏବଂ ପରିବେଶ (vii) ସାଧାରଣ ଅର୍ଥନିକିକ ସେବା

- ରାଜସ୍ୱ ଖର୍ଚ୍ଚ (71,837 କୋଟି ଟଙ୍କା) ପୂର୍ବ ବର୍ଷର (65,041 କୋଟି ଟଙ୍କା) ଖର୍ଚ୍ଚ ଠାରୁ 10.45 ପ୍ରତିଶତ ଅଧିକ ଥିଲା । ଏହି ବୃଦ୍ଧି ପୂର୍ବ ବର୍ଷର ଶିକ୍ଷା, କ୍ରୀଡ଼ା, କଳା ଏବଂ ସଂସ୍କୃତି (1,979 କୋଟି ଟଙ୍କା) ଏବଂ ଗ୍ରାମ୍ୟ ଉନ୍ନୟନ (1,027 କୋଟି ଟଙ୍କା) ଉପରେ ବେସି ଖର୍ଚ୍ଚ ଯୋଗୁ ହୋଇଥିଲା । ଏହା ବ୍ୟତୀତ ପେନ୍‌ସନ୍, ଏବଂ ଅନ୍ୟ ଅବସର ଗ୍ରହଣ ସୁବିଧା (1,850 କୋଟି ଟଙ୍କା) ସୁଧ ପୈଠ (953 କୋଟି ଟଙ୍କା) ଏବଂ ରିହାତି (440 କୋଟି ଟଙ୍କା) ଦେବା ଯୋଗୁଁ ହୋଇଥିଲା । ଗତବର୍ଷ ତୁଳନାରେ କୃଷି ଏବଂ ସମ୍ବନ୍ଧୀୟ କାର୍ଯ୍ୟ ଏବଂ ସାମାଜିକ କଲ୍ୟାଣ ଏବଂ ପୋଷଣରେ ଖର୍ଚ୍ଚ କମିଗଲା । ଚଳିତବର୍ଷର ପୁଞ୍ଜିଗତ ଖର୍ଚ୍ଚ (21,109 କୋଟି ଟଙ୍କା) ଗତବର୍ଷ ଠାରୁ (18,471 କୋଟି ଟଙ୍କା) 14.28 ପ୍ରତିଶତ ବେଶୀ ଥିଲା । ଏହା ମୁଖ୍ୟତଃ ଜଳ ସେଚନ ଏବଂ ବନ୍ୟା ନିୟନ୍ତ୍ରଣ (1,042 କୋଟି ଟଙ୍କା), ଜଳ ଯୋଗାଣ ପରିମଳ ଗୃହ ଏବଂ ନଗର ଉନ୍ନୟନ (635 କୋଟି ଟଙ୍କା) ଏବଂ ପରିବହନ (381 କୋଟି ଟଙ୍କା) ଉପରେ ଅଧିକ ଖର୍ଚ୍ଚ ଯୋଗୁ ହେଲା ।

1.5.2. ରାଜ୍ୟର ଉନ୍ନୟନ ଖର୍ଚ୍ଚ

ରାଜ୍ୟର ଉନ୍ନୟନ ଖର୍ଚ୍ଚ ରାଜସ୍ୱ ଅଧିନରେ ସାମାଜିକ ଏବଂ ଅର୍ଥନୈତିକ ସେବା, ପୁଞ୍ଜି ଏବଂ ଋଣ ଏବଂ ଅଗ୍ରୀମ ଉପରେ କରାଯାଇଥିଲା । ଏହାର ବିସ୍ତୃତ ବିବରଣୀ ଚାର୍ଟ 1.11 ରେ ଦିଆଯାଇଛି ।

ସାରଣୀ **1.11:** ଉନ୍ନୟନ ଖର୍ଚ୍ଚ



ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

2017-18 ରେ ମୋଟ ଉନ୍ନୟନ ଖର୍ଚ୍ଚ (71,353 କୋଟି ଟଙ୍କା) ଯାହା କି ମୋଟ ଖର୍ଚ୍ଚର 75.25 ପ୍ରତିଶତ ଏବଂ ଏହା 17.25 ପ୍ରତିଶତ ଜିଏସଡ଼ିପିର ଥିଲା । ଉନ୍ନୟନ ରାଜସ୍ୱ ଖର୍ଚ୍ଚ (50,314 କୋଟି ଟଙ୍କା) ଏବଂ ଉନ୍ନୟନ ପୁଞ୍ଜିଗତ ଖର୍ଚ୍ଚ (20,644 କୋଟି ଟଙ୍କା) ଯଥାକ୍ରମେ ମୋଟ ଖର୍ଚ୍ଚର 53.06 ପ୍ରତିଶତ ଏବଂ 21.77 ପ୍ରତିଶତ ଥିଲା । ଯେତେବେଳେ କି ଉନ୍ନୟନ ଋଣ ଏବଂ ଅଗ୍ରୀମ (395 କୋଟି ଟଙ୍କା) ସମସ୍ତ ଖର୍ଚ୍ଚର 0.42 ପ୍ରତିଶତ ଥିଲା । ସମସ୍ତ ସାମାଜିକ ସେବା ଏବଂ ଅର୍ଥନୈତିକ ସେବା ଖର୍ଚ୍ଚର ଅଂଶ ଯଥାକ୍ରମେ 35.60 ଏବଂ 39.65 ପ୍ରତିଶତ ଥିଲା ।

1.5.3 ରାଜସ୍ୱ ଖର୍ଚ୍ଚ

ରାଜସ୍ୱ ଖର୍ଚ୍ଚ (71,837 କୋଟି ଟଙ୍କା) ଜିଏସଡ଼ିପିର 17.27 ପ୍ରତିଶତ ଥିଲା ଏବଂ ଏହା 2017-18 ର ବଜେଟ ବ୍ୟବସ୍ଥା (82,237 କୋଟି ଟଙ୍କା) ମଧ୍ୟରେ ଥିଲା । ଯାହାହେଉ 2016-17 ରେ (65,041 କୋଟି ଟଙ୍କା) ରୁ ଏହି ବର୍ଷ ମଧ୍ୟରେ ରାଜସ୍ୱ ବ୍ୟୟ 10.45 ପ୍ରତିଶତ ବୃଦ୍ଧି ଘଟିଥିଲା । ଏହା ବଜେଟ ଆକଳନ 10,400 କୋଟି ଟଙ୍କା ଠାରୁ କମ୍ ଥିଲା ।

1.5.3.1 ପ୍ରତିଶୃତି ବଦ୍ଧ ଖର୍ଚ୍ଚ

ସରକାରଙ୍କ ପ୍ରତିଶୃତି ବଦ୍ଧ ଖର୍ଚ୍ଚ ସୁଧ ପ୍ରଦାନ (4,988 କୋଟି ଟଙ୍କା) ବେତନ ଏବଂ ମଜୁରୀ (17,697 କୋଟି ଟଙ୍କା), ପେନ୍‌ସନ୍ (8,693 କୋଟି ଟଙ୍କା) ଏବଂ ସବ୍‌ସିଡ଼ି (2,830 କୋଟି ଟଙ୍କା) କୁ ନେଇ ଗଠିତ। 2017-18 ରେ ପ୍ରତିଶୃତି ବଦ୍ଧ ଖର୍ଚ୍ଚ 34,208 କୋଟି ଟଙ୍କା ଥିଲା ଏବଂ ଯାହାକି ରାଜସ୍ୱ ଖର୍ଚ୍ଚର (71,837 କୋଟି ଟଙ୍କା)ର 47.62 ପ୍ରତିଶତ ଥିଲା ।

ଅଡ଼ିଟରୁ ନିମ୍ନଲିଖିତ ମନ୍ତବ୍ୟଗୁଡ଼ିକ ପ୍ରାପ୍ତ ହେଲା :

ଚାର୍ଟ 1.12: ପ୍ରତିଶୃତିବଦ୍ଧ ଖର୍ଚ୍ଚ ରାଜସ୍ୱ ଖର୍ଚ୍ଚ ପ୍ରତିଶତରେ



ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ଆର୍ଥିକ ହିସାବ

ବେତନ ଏବଂ ପେନ୍‌ସନ

ପ୍ରତିଶୃତି ବଦ୍ଧ ଖର୍ଚ୍ଚ ଯାହା ରାଜ୍ୟର ରାଜସ୍ୱ ଖର୍ଚ୍ଚର ପ୍ରତିଶତ ହିସବାରେ ମପାଯାଏ । ତାହା 2013-17 ମଧରେ ଧିରେ ଧିରେ କମିଥିଲା । (ଚାର୍ଟ 1.12) । ଯାହାହେଉ 2017-18 ରେ ଏହା ପୂର୍ବବର୍ଷ ଅପେକ୍ଷା 4 ପ୍ରତିଶତ ବୃଦ୍ଧି ପାଇଥିଲା । ଏହା ମୁଖ୍ୟତଃ ବକେୟା ବେତନର ପ୍ରଦାନ ଯୋଗୁଁ (16.58 ପ୍ରତିଶତ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି) ଏବଂ ପେନ୍‌ସନ (27.03 ପ୍ରତିଶତ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି) ସପ୍ତମ ବେତନ କମିଶନ କାର୍ଯ୍ୟକାରୀ ହେତୁ ଘଟିଥିଲା ।

ସୁଧ ପ୍ରଦାନ

2017-18 ରେ ସୁଧ ପ୍ରଦାନ (4,988 କୋଟି ଟଙ୍କା) ରାଜସ୍ୱ ଖର୍ଚ୍ଚରେ ପ୍ରତିଶତ ହିସାବରେ 7 ପ୍ରତିଶତ ଥିଲା, ଯାହାକି ପୂର୍ବ ବର୍ଷ ତୁଳନାରେ (4,035 କୋଟି ଟଙ୍କା) ଏକ ପ୍ରତିଶତ ବୃଦ୍ଧି ହୋଇଥିଲା । ରାଜସ୍ୱ ପ୍ରାପ୍ତି ସମ୍ପର୍କିତ ସୁଧ ପ୍ରଦାନ (85,204 କୋଟି ଟଙ୍କା) ଥିଲା ଯାହା କି 5.85 ପ୍ରତିଶତ, ଯାହା ଓଡ଼ିଶା ଏଫ.ଆର.ବି.ଏମ୍ (ସଂଶୋଧନ) ଧାରା 2016 ରେ ଧାର୍ଯ୍ୟ ହୋଇଥିବା ବିତ୍ତୀୟ ଧାର୍ଯ୍ୟ 15 ପ୍ରତିଶତ ଠାରୁ ଯଥେଷ୍ଟ ନିମ୍ନରେ ଥିଲା ।

ରିହାତି

ରାଜ୍ୟ ସରକାର ଏହାର 2007-08 ବର୍ଷର ମଧ୍ୟବର୍ତ୍ତୀକାଳୀନ ବିତ୍ତୀୟ ଯୋଜନାରେ (ଏମ୍.ଟି.ଏଫ୍.ସି) ସାଧାରଣ ସବ୍‌ସିଡ଼ିକୁ ତର୍କ ସଂଗତ ପାରିବା ଏବଂ ପର୍ଯ୍ୟାୟକ୍ରମେ 2005-06 ବର୍ଷରୁ ବାର୍ଷିକ 10 ପ୍ରତିଶତ ହାରରେ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖିଥିଲେ । ପକ୍ଷାନ୍ତରେ, ରିହାତିର ବୃଦ୍ଧି ଘଟିଛି ଏବଂ 2013-18 ମଧ୍ୟରେ, ସାଧାରଣ ରିହାତି 2,031 କୋଟି ଟଙ୍କାରୁ 2,830 କୋଟି ଟଙ୍କାକୁ ବୃଦ୍ଧି ପାଇଛି (ଚାର୍ଟ 1.13) ।

ଚାର୍ଟ 1.13: 2005-06 ରୁ 2017-18 **ପର୍ଯ୍ୟନ୍ତ ରିହାତିର ଅଭିବୃଦ୍ଧି**



ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

2017-18 ମଧ୍ୟରେ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ (886 କୋଟି ଟଙ୍କା) ଯାହା କି ସମୁଦାୟ ରିହାତି ର 31.30 ପ୍ରତିଶତ ଥିଲା । ପୂର୍ବ ବର୍ଷ ତୁଳନାରେ ଯାହାକି ପ୍ରାନ୍ତିୟ ହ୍ରାସ ଦେଖାଯାଉଥିଲା । ବିପର୍ଯ୍ୟୟ ପରିଚାଳନା ପାଇଁ ରିହାତି 391 କୋଟି ଟଙ୍କା ବୃଦ୍ଧି ପାଇଥିଲା । ଏହା ପ୍ରାକୃତିକ ବିପର୍ଯ୍ୟୟ ପାଇଁ ସାହାର୍ଯ୍ୟ ପ୍ରଦାନ ଯୋଗୁଁ ହୋଇଥିଲା (ସାରଣୀ 1.13) ।

ସାରଣୀ 1.13: ବିଭାଗ ଅନୁଯାୟୀ ରିହାତି

(ଟଙ୍କା କୋଟିରେ)

କ୍ର ସଂ.	ବିଭାଗ	2016-17	2017-18
1	ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ	970	886
2	ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା	363	754
3	ସମବାୟ	726	697
4	କୃଷି ଏବଂ କୃଷକ ଶସକ୍ତିକରଣ	203	203
5	ଶିଳ୍ପ	27	170
6	ମତ୍ସ୍ୟ ପଶୁ ସମ୍ପଦ ଉନ୍ନୟନ	10	56
7	ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ	47	50
8	ଅନ୍ୟାନ୍ୟ	40	14
ସମୁଦାୟ ରିହାତି		**2,386**	**2,830**
ସମୁଦାୟ ରାଜସ୍ୱ ବ୍ୟୟ		**65,041**	**71,837**
ରିହାତି ରାଜସ୍ୱ ବ୍ୟୟର ପ୍ରତିଶତ ହିସାବରେ		**3.67**	**3.94**

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

1.5.3.2 ସ୍ଥାନୀୟ ନିକାୟ ଏବଂ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କୁ ଆର୍ଥିକ ସହାୟତା

2017-18 ରେ ରାଜ୍ୟ ସରକାର ସ୍ଥାନୀୟ ନିକାୟ ଏବଂ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କୁ 21,780 କୋଟି ଟଙ୍କାର ଆର୍ଥିକ ସହାୟତା ଅଣୁଦାନ ଏବଂ ଋଣ ଆକାରରେ ପ୍ରଦାନ କରିଥିଲେ (ସାରଣୀ 1.14) । ସ୍ଥାନୀୟ ନିକାୟ ଓ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକୁ ଦିଆଯାଇଥିବା ସହାୟତା 2016-17 ରେ 19,348 କୋଟି ଟଙ୍କାରୁ 2,432 କୋଟି ଟଙ୍କା (12.56 ପ୍ରତିଶତ) ବୃଦ୍ଧି ପାଇ 2017-18 ରେ 21,780 କୋଟି ଟଙ୍କାରେ ପହଞ୍ଚିଥିଲା। ଏହି ବୃଦ୍ଧି ମୁଖ୍ୟତଃ ଶିକ୍ଷାନୁଷ୍ଠାନଗୁଡ଼ିକୁ ସାହାୟତା (937 କୋଟି ଟଙ୍କା), ଉନ୍ନୟନ ସଂସ୍ଥା (847 କୋଟି ଟଙ୍କା), ପୌରପାଳିକା (217 କୋଟି ଟଙ୍କା) ଏବଂ ଜିଲ୍ଲା ପରିଷଦ ଓ ଅନ୍ୟାନ୍ୟ ପଞ୍ଚାୟତି ରାଜ ଅନୁଷ୍ଠାନ (444 କୋଟି ଟଙ୍କା) ରେ ବୃଦ୍ଧି ଯୋଗୁଁ ଘଟିଅଛି । ଯାହାକି ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକୁ ସହାୟତାରେ ହ୍ରାସ (13 କୋଟି ଟଙ୍କା) ଯୋଗୁଁ ଆଂଶିକ ଭାବେ ପ୍ରଭାବିତ ହୋଇଥିଲା ।

ସାରଣୀ **1.14** ସ୍ଥାନୀୟ ନିକାୟ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକୁ ଆର୍ଥିକ ସହାୟତା

(ଟଙ୍କା କୋଟିରେ)

	2016-17	2017-18
ଶିକ୍ଷାନୁଷ୍ଠାନ (ସହାୟତା ପ୍ରାପ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଇତ୍ୟାଦ)	4,109	5,046
ମହାନଗର ନିଗମ ଏବଂ ନଗର ପାଳିକା	1,575	1,792
ଜିଲ୍ଲା ପରିଷଦ ଏବଂ ଅନ୍ୟାନ୍ୟ ପଞ୍ଚାୟତିରାଜ ସଂସ୍ଥା	2,536	2,980
ଉନ୍ନୟନ ସଂସ୍ଥା	2,132	2,979
ଅନ୍ୟାନ୍ୟ ସଂସ୍ଥା	8,996	8,983
ମୋଟ	**19,348**	**21,780**
ସହାୟତାର ପ୍ରତିଶତ ରାଜସ୍ୱ ବ୍ୟୟ ଅନୁଯାୟୀ	30	30

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

1.5.3.3 ଜାତୀୟ ପେନ୍‌ସନ ପଦ୍ଧତି

01 ଜାନୁୟାରୀ 2005 ଠାରୁ ନିଯୁକ୍ତି ପାଇଥିବା ସମସ୍ତ ରାଜ୍ୟ ସରକାରୀ କର୍ମଚାରୀମାନେ ଜାତୀୟ ପେନ୍‌ସନ ପଦ୍ଧତି ଅଧିନରେ ଅନ୍ତର୍ଭୁକ୍ତ, ଯାହାକି ଏକ ପରିଭାଷିତ ଅଂଶଦାନ ପେନ୍‌ସନ ଯୋଜନା ଅଟେ । ପ୍ରତିମାସରେ ସମସ୍ତ କର୍ମଚାରୀମାନେ ସେମାନଙ୍କ ମୂଳବେତନ ଏବଂ ମହଙ୍ଗା ଭତ୍ତାର 10 ପ୍ରତିଶତ ଅଂଶଦାନ କରିବାକୁ ବାଧ । ରାଜ୍ୟ ସରକାର ମଧ୍ୟ ସମାନ ପରିମାଣର ଅଂଶଦାନ କରିବେ । ରାଜ୍ୟ ସରକାର ଏହି ଅଂଶଦାନ ପରିମାଣ ସହିତ ସବିଶେଷ ବିବରଣୀ ଜାତୀୟ ସୁରକ୍ଷା ଅମାନତଖାନ ଲିମିଟେଡ୍ (ଏନ.ଏସ୍.ଡ଼ି.ଏଲ) ଏବଂ ଜାତୀୟ ପେନ୍‌ସନ ପଦ୍ଧତି ଟ୍ରଷ୍ଟ ଦ୍ୱାରା ନିଯୁକ୍ତି ପାଇଥିବା ପାଣ୍ଠି ପରିଚାଳକଙ୍କୁ କ୍ରମାନୁସାରେ ସ୍ଥାନାନ୍ତର କରିବା ଦରକାର । ଅଡ଼ିଟ୍ ବିଶ୍ଳେଷଣ ଦର୍ଶାଉଥିଲେ ଯେ, 2017-18 ରେ ରାଜ୍ୟ ସରକାର ଜାତୀୟ ପେନ୍‌ସନ ପଦ୍ଧତି ଅଧିନରେ ଆସୁଥିବା ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ଠାରୁ 414.93 କୋଟି ଟଙ୍କା ସଂଗ୍ରହ କରିଥିଲେ । ରାଜ୍ୟ ସରକାର 432.83 କୋଟି ଟଙ୍କା ଅଂଶଦାନ କଲେ ଏବଂ ଏନ୍.ଏସ୍.ଡ଼ିଏଲ କୁ 862.24 କୋଟି ଟଙ୍କା ସ୍ଥାନାନ୍ତର କଲେ, ଯାହାଫଳରେ ବର୍ତ୍ତମାନ ସୁଦ୍ଧା ଏନ୍.ଏସ୍.ଡ଼ିଏଲ କୁ 20.72 କୋଟି ଟଙ୍କା ସ୍ଥାନାନ୍ତର ହେବାକୁ ଅଛି । ଯଦିଓ ରାଜ୍ୟ ସରକାର 2006-07 ଠାରୁ କର୍ମଚାରୀମାନଙ୍କ ଠାରୁ ପେନ୍‌ସନ୍ ଅଂଶଦାନ ସଂଗ୍ରହ କରିଥିଲେ କିନ୍ତୁ ଏହା 2010-11 ରେ କେବଳ 0.01 କୋଟି ଟଙ୍କା ଏନ୍.ଏସ୍.ଡ଼ି.ଏଲ ସ୍ଥାନାନ୍ତର କରିଥିଲେ ଯାହାକି 31 ମାର୍ଚ୍ଚ 2011 ସୁଦ୍ଧା ବଳକା 39.62 କୋଟି ଟଙ୍କା ଏନ୍.ଏସ୍.ଡ଼ି.ଏଲକୁ ସ୍ଥାନାନ୍ତର ହେବାକୁ ଥିଲା । ସେହିପରି ଭାବେ ପ୍ରତିବର୍ଷ ଏନ୍.ଏସ୍.ଡ଼ି.ଏଲ କୁ ସ୍ଥାନାନ୍ତର ହେଉଥିବା ଯୋଗୁଁ ନିମ୍ନଲିଖିତ ଭାବେ ବଳକା ସ୍ଥାନାନ୍ତର ହେବାକୁ ଥିଲା; 2011-12 ରେ 60.10 କୋଟି ଟଙ୍କା, 2012-13 ରେ 61.57 କୋଟି ଟଙ୍କା, 2013-14 ରେ 29.62 କୋଟି ଟଙ୍କା,

2014-15 ରେ 22.55 କୋଟି ଟଙ୍କା, 2015-16 ରେ 28.33 କୋଟି ଟଙ୍କା ଏବଂ 2016-17 ରେ 35.21 କୋଟି ଟଙ୍କା । 31 ମାର୍ଚ୍ଚ 2018 ସୁଦ୍ଧା ଏନ୍.ଏସ୍.ଡ଼ି.ଏଲ କୁ 20.72 କୋଟି ଟଙ୍କାର କମ୍ ସ୍ଥାନାନ୍ତର ହୋଇଥିଲା । ଚଳିତ ବୋଝ ଭବିଷ୍ୟତକୁ ପରିବର୍ତ୍ତନ ହେଲା । ପୁନଃ ରାଜ୍ୟ ସରକାର ଏନ୍.ଏସ୍.ଡ଼ି.ଏଲ କୁ ସ୍ଥାନାନ୍ତର ନ ହୋଇଥିବା ରାଶି ପାଇଁ ସୁଧ ଦେୟତା ସ୍ଥାପନ କରିଛନ୍ତି ଏବଂ ଭୁଲ ବଶତଃ କର୍ମଚାରୀମାନଙ୍କ ଉଦ୍ଦେଶ୍ୟରେ ପାଣ୍ଠିକୁ ବ୍ୟବହାର କରିଛନ୍ତି ଯାହା କି କର୍ମଚାରୀଙ୍କ ଫେରସ୍ତ ହାରର ଅନିଶ୍ଚିତତା ଥିଲା ଏବଂ ସରକାରଙ୍କର ଆର୍ଥିକ ଦେୟତାର ପରିହାର୍ଯ୍ୟତା ଥିଲା । ଏବଂ ଏହିଭଳି ଭାବରେ ଯୋଜନାର ବିଫଳତା ବୃଦ୍ଧି ଘଟିଥିଲା ।

ସୁପାରିଶ 2 : କର୍ମଚାରୀ ଅଂଶଦାନ ଠିକ୍ ଭାବରେ ସଂଗୃହିତ ହେବା ସହିତ ସରକାରୀ ସମାନ ଅଂଶଦାନ ସମୟାନୁସାରେ ଏନ୍.ଏସ.ଡ଼ି.ଏଲ କୁ ସ୍ଥାନାନ୍ତର କରିବା ପାଇଁ ରାଜ୍ୟ ସରକାର ସୁନିଶ୍ଚିତ କରିବା ଦରକାର। ବଳକା 20.72 କୋଟି ଟଙ୍କା ଏନ୍.ଏସ୍.ଡ଼ି.ଏଲ କୁ ସ୍ଥାନାନ୍ତର କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ଦରକାର ।

1.5.4 ପୁଞ୍ଜିଗତ ବ୍ୟୟ

2017-18 ରେ ପୁଞ୍ଜିଗତ ବ୍ୟୟ (21,109 କୋଟି ଟଙ୍କା) ସମୁଦାୟ ଖର୍ଚ୍ଚ (94,821 କୋଟି ଟଙ୍କା) 22.26 ପ୍ରତିଶତ ରହିଥିଲା । ପୂର୍ବବର୍ଷ ଅପେକ୍ଷା ଏହା 2638 କୋଟି ଟଙ୍କା (14.28 ପ୍ରତିଶତ) ବୃଦ୍ଧି ଘଟିଥିଲା । ଯାହାହେଉ, 2017-18 ରେ ଜି.ଏସ୍.ଡ଼ିପି ଅନୁସାରେ ପୁଞ୍ଜିଗତ ବ୍ୟୟ 5.07 ପ୍ରତିଶତ ଥିଲା ଏବଂ ବିଗତ ପାଞ୍ଚ ବର୍ଷ ଧରି ରାଜ୍ୟର ରାଜସ୍ୱ ବଳକା ଯୋଗୁଁ ଜି.ଏସ୍.ଡ଼ି.ପି ଅନୁସାରେ 5.17 ପ୍ରତି ବୃଦ୍ଧି ଘଟି ନ ଥିଲା । ଗ୍ରଫ୍ 1.14 ରୁ ପରିଲକ୍ଷିତ ହେଲା ଯେ ଶେଷ ତିନିବର୍ଷରେ ପୁଞ୍ଜିଗତ ବ୍ୟୟ ଏବଂ ସମୁଦାୟ ଖର୍ଚ୍ଚର ଆନୁପାତିକ ହାର ଅଧିକ କିମ୍ବା କମ୍ ନିର୍ଦ୍ଦିଷ୍ଟ ଭାବରେ 22 ପ୍ରତିଶତ ରହିଥିଲା ।

ଗ୍ରଫ୍ 1.14: ଜି.ଏସ୍.ଡ଼ି.ପି ଏବଂ ସମୁଦାୟ ଖର୍ଚ୍ଚର ପ୍ରତିଶତ ହିସାବରେ



ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

2017-18 ରେ 21,109 କୋଟି ଟଙ୍କାର ପୁଞ୍ଜିଗତ ଖର୍ଚ୍ଚ 20,774 କୋଟି ଟଙ୍କା ବଜେଟ୍ ଆକଳନ ଠାରୁ 335 କୋଟି ଟଙ୍କା ଅଧିକ ଥିଲା । ଏହି ବୃଦ୍ଧି ମୁଖ୍ୟତଃ ଜଳ ଯୋଗାଣ ଏବଂ ପରିମଳ (676.43 କୋଟି

ଟଙ୍କା), କ୍ଷୁଦ୍ର ଜଳସେଚନ (510.48 କୋଟି ଟଙ୍କା), ମଧ୍ୟମ ଜଳସେଚନ (412.32 କୋଟି ଟଙ୍କା) ଶିକ୍ଷା, କ୍ରିଡ଼ା, କଳା ଏବଂ ସଂସ୍କୃତି (385.42 କୋଟି ଟଙ୍କା) ରାସ୍ତା ଏବଂ ପୋଲ (291.34 କୋଟି ଟଙ୍କା), ବୃହତ ଜଳସେଚନ (162.89 କୋଟି ଟଙ୍କା) ଏବଂ ସ୍ୱାସ୍ଥ୍ୟ ଏବଂ ଜନସ୍ୱାସ୍ଥ୍ୟ 106.21 କୋଟି ଟଙ୍କା) ହେଉଥିଲା । ଯାହାକି ଆଂଶିକ ଭାବରେ ସମାଜସେବା (50.27 କୋଟି ଟଙ୍କା) ବନ୍ୟା ନିୟନ୍ତ୍ରଣ ପ୍ରକଳ୍ପ (43.69 କୋଟି ଟଙ୍କା) ପୂର୍ବ ବର୍ଷ ଖର୍ଚ୍ଚ ତୁଳନାରେ କମ୍ ହୋଇଥିଲା ।

1.5.5 ଖର୍ଚ୍ଚର ଗୁଣବତ୍ତା

ବ୍ୟୟ ଗୁଣବତ୍ତାର ଉନ୍ନତି ମୁଖ୍ୟତଃ ତିନୋଟି ଦିଗ ଉପରେ ନିର୍ଭର କରେ ଯଥା : ବ୍ୟୟର ପର୍ଯ୍ୟାପ୍ତତା (ଜନସେବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା) ବ୍ୟୟର ଦକ୍ଷତା ଏବଂ ବ୍ୟୟ ଫଳପ୍ରସୂତା (ଚୟନ ହୋଇଥିବା ସେବା ସହିତ ବ୍ୟୟ ପରିମାଣର ସଂପର୍କ ନିର୍ଦ୍ଧାରଣ) ।

1.5.5.1 ସରକାରୀ ବ୍ୟୟର ପର୍ଯ୍ୟାପ୍ତତା

ମାନବ ସମ୍ବଳ ବିକାଶ ପାଇଁ ରାଜ୍ୟ ନିଜର କିଛି ମୁଖ୍ୟ ସାମାଜିକ ସେବା ଯଥା – ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦି ଉପରେ ହେଉଥିବା ବ୍ୟୟକୁ ବଢାଇବା ଦରକାର । ନିମ୍ନବିତ୍ତୀୟ ଅଗ୍ରାଧିକାର (ନିର୍ଦ୍ଦିଷ୍ଟ ବର୍ଗର ବ୍ୟୟ ଓ ସମ୍ପୂର୍ଣ୍ଣ ବ୍ୟୟ ଅନୁପାତ) ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ଦିଆଯାଇଥାଏ ଯଦି ଜାତୀୟ ହାରାହାରି ମୂଲ୍ୟ ଠାରୁ ଏହା କମ୍ ଥାଏ । ଚାର୍ଟ 1.15 ରେ 2017-18 ବର୍ଷରେ ରାଜ୍ୟ[15] ସରକାରଙ୍କର ବିତ୍ତୀୟ ଅଗ୍ରାଧିକାର ଅନୁସାରେ ଉନ୍ନୟନ ମୂଳକ ବ୍ୟୟ, ସାମାଜିକ ବ୍ୟୟ, ଅର୍ଥନୈତିକ ସେବା ଖର୍ଚ୍ଚ ଏବଂ ପୁଞ୍ଜିଗତ ଖର୍ଚ୍ଚର ବିଶ୍ଳେଷଣ ସାଧାରଣ ବର୍ଗ ରାଜ୍ୟମାନଙ୍କ ସହିତ ତୁଳନା କରାଯାଇଛି ।

ଚାର୍ଟ 1.15: ସରକାରୀ ବ୍ୟୟର ଅଗ୍ରାଧିକାର ପ୍ରତିଶତରେ



ଉତ୍ସ : ବିତ୍ତୀୟ ହିସାବ

ଉନ୍ନୟନ ରାଜସ୍ୱ ବ୍ୟୟ, ଉନ୍ନୟନ ପୁଞ୍ଜିଗତ ଖର୍ଚ୍ଚର ଉନ୍ନୟନ ଖର୍ଚ୍ଚ ଏବଂ ଋଣ ଏବଂ ଅଗ୍ରୀମର ବିତରଣ

ଓଡ଼ିଶାର ଜି.ଏସ୍.ଡ଼ି.ପି ଅନୁସାରେ ସମୁଦାୟ ଖର୍ଚ୍ଚ ସାଧାରଣ ବର୍ଗ ରାଜ୍ୟମାନଙ୍କ ଠାରୁ ଭଲ ଥିଲା । ଓଡ଼ିଶାର ଉନ୍ନୟନ ଖର୍ଚ୍ଚ ଅର୍ଥନୈତିକ ସେବା ଖର୍ଚ୍ଚ, ପୁଞ୍ଜିଗତ ଖର୍ଚ୍ଚ ଏବଂ ସ୍ୱାସ୍ଥ୍ୟ ଖର୍ଚ୍ଚ ଦିଗରେ ସାଧାରଣ ବର୍ଗ ରାଜ୍ୟ ତୁଳନାରେ ଉତ୍ତମ ପ୍ରଦର୍ଶନ କରିଥିଲା । ଯାହାହେଉ ରାଜ୍ୟ ଉନ୍ନୟନ ଖର୍ଚ୍ଚ ଅଧିନରେ ସାମାଜିକ ସେବା ଖର୍ଚ୍ଚ ଏବଂ ଶିକ୍ଷା କ୍ଷେତ୍ରରେ ରାଜ୍ୟ ସାଧାରଣ ବର୍ଗ ରାଜ୍ୟଠାରୁ ସାମାନ୍ୟ ପଛରେ ଥିଲା ।

[15] ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ବିହାର, ଛତିଶଗଡ଼, ଗୋଆ, ଗୁଜୁରାଟ, ହରିଆନା, ଝାରଖଣ୍ଡ, କର୍ଣ୍ଣାଟକ, କେରଳ, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଂଜାବ, ରାଜସ୍ଥାନ, ତାମିଲନାଡୁ, ଉତ୍ତର ପ୍ରଦେଶ ଏବଂ ପଶ୍ଚିମ ବଙ୍ଗ ।

1.5.5.2 ଖର୍ଚ୍ଚର ପ୍ରଭାବ (ବଜେଟ ପରିଣାମ)

ଫଳପ୍ରଦ ଭାବେ ସରକାର ପରିଚାଳନା ଓ ଦାୟୀତ୍ୱବୋଧତା ପାଇଁ ବଜେଟ୍ ପରିଣାମର ଧାରଣା ଏକ ପ୍ରମୁଖ ସାଧନ। ଅଟେ । ଏହା ଏକ ସମ୍ପାଦନର ମୂଲ୍ୟାଙ୍କନ ସାଧନ ଯାହା କି ଉନ୍ନତ ସେବା ପ୍ରଦାନ, ନିଷ୍ପତ୍ତି ଗ୍ରହଣ କାର୍ଯ୍ୟକ୍ରମ ଗୁଡ଼ିକର ଫଳପ୍ରସୂତା ମୂଲ୍ୟାଙ୍କନ ପାଇଁ ସାହାର୍ଯ୍ୟ କରିଥାଏ । ଏହି ପ୍ରୟୋଗ ମୂଳତଃ ହୋଇଥିବା ଖର୍ଚ୍ଚର ପର୍ଯ୍ୟାଲୋଚନା ଓ ପରିମେୟତାକୁ ରୂପାନ୍ତରିତ କରିବା ଉଦ୍ଦେଶ୍ୟରେ ହୋଇଅଛି । ଏହି ଧାରଣା ଯୋଜନା କାର୍ଯ୍ୟାନ୍ୱୟନ ସଂସ୍ଥାଗୁଡ଼ିକ ଖର୍ଚ୍ଚଠାରୁ ପରିଣାମ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀଭୁତ କର ଫଳପ୍ରସୂ କରିଛନ୍ତି ।

2017-18 ରେ ବଜେଟ୍ ଅନୁଯାୟୀ ଖର୍ଚ୍ଚ ପରିମାଣକୁ କିଛି ଯୋଜନା ଅଧିନରେ ତିନୋଟି ବିଭାଗ ଯଥା : ପୂର୍ତ୍ତ ବିଭାଗ, ପଞ୍ଚାୟତି ରାଜ୍ୟ ବିଭାଗ ଓ ପାନୀୟ ଜଳ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପରୀକ୍ଷଣ କରାଯାଇଥିଲା । କିଛି ମୁଖ୍ୟ ସିଦ୍ଧାନ୍ତ ନିମ୍ନ ସାରଣୀରେ ଦର୍ଶାଯାଇଅଛି ।

ସାରଣୀ 1.15: ବଛା ଯାଇଥିବା ଯୋଜନାର ଖର୍ଚ୍ଚ ଏବଂ ପରିଣାମ

ବିଭାଗ	ଅନୁଧ୍ୟାନ
ପୂର୍ତ୍ତବିଭାଗ	**ବାହ୍ୟ ଅନୁଦାନ ପ୍ରକଳ୍ପ (କିଲୋମିଟର ହିସାବରେ ରାସ୍ତାର ପ୍ରଗତି):** 2017-18 ରେ ବାହ୍ୟ ଅନୁଦାନ ପ୍ରକଳ୍ପ (କିଲୋମିଟର ହିସାବରେ ରାସ୍ତାର ପ୍ରଗତି) ଅଧିନରେ ବଜେଟ୍ ଖର୍ଚ୍ଚ 229.35 କୋଟି ହୋଇଥିଲା । ସମୁଦାୟ ବଜେଟ ଖର୍ଚ୍ଚ 229.35 କୋଟି (100 ପ୍ରତିଶତ) ରୁ ବିଭାଗ 100 କିଲୋମିଟର ଭୌତିକ ଲକ୍ଷ୍ୟ ଧାର୍ଯ୍ୟ ବଦଳରେ କେବଳ 48 କିମି ରାସ୍ତା ନିର୍ମାଣ କରିଥିଲେ । ବଜେଟ୍ ଅନୁସାରେ କମ୍ ଖର୍ଚ୍ଚ ବିଭାଗ କୌଣସି କାରଣ ଦର୍ଶାଇ ନ ଥିଲା ।
ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ	**ଗୋପବନ୍ଧୁ ଗ୍ରାମୀଣ ଯୋଜନା (ଜି.ଜି.ୱାଇ)** ଓଡ଼ିଶାରେ 11 ଟି ଜିଲ୍ଲାର ଗ୍ରାମୀଣ ସଂଯୋଗ, ଜଳ ଯୋଗାଣ ଏବଂ ବିଦ୍ୟୁତ ସଂଯୋଗକରଣର ଉନ୍ନତି କରଣ ପାଇଁ ଜି.ଜି.ୱାଇ ଗଠିତ ହୋଇଥିଲା । ମାର୍ଚ୍ଚ 2018 ସୁଦ୍ଧା 300 କୋଟି ଟଙ୍କାର ଆର୍ଥିକ ଖର୍ଚ୍ଚ (100 ପ୍ରତିଶତ) 65,000 ପ୍ରକଳ୍ପ ଭୌତିକ ଲକ୍ଷ୍ୟ ବଦଳରେ କେବଳ 48,447 ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଥିଲା ।
ଗ୍ରାମ୍ୟ ଉନ୍ନୟନ ବିଭାଗ	**ନାବାର୍ଡ଼ ସହାୟତାରେ ଆର୍.ଆଇ.ଡ଼ି.ଏଫ ପ୍ରକଳ୍ପ** : ଆର୍ଥିକ ଖର୍ଚ୍ଚ 93.76 କୋଟି ଟଙ୍କାରୁ 5 ଟି ପୋଲ, ଏବଂ 22 ଟି ରାସ୍ତା ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା । କିନ୍ତୁ ବିଭାଗ 88.27 କୋଟି ଟଙ୍କା ବିନିଯୋଗ କରି 3 ଟି ପୋଲ ଏବଂ 22 ଟି ରାସ୍ତା ନିର୍ମାଣ କରିଥିଲା । ଏହିପରି ଭାବରେ ପୋଲ ନିର୍ମାଣ ଲକ୍ଷ୍ୟରେ 40 ପ୍ରତିଶତ କମ୍ ରହିଥିଲା । କମ୍ ଲକ୍ଷ୍ୟର କାରଣ ଠିକାଦାରଙ୍କ ବିଳମ୍ବ ଯୋଗୁଁ ହୋଇଥିଲା । **ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା** ମାର୍ଚ୍ଚ 2018 ସୁଦ୍ଧା ଆର୍ଥିକ ଆବଣ୍ଟନ 331.23 କୋଟି ଟଙ୍କାରୁ 292.53 କୋଟି ଟଙ୍କା (88.32 ପ୍ରତିଶତ) ବ୍ୟବହୃତ ହୋଇଥିଲା । ମାର୍ଚ୍ଚ 2018 ସୁଦ୍ଧା ପ୍ରକଳ୍ପ ଅଧିନରେ 500 କି.ମି ରାସ୍ତା ନିର୍ମାଣର ଲକ୍ଷ୍ୟ ବାବଦରେ ବିଭାଗ କେବଳ 462 କିମି ରାସ୍ତା ନିର୍ମାଣ କରିଥିଲା । ଏହି କମ୍ ଲକ୍ଷ୍ୟର (338 କିମି, 42.25 ପ୍ରତିଶତ) କାରଣ ଠିକାଦାରଙ୍କ ବିଳମ୍ବ ଯୋଗୁଁ ହୋଇଥିଲା । **କେବିକେ ଜିଲ୍ଲା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ:** ପ୍ରକଳ୍ପର ଲକ୍ଷ୍ୟ ଥିଲା ଯେ, ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ କରିବା । 30 ଟି ରାସ୍ତାର ନିର୍ମାଣ ପାଇଁ 124.93 କୋଟିର ଆର୍ଥିକ ଆବଣ୍ଟନରୁ ମାର୍ଚ୍ଚ 2018 ସୁଦ୍ଧା 6 ଟି ରାସ୍ତାର ନିର୍ମାଣ ବାବଦରେ 25.20 କୋଟି ଟଙ୍କା (20 ପ୍ରତିଶତ) ବ୍ୟବହୃତ ହୋଇଥିଲା । ଟେଣ୍ଡର ପ୍ରକ୍ରିୟାରେ ବୁଡ଼ାନ୍ତ ହେବାରେ ବିଳମ୍ବ ଯୋଗୁଁ ଲକ୍ଷ୍ୟ ପ୍ରାପ୍ତି ହୋଇ ପାରିନଥିଲା ବୋଲି ସରକାର ଦର୍ଶାଇଥିଲେ ।

ଉପରୋକ୍ତ ଯୋଜନାରେ ଭୌତିକ ଏବଂ ଆର୍ଥିକ ଉନ୍ନତିରେ ମେଳ ନ ଥିଲା । ଏହି ବିଭିନ୍ନତାର କାରଣ ବିଭାଗଠାରୁ ମଗାଯାଇଥିଲା । ବର୍ତ୍ତମାନ ସୁଦ୍ଧା ଉତ୍ତର ପ୍ରତୀକ୍ଷାରେ ।

1.6 ଆସ୍ତି ଓ ଦେୟତାର ଉପାଦାନ

ପ୍ରଚଳିତ ସରକାରୀ ହିସାବ ପଦ୍ଧତିରେ ସ୍ଥାୟୀ ପରିସମ୍ପତ୍ତି ଯଥା – ସରକାରଙ୍କର ସ୍ୱକୀୟ ଜମି ଜମା ଓ କୋଠବାଡ଼ିର ହିସାବ ବ୍ୟାପକ ଭାବେ କରାଯାଇ ନାହିଁ । ତଥାପି ସରକାରୀ ହିସାବରେ ସରକାରଙ୍କର ଆର୍ଥିକ ଦେୟର ଦାୟିତ୍ୱ ଏବଂ ଦାୟିତ୍ୱ ଏବଂ ବ୍ୟୟିତ ଅର୍ଥରୁ ସୃଷ୍ଟି ସରକାରୀ ପରିସମ୍ପତ୍ତି ପ୍ରତି ଫଳିତ ହୋଇଥାଏ । ପରିଶିଷ୍ଟ 1.6 ରେ 31 ମାର୍ଚ୍ଚ 2018 ସୁଦ୍ଧା ଦେୟତା ଓ ପରିସମ୍ପତ୍ତି ସହିତ 31 ମାର୍ଚ୍ଚ 2017 ରେ ଥିବା ଦେୟତା ଓ ପରିସମ୍ପତ୍ତିର ଏକ ତୁଳନାତ୍ମକ ସ୍ଥିତିର ସାରାଂଶ ପ୍ରଦାନ କରାଯାଇଛି ।

1.6.1 ସରକାରୀ ସମ୍ପତ୍ତି

ପୁଞ୍ଜିର ଅବଲୋକନ ବିନିଯୋଗ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଋଣ ଏବଂ ଅଗ୍ରିମ ଏବଂ ରୋକଡ଼କୁ ନେଇ ସରକାରୀ ସମ୍ପତ୍ତି ଗଠିତ ।

1.6.1.1 ପୁଞ୍ଜିଗତ ବ୍ୟୟ : ଅସମ୍ପୂର୍ଣ୍ଣ ପ୍ରକଳ୍ପ

ଖର୍ଚ୍ଚର ଗୁଣବତ୍ତା ଉପରେ ଅସମ୍ପୂର୍ଣ୍ଣ ପ୍ରକଳ୍ପରେ ପାଣ୍ଠିର ଅବରୋଧ ନକାରାତ୍ମକ ପ୍ରଭାବ ପକାଇଥାଏ । 31 ମାର୍ଚ୍ଚ 2018 ସୁଦ୍ଧା ବିଭାଗ ଅନୁଯାୟୀ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ସୂଚନା ସାରଣୀ 1.16 ରେ ପ୍ରଦତ୍ତ ହୋଇଛି ।

ସାରଣୀ Table 1.16: ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ବିଭାଗ ଅନୁଯାୟୀ ପାର୍ଶ୍ୱଚିତ୍ର

(କୋଟି ଟଙ୍କାରେ)

ବିଭାଗର ନାମ	31 ମାର୍ଚ୍ଚ 2017 ସୁଦ୍ଧା ଅସମ୍ପୂର୍ଣ୍ଣ ପ୍ରକଳ୍ପ ସଂଖ୍ୟା	2017-18 ରେ ଅବଶିଷ୍ଟ ପ୍ରକଳ୍ପ	ମୋଟ	2017-18 ସୁଦ୍ଧା ହୋଇଥିବା ପ୍ରକଳ୍ପ ସଂଖ୍ୟା 31.03.2018	31 ମାର୍ଚ୍ଚ 2018 ସୁଦ୍ଧା ଅସମ୍ପୂର୍ଣ୍ଣ ପ୍ରକଳ୍ପ ସଂଖ୍ୟା	ବଜେଟ୍‌ର ପ୍ରାରମ୍ଭିକ ବ୍ୟୟ ବରାଦ	ପ୍ରକଳ୍ପ ଗୁଡ଼ିକର ସଂଶୋଧିତ ବ୍ୟୟ	31 ମାର୍ଚ୍ଚ 2018 ସୁଦ୍ଧା କ୍ରମ ବର୍ଦ୍ଧିଷ୍ଣୁ ପ୍ରକୃତ ବ୍ୟୟ
ଗ୍ରାମ୍ୟ ଉନ୍ନୟନ	216	263	479	388	91	1339.42	1366.38	1047.20
ପୂର୍ତ୍ତ	17	93	110	90	20	1955.30	1916.51	1456.80
ଜଳ ସମ୍ପଦ	13	26	39	22	17	252.51	275.49	207.33
ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା	4	--	4	4	0	24.26	22.93	12.02
ଅନୁସୂଚିତ ଜନଜାତି କଲ୍ୟାଣ	1	--	1	--	1	5.94	6.50	--
ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ	3	--	3	--	3	18.42	15.58	3.21
ବାଣିଜ୍ୟ	6	--	6	4	2	27.79	31.32	26.58
ମତ୍ସ୍ୟ ଓ ପଶୁ ସମ୍ପଦ	2	3	5	--	5	104.45	104.44	62.34
ପର୍ଯ୍ୟଟନ	--	65	65	18	47	181.11	16.49	2.50
ମୋଟ	**262**	**450**	**712**	**526**	**186**	**3,909.2**	**3,755.64**	**2,817.98**

ଉତ୍ସ : ଅର୍ଥ ବିଭାଗରୁ ମିଳିଥିବା ସୂଚନାକୁ ଆଧାର କରି ।

RD- ଗ୍ରାମ୍ୟ ଉନ୍ନୟନ, WR- ଜଳ ସମ୍ପଦ, SD&TE- ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ST&SCD- ଅନୁସୁଚିତ ଜାତି ଓ ଜନ ଜାତି M&BCW- କଲ୍ୟାଣ ସଂଖ୍ୟା ଲଘୁ ଏବଂ ପଛୁଆ ବର୍ଗ ଶ୍ରେଣି କଲ୍ୟାଣ, MS&ME- ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ F&ARD- ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନତୀ ।

ସରକାର 450 ନୂତନ ପ୍ରକଳ୍ପ ଓ 262 ଟି ପୂର୍ବ ବର୍ଷର ସମାପ୍ତ ପ୍ରକଳ୍ପ ଅର୍ଥାତ୍ ମୋଟ 712 ଟି ପ୍ରକଳ୍ପ 2017-18 ବର୍ଷରେ ସମାପ୍ତ ହେବାର ଚିହ୍ନଟ କରାଇଥିଲେ । ତନ୍ମଧ୍ୟରୁ 186 ଟି ପ୍ରକଳ୍ପ ଅସମାପ୍ତ ରହିଥିଲା । ବିଭାଗ ଗୁଡ଼ିକ ଜମି ଅଧିଗ୍ରହଣ, ଜଙ୍ଗଲ ବିଭାଗର ଅନୁମତି ଏବଂ ନକ୍ସଲ ସମସ୍ୟା ଇତ୍ୟାଦି ଯୋଗୁ ପ୍ରକଳ୍ପ

ଗୁଡ଼ିକର କାର୍ଯ୍ୟ ବିଳମ୍ବ ପାଇଁ ଦାୟୀ କରିଥିଲେ । ପ୍ରକଳ୍ପ ଗୁଡ଼ିକ ସମ୍ପୂର୍ଣ୍ଣ ନ ହେବା କାରଣରୁ ସେହି ଲାଭଗୁଡ଼ିକ ଯୋଗ୍ୟ ହିତାଧିକାରୀମାନଙ୍କୁ ପାଇବାରେ ବିଳମ୍ବ ହୋଇଥିଲା । କିନ୍ତୁ ସେଗୁଡ଼ିକ ସମ୍ପୂର୍ଣ୍ଣ ହେବାରେ ଅଧିକ ସମୟ /ମୂଲ୍ୟ ବୃଦ୍ଧି କାରଣ ରାଜ୍ୟ କୋଷ ଉପରେ ଅଧିକ ଖର୍ଚ୍ଚ ଭାର ପଡ଼ିଥିଲା।

1.6.1.2 ସରକାରୀ ଉଦ୍ୟୋଗରେ ନିବେଶ

31 ମାର୍ଚ୍ଚ 2018 ସୁଦ୍ଧା ରାଜ୍ୟ ସରକାରଙ୍କ 4,974.21 କୋଟି ଟଙ୍କା ସରକାରୀ ଶିଳ୍ପ ଉଦ୍ୟୋଗ (ପିଏସୟୁ) ଯଥା – ସରକାର ଗଠିତ କମ୍ପାନୀରେ (3741.51 କୋଟି ଟଙ୍କା) ସମବାୟ ସଂସ୍ଥା (679.57 କୋଟି) ବୈଧାନିକ ନିଗମ (550.99 କୋଟି ଟଙ୍କା) ଏବଂ ଅନ୍ୟାନ୍ୟ[16] (2.14 କୋଟି ଟଙ୍କା) ବିନିଯୋଗ ହୋଇଥିଲା । ଏହି ବିନିଯୋଗରୁ 3501.94 କୋଟି ଟଙ୍କା ଅର୍ଥବା ସମୁଦାୟ ନିବେଶର 70 ପ୍ରତିଶତ ଲାଭାଂଶ ଆକାରରେ ଫେରସ୍ତ ମିଳିନଥିଲା ।

ସାରଣୀ **1.17:** ବିନିଯୋଗରୁ ପ୍ରତ୍ୟାଗମ

କ୍ର.ସଂ	ବିଭାଗ	2013-14	2014-15	2015-16	2016-17	2017-18
1	ବର୍ଷ ଶେଷ ବେଳକୁ ପୁଞ୍ଜି ଲଗାଣ	3,308.79	3,504.87	3,881.32	4,423.02	4,974.21
2	ଲାଭାଂଶ ରୂପେ ପ୍ରତ୍ୟାଗମ (କୋଟି ଟଙ୍କାରେ)	452.40	1,076.44	553.36	566.04	66.22
3	ପ୍ରତ୍ୟାଗମର ହାର (ପ୍ରତିଶତ)	13.67	30.71	14.26	12.80	1.33
4	ସରକାରୀ ଉଧାର ଉପରେ ସୁଧର ହାରାହାରି ଦର (ପ୍ରତିଶତ)	6.56	5.90	6.06	7.62	7.58
5	ପ୍ରତିଫଳ ଦର (ପ୍ରତିଶତ) ଓ ସୁଧ ହାର ମଧ୍ୟରେ ଅନ୍ତର (୩-୪)	7.11	24.81	8.20	5.18	(-)6.25

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ସାରଣୀ **1.17** ଦର୍ଶାଉଛି ଯେ, 2017-18 ବର୍ଷ ମଧ୍ୟରେ ସମୁଦାୟ ବିନିଯୋଗ ହୋଇଥିବା 4,974.21 କୋଟି ଟଙ୍କା ମଧ୍ୟରୁ କେବଳ 66.22 କୋଟି ଟଙ୍କା ଲାଭାଂଶ ବାବଦକୁ ମିଳିଛି ।

- ଏଥିରୁ ଅବଲୋକନ କରାଗଲା ଯେ 147 ଟି (72 ନିଷ୍କ୍ରିୟ) ସଭା ମଧ୍ୟରୁ କେବଳ 12 ଟି ସଭା ଲାଭାଂଶ ପ୍ରଦାନ କରିଥିଲେ । ଏହି ଗୁଡ଼ିକ ହେଲା ଦୁଇଟି ଗ୍ରାମ୍ୟ ବ୍ୟାଙ୍କ[17], ନଅଟି ସରକାରୀ କମ୍ପାନୀ[18] (ଏମାନଙ୍କ ମଧ୍ୟରୁ ଦୁଇଟି ଶକ୍ତି କ୍ଷେତ୍ର କମ୍ପାନୀ ମଧ୍ୟ ଅଛି) ଏବଂ ଗୋଟିଏ ବୈଧାନିକ ନିଗମ[19] ।
- ବିନିଯୋଗ ହୋଇଥିବା ସମୁଦାୟ 4,974.21 କୋଟି ଟଙ୍କା ମଧ୍ୟରୁ 2,684.35 କୋଟି ଟଙ୍କା (54 ପ୍ରତିଶତ) ଗ୍ରିଟି[20] ଶକ୍ତି କ୍ଷେତ୍ର କମ୍ପାନୀ ରେ ବିନିଯୋଗ ହୋଇଥିଲା । ଏମାନଙ୍କ ମଧ୍ୟରୁ କେବଳ ଦୁଇଟି[21] କମ୍ପାନି 35.92 କୋଟି ଟଙ୍କା (54 ପ୍ରତିଶତ) ଲାଭାଂଶ ହୋଇଥିଲା ।

16 ଯୌଥ କାରବାର କମ୍ପାନୀ ଏବଂ ଭାଗୀଦାରିତା ଏବଂ ଗ୍ରାମ୍ୟ ବ୍ୟାଙ୍କ ।

17 ଗ୍ରାମ୍ୟ ବ୍ୟାଙ୍କ : ଓଡ଼ିଶା ରାଜ୍ୟ ସମବାୟ କୃଷି ଏବଂ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ, 0.13 କୋଟି ଟଙ୍କା ଏବଂ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ 0.46 କୋଟି ଟଙ୍କା ।

18 ସରକାରୀ ଉଦ୍ୟୋଗ : କୃଷି ଭିତ୍ତିକ ପ୍ରୋତ୍ସାହନ ଏବଂ ବିନିଯୋଗ ନିଗମ ଲିମିଟେଡ଼ (ଏପିଆଇସିଓଏଲ) : 0.01 କୋଟି ଟଙ୍କା ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ଼ (ଓଏସସିଡ଼ିସ) : 0.47 କୋଟି ଟଙ୍କା ଓଡ଼ିଶା ବନ୍ୟ ଉନ୍ନୟନ ନିମଗ ଲିମିଟେଡ଼ : 3.07 କୋଟି ଟଙ୍କା, ଓଡ଼ିଶା କ୍ଷୁଦ୍ର ଶିଳ୍ପ ଉଦ୍ୟୋଗ ନିଗମ ଲିମିଟେଡ଼ (ଓଏସଆଇସି) : 2.26 କୋଟି ଟଙ୍କା, ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ଼ (ଓସିସି) : 10.64 କୋଟି ଟଙ୍କା ଓଡ଼ିଶା ରାଜ୍ୟ ପୋଲିସ ଗୃହ ଏବଂ କଲ୍ୟାଣ ନିଗମ : 4.65 କୋଟି ଟଙ୍କା, ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ଼ : 7.65 କୋଟି ଟଙ୍କା, ଓଡ଼ିଶା ଜଳବିଦ୍ୟୁତ ନିଗମ (ଓଏଚପିସି) : 27.26 କୋଟି ଟଙ୍କା ଏବଂ ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ ଲିମିଟେଡ଼ : 8.66 କୋଟି ଟଙ୍କା ।

19 ବୈଧାନିକ ନିଗମ : ଓଡ଼ିଶା ରାଜ୍ୟ ପ୍ରତ୍ୟଗାର ନିମଗ, ଭୁବନେଶ୍ୱର : 0.96 କୋଟି ଟଙ୍କା ।

- ପ୍ରତ୍ୟାଗମନର ପ୍ରତିଶତ 2016-17 ରେ 12.80 ପ୍ରତିଶତ ରୁ ହ୍ରାସ ଘଟି 2017-18 ର 1.33 ପ୍ରତିଶତ ହୋଇଥିଲା । ଓଡ଼ିଶା ଖଣି ନିଗମକୁ 2013-14 ରୁ 2016-17 ମଧ୍ୟରେ 400 କୋଟି ଟଙ୍କା, 1001 କୋଟି ଟଙ୍କା, 500 କୋଟି ଟଙ୍କା ଏବଂ 500 କୋଟି କ୍ରମାଗତ ଭାବରେ ମିଳିଥିବା ବେଳେ 2,01,718 ରେ ଲାଭାଂଶ ବାବଦକୁ କିଛି ନ ମିଳିବାରୁ ମୁଖ୍ୟତଃ ଏପରି ହୋଇଥିଲା ।
- 147 ସଂସ୍ଥା (72 ନିଷ୍କ୍ରିୟ) ମଧ୍ୟରୁ 63 ଟି 2017-18 ରେ ଲାଭାଂଶ ପ୍ରଦାନରେ ଖିଲାପ କରିଥିଲେ ।

ସରକାର ତାଙ୍କ ଉତ୍ତରରେ ଜଣାଇଥିଲେ ଯେ (ମାର୍ଚ୍ଚ 2019) ପିଏସୟୁମାନଙ୍କୁ ସମୟାନୁସାରେ ଲାଭାଂଶ ପ୍ରଦାନ ପାଇଁ ରାଜ୍ୟ ସରକାର ସେମାନଙ୍କୁ ପ୍ରବର୍ତ୍ତାଉଛନ୍ତି । ଏହା ମଧ୍ୟ ଜଣାଇଥିଲେ ଯେ ପୂର୍ବ ବର୍ଷରେ ଓଡ଼ିଶା ଖଣି ନିଗମ ଠାରୁ ଲାଭାଂଶର ମୁଖ୍ୟାଂଶ ପ୍ରାପ୍ତ କରିଥିଲେ । ଯାହା ହେଉ 2017-18 ବର୍ଷରେ ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ଆଦେଶ ଅନୁସାରେ ଓଡିଶା ଖଣି ନିଗମ (ଓଏମସି) ଖଣିଜ ଆବରଣ କ୍ଷେତ୍ର ବିକାଶ ନିଗମ (ଓଏମବିଏଡ଼ିସି) ପାଣ୍ଠିରେ 2,200 କୋଟି ଟଙ୍କା ଜୋରିମାନା ବାବଦରେ ଜମା କରିବାର ଥିଲା । ଏଣୁ ନିଗମ ସେହି ବର୍ଷରେ କୌଣସି ଲାଭ କରିନଥିଲା । ସୁତରାଂ 2017-18 ରେ ଓଡ଼ିଶା ଖଣି ନିଗମ ଠାରୁ କୌଣସି ଲାଭାଂଶ ପ୍ରାପ୍ତ ହୋଇନଥିଲା ଏବଂ ସେହି ଅନୁଯାୟୀ ସେହି ବର୍ଷ ମଧ୍ୟରେ ଲାଭାଂଶ ପ୍ରାପ୍ତିରେ ଆମୂଳ ପତନ ହୋଇଥିଲା ।

1.6.1.3 ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଋଣ ଓ ଅଗ୍ରିମ

ସରକାର, ସରକାରୀ ଉଦ୍ୟୋଗ ଓ ସ୍ୱୟଂସାଶିତ ନିକାୟ ଗୁଡ଼ିକୁ ଯେପରିକି ବିଶ୍ୱବିଦ୍ୟାଳୟ, ସ୍ଥାନୀୟ ନିକାୟ ଓ ସହର ବିକାଶ ପ୍ରାଧିକରଣ ଏବଂ ନିଗମ ଆଦିଗୁଡ଼ିକୁ ଋଣ ଓ ଅଗ୍ରିମ ପ୍ରଦାନ କରନ୍ତି । ସାରଣୀ 1.18 ରେ 2013-18 ବର୍ଷର ବକେୟା ଋଣ ଓ ଅଗ୍ରିମ ଗୁଡ଼ିକର ସବିଶେଷ ବିବରଣୀ ଦିଆଯାଇଛି ।

ସାରଣୀ 1.18: ରାଜ୍ୟ ସରକାରଙ୍କ ଦ୍ୱାରା ଋଣ ଓ ଅଗ୍ରିମର ସବିଶେଷ ବିବରଣୀ

ଋଣର ପରିମାଣ/ସୁଧପ୍ରାପ୍ତି / ଧାର ର ପରିମାଣ	2013-14	2014-15	2015-16	2016-17	2017-18
ପ୍ରାରମ୍ଭିକ ଅବଶେଷ (କୋଟି ଟଙ୍କାରେ)	**3977**	**4183**	**4449**	**4557**	**4708**
ବର୍ଷ ମଧ୍ୟରେ ପ୍ରଦତ୍ତ ଅଗ୍ରିମ (କୋଟି ଟଙ୍କାରେ)	463	358	337	254	1875
ବର୍ଷ ମଧ୍ୟରେ ଅସୁଲି ରାଶି (କୋଟି ଟଙ୍କାରେ)	257	92	228	89	257
ଅନ୍ତିମ ଅବଶେଷ (କୋଟି ଟଙ୍କାରେ)	**4183**	**4449**	**4558**	**4708***	**6326**
ନିଟ୍ (କୋଟି ଟଙ୍କାରେ)	(+)206	(+)266	(+)109	(+)151	(+)1618
ସୁଧପ୍ରାପ୍ତି (କୋଟି ଟଙ୍କାରେ)	610	14	181	36	41
ବକେୟା ଋଣ ଏବଂ ଅଗ୍ରିମ ପ୍ରତିଶତ ହିସାବରେ ସୁଧ ପ୍ରାପ୍ତି (ପ୍ରତିଶତ)	14.58	0.31	3.97	0.76	0.65
ସୁଧ ପରିଶୋଧ (କୋଟି ଟଙ୍କାରେ)	2,888	2,810	3,343	4,035	4,988
ବକେୟା ଦେୟତା (କୋଟି ଟଙ୍କାରେ)	44,714	50,493	59,753	71,623	97,164
ସୁଧ ପରିଶୋଧ ରାଜ୍ୟ ସରକାରଙ୍କର ମୋଟ ବକେୟା ଦେୟ ତା ଉପରେ ପ୍ରତିଶତ ହିସାବରେ) (ପ୍ରତିଶତ)	6.46	5.57	5.59	5.63	5.13
(ପ୍ରତିଶତରେ)	(+)8.12	(-)5.26	(-)1.62	(-)4.87	(-)4.48

*** 4722-4708** ଋଣ ପୁଞ୍ଜି ବିନିଯୋଗ ଅଂଶକୁ ପରିବର୍ତ୍ତନ ଯୋଗୁଁ ୧୪ କୋଟି ଟଙ୍କା ପାର୍ଥକ୍ୟ ହୋଇଥିଲା ।

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

20 ଓପିଜିସି 1007.04 କୋଟି ଟଙ୍କା, ଓପିଟିସିଏଲ 690.07 କୋଟି ଟଙ୍କା, ଜିଆରଆଇଡ଼ିସିଓ 573.44 କୋଟି ଟଙ୍କା ଏବଂ ଓଏଚପିସି 413.80 କୋଟି ଟଙ୍କା ।

21 ଓଏଚପିସି : 27.26 କୋଟି ଟଙ୍କା ଏବଂ ଓପିଜିସି : 8.66 କୋଟି ଟଙ୍କା ।

ନିମ୍ନଲିଖିତ ଅବଲୋକନଗୁଡ଼ିକ ଅଡ଼ିଟ୍‌ରେ ମିଳିଥିଲା :

- ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଋଣ ଏବଂ ଅଗ୍ରିମ 2013-14 ରେ 463 କୋଟି ଟଙ୍କା ଥିଲାବେଳେ ଏହା 4 ଗୁଣ ବୃଦ୍ଧି ପାଇ 2017-18 ରେ 1,875 କୋଟି ଟଙ୍କା ହୋଇଥିଲା । ବକେୟା ଋଣ ଏବଂ ଅଗ୍ରିମ 2013-14 ରେ 4,183 କୋଟି ଟଙ୍କାରୁ 2017-18 ରେ 6,326 କୋଟିଟଙ୍କାକୁ ବୃଦ୍ଧି ପାଇଥିଲା । 2017-18 ବର୍ଷରେ ପ୍ରଦତ୍ତ ଋଣ ଏବଂ ଅଗ୍ରିମର ମୁଖ୍ୟ ଭାଗ ଭାରତୀୟ ତୈଳ ନିଗମକୁ (1,400 କୋଟି ଟଙ୍କା) ଦିଆଯାଇଥିଲା । ଓଡ଼ିଶା ସରକାର, ପାରାଦ୍ୱୀପ ରିଫାଇନାରି ପ୍ରୋଜେକ୍ଟକୁ 10,500 କୋଟି ଟଙ୍କାର ଭାୟା ବିଲଟି ଗ୍ୟାପ ଫଣ୍ଡ[22] ସ୍ୱରୁପ ସୁଧ ମୁକ୍ତ ଋଣର ଅଂଶ ଭାବରେ 15 ବର୍ଷ ପ୍ରଦାନ କରିବା ପାଇଁ ଭାରତୀୟ ତୈଳ ନିଗମ ସହିତ ଏକ ଚୁକ୍ତି ସାକ୍ଷର କରିଥିଲେ ।
- ଚଳିତ ବର୍ଷ 257 କୋଟି ଟଙ୍କା ଋଣ ଅସୁଲି ହୋଇଥିଲା । ଯାହା କି ଏହି ବର୍ଷ ଅଗ୍ରିମର (1,875 କୋଟି ଟଙ୍କା) 13.70 ପ୍ରତିଶତ ଥିଲା । ଏବଂ ଏହା ପୁର୍ବବର୍ଷ (89 କୋଟି ଟଙ୍କା) ଉନ୍ନତି ଘଟିଥିଲା। ବାସ୍ତବ ଅସୁଲି (257 କୋଟି ଟଙ୍କା) ଯାହାକି ବଜେଟରେ ଆକଳନ କରାଯାଇଥିବା ଅସୁଲି (130 କୋଟି ଟଙ୍କା) ଠାରୁ 97.69 ପ୍ରତିଶତ ଅଧିକ ଥିଲା ।
- ସୁଧପ୍ରାପ୍ତି ପ୍ରଚୁର ଭାବେ ହ୍ରାସ ପାଇଁ 2013-14 ରେ ଥିବା 610 କୋଟି ଟଙ୍କାରୁ 2017-18 ରେ 41 କୋଟି ଟଙ୍କା ହୋଇଥିଲା । ସମୁଦାୟ ବକେୟା ଋଣ ଏବଂ ଅଗ୍ରିମର ସୁଧ ପ୍ରାପ୍ତିର ପ୍ରତିଶତ 2013-14 ରେ 14.58 ପ୍ରତିଶତରୁ ହ୍ରାସ ପାଇ 2017-18 ରେ 0.65 ପ୍ରତିଶତରେ ପହଞ୍ଚିଥିଲା । ଅନ୍ୟ ପକ୍ଷରେ 2017-18 ବର୍ଷରେ ସୁଧ ପରିଶୋଧ (4,988 କୋଟି ଟଙ୍କା) ଥିଲା । ଯାହା କି ସମୁଦାୟ ବକେୟା ଦେୟତାର (97164 କୋଟିଟଙ୍କା) 5.13 ପ୍ରତିଶତ ଅଟେ । ଫଳରେ ଏହି ବର୍ଷ ସରକାରୀ କରଜ ଉପରେ ବ୍ୟାପ୍ତ ହୋଇଥିବା ସୁଧ ନକରାତ୍ମକ (-4.48 ପ୍ରତିଶତ) ଥିଲା ଯାହା ବୁଝାଏ ଯେ ରାଜ୍ୟର କରଜ ଦିଆଯାଇଥିବା ଋଣ ଓ ଅଗ୍ରିମ ଅପେକ୍ଷା ଅଧିକ ବ୍ୟୟବହୁଳ ଅଟେ ।

ସରକାର ଉତ୍ତରରେ କହିଲେ ଯେ, (ମାର୍ଚ୍ଚ 2019) ବର୍ଷ 2013-14 ରେ ଅଧିକ ସୁଧ (ଋଣ) ପ୍ରାପ୍ତିର ମୁଖ୍ୟ କାରଣ ହେଲା, ଗ୍ରିଡ୍‌କୋ ଏବଂ ଅନ୍ୟାନ୍ୟ ଶକ୍ତି ଉପଯୋଗ କ୍ଷେତ୍ରରୁ ଗ୍ରହଣ ଯୋଗ୍ୟ ସୁଧର ରାଜ୍ୟ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବକେୟା ବିଦ୍ୟୁତ ଶୁଳ୍କ ବିରୋଧରେ ଏକକାଳୀନ ଫୈସଲାର ହିସାବଗତ ବ୍ୟବସ୍ଥାପନା ପରନ୍ତୁ ରାଜ୍ୟ ସରକାର ଋଣୀ ସଂସ୍ଥା ମାନଙ୍କୁ ଋଣ ଉପରେ ସମୟାନୁବର୍ତ୍ତି ସୁଧ ପରିଶୋଧ କରିବା ପାଇଁ ଚାପ ପକାଉଛନ୍ତି, ଯାହା ଫଳରେ ସୁଧ ପ୍ରାପ୍ତିର ଅବସ୍ଥାରେ ପୁନଶ୍ଚ ଉନ୍ନତି ହେବ ।

> ବାକ୍ସ 1.1: ଋଣର ଫଏସଲା ନ ହୋଇ ରହିଥିବା ସର୍ତ୍ତାବଳୀ
>
> ଓଡ଼ିଶା ସାମାନ୍ୟ ବିତ୍ତୀୟ ନିୟମ ଅନୁଯାୟୀ, କରଜକାରୀ ଯେ ପର୍ଯ୍ୟନ୍ତ ଋଣ ସର୍ତ୍ତ ଗ୍ରହଣର ଲିଖିତ ଅଙ୍ଗୀକାର ପ୍ରଦାନ ନ କରିଛି ସେ ପର୍ଯ୍ୟନ୍ତ କୌଣସି ଋଣ ଏବଂ ଅଗ୍ରିମ ମଞ୍ଜୁର କରା ଯିବ ନାହିଁ । ଯାହାହେଉ ବିତ୍ତୀୟ ହିସାବ ଯାଂଚରୁ ଜଣାଗଲା ଯେ ବକେୟା ଥିବା ମୋଟ 6,326 କୋଟି ଟଙ୍କା ଋଣ ମଧ୍ୟରୁ 31 ମାର୍ଚ୍ଚ 2018 ସୁଦ୍ଧା 1,600.66 କୋଟି ଟଙ୍କା ଋଣର ସର୍ତ୍ତ ଏବଂ ଫଏସଲା ହେବାକୁ ଅଛି ଏହି ଋଣ 1979 ରୁ 2018 ସମୟ ସିମା ପର୍ଯ୍ୟନ୍ତ ସମ୍ପର୍କିତ । ଏହା ମଧ୍ୟରୁ ଓଡ଼ିଶା ଜଳ ବିଦ୍ୟୁତ ଶକ୍ତି ଲିମିଟେଡ୍‌କୁ ଦିଆଯାଇଥିବା ଋଣର ପରିମାଣ 79.86 ପ୍ରତିଶତ (1,278.36 କୋଟି ଟଙ୍କା) ଅଟେ । ଯାହା 1996-97 ବର୍ଷରେ ନିଆଯାଇଥିଲା । ଏହା ସରକାରଙ୍କର ଋଣ ଏବଂ ଅଗ୍ରିମ ଅସୁଲି କରିବାର ଖାମଖିଆଲି ମନ ଭାବକୁ ସୂଚାଏ ।

1.6.1.4 ବଳକା ଅର୍ଥରାଶି

ମାର୍ଚ୍ଚ 2018 ର ଶେଷରେ ବଳକା ଅର୍ଥରାଶି 30,848 କୋଟି ଟଙ୍କା ଥିଲା । 2017-18 ରେ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ନିବେଶ ଏବଂ ବଳକା ଅର୍ଥରାଶିର ଚିଠା ସାରଣୀ 1.19 ରେ ପ୍ରଦତ୍ତ -

[22] ଭିଜିଏଫ -ଭାୟା ବିଲିଟି ଗ୍ୟାପ୍ ଫଣ୍ଡିଙ୍ଗ ଅର୍ଥ ଅର୍ଥନୈତିକ ଦୃଷ୍ଟିରୁ ନ୍ୟାୟସଂଗତ କିନ୍ତୁ ଆର୍ଥିକ ଦୃଷ୍ଟିରୁ ଟିକ୍ସି ରହିବା ପାଇଁ ସକ୍ଷମ ହେଉନଥିବା ପ୍ରକଳ୍ପମାନଙ୍କୁ ଅନୁଦାନ ସହାୟତା ।

ସାରଣୀ **1.19:** ଅର୍ଥ ବଳକା ଓ ବଳକା ଅର୍ଥର ନିବେଶ

(କୋଟି ଟଙ୍କାରେ)

	ପ୍ରାରମ୍ଭିକ ଅବଶେଷ 1/4/2017 ସୁଦ୍ଧା	ଅନ୍ତିମ ଅବଶେଷ 31/3/2018 ସୁଦ୍ଧା
(a) ସାଧାରଣ ରୋକଡ଼ ଅବଶେଷ -		
ଟ୍ରେଜରିରେ ଥିବା ରୋକଡ଼	--	--
ରିଜର୍ଭ ବ୍ୟାଙ୍କରେ ପୈଠ	318.65	557.03
ଅନ୍ୟାନ୍ୟ ବ୍ୟାଙ୍କରେ ପୈଠ	--	--
ରାସ୍ତାରେ ଥିବା ଟଙ୍କା ପ୍ରେରଣ – (ସ୍ଥାନୀୟ)	--	--
ରୋକଡ଼ ଅବଶେଷ ନିବେଶ ହିସବାରେ ଥିବା ନିବେଶ	8,738.10	24,747.97
ମୋଟ **(a)**	**9,056.75**	**25,305.00**
(b) ଅନ୍ୟାନ୍ୟ ରୋକଡ଼ ଅବଶେଷ ଏବଂ ନିବେଶ		
ବିଭାଗୀୟ ଅଧିକାରୀମାନଙ୍କ ପାଖରେ ଥିବା ଜମା ରାଶି ଯଥା - ପୂର୍ତ୍ତ ବିଭାଗ ଅଧିକାରୀ, ଜଙ୍ଗଲ ବିଭାଗ ଅଧିକାରୀ, ଜିଲ୍ଲାପାଳ	21.03	19.78
ବିଭାଗୀୟ ଅଧିକାରୀମାନଙ୍କ ପାଖରେ ଥିବା ସ୍ଥାୟୀ ଅଗ୍ରିମ, ଆକସ୍ମିକ ଖର୍ଚ୍ଚ ପାଇଁ	0.33	0.33
ଚିହ୍ନିତ ପାଣ୍ଠିରେ ବିନିଯୋଗ (ଏକତ୍ରିକୃତ ଋଣ ଶୋଧନ ପାଣ୍ଠି ନିଧି – 5043 କୋଟି ଟଙ୍କା ଏବଂ ଗ୍ୟାରେଣ୍ଟି ମୋଚନ ପାଣ୍ଠି – 480 କୋଟି ଟଙ୍କା)	5,523.00	5,523.00
ମୋଟ **(b)**	**5,544.36**	**5,543.11**
ସର୍ବ ମୋଟ (a)+ (b)	**14,601.11**	**30,848.11**

ଉତ୍ସ : 2017-18 ର ବିତ୍ତୀୟ ହିସାବ

2015-16 ଓ 2016-17 ଆର୍ଥିକ ବର୍ଷରେ ଅନ୍ତିମ ଜମା ରାଶି (ବଳକା ଅର୍ଥରାଶି) ଯଥାକ୍ରମେ 12,047.68 କୋଟି ଟଙ୍କା ଏବଂ 14,601.11 କୋଟି ଟଙ୍କା ଥିଲା । ଏହା ଦର୍ଶାଏ ଯେ ରାଜ୍ୟ ସରକାର ଏକ ଆର୍ଥିକ ଦୁର୍ବଳ ରାଜ୍ୟ ହୋଇଥିଲେ ହେଁ ସରକାର ପ୍ରତିବର୍ଷ ନିୟମିତ ଭାବରେ ବୃହତ ଜମାରାଶି ରଖିଛନ୍ତି ।

- ବିତ୍ତ ଖାତାରେ ବିଶେଷ ଉଦ୍ଦେଶ୍ୟମୂଳକ ତଥ୍ୟରୁ ଜଣାପଡ଼େ ଯେ, 11,568.18 କୋଟିର ଏକ ଜମା ରାଶି ଓଡ଼ିଶା ଖଣି ଅଂଚଳ ଉନ୍ନୟନ ପାଣ୍ଠିର ଖାତାରେ ଜମା କରାଯାଇଥିଲା । ନଥିପତ୍ର ଯାଂଚରୁ ଜଣା ପଡ଼ିଲା ଯେ, ଭାରତର ମାନ୍ୟବର ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ (2 ଅଗଷ୍ଟ 2017) ଯେ, ଖଣି ଉନ୍ନୟନ ପାଣ୍ଠି ଆଇନର ଖଣି ଓ ଖଣିଜ ସଂପଦ ଅନୁଚ୍ଛେଦ 21 (5) (ବିକାଶ ଓ ନିୟନ୍ତ୍ରଣ) (ଏମଏମଡ଼ିଆର) ଧାରା ଅନୁଯାୟୀ ଅନିୟମିତତା ଭାବରେ ଖନନ କରାଯାଇଥିବା ଖଣିଜ ସଂପଦ ପାଇଁ ଆଦାୟ ହେବାକୁ ଥିବା କ୍ଷତି ଭରଣା ରାଶି (ଓଏମବିଏଡ଼ିସି) ସହିତ ରଖି ଆଦିବାସୀ କଲ୍ୟାଣ ଏବଂ ଆଂଚଳିକ ଉନ୍ନତି କାର୍ଯ୍ୟ ପାଇଁ ଗୋଟିଏ ସବିଶେଷ ଉଦ୍ଦେଶ୍ୟମୂଳକ କାର୍ଯ୍ୟ ହାତକୁ ନେବେ ।
- ନିୟମ, ନିର୍ଦ୍ଧାରିତ ଅତିକମ୍‌ରେ 1.28 କୋଟି ଟଙ୍କାର ଅର୍ଥରାଶି ବଦଳରେ ରାଜ୍ୟ ସରକାର 31 ମାର୍ଚ୍ଚ 2018 ସୁଦ୍ଧା ଭାରତୀୟ ରିଜର୍ଭ ବ୍ୟାଙ୍କରେ 557.03 କୋଟିର ରାଶି ଜମା ରଖିଥିଲେ ।

- ସରକାର ଭାରତ ସରକାରଙ୍କ ଟ୍ରେଜେରୀ ବିଲ (ଟିବି) ଏବଂ ଭାରତ ସରକାରଙ୍କ ଷ୍ଟକରେ 24,748 କୋଟି ଟଙ୍କା ଅର୍ଥ ରାଶି ନିବେଶ କରିଥିଲେ । ଏହି ନିବେଶ ଉପରେ ସରକାର ବର୍ଷକ ମଧ୍ୟରେ 559.32 କୋଟି ଟଙ୍କା ସୁଧ ଉର୍ପାଜନ କରିଥିଲେ ।
- ତ୍ରୟୋଦଶ ଅର୍ଥ କମିଶନ ସୁପାରିସ କରିଥିଲେ ଯେ, ରାଜ୍ୟ ସରକାର ମାନେ ନୂତନ ଋଣ କରିବା ପୂର୍ବରୁ ସେମାନଙ୍କ ପାଖରେ ଥିବା ପ୍ରଚୁର ଅର୍ଥରାଶିକୁ ବିନିଯୋଗ କରିବାକୁ ପ୍ରଚେଷ୍ଟା କରିବା ଉଚିତ୍ । 25,305 କୋଟି ଟଙ୍କାର ସାଧାରଣ ଅର୍ଥ ରାଶିରୁ ମୁକ୍ତ ଅର୍ଥ ରାଶି ଥିଲା (13,436.73 କୋଟି ଟଙ୍କା)। ଅର୍ଥ କମିଶନର ସୁପାରିଶକୁ ବେଖାତିର କରି ରାଜ୍ୟ 12,013 କୋଟି ଟଙ୍କାର ବଜାର ଋଣ କରିଥିଲା, ଯାହାର ସୁଧ ହାର 6.94 ରୁ 8.24 ପ୍ରତିଶତ ମଧ୍ୟରେ ଥିଲା । ବାସ୍ତବରେ ଖଣି ଅଂଚଳ ଉନ୍ନୟନ ପାଣ୍ଠିର ଅର୍ଥରାଶି 11,568 କୋଟି ଟଙ୍କା ଥିଲା ।

ସରକାର ତାଙ୍କ ଉତ୍ତରରେ କହିଛନ୍ତି ଯେ (ମାର୍ଚ୍ଚ 2019) ଏହି ସମୁଦାୟ ଅର୍ଥରାଶି ମଧ୍ୟରେ ଖଣି ଅଂଚଳ ଉନ୍ନୟନ, ପାଣ୍ଠି, ରାଜ୍ୟ ବିପର୍ଯ୍ୟୟ ଜବାବ ପାଣ୍ଠି, ଏକତ୍ରୀକୃତ ଋଣ ପରିଶୋଧ ପାଣ୍ଠି, ପ୍ରତ୍ୟାଭୁତି ମୋଚନ ପାଣ୍ଠି ଇତ୍ୟାଦି ଜମାରାଶି ମଧ୍ୟ ରହିଅଛି । ଯାହା ସରକାରଙ୍କ ଦ୍ୱାରା ଅନ୍ୟ କୌଣସି କାର୍ଯ୍ୟରେ ବିନିଯୋଗ କରି ହେବ ନାହିଁ । ଏହି ସମସ୍ତ ରାଶିକୁ ବାଦ ଦେଲେ ଅବଶିଷ୍ଟ ବଳକା ରାଶି ପ୍ରାୟ 10,000 କୋଟି ଟଙ୍କା ରହିବ, ଯାହାକି ଗୋଟିଏ ମାସର ଦୈନନ୍ଦିନ ଖର୍ଚ୍ଚ ପାଇଁ ସର୍ବନିମ୍ନ ଆବଶ୍ୟକ ।

ସୁପାରିଶ – 3 : ଓଡ଼ିଶା ସରକାର ନୂତଣ ଋଣ କରିବା ପୂର୍ବରୁ ଯାଂଚ କରିବା ଆବଶ୍ୟକ ଯେ, ସରକାରଙ୍କ ପାଖରେ ନିମ୍ନ ସୁଧହାର ଅର୍ଜନ କରୁଥିବା ପ୍ରଚୁର ଅର୍ଥରାଶି ଲବ୍ଧ ଥିଲାବେଳେ ଏହା ଅଧିକ ସୁଧ ହାରରେ ପାଣ୍ଠି କରଜ କରିବା ଆବଶ୍ୟକ କି ? ଓଡ଼ିଶା ସରକାର ପ୍ରଚୁର ଅର୍ଥରାଶି ଜମା ରଖିବାକୁ ପରିହାର କରିବା ଦରକାର, ଫଳତଃ ସୁଧର ଝଡକୁ ପରିହାର କରାଯାଇ ପାରିବ ।

1.6.2 ସରକାରୀ ଦେୟତା

ଓଡ଼ିଶା ସରକାରଙ୍କ ସମୁଦାୟ ଦେୟତା ମୁଖ୍ୟତଃ ଆନ୍ତରୀଣ ଧାର, ଭାରତ ସରକାରଙ୍କ ଠାରୁ ଋଣ ଏବଂ ଅଗ୍ରିମ ଓ ସାଧାରଣ ହିସାବଖାତାରେ ଥିବା ଅର୍ଥ ରାଶିକୁ ନେଇ ଗଠିତ ।

1.6.2.1 ବକେୟା ଦେୟତା

ସମୁଦାୟ ବକେୟା ଦେୟତାର ଉପାଦନ ଝର୍ଟ 1.16 ରେ ପ୍ରଦତ୍ତ ।

ଝର୍ଟ **1.16:** ରାଜ୍ୟ ସରକାରଙ୍କର ସମୁଦାୟ ବକେୟା ଦେୟତାର ଉପାଦାନ



ଉତ୍ସ : ବିତ୍ତୀୟ ହିସାବ

ବିଗତ 5 ବର୍ଷରେ ସମୁଦାୟ ବକେୟା ଦେୟତାର ଧାରା ଚାର୍ଟ 1.17 ରେ ପ୍ରଦତ୍ତ କରାଯାଇଛି ।

ଚାର୍ଟ **1.17:** ବକେୟା ଦେୟତାର ଧାରା



ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

31 ମାର୍ଚ୍ଚ 2018 ସୁଦ୍ଧା ରାଜ୍ୟ ସରକାରଙ୍କ ଉପରେ 97,164 କୋଟି ଟଙ୍କାର ବକେୟା ଦେୟତା ଥିଲା। ଗତ ପାଞ୍ଚ ବର୍ଷରେ ଏହି ଭାର କ୍ରମଶଃ ଉର୍ଦ୍ଧ୍ୱଗାମୀ ଧାରରେ ଥିଲା ପ୍ରାପ୍ତିର (ଚାର୍ଟ 1.17) । 2017-18 ବର୍ଷରେ ସରକାରଙ୍କ ସମୁଦାୟ ବକେୟା ଦେୟତା 1.14 ଗୁଣ ଥିଲା ।

ଏହା ସମୁଦାୟ ଘରୋଇ ଉତ୍ପାଦର 23.35 (ଜିଏସଡ଼ିପି) ପ୍ରତିଶତ ଅଟେ । ସମୁଦାୟ ଦେୟତା ପୂର୍ବବର୍ଷ ତୁଳନାରେ 35.66 ପ୍ରତିଶତ ଏବଂ 2013-14 ବର୍ଷ ତୁଳନାରେ 117.30 ପ୍ରତିଶତ ବୃଦ୍ଧି ପାଇଥିଲା ।

1.6.2.2 ସଂରକ୍ଷିତ ପାଣ୍ଠି

ରାଜ୍ୟ ସରକାରଙ୍କର ପବ୍ଲିକ ଆକାଉଣ୍ଟ ଅଧିନରେ ନିର୍ଦ୍ଦିଷ୍ଟ ଓ ସଙ୍କାକୃତ ଉଦ୍ଦେଶ୍ୟ ପାଇଁ ଆରକ୍ଷିତ ପାଣ୍ଠି ସୃଷ୍ଟି କରାଯାଇଥାଏ । ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ଏକତ୍ରୀକୃତ ନିଧିରୁ ଅଂଶଦାନ କିମ୍ବା ଅନୁଦାନରୁ ପାଣ୍ଠିକୁ ଭରଣ କରାଯାଏ । 31 ମାର୍ଚ୍ଚ 2018 ସୁଦ୍ଧା ମୋଟ ଗଚ୍ଛିତ ହୋଇଥିବା 7,197 କୋଟି ଟଙ୍କାରୁ 5523 କୋଟି ଟଙ୍କା ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସରକାରୀ ଭଣ୍ଡାରରେ ନିବେଶ କରାଯାଇଥିଲା। 31 ମାର୍ଚ୍ଚ 2018 ସୁଦ୍ଧା ଅବଶିଷ୍ଟ ମୋଟ 1,674 କୋଟି ଟଙ୍କାର ପାଣ୍ଠି ଗଚ୍ଛିତ ଥିଲା।

2017-18 ରେ ମୁଖ୍ୟ ସଂରକ୍ଷିତ ପାଣ୍ଠି ଅଧିନରେ ହୋଇଥିବା ନେଣଦେଣର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

i) ଏକତ୍ରିକୃତ ଋଣ ଶୋଧନ ପାଣ୍ଠି (ସି.ଏସ.ଏଫ) : ଦ୍ୱାଦଶ ଅର୍ଥ କମିଶନଙ୍କ ଅନୁମୋଦନ ଅନୁଯାୟୀ ଓଡ଼ିଶା ସରକାରଙ୍କ ବକେୟା ଦେୟତାର ଋଣ ପରିଶୋଧ ପାଇଁ ଏକତ୍ରିକୃତ ଋଣ ପରିଶୋଧନ ପାଣ୍ଠି ପ୍ରତିଷ୍ଠା କରିଥିଲେ । ଉକ୍ତ ପାଣ୍ଠିକୁ ପରିଚାଳନା କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିୟମାବଳୀ ରହିଛି । ସେହି ନିୟମ ଅନୁସାରେ ପୂର୍ବ ବର୍ଷର ବକେୟା ଦେୟତାର 0.5 ପ୍ରତିଶତ ସର୍ବନିମ୍ନ ବାର୍ଷିକ ଅଂଶଦାନ ଚଳିତ ବର୍ଷରେ ଏସି.ଏସ୍.ଏଫ କୁ ପ୍ରଦାନ କରାଯିବ । 2017-18 ରେ ରାଜ୍ୟ ସରକାର 358.12 କୋଟି ଟଙ୍କାର ସର୍ବନିମ୍ନ ବାର୍ଷିକ ଅଂଶଦାନକୁ ବାଧତାମୂଳକ କରିନଥିଲେ । ଏହାର ପ୍ରଭାବରେ ସମପରିମାଣର ବିତ୍ତୀୟ ନିୟନ୍ତ୍ରଣ ଦର୍ଶାଯାଇଥିଲା (ସବିଶେଷ ବିବରଣୀ ସାରଣୀ 1.3) 2013-14 ଠାରୁ 2017-18 ପର୍ଯ୍ୟନ୍ତ କ୍ରମାଗତ ଭାବରେ ଅଂଶଦାନ କରାଯାଇ ନ ଥିଲା । ଯାହାର ସମୁଦାୟ ପରିମାଣ 1,349.65 କୋଟି ଟଙ୍କା ଥିଲା । 31 ମାର୍ଚ୍ଚ 2018 ସୁଦ୍ଧା ଯେତେବେଳେ କି ରାଜ୍ୟ ସରକାରଙ୍କର ସମୁଦାୟ ବକେୟା ଦେୟତା 97,164 କୋଟି ଟଙ୍କା ଥିଲା । ଏକତ୍ରୀକୃତ ଋଣ ପରିଶୋଧନ ପାଣ୍ଠିରେ ଅବଶିଷ୍ଟ 5042.82 କୋଟି ଟଙ୍କା ଗଚ୍ଛିତ ଥିଲା ।

ii) ପ୍ରତ୍ୟାଭୂତି ବିମୋଚନ ପାଣ୍ଠି (ଜି.ଆର.ଏଫ୍): ଜି.ଆର.ଏଫ୍. 2002-03 ବର୍ଷରେ ପ୍ରତିଷ୍ଠା ହୋଇଥିଲା । ଏହାର ଲକ୍ଷ୍ୟ ଥିଲା ଋଣ ଆଣିବା ବେଳର ପ୍ରତ୍ୟାଭୂତିକୁ ପାଳନ କରିବା ଅର୍ଥାତ୍ ଚୁକ୍ତି ଅନୁଯାୟୀ ଋଣ ପରିଶୋଧ ଖିଲାପକାରୀଙ୍କୁ ସରକାରଙ୍କ ଦ୍ୱାରା ପ୍ରତ୍ୟାଭୁତିକୁ ପାଳନ କରିବା । ରାଜ୍ୟ ସରକାର ପ୍ରତ୍ୟାଭୂତି ଦିଆଯାଇଥିବା ବକେୟାର ଏକ ପଞ୍ଚମାଂଶ ଓ ସେହି ବର୍ଷ ବର୍ଦ୍ଧିତ ପ୍ରତ୍ୟାଭୂତି କାରଣରୁ ମଗାଯାଇଥିବା ରାଶିକୁ ଅଂଶଦାନ କରିବା ଦରକାର । ଯାହା ହେଉ ରାଜ୍ୟ ସରକାର 2017-18 ରେ ଉକ୍ତ ପାଣ୍ଠିକୁ କୌଣସି ଅନୁଦାନ ପ୍ରଦାନ କରିନଥିଲେ । 31 ମାର୍ଚ୍ଚ 2018 ସୁଦ୍ଧା ପାଣ୍ଠିରେ ପାଣ୍ଠିର ଅବଶେଷ 480 କୋଟି ଟଙ୍କା ଥିଲା । ଯାହାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଭାରତ ସରକାରଙ୍କ ପ୍ରତିଭୂତିରେ ନିବେଶ କରାଯାଇଥିଲା ।

iii) ରାଜ୍ୟ ବିପର୍ଯ୍ୟୟ ଜବାଦି ପାଣ୍ଠି (ଏସ.ଡ଼ି.ଆର.ଏଫ) : 2017-18 ରେ ଏସ୍.ଡ଼ି.ଆର୍.ଏଫ କୁ କେନ୍ଦ୍ର ସରକାର 618 କୋଟି ଟଙ୍କା ଏବଂ ରାଜ୍ୟ ସରକାର 206 କୋଟି ଟଙ୍କା ଅଂଶଦାନ (75:25) ପ୍ରଦାନ କରିଥିଲେ । ଏସ୍.ଡ଼ି.ଆର.ଏଫ୍‌ର ସମୁଦାୟ ପାଣ୍ଠି 5,275.27 କୋଟି ଟଙ୍କା ହୋଇଥିଲା । (91 ଦିନିଆ ଟେଜେରୀ ବିଲ୍‌ରେ ନିବେଶ ହୋଇଥିବା 2,954.95 କୋଟି ଟଙ୍କାର ସୁଧ ପ୍ରାପ୍ତି ବାବଦକୁ ମିଳିଥିବା 45.05 କୋଟି ଟଙ୍କାକୁ ମିଶାଇ) । ଉକ୍ତ ପାଣ୍ଠିରୁ ରାଜ୍ୟ ସରକାର 3,911.51 କୋଟି ଟଙ୍କା ସେହି ବର୍ଷ ଖର୍ଚ୍ଚ କରିଥିଲେ । 31 ମାର୍ଚ୍ଚ 2017 ସୁଦ୍ଧା ଉକ୍ତ ପାଣ୍ଠିରେ 1,451.25 କୋଟି ଟଙ୍କା ଥିବାବେଳେ 31 ମାର୍ଚ୍ଚ 2018 ରେ ଅବଶିଷ୍ଟ ରାଶି 1,363.74 କୋଟି ଟଙ୍କା ରହିଥିଲା ।

iv) ସଂରକ୍ଷିତ ପାଣ୍ଠି ଏବଂ ସୁଧ ବହନକାରୀ ଜମା ସମ୍ପର୍କୀତ ସୁଧ ଦେୟତାକୁ କାର୍ଯ୍ୟକାରୀ ନ କରିବା

ସରକାର ସୁଧ ବହନକାରୀ ସଂରକ୍ଷିତ ପାଣ୍ଠି ଓ ଜମା ଉପରେ ସୁଧ ପ୍ରଦାନ କରିବା ପାଇଁ ଦାୟୀ ଅଟନ୍ତି । ସୁଧ ବହନକାରୀ ସଂରକ୍ଷିତ ପାଣ୍ଠି ଜମା ଉପରେ ସୁଧର ସବିଶେଷ ବିବରଣୀ 2013-14 ରୁ 2017-18 ସମୟ ସୀମା ମଧ୍ୟରେ ସାରଣୀ 1.20 ରେ ପ୍ରଦାନ କରାଗଲା ।

ସାରଣୀ **1.20:** ସୁଧ ବହନକାରୀ ସଂରକ୍ଷିତ ପାଣ୍ଠି ଏବଂ ଜମା ଉପରେ ସୁଧ

(ଟଙ୍କା କୋଟିରେ)

ପାଣ୍ଠିର ନାମ	2013-14	2014-15	2015-16	2016-17	2017-18	Total Interest
ସୁଧଧାରକ ସଂରକ୍ଷିତ ପାଣ୍ଠି						
ଅବମୂଲ୍ୟାନ ସଂରକ୍ଷିତ ପାଣ୍ଠି	0.36	0.36	--	--	--	0.72
ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି	13.82	4.09	1.76	23.17	108.84	151.68
ମୋଟ	**14.18**	**4.45**	**1.76**	**23.17**	**108.84**	**152.40**
ସୁଧ ଧାରକ ଜମା						
ସରକାରୀ କମ୍ପାନୀ ଏବଂ ନିଗମ ଇତ୍ୟାଦିର ଜମା	1.36	1.36	1.36	1.36	1.37	6.81
ସରକାରୀ କର୍ମଚାରୀମାନଙ୍କ ପାଇଁ ସଙ୍କାକୃତ ଓ ଅଂଶଦାନ ପେନ୍‌ସନ୍ ଯୋଜନା	5.36	2.58	1.97	2.29	2.85	15.05
ବିବିଧ ଜମା	--	--	0.01	0.02	0.02	0.05
ମୋଟ	**6.72**	**3.94**	**3.34**	**3.67**	**4.24**	**21.90**
ସର୍ବମୋଟ	**20.90**	**8.39**	**5.10**	**26.84**	**113.08**	**174.31**

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ସାରଣୀ 1.20 ରୁ ଏହା ଦେଖାଗଲା ଯେ ଏହି 5 ଟି ପାଣ୍ଠିରୁ ଅର୍ଜିତ ହୋଇଥିବା 174.31 କୋଟି ଟଙ୍କାକୁ ରାଜ୍ୟ ସରକାର ସେହି ପାଣ୍ଠିକୁ ଦେବାକୁ ଉତ୍ତରଦାୟୀ ଥିଲେ । ବିତ୍ତୀୟ ହିସବାର ଯାଞ୍ଚରୁ ଜଣାଗଲା ଯେ ସୁଧ ବହନକାରୀ ସଂରକ୍ଷିତ ପାଣ୍ଠି ଏବଂ ଜମା ବାବାଦକୁ ସୁଧର ଉତ୍ତରଦାୟିତ୍ୱ ପାଳନ କରାଯାଇ ନ ଥିଲା । ଫଳସ୍ୱରୁପ 2017-18 ରେ ରାଜସ୍ୱ ବଳକା 113 କୋଟି ଟଙ୍କା ଅଧିକ ଦର୍ଶାଯାଇଥିଲା (ସବିଶେଷ ବିବରଣୀ ସାରଣୀ 1.3) । ଉପରୋକ୍ତ ପାଣ୍ଠି ମଧ୍ୟରୁ ଶେଷ ପାଞ୍ଚ ବର୍ଷରେ ରାଜ୍ୟ ବିପର୍ଯ୍ୟୟ ଜବାବୀ ପାଣ୍ଠି 151.68 କୋଟି ଟଙ୍କାର ସୁଧ କ୍ଷତି ସହିବାକୁ ପଡ଼ିଥିଲା ।

ସରକାର (ମାର୍ଚ୍ଚ 2019) ତାଙ୍କ ଉତ୍ତରରେ କହିଲେ ଯେ, ରାଜ୍ୟ ବିପର୍ଯ୍ୟୟ ଜବାବୀ ପାଣ୍ଠିରେ ଥିବା ସମୁଦାୟ ରାଶିକୁ ନିଲାମି ଟ୍ରେଜେରୀ ବିଲ୍‌ରେ ନିବେଶ କରିବା କାର୍ଯ୍ୟତଃ ସମ୍ଭବ ନୁହେଁ । ଯେହେତୁ କିଛି ପାଣ୍ଠି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଯୋଗାଇବା ଆବଶ୍ୟକ ଅଟେ । ଏଣୁ ପ୍ରଧାନ ମହାଲେଖାରା (ଲେଖା ଏବଂ ହକଦାରୀ) ଏସ୍.ଡ଼ି.ଆର.ଏଫ୍. ର ହିସାବ ପଦ୍ଧତିରେ ଆବଶ୍ୟକୀୟ ସଂଶୋଧନ ଆଣିବା ପାଇଁ ପ୍ରୟାସ କରାଯିବ । ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରୀ କରାଯାଇଥିବା ହିସାବ ପଦ୍ଧତି ଅନୁଯାୟୀ (ସେପ୍ଟେମ୍ବର 2010) ଯାହାହେଉ ସରକାରୀ ହିସାବ ଅଧିନରେ ଏସ.ଡ଼ି.ଆର.ଏଫ୍ ଗଠନ କରାଯାଇଛି ଯାହାକି ସୁଧ ବହନକାରୀ ସଂରକ୍ଷିତ ପାଣ୍ଠି ବର୍ଗରେ ଆସୁଅଛି ଏବଂ ରାଜ୍ୟ ସରକାର ଏସ୍.ଡ଼ି.ଆର.ଏଫ କୁ ଅର୍ଦ୍ଧ ବାର୍ଷିକ ହିସାବରେ ସୁଧ ପ୍ରଦାନ କରିବା ପାଇଁ ଦାୟୀ ଅଟନ୍ତି ।

1.6.2.3 ପ୍ରତ୍ୟାଭୂତି

ଖୁଲାପକାରୀ ଧାରକ ଯେଉଁମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ପ୍ରତ୍ୟାଭୂତି ପ୍ରଦାନ କରାଯାଉଅଛି ସେହି କ୍ଷେତ୍ରରେ ପ୍ରତ୍ୟାଭୂତି ରାଜ୍ୟ ଏକତ୍ରିକୃତ ପାଣ୍ଠି ପାଇଁ ଅନିୟମିତ ଦେୟତା ଅଟେ । 2013-14 ରୁ 2017-୧୮ ବର୍ଷ ପାଇଁ ବକେୟା ପ୍ରତ୍ୟାଭୂତ ଧାରା ଗ୍ରଟ 1.18 ରେ ଦର୍ଶାଯାଇଅଛି । ଅର୍ଥ ବିଭାଗର ଅନୁଦେଶ (12 ନଭେମ୍ବର 2002) ଜାରୀ କରିଥିଲେ ଯେ ପ୍ରତିବର୍ଷ 1 ଏପ୍ରିଲ ସୁଦ୍ଧା ସମୁଦାୟ ବକେୟା ପ୍ରତ୍ୟାଭୂତି ଦ୍ୱିତୀୟ ପୂର୍ବବର୍ତ୍ତି ବର୍ଷର ରାଜ୍ୟର ରାଜସ୍ୱ ପ୍ରାପ୍ତିର (ଅନୁଦାନ ବ୍ୟତୀତ) ଶତ ପ୍ରତିଶତ ରୁ ଅଧିକ ହେବା ଉଚିତ୍ ନୁହେଁ । 2017-18 ବର୍ଷରେ ଶେଷ ଭାଗରେ ବକେୟା ପ୍ରତ୍ୟାଭୂତି (1,711 କୋଟି ଟଙ୍କା) (ଗ୍ରଟ 1.18) ଦ୍ୱିତୀୟ ପୂର୍ବବର୍ତ୍ତୀ ବର୍ଷର ସମୁଦାୟ ରାଜସ୍ୱ ପ୍ରାପ୍ତିର 3.12 ପ୍ରତିଶତ ଠାରୁ (54,812 କୋଟି ଟଙ୍କା) କମ୍

ଅନୁଦାନ ସହିତ ସମାନ ଥିଲା ଯାହା କି ଉକ୍ତି ରିଜୋଲ୍ୟୁସନ ସର୍ବୋଚ୍ଚ ସୀମା (ଶତ ପ୍ରତିଶତ) ମଧ୍ୟରେ ଥିଲା।

ରାଜ୍ୟ ସରକାର ପ୍ରତ୍ୟାଭୂତିକୁ ଶତ ପ୍ରତିଶତ କ୍ଷତିର ଭୟ ଥିବା ଭାବେ ଧରଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ଖୁଲାପର ଭୟକୁ ବହନ କରିଥିଲେ । ସରକାରଙ୍କ ଋଣରୁ ଗ୍ରିଡ୍‌କୋକୁ 94 ପ୍ରତିଶତ ପ୍ରତ୍ୟାଭୁତ ହୋଇଥିଲା ।

ଚାର୍ଟ 1.18 ବକେୟା ପ୍ରତ୍ୟାଭୁତିର ଅବସ୍ଥା



ଚାର୍ଟ 1.19 : 31 ମାର୍ଚ୍ଚ 2018 ସୁଦ୍ଧା ପ୍ରତ୍ୟାଭୁତି ପ୍ରାପ୍ତ ହୋଇଥିବା ସଂସ୍ଥା



ଉତ୍ସ : ବିତ୍ତୀୟ ହିସାବ

- ସରକାରଙ୍କ ଦ୍ୱାରା ଦିଆଯାଇଥିବା ପ୍ରତ୍ୟାଭୁତି ଆଧାରରେ ଅନୁଷାନ ଗୁଡ଼ିକ କେତେକ କ୍ଷେତ୍ରରେ 0.01 ରୁ 1 ପ୍ରତିଶତ ହାରରେ ପ୍ରତ୍ୟାଭୂତି କମିଶନ ପ୍ରଦାନ କରିବାର ଆବଶ୍ୟକତା ଥିଲା । ବର୍ଷର ପ୍ରାରମ୍ଭରେ ରାଜ୍ୟ ସରକାର ପ୍ରତ୍ୟାଭୂତି କମିଶନ ବାବଦରେ 31.79 କୋଟି ଟଙ୍କା ପ୍ରାପ୍ତ କରିଥିଲେ ଯାହା କି ବକେୟା ପ୍ରତ୍ୟାଭୂତିର 1.41 ପ୍ରତିଶତ ଥିଲା । 31 ମାର୍ଚ୍ଚ 2018 ସୁଦ୍ଧା ବିତ୍ତୀୟ ହିସାବ

ଅନୁସାରେ 341.88 କୋଟି ଟଙ୍କା ପ୍ରାପ୍ତ ହେବାକୁ ଥିବା ପ୍ରତ୍ୟାଭୁତି କମିଶନ ଓ ଶୁଳ୍କ ବାବଦରେ ରାଜ୍ୟ ସରକାର 247.53 କୋଟି ଟଙ୍କା ପ୍ରାପ୍ତ କରିଥିଲେ । 94.35 କୋଟି ଟଙ୍କାର ବଳକା ପ୍ରତ୍ୟାଭୂତି କମିଶନ ବାବଦରେ ପ୍ରାପ୍ତ ହେବାକୁ ଅଛି । ସାରଣୀ 1.21 ରେ ସବିଶେଷ ବିବରଣୀ ଦର୍ଶାଯାଇଅଛି ।

ସାରଣୀ **1.21:** ସରକାରଙ୍କ ଦ୍ୱାରା ପ୍ରାପ୍ତି / ପ୍ରାପ୍ତି ହେବାକୁ ଥିବା ପ୍ରତ୍ୟାଭୂତି କମିଶନ

(ଟଙ୍କା କୋଟିରେ)

ସେକ୍ଟରର ନାମ	ସଂସ୍ଥାର ସଂଖ୍ୟା	ପ୍ରାପ୍ତ ହେବାକୁ ଥିବା କମିଶନ	ପ୍ରାପ୍ତ ହୋଇ ଥିବା କମିଶନ	ପ୍ରାପ୍ତ ହେବାକୁ ଥିବା କମିଶନ
ଶକ୍ତି	4	271.48	209.44	62.04
ସମବାୟ	42	4.23	2.10	2.13
ରାଜ୍ୟ ଅର୍ଥନିଗମ	7	8.53	2.88	5.65
ଗୃହ ଓ ନଗର ଉନ୍ନୟନ	86	40.97	26.82	14.15
ସଡ଼କ ପରିବହନ	2	1.84	1.84	0
ଅନ୍ୟାନ୍ୟ ଭିତ୍ତିଭୂମି କ୍ଷେତ୍ର	16	13.57	4.45	9.12
ଅନ୍ୟାନ୍ୟ	4	1.26	--	1.26
ମୋଟ	**161**	**341.88**	**247.53**	**94.35**

ଉତ୍ସ : ବିତ୍ତୀୟ ହିସାବ 2017-18

ସରକାର ମାର୍ଚ୍ଚ 2019 ରେ ତାଙ୍କ ଉତ୍ତରରେ ଦର୍ଶାଇଥିଲେ ଯେ, ପ୍ରତ୍ୟାଭୂତି କମିଶନର ସଂଗ୍ରହ ପାଇଁ ସମୟାନୁସାରେ ପଦକ୍ଷେପ ନେଇଛନ୍ତି ।

1.7 ଋଣ ପରିଚ୍ଛନ୍ନତା

31 ମାର୍ଚ୍ଚ 2018 ସୁଦ୍ଧା ରାଜ୍ୟ ସରକାରଙ୍କର ବକେୟା ସରକାରୀ ଋଣ (ଆଭ୍ୟନ୍ତରୀଣ ଋଣ ଏବଂ ଭାରତ ସରକାରଙ୍କ ଋଣ ଓ ଅଗ୍ରିମ) 52,190 କୋଟି ଟଙ୍କା ଥିଲା । ଜି.ଏସ୍.ଡ଼ି.ପି ର ବୃଦ୍ଧି ଠାରୁ (10.28 ପ୍ରତିଶତ) ଅଧିକ ବେଗରେ ବକେୟା ଋଣ ପୂର୍ବ ବର୍ଷ ତୁଳନାରେ 24.21 ପ୍ରତିଶତ ବୃଦ୍ଧି ହୋଇଥିଲା ।

1.7.1 କରଜ ପାଣ୍ଠିର ନିଟ୍ ଉପଲବ୍ଧତା

ସୁଧ ପ୍ରଦାନ (4,999 କୋଟି ଟଙ୍କା) ଏବଂ କରଜ ପ୍ରଦାନ ପରେ କରଜ ପାଣ୍ଠି (12,862 କୋଟି ଟଙ୍କା) ର ନିଟ୍ ଉପଲବଧ 40 ପ୍ରତିଶତ ସକରାତ୍ମକ ଦର୍ଶାଉଅଛି ଯେ, ଋଣ ପ୍ରଦାନ ବ୍ୟତୀତ କରଜ ପାଣ୍ଠି ଉଦ୍ଦେଶ୍ୟରେ ରହିଅଛି ।

1.7.2 ସରକାରୀ ଋଣ ପୋଷଣୀୟତା

ସରକାରୀ ଋଣ ପୋଷଣୀୟତାକୁ ବ୍ୟାଖା କରାଯାଇ ଅଛି ଯେ ରାଜ୍ୟର ଭବିଷ୍ୟତରେ ଋଣ ସେବାର ଦକ୍ଷତା ରହିଛି । ସାରଣୀ 1.22 ଏବଂ ଗ୍ରଟ୍ 1.20, 1,21 ଏବଂ 1.22 ରେ ବିଶ୍ଳେଷଣ କରାଯାଇଛି ଯେ 2013-18 ବିଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟ ଋଣ ପୋଷଣୀୟତାକୁ ବିଶ୍ଳେଷଣ କରେ ।

ସାରଣୀ 1.22 : ଋଣ ପୋଷଣୀୟତା : 2013-18 ମଧ୍ୟରେ ସଂକେତକ

ସରକାରୀ ଋଣର ସଂକେତକ *	2013-14	2014-15	2015-16	2016-17	2017-18
ବକେୟା ଋଣ (*କୋଟି ଟଙ୍କାରେ)	***23,315***	***26,848***	***33,757***	***42,018***	***52,190***
ବକେୟା ଋଣର ଅଭିବୃଦ୍ଧି ହାର (ପ୍ରତିଶତରେ)	(-)0.01	15.15	25.73	24.47	24.21
ଜି.ଏସ୍.ଡ଼ି.ପି (ପ୍ରଚଳିତ ଦରରେ) (କୋଟି ଟଙ୍କାରେ)	2,96,475	3,14,267	3,30,874	3,77,202	4,15,982
ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ	13.29	6.00	5.28	14.00	10.28
ଋଣ /ଜି.ଏସ୍.ଡ଼ି. ପି ହାର (ପ୍ରତିଶତରେ)	7.86	8.54	10.20	11.14	12.55
ଋଣ ପ୍ରାପ୍ତି (କୋଟି ଟଙ୍କାରେ)	2,290	7,646	9,790	11,223	12,862
ଋଣ ପୁନଃପ୍ରଦାନ (କୋଟି ଟଙ୍କାରେ)	2,293	4,111	2,881	2,962	2,690
ସୁଧ ପ୍ରଦାନ	2,888	2,810	3,343	4,035	4,988
କର ରାଜସ୍ୱ (କୋଟି ଟଙ୍କାରେ)	16,892	19,828	22,517	22,852	27,914

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ;

* ଭାରତ ସରକାରଙ୍କ ଠାରୁ ଆଭ୍ୟନ୍ତରୀଣ ଋଣ ଏବଂ ଅଗ୍ରିମ

ଚାର୍ଟ : 1.20 ରାଜସ୍ୱ ପ୍ରାପ୍ତିର ପ୍ରତିଶତ ହିସାବରେ ସୁଧ ପ୍ରଦାନ



ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଚାର୍ଟ 1.21 ଋଣ ପୁନଃ ପ୍ରଦାନର ଧାର ବନାମ ରାଜସ୍ୱ କର ଚାର୍ଟ



ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଗ୍ରଫ୍ 1.22 ଋଣ ପ୍ରଦାନ ବନାମ ଋଣ ପ୍ରାପ୍ତିର ଧାରା



ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ରାଜସ୍ୱ ପ୍ରାପ୍ତି ଅନୁସାରେ ସୁଧ ପ୍ରଦାନ 5.85 ପ୍ରତିଶତ ଥିଲା । ଯାହାକି ଓଡ଼ିଶା ଏଫ.ଆର.ବି.ଏମ୍ (ସଂଶୋଧନ) ଧାରା 2016 ରେ ଧାର୍ଯ୍ୟ ହୋଇଥିବା । ବିତ୍ତୀୟ ଲକ୍ଷ୍ୟ 15 ପ୍ରତିଶତ ଠାରୁ ଯଥେଷ୍ଟ କମ୍ ଥିଲା । ସରକାରୀ ଦେୟତା ପ୍ରଦାନ ରାଜସ୍ୱ କରର ପ୍ରତିଶତ 2016-17 ରୁ 12.96 ପ୍ରତିଶତରୁ 2017-18 ରେ 9.6 ପ୍ରତିଶତକୁ କମିଥିଲା । ଏହା ସୂଚିତ କରେ ଯେ ରାଜସ୍ୱ କରର 10 ପ୍ରତିଶତରୁ କମ୍ 2017-18 ରେ ଋଣ ପ୍ରଦାନରେ ବ୍ୟବହୃତ ହୋଇଥିଲା ।

ସରକାରୀ ଋଣ ପ୍ରାପ୍ତିର ସରକାରୀ ଋଣ ପ୍ରଦାନର ପ୍ରତିଶତ 2016-17 ରେ 26.39 ପ୍ରତିଶତରୁ 2017-18 ରେ 20.91 ପ୍ରତିଶତକୁ କମିଥିଲା । ଯାହାକି ସରକାରୀ ଋଣ ପ୍ରାପ୍ତି ପୂର୍ବ ସରକାରୀ ଋଣ ପ୍ରଦାନରେ କମ୍ ବ୍ୟବହୃତ ହୋଇଥିଲା ।

ରାଜ୍ୟ ସରକାରଙ୍କର ଆଭ୍ୟନ୍ତରୀଣ ଋଣ (44,584 କୋଟି ଟଙ୍କା) ର ମୁଖ୍ୟାଂଶର (52.78 ପ୍ରତିଶତ) ବଜାର ଋଣ (23,531 କୋଟି ଟଙ୍କା) ଥିଲା ଯାହାର ସୁଧ ହାର 4 ରୁ 13.99 ପ୍ରତିଶତ ଥିଲା । 2017-18 ରେ ରାଜ୍ୟ ସରକାର 8,438 କୋଟି ଟଙ୍କାର ସଦ୍ୟ ବଜାର ଋଣ ଏବଂ କିଛି ଋଣ ପରିଶୋଧ କରାଯାଇଥିଲା। 31 ମାର୍ଚ୍ଚ 2018 ସୁଦ୍ଧା ବକେୟା ବଜାର ଋଣ 23,531 କୋଟି ଟଙ୍କା ଥିଲା । ପୂର୍ବ ବର୍ଷ (15,093 କୋଟି ଟଙ୍କା) ଅପେକ୍ଷା ଏହି ବର୍ଷରେ ଅଧିକ ବଜାର ଋଣ 55.91 ପ୍ରତିଶତ (8438 କୋଟି ଟଙ୍କା) ହୋଇଥିଲା ।

ଚାର୍ଟ 1.23 : ନିଆଯାଇଥିବା ଅର୍ନ୍ତନିହିତ ଋଣ

(ଟଙ୍କା କୋଟିରେ)



ଚାର୍ଟ 1.24 : ଅର୍ନ୍ତନିହିତ ଋଣ ପରୋଶୋଧ

(ଟଙ୍କା କୋଟିରେ)



ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

1.8 ବିତ୍ତୀୟ ସୁଧାର ପଥ

ରାଜ୍ୟ ସରକାର ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ଓଡ଼ିଶା ଏଫ.ଆର.ବି.ଏମ୍ ଧାରା 2005 କୁ ସଂଶୋଧନ କରିଥିଲେ ଏବଂ ଓଡ଼ିଶା ଏଫ.ଆର.ବି.ଏମ (ସଂଶୋଧନ) ଧାରା 2016 କୁ 5 ନଭେମ୍ବର 2016 ରୁ ଲାଗୁ କରିଥିଲେ । ନିମ୍ନଲିଖିତ ବିତ୍ତୀୟ ଲକ୍ଷ୍ୟ 2015-16 ରୁ 2019-20 ପର୍ଯ୍ୟନ୍ତ ।

ଚାର୍ଟ **1.26:** ଓଏଫବିଆରଏମ (ସଂଶୋଧନ) ଧାରା **2016** ର ବିତ୍ତିୟ ଧାର୍ଯ୍ୟ ଲକ୍ଷ୍ୟ



ଉତ୍ସ : ଓଡ଼ିଶା ଏଫ୍.ଆର୍.ବି.ଏମ୍ (ସଂଶୋଧନ) ଧାରା 2016

ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଦ୍ୱାର ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ଅନୁସାରେ ଏବଂ ଓଡ଼ିଶା ଏଫ୍.ଆର.ବି.ଏମ (ସଂଶୋଧନ) ଧାରା 2016 ର ସମସ୍ତ ବିତ୍ତୀୟ ପ୍ରାପ୍ତି ସାରଣୀ 1.23 ରେ ଦର୍ଶାଯାଇଅଛି ।

ସାରଣୀ **1.23:** 2017-18 ରେ ବିତ୍ତୀୟ ଲକ୍ଷ୍ୟ ଏବଂ ପ୍ରାପ୍ତି

ମୁଖ୍ୟବିତ୍ତୀୟ ମାପକ	ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ	ବଜେଟ୍ ଆକଳନରେ ଲକ୍ଷ୍ୟ	ଏଫ୍.ଆର.ବି.ଏମ୍. ଧାରା ଅନୁଯାୟୀ ଲକ୍ଷ୍ୟ	ଲକ୍ଷ୍ୟ ପ୍ରାପ୍ତି
ରାଜସ୍ୱ ନିୟଣ୍ଟ (-)	Zero	6,694 କୋଟି ଟଙ୍କା ରାଜସ୍ୱ ବଳକା		13,367 କୋଟି ଟଙ୍କା ରାଜସ୍ୱ ବଳକା
ଜି.ଏସ୍.ଡ଼ି.ପିର ବିତ୍ତୀୟ ନିୟଣ୍ଟର ପ୍ରତିଶତ (-)	(-)3 ପ୍ରତିଶତ	14,435 କୋଟି ଟଙ୍କା ବିତ୍ତୀୟ ନିୟଣ୍ଟ	(-)3 ପ୍ରତିଶତ	9,360 କୋଟି ଟଙ୍କା ବିତ୍ତୀୟ ନିୟଣ୍ଟ (-)2.25 ପ୍ରତିଶତ
ଜି.ଏସ୍.ଡ଼ି.ପିର ବିତ୍ତୀୟ ପ୍ରତିଶତ	25 ପ୍ରତିଶତ	18.51 ପ୍ରତିଶତ	25 ପ୍ରତିଶତ	12.55 ପ୍ରତିଶତ
ରାଜସ୍ୱର ସୁଧ ପ୍ରଦାନର ପ୍ରତିଶତ	15 ପ୍ରତିଶତ	5.62 ପ୍ରତିଶତ	15 ପ୍ରତିଶତ	5.85 ପ୍ରତିଶତ
ପ୍ରାପ୍ତି	--	71.03 ପ୍ରତିଶତ	80 ପ୍ରତିଶତ	48.74 ପ୍ରତିଶତ
ରାଜ୍ୟର ନିଜସ୍ୱ ରାଜସ୍ୱର ବେତନର ଅନୁପାତ ଅଣସୁଧ ରାଜସ୍ୱ ବ୍ୟୟ ଏବଂ ରାଜ୍ୟ ନିଜସ୍ୱ ରାଜସ୍ୱର ଅନୁପାତ	--	54.79 ପ୍ରତିଶତ	55 ପ୍ରତିଶତ	38.80 ପ୍ରତିଶତ

ଉତ୍ସ :ଚତୁର୍ଦ୍ଦଶ ଅର୍ଥ କମିଶନ, ଓଡ଼ିଶା ସରକାରଙ୍କ 2017-18 ର ବଜେଟ୍ ଏବଂ ଗ୍ଲାନସ, ଏଫ.ଆର.ବି.ଏମ ଧାରା ଏବଂ ବିତ୍ତୀୟ ହିସାବ

31 ମାର୍ଚ୍ଚ 2018 ସୁଦ୍ଧା ବକେୟା ସରକାରୀ ଋଣ (52,190 କୋଟି ଟଙ୍କା)ର ପୂର୍ଣ୍ଣ ବିକଶିତ ପାର୍ଶ୍ୱଚିତ୍ର ଦର୍ଶାଇଲା ଯେ ସମୁଦାୟ ଋଣର 62.10 ପ୍ରତିଶତ (32,411 କୋଟି ଟଙ୍କା) ଏକ ବର୍ଷରୁ 7 ବର୍ଷ ମଧ୍ୟରେ ପୂର୍ଣ୍ଣ ବିକଶିତ ହୋଇଥିଲା ଏବଂ ବଳକା 19,779 କୋଟି ଟଙ୍କା (37.89 ପ୍ରତିଶତ) ସାତ ବର୍ଷ ପରେ ହେବ। ମୋଟ୍ ବକେୟା ଦେୟତା (97,164 କୋଟି ଟଙ୍କା) ପୂର୍ବ ବର୍ଷ (71,623 କୋଟି ଟଙ୍କା) ଠାରୁ 35.66 ପ୍ରତିଶତ ଏବଂ 2013-14 ଅପେକ୍ଷା (44.714 କୋଟି ଟଙ୍କା) 117.30 ପ୍ରତିଶତ ବୃଦ୍ଧି ଘଟିଥିଲା । ଆସନ୍ତା 7 ବର୍ଷରେ ବୃଦ୍ଧି ଘଟିଥିବା ଋଣ ବୋଝ ପାଇଁ ରାଜ୍ୟ ସରକାରଙ୍କ ସମ୍ବଳ ବୃଦ୍ଧି କରିବା ଆବଶ୍ୟକ

ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ 2017-18 ରେ ଚତୁର୍ଦ୍ଦଶ ଅର୍ଥ କମିଶନ ଏବଂ ଏଫ.ଆର.ବି.ଏମ. ଧାରା ଅନୁଯାୟୀ ଧାର୍ଯ୍ୟ କରାଯାଇଥିବା ସମସ୍ତ ଲକ୍ଷ୍ୟକୁ ରାଜ୍ୟ ସରକାର ପୂରଣ କରିଥିଲେ ।

ଓଡ଼ିଶା ବିତ୍ତୀୟ ଉତ୍ତରଦାୟୀ ଏବଂ ବଜେଟ ପରିଚାଳନା ଧାରା 2005 (ଓଡ଼ିଶା ଏଫ.ଆର.ବି.ଏମ୍ ଧାରା 2005) ଅନୁଯାୟୀ ରାଜ୍ୟ ସରକାର, ଉକ୍ତ ଧାରାର ବ୍ୟବସ୍ଥା ଅନୁପାଳନ ହୋଇଛି କି ନାହିଁ ପୁର୍ନବିଲୋକନ କରିବା ଏବଂ ଏହା ଉପରେ ଏକ ରିପୋର୍ଟ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରିବା ପାଇଁ, ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଠାରୁ ସ୍ୱାଧିନ ଥିବା ଏକ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରିବା ଦରକାର ।

ଓଡ଼ିଶା ଏଫ.ଆର.ବି.ଏମ୍ ଧାରା 2005 ର ବ୍ୟବସ୍ଥା ଅନୁଯାୟୀ 2015-16 ବର୍ଷର ରାଜ୍ୟର ଆର୍ଥିକ ସ୍ଥିତିକୁ ସ୍ୱାଧିନ ଭାବେ ପୁର୍ନବିଲୋକନ କରିବା ଦାୟିତ୍ୱ, ସାଧାରଣ ହିସାବ ଓ ନୀତିର ଜାତୀୟ ଅନୁଷ୍ଠାନ ନୂଆଦିଲ୍ଲୀ (ଏନଆଇପିଏ)କୁ ଅର୍ପଣ କରାଯାଇଥିଲା । ଏନଆଇପିଏଫପି, ପୁନଃବିଲୋକନ ରିପୋର୍ଟକୁ 1 ଡ଼ିସେମ୍ବର 2017 ରେ ପ୍ରଦାନ କରିଥିଲା, ଯାହା ବିଧାନ ସଭାରେ ମାର୍ଚ୍ଚ 2018 ରେ ଉପସ୍ଥାପିତ ହେଲା ।

ଅଧ୍ୟାୟ -II

ଆର୍ଥିକ ପରିଚାଳନା ଓ ବଜେଟ୍ ନିୟନ୍ତ୍ରଣ

ଅଧ୍ୟାୟ II

ଆର୍ଥିକ ପରିଚାଳନା ଓ ବଜେଟ ନିୟନ୍ତ୍ରଣ

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ, ବଜେଟରେ ବ୍ୟବସ୍ଥିତ ବିଭିନ୍ନ ଅନୁଦାନ ଅଧିନରେ ହୋଇଥିବା ପ୍ରକୃତ ବ୍ୟୟ ବିନିଯୋଗ ଆଇନ ଦ୍ୱାରା ପ୍ରାଧିକୃତ କି ନୁହେଁ, ସମ୍ବିଧାନ ବ୍ୟବସ୍ଥିତ ଭାରିତ ବ୍ୟୟ ପ୍ରକୃତପକ୍ଷେ ଭାରିତ ହୋଇଛି କି ନାହିଁ ଏବଂ ବ୍ୟୟଗୁଡ଼ିକ ପ୍ରଚଳିତ ଆଇନ, ନିୟମ ଓ ନିର୍ଦ୍ଦେଶ ଅନୁରୂପ ହୋଇଥିବ ବିଷୟକୁ ସୁନିଶ୍ଚିତ କରିବା ପାଇଁ ବିନିଯୋଗର ସମୀକ୍ଷା କରିଥାନ୍ତି । ଏହି ଅଧ୍ୟାୟରେ 2017-18 ଆର୍ଥିକ ବର୍ଷର ବିନିଯୋଗ ଆଇନର ଆଲୋଚନା କରାଯାଇଛି ।

2.1 ଆର୍ଥିକ ଉତ୍ତରଦାୟିତ୍ୱ ଓ ବଜେଟ ପରିଚାଳନା

ରାଜ୍ୟ ସରକାର ସର୍ବ ପ୍ରଥମେ ବାର୍ଷିକ ବଜେଟ ଅନୁମୋଦନ କରିଥାନ୍ତି । ଯେତେବେଳେ ପ୍ରାରମ୍ଭିକ ଆବଣ୍ଟନ ପର୍ଯ୍ୟାପ୍ତ ହୋଇନଥାଏ କିମ୍ବା ଏକ ନୂତନ ବ୍ୟୟର ଆବଶ୍ୟକତା ପଡ଼ିଥାଏ, ସରକାର ଅନୁପୂରକ ଖର୍ଚ୍ଚଦାବି (ବଜେଟ ଆଇନ ପୁସ୍ତିକାର ପାରା 166) ବିଧାନସଭାରେ ଉପସ୍ଥାପନା କରିଥାନ୍ତି । ପୁର୍ନବିନିଯୋଗ ମାଧ୍ୟମରେ ସରକାର ଗୋଟିଏ ସବହେଡ଼ର (ସାଧାରଣତଃ ଗୋଟିଏ ପରିକଳ୍ପନା) ସଂଚୟକୁ ଅନ୍ୟ ସବ-ହେଡ଼କୁ ସ୍ଥାନାନ୍ତର କରିପାରିବେ, ଯଦି ସେହି ସ୍ଥାନାନ୍ତରଣ ସମାନ ଅନୁଦାନ[23] ଏବଂ ବିଭାଗ[24] ମଧ୍ୟରେ ହୋଇଥାଏ । ବଜେଟ ପ୍ରସ୍ତୁତି ଏବଂ କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ସମ୍ବନ୍ଧିତ ପ୍ରତ୍ୟେକ ତଥ୍ୟ ବିନିଯୋଗ ହିସବାରେ ପ୍ରତିଫଳିତ ହୋଇଥାଏ । (ଚାର୍ଟ-2.1)।

ଚାର୍ଟ **2.1:** ବଜେଟ କାର୍ଯ୍ୟାନ୍ୱୟନର ଫ୍ଲୋ ଚାର୍ଟ



ଉତ୍ସ : ବଜେଟ ମାନୁଆଲ ଏବଂ ବିନିଯୋଗ ହିସାବର କାର୍ଯ୍ୟଧାରା ଉପରେ ପରିବେଶିତ

[23] ଅନୁଦାନ ଅର୍ଥାତ୍ ଅନୁଦାନ ଦାବୀକୁ ବିଧାନସଭାରେ ଅନୁମୋଦିତ କରାଇବା

[24] ପୁଞ୍ଜି, ରାଜସ୍ୱ ଅଥବା ଋଣ

2.2 ବିନିଯୋଗ ହିସାବର ସାରାଂଶ

2017-18 ବର୍ଷରେ 42 ଟି ଅନୁଦାନ ଏବଂ ତିନୋଟି ବିନିଯୋଗର ପ୍ରକୃତ ଖର୍ଚ୍ଚର ସାରାଂଶ ସାରଣୀ 2.1 ରେ ଦିଆଯାଇ ଅଛି ।

ସାରଣୀ 2.1: 2017-18 ରେ ଆବଣ୍ଟନ ଏବଂ ପ୍ରକୃତ ଖର୍ଚ୍ଚର ସ୍ଥିତି

(କୋଟି ଟଙ୍କାରେ)

ବ୍ୟୟର ନାମ		ମୂଳ	ଅନୁପୁରକ	ମୋଟ	ପ୍ରକୃତ ବ୍ୟୟ	ସଂଚୟ (-)/ ଅଧିକ(+)ମୋଟ ବଜେଟ ପ୍ରସଂଗରେ	ସଂଚୟ / ଅଧିକର ପ୍ରତିଶତରେ
ଅନୁମୋଦିତ	**I** ରାଜସ୍ୱ	80,129.16	5,912.44	86,041.60	68,028.36	(-)18,013.24	(-) 20.94
	II ପୁଞ୍ଜି	20,805.48	2,508.24	23,313.72	21,131.84	(-)2,181.88	(-) 9.36
	III ଋଣ ଏବଂ ଅଗ୍ରିମ	685.47	0.00	685.47	475.42	(-)210.05	(-) 30.64
ମୋଟ ଅନୁମୋଦିତ		**1,01,620.11**	**8,420.68**	**1,10,040.79**	**89,635.62**	**(-)20,405.17**	**(-) 18.54**
ପାରିତ	**IV** ରାଜସ୍ୱ	5,137.21	5.97	5,143.18	5,088.43	(-)54.75	(-)1.06
	V ପୁଞ୍ଜି	28.05	1.92	29.97	7.84	(-)22.13	(-) 73.84
	VI ସରକାରୀ ଦେୟତା ପରିଶୋଧ	3,414.64	0.00	3,414.64	2,690.21	(-)724.43	(-) 21.21
	VII ଋଣ ଏବଂ ଅଗ୍ରିମ	0.00	1,400.00	1,400.00	1,400.00	0.00	0.00
	ମୋଟ ପାରିତ	**8,579.90**	**1,407.89**	**9,987.79**	**9,186.48**	**(-)801.31**	**(-) 8.02**
	ସର୍ବମୋଟ	**1,10,200.01**	**9,828.57**	**1,20,028.58**	**98,822.11**	**(-)21,206.48**	**(-) 17.67**

ଉତ୍ସ : ବିନିଯୋଗ ହିସାବ 2017-18

2017-18 ରେ ସମୁଦାୟ 1,20,028 କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଥିଲା କିନ୍ତୁ ସେହି ବର୍ଷରେ ପ୍ରକୃତ ଖର୍ଚ୍ଚ 98,822 କୋଟି ଟଙ୍କା (82.33%) ଥିଲା । 2017-18 ରେ ସର୍ବମୋଟ ସଂଚୟ[25] 21,209 କୋଟି ଟଙ୍କା ହୋଇଥିଲା ।

2.2.1 ରାଜସ୍ୱ, ପୁଞ୍ଜି, ଋଣ ଏବଂ ଅଗ୍ରିମ

ଓଡ଼ିଶା ବଜେଟ ପୁସ୍ତିକାର (ଓବିଏମ) ନିୟମ-1 ଅନୁସାରେ ସରକାରୀ ଖର୍ଚ୍ଚଗୁଡ଼ିକ ତିନି ଶ୍ରେଣୀଭୁକ୍ତ ହୋଇଥାଏ । (କ) ରାଜସ୍ୱ ଖର୍ଚ୍ଚ[26] (ଖ) ପୁଞ୍ଜିଗତ ଖର୍ଚ୍ଚ[27] ଏବଂ (ଗ) ଋଣ ଏବଂ ଅଗ୍ରିମ ସମୂହ[28] । ରାଜସ୍ୱ, ପୁଞ୍ଜି, ଋଣ ଏବଂ ଅଗ୍ରିମ ହିସାବରେ ହୋଇଥିବା ସଂଚୟ (ଚାର୍ଟ 2.2) ।

[25] ବଜେଟ ବ୍ୟବସ୍ଥାରୁ ଖର୍ଚ୍ଚ ହୋଇନପାରିଥିବା ଟଙ୍କାକୁ ସଂଚୟ ଶବ୍ଦ ବ୍ୟବହାର କରାଯାଏ ।

[26] ରାଜସ୍ୱ ବ୍ୟୟ ରାଜ୍ୟର ଚଳିତ ବ୍ୟୟ ହିସାବକୁ ବୁଝାଏ । ଉଦାହରଣ ସ୍ୱରୂପ ମଜୁରୀ, ଦରମା, ପରିଚାଳନା କାମ ଏବଂ ମରାମତି ଇତ୍ୟାଦି ।

[27] ପୁଞ୍ଜିଗତ ଖର୍ଚ୍ଚ ଅର୍ଥ ବିଶାଳ ଆକୃତିର ବ୍ୟୟ ଯେପରିକି ଜଳ ସେଚନ ଯୋଜନାର ନିର୍ମାଣ, ପୋଲ କୋଠାବାଡ଼ି, ରାସ୍ତା ବିଛାଇବା, ଜଳ ସେଚନ ଓ ବୈଦ୍ୟୁତିକ ଯୋଜନା ଇତ୍ୟାଦି ।

[28] ଋଣ ହିସାବ ସରକାରୀ ଋଣର ଖର୍ଚ୍ଚ ଏବଂ ହସ୍ତାନ୍ତର ହିସାବ ଅଟେ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାନୀୟ ସଂସ୍ଥା କର୍ମଚାରୀ ଏବଂ ଅନ୍ୟାନ୍ୟକୁ ଋଣ ଏବଂ ଅଗ୍ରିମ ଦେବା ଏବଂ ସେମାନଙ୍କ ଠାରୁ ଆଦାୟ କରିବା ।

ସାରଣୀ **2.2:** ରାଜସ୍ୱ, ପୁଞ୍ଜି, ଋଣ ଏବଂ ଅଗ୍ରିମ ଅନୁଭାଗ ଅଧିନରେ ବଜେଟ ବ୍ୟବସ୍ଥା ଏବଂ ବ୍ୟୟ



ଉତ୍ସ : ବିନିଯୋଗ ହିସାବ

ରାଜସ୍ୱ ଖର୍ଚ୍ଚ (73,177 କୋଟି ଟଙ୍କା) ବଜେଟ ଅଟକଳ (91,185 କୋଟି ଟଙ୍କା) ଠାରୁ 19.83 ପ୍ରତିଶତ କମ ହୋଇଥିଲା । ବଜେଟ ଅଟକଳରୁ ସଂଚୟ ଅର୍ଥ ଖର୍ଚ୍ଚ ହୋଇନପାରିବା ଦ୍ୱାରା ଅର୍ଥ ବିଭାଗ ଅଧିନସ୍ଥ ପେନସନ ଓ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ମହିଳା ଓ ଶିଶୁ ବିକାଶ ଅଧିନସ୍ଥ ସମନ୍ୱିତ ଶିଶୁ ବିକାଶ ଯୋଜନା (210.04 କୋଟି ଟଙ୍କା) ଏବଂ ପ୍ରସୂତି ସହାୟକ କାର୍ଯ୍ୟକ୍ରମ –ମମତା (148.08 କୋଟି ଟଙ୍କା) ପ୍ରଭାବିତ ହୋଇଥିଲା । ବଜେଟ ଅଟକଳରେ ଥିବା ପୁଞ୍ଜି (23,344 କୋଟି ଟଙ୍କା) ତୁଳନାରେ ଖର୍ଚ୍ଚ ହୋଇଥିବା ପୁଞ୍ଜି (21,140 କୋଟି ଟଙ୍କା) 9.44 ପ୍ରତିଶତ କମ ଥିଲା । ଏହା ଦ୍ୱାରା ପ୍ରଭାବିତ ହୋଇଥିବା କାର୍ଯ୍ୟକ୍ରମ ଗୁଡ଼ିକ ଥିଲା ରାଷ୍ଟ୍ରିୟ ମାଧ୍ୟମିକ ଶିକ୍ଷା ଅଭିଯାନ (188.41 କୋଟି ଟଙ୍କା), ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଏବଂ ଏସିଆନ ବିକଶିତ ବ୍ୟାଙ୍କ ପରିଚାଳିତ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଓଡ଼ିଶା ଦକ୍ଷତା ବିକାଶ କାର୍ଯ୍ୟକ୍ରମ (100.00 କୋଟି ଟଙ୍କା)।

ବଜେଟ ଅଟକଳ (2,085 କୋଟି ଟଙ୍କା) ଠାରୁ ଋଣ ଓ ଅଗ୍ରିମ ବାବଦରେ ଖର୍ଚ୍ଚ ମଧ୍ୟ 10.07 ପ୍ରତିଶତ କମ୍ ଥିଲା । ଏହାର କାରଣ ଥିଲା ସମବାୟ ଋଣରେ (90 କୋଟି ଟଙ୍କା) କୃଷି, ପଶୁପାଳନ ଋଣ (40 କୋଟି) ଏବଂ ଖାଉଟି ଶିଳ୍ପ ପାଇଁ (5 କୋଟି)ର ସମର୍ପଣ ।

ସରକାରୀ ଋଣ ପରିଶୋଧ (2,690 କୋଟିଟଙ୍କା) ବଜେଟ ଅଟକଳ (3,415 କୋଟିଟଙ୍କା) ଠାରୁ 21.23 ପ୍ରତିଶତ କମ୍ ଥିଲା । ଏହା ମୁଖ୍ୟତଃ ରାଷ୍ଟ୍ରିୟ ସାମାଜିକ ସୁରକ୍ଷା ପାଣ୍ଠି (ଏନଏସଏସଏଫ) ରୁ ଉଠାଯାଇଥିବା ଋଣ ବାବଦରେ କେନ୍ଦ୍ର ସରକାରଙ୍କୁ ପରିଶୋଧ କରାଯାଇଥିବା ସୁଧର (602.84 କୋଟିଟଙ୍କା) ସ୍ୱଳ୍ପତା ହେତୁ ଘଟିଥିଲା।

2.2.2 ଅନୁଦାନ ଅନୁଯାୟୀ ବିଶ୍ଳେଷଣ

ବଜେଟ ମାନୁଆଲ ଅନୁଯାୟୀ, ଗୋଟିଏ ଅନୁଦାନର ସମସ୍ତ ପଦ୍ଧତି ଓ ସେହି ଅନୁଦାନର ସୁବିନିଯୋଗର ନୀରିକ୍ଷଣ ନିମନ୍ତେ ଅନୁଦାନକୁ ମଂଜୁରୀ ଦେଇଥିବା ଅଧିକାରୀ ହିଁ ଉତ୍ତରଦାୟୀ । ଓଡ଼ିଶା ସରକାରଙ୍କ ଖର୍ଚ୍ଚ 42 ଟି ଭିନ୍ନ ଅନୁଦାନ ମାଧ୍ୟମରେ ହୋଇଥାଏ । ଅଧିକ ଖର୍ଚ୍ଚ ଅଥବା ସଂଚୟକୁ ନିର୍ଦ୍ଧାରିତ କରିବା ପାଇଁ, ନିର୍ଦ୍ଧାରିତ ଓ ଅନୁମୋଦିତ ରାଜସ୍ୱ ଏବଂ ପୁଞ୍ଜି ଓ ନିର୍ଦ୍ଧାରିତ ଋଣକୁ ସ୍ୱାଧୀନ ଅନୁଦାନ ଭାବେ ବିଚାର କରାଯାଇଥାଏ । ସଂଚୟ ଓ

ଅଧିକା ଖର୍ଚ୍ଚ, ଯାହାକୁ ରାଜସ୍ୱ, ପୁଞ୍ଜି, ଋଣ ଏବଂ ଅଗ୍ରିମର ବିନିଯୋଗ ପାଇଁ ବ୍ୟବହାର କରାଯାଏ । ତାହା ସାରଣୀ 2.2 ରେ ପ୍ରଦତ୍ତ ।

ସାରଣୀ 2.2: ଭିନ୍ନ ଅନୁଦାନଗୁଡ଼ିକ ଅଧିନରେ ମୋଟ ବଳକା ଏବଂ ସଂଚୟ

ବର୍ଣ୍ଣନ	ରାଜସ୍ୱ		ପୁଞ୍ଜି		ଋଣ ଏବଂ ଅଗ୍ରିମ		ପରିମାଣ (କୋଟି ଟଙ୍କାରେ)
	ଅନୁଦାନ ସଂଖ୍ୟା [29]	ବିନିଯୋଗ ସଂଖ୍ୟା [30]	ଅନୁଦାନ ସଂଖ୍ୟା	ବିନିଯୋଗ ସଂଖ୍ୟା	ଅନୁଦାନ ସଂଖ୍ୟା	ବିନିଯୋଗ ସଂଖ୍ୟା	
ସଂଚୟ ଘଟିଥିବା	42	1	33	1	--	1	2,1206.99
ଅତ୍ୟଧିକ ବ୍ୟୟ ଘଟିଥିବା	1	--	--	--	--	--	0.52

ଉତ୍ସ : ବିନିଯୋଗ ହିସାବ

2017-18 ରେ 100 କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅନୁଦାନ/ବିନିଯୋଗ ନିର୍ଦ୍ଧାରିତ ରାଶି ଠାରୁ 20 ପ୍ରତିଶତ ଅଧିକ ହୋଇଥିବା ଅନୁଦାନ ଓ ବିନିଯୋଗର ଏକ ତାଲିକା ପରିଶିଷ୍ଟ 2.1 ରେ ପ୍ରଦତ୍ତ ।

2.2.2.1 ଅଧିକ ଖର୍ଚ୍ଚ

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 204 (3) ଅନୁସାରେ ବ୍ୟବସ୍ଥିତ ଆଇନ ଦ୍ୱାରା ଅନୁମୋଦନ ବ୍ୟତୀତ ରାଜ୍ୟ ଏକାତ୍ରୀକୃତ ପାଣ୍ଠିରୁ କୌଣସି ଅର୍ଥ ପ୍ରତ୍ୟାହାର କରାଯାଇପାରିବ ନାହିଁ ।

ଚଳିତ ବର୍ଷର ଅଧିକ ଖର୍ଚ୍ଚ – 2017-18 ଆର୍ଥିକ ବର୍ଷରେ ଓଡ଼ିଶା ବିଧାନ ସଭା ରାଜସ୍ୱ ନିର୍ଦ୍ଧାରିତ ଅନୁଦାନ କ୍ରମାଂକ - 8 ବାବଦରେ 0.52 କୋଟି ଟଙ୍କା ଅଧିକ ଖର୍ଚ୍ଚ କରାଯାଇଥିଲା । ନିର୍ଦ୍ଧାରିତ 46.82 କୋଟି ଟଙ୍କା ବଦଳରେ ଓଡ଼ିଶା ବିଧାନ ସଭା ବିଭାଗ 47.34 କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ଏହି ଅର୍ଥ 2071 – ପେନସନ ଏବଂ ଅନ୍ୟାନ୍ୟ ସୁବିଧା ଅଧିନରେ ଖର୍ଚ୍ଚ ହୋଇଥିଲା ।

ବିଗତ ବର୍ଷମାନଙ୍କରେ ଅଧିକ ଖର୍ଚ୍ଚ : ପ୍ରାୟ ପ୍ରତିବର୍ଷ ଅଧିକ ଖର୍ଚ୍ଚ ସଂବଧରେ ରାଜ୍ୟ ଆର୍ଥିକ ସ୍ଥିତି ପ୍ରତିବେଦନ ମାଧ୍ୟମରେ ପ୍ରତିବେଦିତ କରାଯାଇଥାଏ । 2013-14 ଠାରୁ 2016-17 ମଧ୍ୟରେ ଚାରୋଟି ଅନୁଦାନ ଏବଂ ଗୋଟିଏ ବିନିଯୋଗ ଅଧିନରେ ଛଅଟି କ୍ଷେତ୍ରରେ 79.08 କୋଟି ଟଙ୍କା ଅଧିକ ଖର୍ଚ୍ଚର ବିବରଣୀ ସାରଣୀ 2.3 ରେ ପ୍ରଦତ୍ତ ହୋଇଅଛି ।

ସାରଣୀ **2.3:** ଶେଷ ଚାରି ବର୍ଷରେ ହୋଇଥିବା ଅତ୍ୟଧିକ ବ୍ୟୟର ଅନୁଦାନ

(କୋଟି ଟଙ୍କାରେ)

କ୍ରମିକ ସଂଖ୍ୟା	ସଂଖ୍ୟା ଓ ଅନୁଦାନର ନାମ	ଅତ୍ୟଧିକ ବ୍ୟୟ			
		2013-14	2015-16	2016-17	TOTAL
ରାଜସ୍ୱ ଅନୁମୋଦିତ					
1.	22-ବନ ଓ ପରିବେଶ	0.29	0.25	-	0.54
2.	26- ଅବକାରୀ	0.27	0.01[31]	-	0.28
3.	31- ହସ୍ତତନ୍ତ, ବୁଣା ଏବଂ ହସ୍ତଶିଳ୍ପ	18.00	-	-	18.00
4.	13- ଗୃହ ଓ ନଗର ଉନ୍ନୟନ	-	-	3.63	3.63
5.	6003- ଆଭ୍ୟନ୍ତରୀଣ ଋଣ	-	-	56.63	56.63
	ମୋଟ	18.56	0.26	60.26	**79.08**

ଉତ୍ସ : ସଂପୃକ୍ତ ବର୍ଷମାନଙ୍କ ପାଇଁ ବିନିଯୋଗର ହିସାବ

[29] ଅନୁଦାନ ବ୍ୟବସ୍ଥା ବିଧାନ ସଭା ସଭ୍ୟଙ୍କ ଦ୍ୱାରା ଅନୁମୋଦିତ କରଯାଇଥାଏ ।

[30] ବଜେଟ ଅଟକଳକୁ ଖର୍ଚ୍ଚ କରିବା ପାଇଁ ସିଧାସଳଖ ବ୍ୟବସ୍ଥିତ କରିବାକୁ ବିନିଯୋଗ କୁହାଯାଏ ଏବଂ ଏହା ବିଧାନ ସଭାରେ ଅନୁମୋଦିତ କରାଯାଏ ନାହିଁ ।

[31] 87,887 ଟଙ୍କା କେବଳ

ରାଜ୍ୟ ବିଧାନସଭା ଦ୍ୱାରା ଅନୁମୋଦିତ ଅନୁଦାନ ଠାରୁ ଅଧିକ ଖର୍ଚ୍ଚର ପୁନରାବୃତ୍ତି ବିଧାନ ସଭାର ଇଚ୍ଛା ଓ ଗଣତନ୍ତ୍ରର ମୌଳିକ ନିୟମର ଉଲ୍ଲଙ୍ଘନ ଅଟେ । ଯାହା ଲୋକସଭା /ରାଜ୍ୟ ବିଧାନ ସଭାର ବିନା ଅନୁମୋଦନରେ କୌଣସି ଟଙ୍କା ଖର୍ଚ୍ଚ କରାଯାଇ ପାରିବ ନାହିଁ ଏବଂ ଏହାକୁ ସଂଘାତିକ ଭାବେ ଦେଖିବା ଆବଶ୍ୟକ ।

ସୁପାରିଶ 4: ରାଜ୍ୟ ସରକାର ଅଧିକ ଖର୍ଚ୍ଚର କାରଣକୁ ବିଶ୍ଳେଷଣ କରନ୍ତୁ । ଅର୍ଥ ବିଭାଗ ସୁନିଶ୍ଚିତ କରିବା ଉଚିତ୍ ଯେ, ନିଜ ବିଭାଗ ସହିତ କୌଣସି ବିଭାଗୀୟ ନିୟନ୍ତ୍ରଣ ଅଧିକାରୀ ବିଧାନ ସଭା ଅନୁମୋଦିତ ଅନୁଦାନ ଠାରୁ ଅଧିକ ଖର୍ଚ୍ଚ କରିବେ ନାହିଁ ।

2.2.2.2 ଅଧିକ ଖର୍ଚ୍ଚର ଆବଶ୍ୟକୀ ନିୟମିତକରଣ

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 205 ଅନୁଯାୟୀ ଅଧିକ ଖର୍ଚ୍ଚକୁ ରାଜ୍ୟ ବିଧାନ ସଭା ଦ୍ୱାରା ନିୟମିତ କରାଇବା ରାଜ୍ୟ ସରକାରଙ୍କ ପାଇଁ ପାଳନୀୟ । ସରକାରୀ ହିସାବ କମିଟି ଦ୍ୱାରା ବିନିଯୋଗ ହିସାବର ଆଲୋଚନା ପରେ ଅଧିକ ଖର୍ଚ୍ଚ ନିୟମିତ କରାଯିବାର ଥିଲା । ଏହି ଉପଲକ୍ଷେ ସଂପୃକ୍ତ ବିଭାଗ ଅର୍ଥ ବିଭାଗ ଜରିଆରେ ଅଧିକ ଖର୍ଚ୍ଚ ପାଇଁ ବ୍ୟାଖ୍ୟାତ୍ମକ ଟିପ୍ପଣୀ ସରକାରୀ ହିସାବ କମିଟି ନିକଟରେ ଉପସ୍ଥାପନ କରିବା ଆବଶ୍ୟକ ।

ରାଜ୍ୟ ସରକାର 2013-14 ରୁ 2016-17 ମଧ୍ୟରେ ଅନୁଦାନ ଠାରୁ ଅଧିକ ଖର୍ଚ୍ଚ କରିଥିବା 79.08 କୋଟି ଟଙ୍କା ଏବଂ ବର୍ଷର 2017-18 ଅବଧିରେ ଖର୍ଚ୍ଚ କରିଥିବା 0.52 କୋଟି ଟଙ୍କାକୁ ମାର୍ଚ୍ଚ 2019 ସୁଦ୍ଧା ନିୟମିତ କରିବାରେ ବିଫଳିତ ହୋଇଥିଲା ।

ସରକାର ତାଙ୍କ ଉତ୍ତରରେ ଅଧିକ ଖର୍ଚ୍ଚକୁ ନିୟମିତ କରିବା ପାଇଁ ପଦକ୍ଷେପ ନିଆଯିବା ବିଷୟ ବ୍ୟକ୍ତ କରିଥିଲେ (ମାର୍ଚ୍ଚ 2019) ।

ସୁପାରିଶ 5: ସମସ୍ତ ଅଧିକ ଖର୍ଚ୍ଚ ଘଟଣାଗୁଡ଼ିକୁ ଯଥାଶିଘ୍ର ନିୟମିତ କରିବା ଦରକାର ।

2.2.2.3 ସଂଚୟ

2017-18 ବର୍ଷରେ ମୋଟ ସଂଚୟ 21,206 କୋଟି ଟଙ୍କା ଥିଲା । ଏଥିମଧ୍ୟରୁ 11,672 କୋଟି ଟଙ୍କା (55.04 ପ୍ରତିଶତ) 10 ଟି ଅନୁଦାନ ଓ ଗୋଟିଏ ବିନିଯୋଗ କ୍ଷେତ୍ରରେ 100 କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସଂଚୟ ସହିତ ମୋଟ ଅନୁଦାନର 20 ପ୍ରତିଶତରୁ ଅଧିକ ସମ୍ବନ୍ଧରେ ଥିଲା (ପରିଶିଷ୍ଟ -2.1) ।

ଆହୁରି ମଧ୍ୟ 2013-18 ବର୍ଷଗୁଡ଼ିକରେ 100 କୋଟିରୁ ଉର୍ଦ୍ଧ୍ୱ ଲେଖାଏଁ ସଂଚୟ ବଳବତ୍ତର ରହିଥିଲା । ଯାହା ସାରଣୀ 2.4 ରେ ଦର୍ଶାଯାଇଛି ।

ସାରଣୀ **2.4: 2013-18** ବର୍ଷ ମଧ୍ୟରେ ଅନୁଦାନ /ବିନିଯୋଗର କ୍ରମାଗତ ସଂଚୟ

କ୍ର. ସଂ	ଅନୁମୋଦନ ସଂଖ୍ୟା	ଅନୁମୋଦନ ବିନିଯୋଗର ନାମ	ସଂଚୟରାଶିର ପରିମାଣ କୋଟି ଟଙ୍କାରେ (ପ୍ରତିଶତ)				
			2013-14	2014-15	2015-16	2016-17	2017-18
ରାଜସ୍ୱ ଅନୁମୋଦିତ							
1	1	ଗୃହ	175.54 (7)	178.91 (6)	255.57 (8)	289.00 (8)	384.58 (9)
2	3	ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା	2,633.53 (43)	1,247.47 (36)	2,038.41 (39)	1,889.79 (37)	182.04 (19)
3	5	ଅର୍ଥ	2,754.72 (29)	2,052.78 (23)	3,233.94 (33)	4,431.05 (38)	4,177.53 (32)
4	10	ବିଦ୍ୟାଳୟ ଓ ଗଣଶିକ୍ଷା	509.22 (7)	1,414.78 (15)	1,942.82 (18)	1,637.59 (14)	2,081.16 (15)

କ୍ର. ସଂ	ଅନୁମୋଦନ ସଂଖ୍ୟା	ଅନୁମୋଦନ ବିନିଯୋଗର ନାମ	ସଂଚୟରାଶିର ପରିମାଣ କୋଟି ଟଙ୍କାରେ (ପ୍ରତିଶତ)				
			2013-14	2014-15	2015-16	2016-17	2017-18
5	11	ଅନୁସୂଚିତ ଜନଜାତି ଏବଂ ଜନଜାତି ବିକାଶ ଓ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ	263.10 (16)	373.64 (20)	316.00 (14)	359.40 (15)	281.33 (11)
6	12	ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ	303.30 (14)	651.88 (19)	222.71 (7)	406.52 (9)	516.22 (11)
7	17	ପଂଚାୟତି ରାଜ	436.05 (12)	2,064.92 (30)	1,439.68 (16)	664.93 (7)	1,971.73 (18)
8	20	ଜଳ ସଂପଦ	117.70 (8)	333.91 (19)	152.85 (8)	129.86 (6)	241.00 (11)
9	36	ମହିଳା ଓ ଶିଶୁ ବିକାଶ	249.75 (6)	1,107.72 (24)	351.31 (9)	798.74 (27)	922.38 (29)

ଉତ୍ସ : ଓଡ଼ିଶା ସରକାରଙ୍କର ସଂପୃକ ବର୍ଷମାନଙ୍କର ବିନିଯୋଗର ହିସାବ ।

ଦ୍ରଷ୍ଟବ୍ୟ : ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟା ମୋଟ ଅନୁଦାନର ପ୍ରତିଶତ ।

2017-18 ବର୍ଷରେ ବିପର୍ଯ୍ୟୟ ପରିଚାଳନା ବିଭାଗ ଅନୁଦାନ ସଂଖ୍ୟା 42 ଅଧିନରେ 5741.36 କୋଟି ଟଙ୍କାର ବଜେଟ ଆକଳନ ଥିବାବେଳେ 3,748.66 କୋଟି ଟଙ୍କାର (65.29 ପ୍ରତିଶତ) ସଂଚୟ ହୋଇଥିଲା ।

ବିଦ୍ୟାଳୟ ଓ ଗଣ ଶିକ୍ଷା, ଅନୁସୁଚିତ ଜାତିଓ ଜନ ଜାତି କଲ୍ୟାଣ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ପଂଚାୟତି ରାଜ ଏବଂ ମହିଳ ଓ ଶିଶୁ ବିକାଶ ବିଭାଗଗୁଡ଼ିକ ଅଧିନରେ ହୋଇଥିବା କ୍ରମାଗତ ସଂଚୟ ସରକାରଙ୍କ ଠାରୁ ଆବଶ୍ୟକୀୟ ପ୍ରାଥମିକତା ପାଉନଥିବା ତଥା ସଂପୃକ୍ତ ବିଭାଗ / କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକ ଦ୍ୱାରା କାର୍ଯ୍ୟାନ୍ୱୟନରେ ଅପାରଗତା ବିଷୟକୁ ସୂଚିତ କରୁଥିଲା ।

2.2.3 ଅନୁପୂରକ ଅନୁଦାନ

23 ଟି ଅନୁଦାନ (ପରିଶିଷ୍ଟ 2.2) ସଂପର୍କୀତ 30 ଟି କ୍ଷେତ୍ରରେ 3,021.33 କୋଟି ଟଙ୍କାର ଅନୁପୂରକ ଅନୁଦାନ (୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ) ଯାହା ମୋଟ ଅନୁପୂରକ ଅନୁଦାନର ୩୦.୭୪ ପ୍ରତିଶତ ଥିଲା, ତାହା ଅନାବଶ୍ୟକୀୟ ଥିବା ବିଷୟ ସମୀକ୍ଷା ବିଶ୍ଳେଷଣରେ ଜଣା ପଡ଼ିଲା । 17 ଟି ଅନୁଦାନ (ପରିଶିଷ୍ଟ – 2.3) ଅନ୍ତର୍ଗତ 19 ଟି କ୍ଷେତ୍ରରେ ବ୍ୟବସ୍ଥିତ ମୋଟ 5,361.05 କୋଟି ଟଙ୍କାର ଅନୁପୂରକ ଅନୁଦାନରେ 3,011.02 କୋଟି ଟଙ୍କା ଅଧିକ ହୋଇଥିବା ପ୍ରମାଣିତ ହୋଇଥିଲା । ଅନ୍ୟପକ୍ଷରେ 7 ଟି ଅନୁଦାନ (ପରିଶିଷ୍ଟ – 2.4) ଅନ୍ତର୍ଗତ 17 କ୍ଷେତ୍ରରେ 342.77 କୋଟି ଟଙ୍କାର ଅନୁପୂରକ ଅନୁଦାନ ପର୍ଯ୍ୟାପ୍ତ ନ ଥିଲା ଓ ଏହା 56.77 ପ୍ରତିଶତ (ଚାର୍ଟ – 2.3) କମ ହୋଇଥିଲା ।

ଚାର୍ଟ 2.3: ଅନାବଶ୍ୟକ, ଅତ୍ୟଧିକ ଏବଂ ଅପର୍ଯ୍ୟାପ୍ତ ଅନୁପୁରକ ବ୍ୟବସ୍ଥା



ଉତ୍ସ : ବିନିଯୋଗ ହିସାବ

2.2.4 *ପୁର୍ନବିନିଯୋଗ*

ସଂଜ୍ଞା ଅନୁସାରେ ସମାନ ଅନୁଦାନ ତଥା ବିଭାଗ (ପୁଞ୍ଜି, ରାଜସ୍ୱ କିମ୍ବା ଋଣ) ଅନ୍ତର୍ଗତ ଗୋଟିଏ ପରିକଳ୍ପନା/ ୟୁନିଟର ସଂଚୟକୁ ଅନ୍ୟଗୋଟିଏ ପରିକଳ୍ପନାକୁ ସ୍ଥାନାନ୍ତର ନିମନ୍ତେ ପୁର୍ନବିନିଯୋଗ ବ୍ୟବସ୍ଥିତ କୁହାଯାଏ । 14 ଟି କ୍ଷେତ୍ରରେ ପୁର୍ନବିନିଯୋଗ ଅନାବଶ୍ୟକ / ଅଧିକ ଥିବା ଏବଂ 10 ଟି କ୍ଷେତ୍ରରେ ଏହା ଅପରିର୍ଯ୍ୟାପ୍ତ ଥିବା ପ୍ରମାଣିତ ହୋଇଥିଲା। ଏହାଦ୍ୱାରା 62.93 କୋଟି ଟଙ୍କାର କମ୍ ଏବଂ 112.45 କୋଟି ଟଙ୍କାର ଅଧିକ ଖର୍ଚ୍ଚ ହୋଇଥିଲା । ଯାହାର ବିବରଣୀ (ପିରଗିଷ୍ଟ – 2.5) ରେ ଦର୍ଶାଯାଇଛି ।

2017-18 ବର୍ଷରେ 7,918.94 କୋଟି ଟଙ୍କା (1,710 ବିଷୟର) ପୁର୍ନବିନିଯୋଗ ଆଦେଶ ଜାରି କରାଯାଇଥିଲା।

ପୁର୍ନବିନିଯୋଗର ସମୀକ୍ଷା ବିଶ୍ଳେଷଣ ନିମ୍ନରେ ଚିତ୍ରିତ କରାଯାଇଛି :

ଚାର୍ଟ 2.4: ସର୍ବମୋଟ ବଜେଟ ଉପରେ ପୁର୍ନବିନିଯୋଗ



ଉତ୍ସ : ବିନିଯୋଗ ହିସାବ

ପୁର୍ନବିନିଯୋଗର ସମୟସୀମା 26.02.2018 ଥିବା ବିଷୟ ଅର୍ଥ ସୂଚିତ କରିଥିଲେ (ଫେବୃୟାରୀ 2018) । ଏହାସତ୍ତ୍ୱେ 26 ଟି କ୍ଷେତ୍ରରେ 1,043.38 କୋଟି ଟଙ୍କାର (ଏକ କୋଟିରୁ ଉର୍ଦ୍ଧ୍ୱ) ପୁର୍ନବିନିଯୋଗ ଆଦେଶ 31.03.2018 ରେ ଜାରି କରାଯାଇଥିଲା । ଯେଉଁଥିପାଇଁ 2017-18 ବର୍ଷରେ ଏହାକୁ ଖର୍ଚ୍ଚ କରିବାର କୌଣସି ଆବଶ୍ୟକତା ନ ଥିଲା (ପରିଶିଷ୍ଟ – 2.6) ।

ଖର୍ଚ୍ଚ ନିୟନ୍ତ୍ରଣ ପ୍ରକ୍ରିୟା ପଯ୍ୟାପ୍ତ ନଥିବା ଏବଂ ପୁର୍ନବିନିଯୋଗ ରିଅଲ ଟାଇମ ତଥ୍ୟ ଭିତ୍ତିକ ହୋଇନଥିବା ବିଷୟକୁ ଏହା ସୂଚିତ କରୁଥିଲା ।

ସୁପାରିଶ – 6 ସୂଚନା ପ୍ରଯୁକ୍ତି ବିଦ୍ୟାର ସଦୁପଯୋଗ ପୂର୍ବକ ରାଜ୍ୟ ସରକାର ପ୍ରତିଶୃତି ଯୁକ୍ତ ଖର୍ଚ୍ଚ ଏବଂ ବାସ୍ତବ ପ୍ରାପ୍ତିର ପୁର୍ନବିନିଯୋଗ ରିଅଲ ଟାଇମ ତଥ୍ୟ ଭିତ୍ତିରେ ଜାରି କରିବା ଉଚିତ୍ ।

ପୁର୍ନ ବିନିଯୋଗ ମାଧ୍ୟମରେ ବ୍ୟବସ୍ଥିତ ଅର୍ଥର ପୁର୍ନବିନିଯୋଗକୁ ସୁନିଶ୍ଚିତ କରିବା ପାଇଁ ଅର୍ଥ ବିଭାଗ ଦ୍ୱାରା ଅନୁଦାନ ନିୟନ୍ତ୍ରଣ ଅଧିକାରୀ ମାନଙ୍କୁ ଥରକୁ ଥର ନିର୍ଦ୍ଦେଶ ଜାରୀ କରାଯାଇଥିବା ବିଷୟ ରାଜ୍ୟ ସରକାର ବ୍ୟକ୍ତ କରିଥିଲେ (ମାର୍ଚ୍ଚ 2019) । କିନ୍ତୁ ସତ୍ୟତା ଏହି କି ପୁର୍ନବିନିଯୋଗ ପୂର୍ବରୁ ପାଣ୍ଠି ଆବଶ୍ୟକତାର ସଠିକ୍ ଆକଳନ କରାଯାଇନଥିଲା ।

2.2.5 ମାତ୍ରାଧିକ ଫେରସ୍ତ

17 ଟି ଅନୁମୋଦନ ଅର୍ନ୍ତଗତ 45 ଟି ଉପଶୀର୍ଷକରେ (ପ୍ରତି କ୍ଷେତ୍ରରେ 10 କୋଟି ଟଙ୍କା କିମ୍ବା ଉର୍ଦ୍ଧ୍ୱ) ମୋଟ ଅନୁଦାନର ଶତ ପ୍ରତିଶତ ଅର୍ଥ ଫେରସ୍ତ ହୋଇଥିଲା । ଏଗୁଡ଼ିକ ବିଭିନ୍ନ ପରିକଳ୍ପନା / କାର୍ଯ୍ୟକ୍ରମ / ପ୍ରକଳ୍ପ ତଥା କ୍ରିୟାକଳାପ ସଂପର୍କିତ ଥିଲା (ପରିଶିଷ୍ଟ – 2.7) । ସେହିପରି 2015-16 ଏବଂ 2016-17 ଅବଧିରେ ଯଥାକ୍ରମେ 2,731.20 କୋଟି ଟଙ୍କା (21 ଟି ଅନୁଦାନ) ଏବଂ 1,788.12 କୋଟି ଟଙ୍କା (15 ଟି ଅନୁଦାନ) ଫେରସ୍ତ କରାଯାଇଥିଲା । ପ୍ରକଳ୍ପଗୁଡ଼ିକର ବିଳମ୍ବିତ ଅନୁମୋଦନ ତଥା ଟେଣ୍ଡର ଚୁଡ଼ାନ୍ତ ନ ହେବା ଭାରତ ସରକାରଙ୍କ ଠାରୁ କେନ୍ଦ୍ରିୟ ଅଂଶ ପ୍ରାପ୍ତ ନ ହେବା, ପାଣ୍ଠି ବିନିଯୋଗ ନ ହେବା ଇତ୍ୟାଦି ଏହି ଫେରସ୍ତର ପ୍ରମୁଖ କାରଣ ଥିଲା ।

ରାଜ୍ୟ ସରକାର ବ୍ୟକ୍ତ କରିଥିଲେ (ମାର୍ଚ୍ଚ 2019) ଯେ, କେତେକ କ୍ଷେତ୍ରରେ ପାଣ୍ଠି ବ୍ୟବସ୍ଥା କରିବାର ଆବଶ୍ୟକତା ଥାଏ, ଯେପରିକି ପ୍ରାକୃତିକ ଦୁର୍ବିପାକ ଖର୍ଚ୍ଚର ପୁର୍ବାନୁମାନ ସମ୍ଭବ ହୋଇନଥାଏ । ଆହୁରି ମଧ୍ୟ ବ୍ୟକ୍ତ କରିଥିଲେ ଯେ, ହିତାଧିକାରୀ ଚିହ୍ନଟ ତଥା ଯାଂଚ ଏକ ସମୟସାପେକ୍ଷ ପ୍ରକ୍ରିୟା ହୋଇଥିବାରୁ ତାହା ସମ୍ପୂର୍ଣ୍ଣ କରାଯାଇ ପାରିନ ଥିଲା ଏବଂ ସେହି କାରଣରୁ ମୋଟ ଫେରସ୍ତ ଅର୍ଥ ମଧ୍ୟରୁ ଜମାକାରୀଙ୍କ ସୁରକ୍ଷା ବାବଦରେ ବ୍ୟବସ୍ଥିତ 300 କୋଟି ଟଙ୍କା ଫେରସ୍ତ କରାଯାଇଥିଲା । ମାତ୍ର ସତ୍ୟତା ଏହା ଥିଲା ଯେ, ପାଣ୍ଠି ବିନିଯୋଗ କରା ନ ଯାଇ, ଶେଷରେ ଫେରସ୍ତ କରାଯିବା ଫଳରେ ହିତାଧିକାରୀମାନଙ୍କୁ ଅଭିଳଷିତ ସୁବିଧା ପ୍ରଦାନ କରାଯାଇନଥିଲା । ଅବଶିଷ୍ଟ 44 ଟି କ୍ଷେତ୍ରରେ ପାଣ୍ଠି ଫେରସ୍ତର କୌଣସି କାରଣ ସରକାର ଦର୍ଶାଇନଥିଲେ ।

2.2.6 ସଂଚୟ ଅପେକ୍ଷା ଅଧିକ ପ୍ରତ୍ୟର୍ପଣ

10 ଟି (9 ଟି ଅନୁଦାନ) କ୍ଷେତ୍ରରେ 8,128.15 କୋଟି ଟଙ୍କା ସଂଚୟ ହୋଇଥିଲା ବେଳେ 8,312.17 କୋଟି ଟଙ୍କା ପ୍ରତ୍ୟାର୍ପଣ କରାଯାଇଥିଲା । ଯାହା ଫଳରେ 184.02 କୋଟି ଟଙ୍କା ଏକ କୋଟି କିମ୍ବା ତଦୁର୍ଦ୍ଧ୍ୱ ପ୍ରତ୍ୟେକ କ୍ଷେତ୍ରରେ ଅଧିକ ପ୍ରତ୍ୟାର୍ପଣ ହୋଇଥିଲା, ଯାହାକି ସାରଣୀ 2.5 ରେ ନିମ୍ନମତ୍ତେ ଦର୍ଶାଯାଇଛି ।

ସାରଣୀ **2.5:** 2017-18 ଆର୍ଥିକ ବର୍ଷରେ ବାସ୍ତବ ସଂଚୟ ଠାରୁ ଅଧିକ ପ୍ରତ୍ୟାର୍ପଣର ବିବରଣ

(କୋଟି ଟଙ୍କାରେ)

କ୍ର.ସଂ	ଅନୁଦାନ/ବିନିଯୋଗର ସଂଖ୍ୟା ଓ ନାମ	ସର୍ବମୋଟ ଅନୁଦାନ / ବିନିଯୋଗ	ସଂଚୟ	ପ୍ରତ୍ୟାର୍ପଣ ରାଶି	ଅଧିକ ପ୍ରତ୍ୟାର୍ପଣ ରାଶି
1	1- ଗୃହ (ରାଜସ୍ୱ ଅନୁମୋଦିତ)	4,195.76	384.58	386.44	1.86
2	4- ଆଇନ (ରାଜସ୍ୱ ଅନୁମୋଦିତ)	343.05	63.12	64.83	1.71
3	5- ବିତ୍ତ (ରାଜସ୍ୱ ଅନୁମୋଦିତ)	13,182.86	4,177.53	4,179.45	1.92
4	9- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ (ରାଜସ୍ୱ ଅନୁମୋଦିତ)	1,005.51	19.92	21.54	1.62
5	11- ଅନୁସୁଚିତ ଜନଜାତି, ଜାତି ବିକାଶ ଓ ସଂଖ୍ୟଲଘୁ ଓ ପଛୁଆ ବର୍ଗ କଲ୍ୟାଣ (ପୁଞ୍ଜି ଅନୁମୋଦିତ)	582.02	54.66	67.11	12.45
6	12- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ (ରାଜସ୍ୱ ଅନୁମୋଦିତ)	4,609.05	516.22	535.58	19.36
7	13- ଗୃହ ଏବଂ ନଗର ଉନ୍ନୟନ (ରାଜସ୍ୱ ଅନୁମୋଦିତ)	4,142.82	428.86	496.56	67.70
8	13- ଗୃହ ଏବଂ ନଗର ଉନ୍ନୟନ (ପୁଞ୍ଜି ଅନୁମୋଦିତ)	1,016.55	49.65	53.02	3.37
9	17- ପଂଚୟତିରାଜ (ରାଜସ୍ୱ ଅନୁମୋଦିତ)	11,246.67	1,971.73	2,031.15	59.42
10	28- ଗ୍ରାମ୍ୟ ଉନ୍ନୟନ (ରାଜସ୍ୱ ଅନୁମୋଦିତ)	2,917.23	461.88	476.49	14.61
	ମୋଟ	**43,241.52**	**8,128.15**	**8,312.17**	**184.02**

ଉତ୍ସ : 2017-18 ବର୍ଷର ବିନିଯୋଗ ହିସାବ

ଏହି ଅଧିକ ପ୍ରତ୍ୟାର୍ପଣରୁ ସୂଚିତ ହୁଏ ଯେ, ବିଭାଗ ଗୁଡ଼ିକ ମାସିକ ଖର୍ଚ୍ଚ ବିବରଣୀ ମାଧ୍ୟମରେ ବ୍ୟୟର ହିସାବ ଆବଶ୍ୟକୀୟ ବଜେଟ ନିୟନ୍ତ୍ରଣ ରଖିବାରେ ବିଫଳ ହୋଇଥିଲେ ।

ସୁପାରିଶ **7:** ସରକାର ଅବିବେଚିତ ପ୍ରତ୍ୟାର୍ପଣ ନିବାରଣ କରିବା ଉଚିତ୍ ।

2.2.7 ଫେରସ୍ତ ହୋଇନଥିବା ପ୍ରତ୍ୟାଶିତ ସଂଚୟ

ଓଡ଼ିଶା ବଜେଟ ମାନୁଆଲ ନିୟମ 146 ଅନୁଯାୟୀ ଖର୍ଚ୍ଚ କରୁଥିବା ବିଭାଗ ଗୁଡ଼ିକ ସମ୍ଭାବିତ ସଂଚୟ କ୍ଷେତ୍ରମାନଙ୍କରେ ଅନୁଦାନ ବିନିଯୋଗ ରାଶି କିମ୍ବା ତାର ଅଂଶ ବିଶେଷକୁ ଅର୍ଥ ବିଭାଗକୁ ଫେରସ୍ତ କରିବା ଉଚିତ୍। ଅର୍ଥ ବିଭାଗର ଆଦେଶ (ଫେବୃୟାରୀ 2018) ଅନୁଯାୟୀ, ବ୍ୟୟ ହୋଇନଥିବା ରାଶି 28.02.2018 ସୁଦ୍ଧା କିମ୍ବା ତା ପୁର୍ବରୁ ଫେରସ୍ତ ହେବା ଉଚିତ୍ । ଅନୁଦାନ ଗୁଡ଼ିକର ସଂଚୟ ଓ ସଂପୃକ୍ତ ବିଭାଗଗୁଡ଼ିକ ଦ୍ୱାରା ସେଗୁଡ଼ିର ପ୍ରତ୍ୟାର୍ପଣର ସମୀକ୍ଷା ନିମ୍ନଲିଖିତ ତଥ୍ୟଗୁଡ଼ିକୁ ଦର୍ଶାଉଛି ।

- ସର୍ବମୋଟ ସଂଚୟ ଯେତେବେଳେ 7,957.36 କୋଟି ଟଙ୍କା (11 କ୍ଷେତ୍ରରେ) ଥିଲା, ମାତ୍ର 6,722.65 କୋଟି ଟଙ୍କା ପ୍ରତ୍ୟାର୍ପଣ କରାଯାଇଥିଲା । ଯେଉଁଥିରେ କି 1,234.71 କୋଟି ଟଙ୍କା (ମୋଟ ସଂଚୟର 15.52 ପ୍ରତିଶତ) ଫେରସ୍ତ ନ ହୋଇ ବାକି ରହି ଯାଇଥିଲା । ପରିଶିଷ୍ଟ 2.8 ରେ ବିସ୍ତୃତ ଭାବରେ ବର୍ଣ୍ଣନା ହୋଇଅଛି । ସେହିପରି ବର୍ଷ 2015-16 ରେ 1097.43 କୋଟି ଟଙ୍କା (24 ଟି କ୍ଷେତ୍ରରେ) ଏବଂ 2016-17 ରେ 343.05 କୋଟି ଟଙ୍କା (17 ଟି କ୍ଷେତ୍ରରେ) ପ୍ରତ୍ୟାର୍ପଣ କରାଯାଇନଥିଲା ।
- ଏହାବ୍ୟତୀତ, ଆର୍ଥିକ ବର୍ଷର ଅନ୍ତିମ କାର୍ଯ୍ୟ ଦିବସରେ 12,392.75 କୋଟି ଟଙ୍କା, (25 ଟି ଅନୁଦାନ) 45 କ୍ଷେତ୍ରରେ (ପ୍ରତ୍ୟାର୍ପଣ ରାଶି 10 କୋଟି ଟଙ୍କାରୁ ଅଧିକ) ରେ ପ୍ରତ୍ୟାର୍ପଣ କରାଯାଇଥିଲା (ପରିଶିଷ୍ଟ 2.9) । ସେହିପରି 6,774.44 କୋଟି ଟଙ୍କା (33 ଟି କ୍ଷେତ୍ରରେ) ଏବଂ 8,448.64 କୋଟି ଟଙ୍କା (28 ଟି କ୍ଷେତ୍ରରେ) ଆର୍ଥିକ ବର୍ଷ 2015-16 ଏବଂ 2016-17 ବର୍ଷର ଶେଷ କାର୍ଯ୍ୟାଦିବସରେ ପ୍ରତ୍ୟାର୍ପଣ କରାଯାଇଥିଲା ।

ମାର୍ଚ୍ଚ 2015 ସୁଦ୍ଧା ସମାପ୍ତ ହୋଇଥିବା ବର୍ଷର ରାଜ୍ୟ ଆର୍ଥିକ ଅଡ଼ିଟ ପ୍ରତିବେଦନ ଅନୁଚ୍ଛେଦ 2.3.10 ର ଜବାବରେ ସରକାର ଦର୍ଶାଇଲେ ଯେ (ନଭେମ୍ବର 2015) ପ୍ରତ୍ୟାଶିତ ସଂଚୟର ପ୍ରତ୍ୟାର୍ପଣକୁ ସମ୍ପନ୍ନିତ ଆର୍ଥିକ ପ୍ରବନ୍ଧନ ବ୍ୟବସ୍ଥା (ଆଇଏଫଏମଏସ) ସ୍ଥିରକୃତ ବ୍ୟୟ ସାମଞ୍ଜସ୍ୟ ମଡ୍ୟୁଲ ମାଧ୍ୟମରେ ସୁନିଶ୍ଚିତ କରାଯିବା କଥା । ତିନି ବର୍ଷ ମଧ୍ୟରେ ଏହିପରି ଅନିୟମିତତା ପୁର୍ନବାର ସରକାର (ମାର୍ଚ୍ଚ 2019) ରେ ବ୍ୟକ୍ତ କଲେ ଯେ, ଭଲ ବଡ଼ ରକମ କେନ୍ଦ୍ରୀୟ ସହାୟତା ଆର୍ଥିକ ବର୍ଷର ଶେଷ ଭାଗକୁ ମିଳିଅଛି ।

ସୁପାରିଶ **8:** ସମସ୍ତ ପ୍ରତ୍ୟାଶା କରାଯାଇଥିବା ସଂଚୟ ଠିକ୍ ସମୟରେ ପ୍ରତ୍ୟାର୍ପଣ କରିବା ଉଚିତ୍ । ଯାହାଫଳରେ ପାଣ୍ଠିକୁ ଅନ୍ୟାନ୍ୟ ଉନ୍ନତିମୂଳକ ଉଦ୍ଦେଶ୍ୟରେ ବିନିଯୋଗ କରାଯାଇ ପାରିବ ।

2.2.8 ଆର୍ଥିକ ବର୍ଷର ଶେଷ ଭାଗରେ ପାଣ୍ଠି ମଂଜୁର କରିବା

ଅର୍ଥ ବିଭାଗର ଆଦେଶ (16 ଡ଼ିସେମ୍ବର 2017) ଅନୁସାରେ, ଆର୍ଥିକ ବର୍ଷର ଶେଷ ମାସରେ ଖର୍ଚ୍ଚର ଭିଡ଼କୁ ରୋକିବା ପାଇଁ ମଂଜୁରୀ ଆଦେଶ ନିର୍ଗମ କରିବାର ପ୍ରକ୍ରିୟା, ପାଣ୍ଠି ଖଲାସା କିମ୍ବା ପତ୍ୟାର୍ପଣ ଅର୍ଥ 31.01.2018 ସୁଦ୍ଧା ଶେଷ ହେବା ଉଚିତ୍ ।

କାର୍ଯ୍ୟକାରି ସଂସ୍ଥାମାନଙ୍କୁ ଠିକ୍ ସମୟରେ ପାଣ୍ଠି ମଂଜୁର କରିବା ଦ୍ୱାରା ବ୍ୟୟର କ୍ଷିପ୍ରତାକୁ ଏଡ଼ାଇ ଦିଆଯାଇପାରିବ । ମଂଜୁରୀ ଆଦେଶଗୁଡ଼ିକର ସମୀକ୍ଷା କରିବା ସମୟରେ ଏହା ଅବଗତ ହେଲା ଯେ, ସରକାର ମାର୍ଚ୍ଚ 2018 ଶେଷ ସପ୍ତାହରେ 10 ଟି ବିଭାଗର ବିଭିନ୍ନ ପରିକଳ୍ପନାର କାର୍ଯ୍ୟାନ୍ୱୟନ ପାଇଁ 624.90 କୋଟି ଟଙ୍କା ଖଲାସ କରାଯାଇଥିଲା (ପରିଶିଷ୍ଟ – 2.10) । ଏଥିରୁ 39.81 କୋଟି ଟଙ୍କା 2018 ମାର୍ଚ୍ଚ 31 ରେ ଖଲାସ କରାଯାଇଥିଲା । ଯାହାର ବିଶଦ ସାରଣୀ 2.6 ରେ ଦିଆଯାଇଛି । ଆର୍ଥିକ ବର୍ଷ 2017-18 ରେ ଏହି ପାଣ୍ଠିର ସଦୁପୋଯୋଗ ହେବାର ସମ୍ଭାବନା ନଥିଲା ।

ସାରଣୀ **2.6:** ବିଭାଗ ଅନୁଯାୟୀ 31.03.2018 ସୁଦ୍ଧା ପାଣ୍ଠିର ଖଲାସ

(କୋଟି ଟଙ୍କାରେ**)**

କ୍ର. ସଂ	ବିଭାଗ ନାମ	ଉଦ୍ଦେଶ୍ୟ	ତାରିଖ	ପରିମାଣ
1	ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ	ଜାତୀୟ ସ୍ୱାସ୍ଥ୍ୟ ମିଶନର ଧାରାବାହିକତା	31/03/2018	9.79
		ଜାତୀୟ ସ୍ୱାସ୍ଥ୍ୟ ମିଶନର ଧାରାବାହିକତା	31/03/2018	6.22
		ଜାତୀୟ ସ୍ୱାସ୍ଥ୍ୟ ମିଶନର ଧାରାବାହିକତା	31/03/2018	11.70
2	ମହିଳା ଓ ଶିଶୁ ବିକାଶ	ଆଇଏସଏସଏନଆଇପିରେ ସଂଘଳକ ଏକାଭିମୁଖୀ ପୃଷ୍ଟିକାର୍ଯ୍ୟ ନବୀକରଣ ପଥ ଦର୍ଶାୟତ	31/03/2018	1.29
3	ଗୃହ	ପୋଷାକ ପରିଚ୍ଛେଦ ଦ୍ରବ୍ୟର କ୍ରୟ	31/03/2018	1.62
		ବିଭିନ୍ନ ଉପକରଣର କ୍ରୟ	31/03/2018	1.31
		ପୋଷାକ ପରିଚ୍ଛେଦ ଦ୍ରବ୍ୟର କ୍ରୟ	31/03/2018	5.92
		ଉପକରଣ, ଢାଲର କ୍ରୟ	31/03/2018	0.13
		ବିଭିନ୍ନ ଦଂଗା ନିୟନ୍ତ୍ରଣ ସାମଗ୍ରୀର କ୍ରୟ	31/03/2018	0.09
		ଅଂଗ ରକ୍ଷାକାରୀ ସେଟର କ୍ରୟ	31/03/2018	0.09
		ଆସବାବ ସାମଗ୍ରୀର କ୍ରୟ	31/03/2018	0.06
		ଆସବାବ ସାମଗ୍ରୀର କ୍ରୟ	31/03/2018	0.30
		ଭାଂଗୁଥିବା ନଳାକାରର ଷ୍ଟିଲ ଖଟ	31/03/2018	0.12
		ଭାଂଗୁଥିବା ନଳାକାରର ଷ୍ଟିଲ ଖଟ	31/03/2018	0.47

କ୍ର. ସଂ	ବିଭାଗ ନାମ	ଉଦ୍ଦେଶ୍ୟ	ତାରିଖ	ପରିମାଣ
		ଭାଂଗୁଥିବା ନଳାକାରର ଷ୍ଟିଲ ଖଟ	31/03/2018	0.24
		ଭାଂଗୁଥିବା ନଳାକାରର ଷ୍ଟିଲ ଖଟ	31/03/2018	0.38
		ବିଭିନ୍ନ ଉପକରଣର କ୍ରୟ	31/03/2018	0.08
			ମୋଟ	39.81

ଉତ୍ସ : ସଂପୃକ୍ତ ବିଭାଗ ମାନଙ୍କ ଠାରୁ ପ୍ରାପ୍ତ ହୋଇଥିବା ମଂଜୁରି ଆଦେଶ

ଉପର ସାରଣୀରୁ ସୁସ୍ପଷ୍ଟ ହେଲା ଯେ, ମୋଟ ଖଲାସ ଅର୍ଥର 69.60 ପ୍ରତିଶତ (27.71 କୋଟି ଟଙ୍କା) ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବାବଦରେ ଅଛି । ଏହା ସୂଚିତ କରାଯାଏ ବଜେଟ ବ୍ୟବସ୍ଥାରେ ଥିବା ରାଶିକୁ ମୁଖ୍ୟତଃ ସମ୍ପୂର୍ଣ୍ଣ ରୂପେ ଶେଷ ପାଇଁ ପାଣ୍ଠି ଖଲାସ କରାଯାଇଥିଲା ।

2.3 ରୋକଡ଼ ପରିଚାଳନା ପଦ୍ଧତି ଏବଂ ଖର୍ଚ୍ଚର ଭିଡ଼

ରୋକଡ଼ ପରିଚାଳନା ପଦ୍ଧତିରେ ସମୟାନୁଯାୟି ଭାବରେ ବଜେଟର ଅନୁଦାନ ଖର୍ଚ୍ଚ କରିବା ପାଇଁ ଓଡ଼ିଶା ସରକାର 2017-18 ବର୍ଷ ପାଇଁ, ଓଡ଼ିଶା ବିଭାଗୀୟ ଦାୟିତ୍ୱ ଓ ବଜେଟ ପରିଚାଳନା ଅଧିନିୟମର ଧାରା 8 ର ଉପ-ଧାରା 1 (କ) ଙ୍କ 2016 ଅନୁସାରେ, 20 ଟି ବିଭାଗରେ ରୋକଡ଼ ପରିଚାଳନା ପଦ୍ଧତି କାର୍ଯ୍ୟାନ୍ୱିତ କରିଥିଲେ।

ରୋକଡ଼ ପରିଚାଳନା ପଦ୍ଧତିରେ ଖର୍ଚ୍ଚର ନିୟମାବଳୀ 2017-18 ଅନୁସାରେ ଖର୍ଚ୍ଚର ସ୍ରୋତ ସମାନ ଭାବରେ ହେବା ଉଚିତ୍ । ଅର୍ଥ ବିଭାଗର ଅନୁଦେଶ 29 ଏପ୍ରିଲ 2017 ଅନୁଯାୟୀ, ବଜେଟ ପ୍ରାବଧାନରେ ଖର୍ଚ୍ଚର ସ୍ତର ତୃତୀୟ ତୈୟବାର୍ଷିକ ସୁଧା ଅଟକଳ ବ୍ୟବସ୍ଥାର 60 ପ୍ରତିଶତରୁ କମ୍ ହେବା ଉଚିତ୍ ନୁହେଁ । ଏବଂ ମାର୍ଚ୍ଚ ମାସରେ 15 ପ୍ରତିଶତରୁ ଅଧିକ ହେବା ଉଚିତ୍ ନୁହେଁ ।

2017-18 ବର୍ଷରେ ରୋକଡ଼ ପରିଚାଳନା ପଦ୍ଧତି 20 ଟି ବିଭାଗରେ କାର୍ଯ୍ୟାନ୍ୱୟନ ହୋଇଥିଲା । ଏହି 20 ଟି ବିଭାଗ ମଧ୍ୟରୁ, 7 ଟି ବିଭାଗ[32] 60 ପ୍ରତିଶତରୁ ନିମ୍ନତମ ଅର୍ଥ ଅଟକଳ ବ୍ୟବସ୍ଥାର ଶେଷ ତୈୟମାସିକରେ ଖର୍ଚ୍ଚ କରିଥିଲେ । ଶିଳ୍ପ ବିଭାଗ ଅଟକଳ ବ୍ୟବସ୍ଥାର 23.87 ପ୍ରତିଶତ ତୃତୀୟ ତୈୟମାସିକର ଶେଷ ଭାଗରେ ଉପଯୋଗ କରିଥିଲେ । ସେହିପରି ଭାବରେ, ମାର୍ଚ୍ଚ 2018 ରେ 10 ଟି ବିଭାଗ[33] ମୁଳ ବଜେଟ ବ୍ୟବସ୍ଥାର 15 ପ୍ରତିଶତରୁ ଅଧିକ ଖର୍ଚ୍ଚ କରିଥିଲେ (ପରିସରର ମାତ୍ରା 16.23 ରୁ 30.86 ପ୍ରତିଶତ ପର୍ଯ୍ୟନ୍ତ) ଯାହା ନିମ୍ନସାରଣୀ 2.7 ରେ ଦର୍ଶାଗଲା ।

ସାରଣୀ **2.7:** ରୋକଡ଼ ପରିଚାଳନାର ପଦ୍ଧତିର ବିଶ୍ଳେଷଣ

(କୋଟି ଟଙ୍କାରେ)

କ୍ର.ସଂ	ବିଭାଗର ନାମ	ମୂଳ ଅଟକଳ	ଏପ୍ରିଲ – ଡ଼ିସେମ୍ବର 2017		ମାର୍ଚ୍ଚ 2018	
			ପ୍ରଥମ ତୈମାସିକ ଖର୍ଚ୍ଚ	ଖର୍ଚ୍ଚର ପ୍ରତିଶତ	ମାସର ଖର୍ଚ୍ଚ	ଖର୍ଚ୍ଚର ପ୍ରତିଶତ
1	7- ପୂର୍ତ୍ତ	4,972.43	2,861.33	**57.54**	892.68	**17.95**
2	9- ଖାଦ୍ୟ ଓ ଖାଉଟି ଯୋଗାଣ	1,006.72	628.14	**62.39**	146.18	**14.52**
3	10- ବିଦ୍ୟାଳୟ ଓ ଗଣ ଶିକ୍ଷା	13,897.23	7,586.11	**54.59**	2,716.49	**19.55**
4	11- ଅନୁସୂଚିତ ଜନଜାତି, ଜାତି ବିକାଶ ଓ ସଂଖ୍ୟାଲଘୁ, ପଛୁଆ ବର୍ଗ କଲ୍ୟାଣ	2,950.37	1,528.7	**51.81**	910.42	**30.86**
5	12- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ	5,712.33	3,225.17	**56.46**	854.98	**14.97**

[32] କ୍ରମିକ ସଂଖ୍ୟା.2,7,9,12,13,19 ଏବଂ 20 ସାରଣୀ 2.7

[33] କ୍ରମିକ ସଂଖ୍ୟା 1,3,4,6,9,10,12,13,17 ଏବଂ 19 ସାରଣୀ 2.7

କ୍ର.ସଂ	ବିଭାଗର ନାମ	ମୂଳ ଅଟକଳ	ଏପ୍ରିଲ – ଡ଼ିସେମ୍ବର 2017		ମାର୍ଚ୍ଚ 2018	
			ପ୍ରଥମ ତୈମାସିକ ଖର୍ଚ୍ଚ	ଖର୍ଚ୍ଚର ପ୍ରତିଶତ	ମାସର ଖର୍ଚ୍ଚ	ଖର୍ଚ୍ଚର ପ୍ରତିଶତ
6	13- ଗୃହ ଓ ନଗର ଉନ୍ନୟନ	4,492.31	2,438.55	**54.28**	1,085.44	**24.16**
7	17- ପଂଚାୟତି ରାଜ	8,782.83	7,155.29	**81.47**	742.81	**8.46**
8	19- ଶିକ୍ଷ	279.69	61.99	**23.87**	23.82	**8.52**
9	20- ଜଳସମ୍ପଦ	9,224.88	5,717.76	**62.02**	1,496.04	**16.23**
10	22- ଜଙ୍ଗଲ ଓ ପରିବେଶ	747.16	367.79	**49.23**	122.59	**16.41**
11	23- କୃଷି ଓ କୃଷକ ସଶକ୍ତିକରଣ	4,123.36	2,063.23	**50.04**	377.25	**9.15**
12	28- ଗ୍ରାମ୍ୟ ଉନ୍ନୟନ	7,374.35	4,558.23	**61.81**	1,367.19	**18.54**
13	30- ଶକ୍ତି	1,740.66	1,222.06	**70.21**	468.81	**26.93**
14	31- ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ	203.43	82.24	**40.43**	29.39	**14.45**
15	33- ମତ୍ସ୍ୟ ଓ ପଶୁସମ୍ପଦ ବିକାଶ	782.24	400.15	**51.15**	95.59	**12.22**
16	36- ମହିଳା ଏବଂ ଶିଶୁ ବିଭାଗ	2,883.08	1,539.62	**53.40**	387.27	**13.43**
17	38- ଉଚ୍ଚ ଶିକ୍ଷା	2,094.72	1,089.62	**52.02**	405.89	**19.38**
18	39- କୌଶଳ ବିକାଶ ଓ ବୈଷୟିକ ଶିକ୍ଷା	804.84	398.22	**49.48**	71.40	**8.87**
19	40- ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ	149.52	92.25	**61.70**	37.55	**25.11**
20	41- ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ	2,007.72	1,254.14	**62.47**	226.49	**11.28**

ଉତ୍ସ : ମାସିକ ବିନିଯୋଗର ହିସାବ ରିପୋର୍ଟ ଡ଼ିସେମ୍ବର 2017 ଏବଂ ମାର୍ଚ୍ଚ 2018

ଏଣୁ 20 ବିଭାଗ ମଧ୍ୟରୁ କେବଳ ତିନୋଟି ବିଭାଗ (କ୍ର.ସଂ. 2, 7 ଏବଂ 20) ବଜେଟ ଅନୁଦାନକୁ ରୋକଡ଼ ପରିଚାଳନା ପଦ୍ଧତି ଅନୁସାରେ ଖର୍ଚ୍ଚ କରିବାର ଗାଇଡ଼ଲାଇନକୁ ଅନୁସରଣ କରିଥିଲେ ।

2.3.1. ଓଡ଼ିଶା ବଜେଟ ମାନୁଆଲ ନିୟମ 147 ଅନୁସାରେ ଆର୍ଥିକ ବର୍ଷର ଶେଷ ମାସରେ ଦୃତ ଖର୍ଚ୍ଚ ଆର୍ଥିକ ନିୟମର ଅବମାନନା ଅଟେ, ଯାହାକୁ ପରିହାର କରିବା ଉଚିତ୍ । ଏହାକୁ ବ୍ୟତିକ୍ରମ କରି 11 ଟି ବିଭାଗର 18 ଟି ଯୋଜନାରେ (ଉପଖଣ୍ଡ) ଯେଉଁଥିଲେ ମାର୍ଚ୍ଚ 2018 ସୁଧା ସମସ୍ତ ବ୍ୟୟର (1,169.43 କୋଟି ଟଙ୍କା) 100 ପ୍ରତିଶତ ଖର୍ଚ୍ଚ ହୋଇଥିଲା (ପରିଶିଷ୍ଟ – 2.11)।

ମାର୍ଚ୍ଚ ମାସରେ ଅଧିକ ପ୍ରତିଶତ ଖର୍ଚ୍ଚ ଏବଂ ଆର୍ଥିକ ବର୍ଷର ଶେଷ କାର୍ଯ୍ୟ ଦିବସରେ ସୂଚିତ କରାଯାଏ ଯେ ବର୍ଷ ମଧ୍ୟରେ ଏକରୂପ ଭାବରେ ଖର୍ଚ୍ଚ ଯାହା କି ବଜେଟ ନିୟନ୍ତ୍ରଣର ପ୍ରାଥମିକ ଆବଶ୍ୟକତା ବଜାୟ ରଖି ନଥିଲେ । ଏହା 17 ଟି ବିଭାଗର ଅର୍ଥ ପରିଚାଳନା ପଦ୍ଧତିର ବିଫଳତାକୁ ଦର୍ଶାଇଲା ।

ସୁପାରିଶ -9 ରାଜ୍ୟ ସରକାର ନିୟମକୁ ଲାଗୁ କରିବା ପାଇଁ ସୁନିଶ୍ଚିତ କରିବା ଉଚିତ୍ ଯେ, ବଜେଟ ଅନୁଦାନ ଗୁଡ଼ିକ ସଂପୂର୍ଣ୍ଣ ଭାବେ ଉପଯୋଗ ହେଉଛି ଏବଂ ଆର୍ଥିକ ବର୍ଷର ଶେଷ ଭାଗରେ ଦୃତ ଖର୍ଚ୍ଚକୁ ନିବାରଣ କରେ ।

2.4 ବଚ୍ଛାଯାଇଥିବା ଅନୁଦାନର ସମୀକ୍ଷା

ଦୁଇଟି ବିଭାଗ (କ) ଅନୁଦାନ ସଂଖ୍ୟା -23 କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ (ଖ) ଅନୁଦାନ ସଂଖ୍ୟା 12 ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ର ବିସ୍ତୃତ ଯାଂଚର ଅଡ଼ିଟ କରା ହେଲା । ମୋଟ ସ୍ତରରେ ଉଭୟ ଅନୁଦାନର ସଂଚୟ ଥିଲା ।

ଏହି ପ୍ରସଂଗ କ୍ରମେ ଅଡ଼ିଟରେ ଫଳାଫଳ ନିମ୍ନରେ ଆଲୋଚନା କରାଗଲା ।

2.4.1 କୃଷି ଓ କୃଷକ ସଶକ୍ତିକରଣ ବିଭାଗ (ଅନୁଦାନ ସଂଖ୍ୟା – ୨୩)

କୃଷି ଓ କୃଷକ ସଶକ୍ତିକରଣର ବଜେଟ ନିୟନ୍ତ୍ରଣ ପ୍ରଣାଳୀକୁ ଯାଂଚ କରାଗଲା 2015-16 ରୁ 2017-18 ମଧ୍ୟରେ ବର୍ଷାନୁଯାୟୀ ବଜେଟ ବ୍ୟବସ୍ଥା (ଉଭୟ ମୂଳ ଏବଂ ଅନୁପୁରକ) ଏବଂ ରାଜସ୍ୱ ଭାଗ ଅଧିନରେ ସମସ୍ତ ଖର୍ଚ୍ଚ ସାରଣୀ 2.8 ରେ ଦିଆଗଲା । ଏହା ଅବଲୋକନ କରାଗଲା ଯେ ବର୍ଷ 2015-16 ରୁ 2017-18 ଅବଧିରେ ରାଜସ୍ୱ ବିଭାଗ ଅଧିନରେ ଖର୍ଚ୍ଚ ଶେଷ ତିନି ବର୍ଷରେ ମୂଳ ବ୍ୟବସ୍ଥାରୁ କମ୍ ଥିଲା । ତେଣୁ ଏହି ବର୍ଷ ଗୁଡ଼ିକରେ ଅନୁପୂରକ ବ୍ୟବସ୍ଥା ଅନାବଶ୍ୟକ ଥିଲା ।

ସାରଣୀ **2.8: 2015-16** ରୁ **2017-18** ମଧ୍ୟରେ ବଜେଟ ପଦ୍ଧତି ଏବଂ ଏହାର ବ୍ୟୟ

(କୋଟି ଟଙ୍କାରେ)

		2015-16	2016-17	2017-18
ରାଜସ୍ୱ ବ୍ୟୟ	ମୂଳ	3,009.08	3,403.21	3,871.76
	ଅନୁପୁରକ	456.84	69.21	15.16
	ସମୁଦାୟ ବ୍ୟବସ୍ଥା	3,465.92	3,472.42	3,886.92
	ସମୁଦାୟ ବ୍ୟୟ	3,005.57	2,980.34	2,940.84
	ସଂଚୟ	460.35	492.08	946.08
	ପ୍ରତ୍ୟାପଣ	460.70	492.01	944.18
	ସମୁଦାୟ ବ୍ୟବସ୍ଥା ତୁଳନାରେ ସଂଚୟର ପ୍ରତିଶତ	13.28	14.17	24.34
ପୁଞ୍ଜିଗତ ବ୍ୟୟ	ମୂଳ	122.30	243.20	251.60
	ଅନୁପୁରକ	34.20	0	0
	ସମୁଦାୟ ବ୍ୟବସ୍ଥା	156.50	243.20	251.60
	ସମୁଦାୟ ବ୍ୟୟ	141.50	193.20	201.60
	ସଂଚୟ	15.00	50.00	50.00
	ପ୍ରତ୍ୟାପଣ	15.00	50.00	50.00
	ସମୁଦାୟ ବ୍ୟବସ୍ଥା ତୁଳନାରେ ସଂଚୟର ପ୍ରତିଶତ	9.58	20.56	19.87

ଉତ୍ସ : ଓଡ଼ିଶା ସରକାରଙ୍କ 2015-16 ରୁ 2017-18 ଅବଧିର ବିନିଯୋଗ ହିସାବ

ପୁନଶ୍ଚ, ଅନୁଦାନର ରାଜସ୍ୱ ବିଭାଗରେ 2015-16 ଅବଧିରେ ମୋଟ ବ୍ୟବସ୍ଥା ତୁଳନାରେ ସଂଚୟ 13.28 ପ୍ରତିଶତ ଥିବା ସ୍ଥଳେ, 2017-18 ରେ ତାହା 11.06 ପ୍ରତିଶତକୁ ବୃଦ୍ଧି ଘଟି ଥିଲା । ପୁଞ୍ଜିଗତ ବିଭାଗରେ ଉକ୍ତ ଅବଧିରେ ତାହା 9.58 ପ୍ରତିଶତ ରୁ 10.29 ପ୍ରତିଶତକୁ ବୃଦ୍ଧି ଘଟି ଥିଲା ।

କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ

କିଛି ଯୋଜନାର ନମୂନା ଯାଂଚ ନିମ୍ନମତେ ପ୍ରକଟ କରାଗଲା :

2.4.1.1 ରାଜ୍ୟ ଆଳୁ ମିଶନ

ବର୍ଷ 2017-18 ସୁଦ୍ଧା ରାଜ୍ୟରେ ଆଳୁକୁ ସଂୟସମ୍ପୂର୍ଣ୍ଣ କରିବା ଉଦ୍ଦେଶ୍ୟ ସରକାର ରାଜ୍ୟରେ ଆଳୁ ଉତ୍ପାଦନ, ମହଜୁଦ ଏବଂ ଆବଣ୍ଟନ ପାଇଁ 2015-16 ରେ ରାଜ୍ୟ ଆଳୁ ମିଶନ ପ୍ରତିଷ୍ଠା କରିଥିଲେ । କୃଷି ବିଭାଗ ଅଧିନରେ ଥିବା ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ମାଧ୍ୟମରେ ଉକ୍ତ ଯୋଜନାଟି କାର୍ଯ୍ୟାନ୍ୱୟନ କରାଯାଇଥିଲା । ଏହି ଯୋଜନା

ଅଧିନରେ ବିଭାଗ ବହୁମାତ୍ରାରେ ଆଳୁ ଚାଷ କରିବା ନିମନ୍ତେ ଚାଷି ମାନଙ୍କୁ ପ୍ରୋତ୍ସାହନ, ଚାଷିମାନଙ୍କୁ ନିଜ ଜମିରେ ଆଳୁ ବିହନ ଉତ୍ପାଦନ ପାଇଁ ପ୍ରୋତ୍ସାହନ ଦେବାର ଥିଲା ଏବଂ ରାଜ୍ୟରେ ପର୍ଯ୍ୟାପ୍ତ ଶୀତଳ ଭଣ୍ଡାର ସ୍ଥାପନ ନିମନ୍ତେ ସମର୍ଥନ ଦେବାର ଥିଲା। ଆର୍ଥିକ ଏବଂ ବାସ୍ତବିକ ଲକ୍ଷ୍ୟ ଓ ଲକ୍ଷ୍ୟ ହାସଲ ସାରଣୀ 2.9 ରେ ଦର୍ଶାଗଲା ।

ସାରଣୀ **2.9:** ବର୍ଷ 2015-16 ରୁ 2017-18 ଅବଧି ମଧ୍ୟରେ ରାଜ୍ୟ ଆଳୁ ମିଶନ ପାଇଁ ବଜେଟ ବ୍ୟବସ୍ଥା ଏବଂ ବ୍ୟୟ

ବର୍ଷ	ବଜେଟ ବ୍ୟବସ୍ଥା	ଆବଣ୍ଟନ	ବ୍ୟୟ	ଅଣବିନିଯୋଗ	ସମୁଦାୟ ବ୍ୟବସ୍ଥା ତୁଳନାରେ ବିନିଯୋଗ ପ୍ରତିଶତ	ବାସ୍ତବିକ ଲକ୍ଷ୍ୟ	ବାସ୍ତବିକ ଲକ୍ଷ୍ୟ ହାସଲ	କମ୍‌ତି
	(କୋଟି ଟଙ୍କାରେ)					ଶୀତଳ ଭଣ୍ଡାର ସ୍ଥାପନ (ସଂଖ୍ୟାରେ)		
2015-16	50.00	50.00	24.05	25.95	48.10	35	10	25
2016-17	60.00	15.00	2.60	12.40	4.33	10	7	3
2017-18	20.00	0.00	0.00	0.00	0.00	10	6	4
ସର୍ବମୋଟ	**130.00**	**65.00**	**26.65**	**38.35**		**55**	**23**	**32**

ଉତ୍ସ : ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ଓଡ଼ିଶା ଦ୍ୱାରା ପ୍ରଦତ୍ତ ସୂଚନା

- ଏହି ସାରଣୀରୁ ପରିଲକ୍ଷିତ ହେଲା ଯେ, ବର୍ଷ 2016-17 ଏବଂ 2017-18 ଅବଧିରେ ବଜେଟ ବ୍ୟବସ୍ଥା ତୁଳନାରେ ବିନିଯୋଗପାଣ୍ଠିର ପ୍ରତିଶତ ଶୂନ ରୁ 4.33 ମଧ୍ୟରେ ଥିଲା ।
- ଏହି ତିନିବର୍ଷ ଅବଧିରେ, 55 ଟି ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ବିଭାଗ କେବଳ 23 ଟି ପ୍ରତିଷ୍ଠା କରିପାରିଥିଲେ । ଯାହା ଫଳରେ 58.18 ପ୍ରତିଶତ କମ୍ ପ୍ରତିଷ୍ଠା ହେଲା ।
- ପାଣ୍ଠିର ପର୍ଯ୍ୟାପ୍ତ ବିନିଯୋଗ ହୋଇନପାରିବା ଏବଂ ରାଜ୍ୟ ଆଳୁ ମିଶନ ଅଧିନରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇନପାରିବା ଯୋଗୁଁ ଅଭିଲକ୍ଷିତ ଲାଭ ମିଳିପାରିଲା ନାହିଁ ।

ନିର୍ଦ୍ଦେଶକ, ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ବ୍ୟକ୍ତ କଲେ (ଅକ୍ଟୋବର 2018) ଯେ, ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ବେସରକାରୀ ସଂସ୍ଥାମାନଙ୍କ ଠାରୁ ପ୍ରସ୍ତାବପ୍ରାପ୍ତ ନ ହେବା ଗୁଣବତ୍ତା ଆଳୁ ବିହନ ଉପଲବ୍ଧ ନ ଥିବା, ବିହନର ଅଧିକ ମୂଲ୍ୟ ଆଳୁର ଚାରା ରୋପଣରେ ବିଳମ୍ବ, ଇତ୍ୟାଦି ଯୋଗୁଁ ଲକ୍ଷ୍ୟ ହାସଲ କରାଯାଇପାରିଲା ନାହିଁ । ସତ୍ୟତା ଏହା ଯେ, ପାଣ୍ଠି ପର୍ଯ୍ୟାପ୍ତ ବିନିଯୋଗ ନ ହେବା, ଚାଷି ମାନଙ୍କୁ ପ୍ରୋତ୍ସାହନ ଏବଂ ସମର୍ଥନ ପ୍ରଦାନ ନ କରିବା ଯୋଗୁଁ ଆଳୁ ମିଶନ କାର୍ଯ୍ୟାନ୍ୱୟନ ହୋଇପାରିଲା ନାହିଁ ।

ତେଣୁ 2017-18 ସୁଦ୍ଧା ରାଜ୍ୟରେ ଆଳୁକୁ ସଂୟସମ୍ପୁର୍ଣ୍ଣ କରିବା ଲକ୍ଷ୍ୟ ହାସଲ ହୋଇପାରିଲା ନାହିଁ । ସରକାର ସମୀକ୍ଷାର ସିଦ୍ଧାନ୍ତକୁ ଗ୍ରହଣ କଲେ (ମାର୍ଚ୍ଚ 2019) ।

2.4.1.2 କାଜୁ ଉନ୍ନୟନ

ପର୍ଯ୍ୟାପ୍ତ ପରିମାଣରେ କାଜୁ, ଗୁଣ ବତ୍ତା ବିହନ ଏବଂ ସଠିକ ସମୟରେ ଚାଷୀମାନଙ୍କ ଅନ୍ୟ ଆବଶ୍ୟକୀୟ ସାମାଗ୍ରୀର ଉପଲବ୍ଧତାକୁ ସୁନିଶ୍ଚିତ କରିବା ଏବଂ ବିଭିନ୍ନ କୃଷି ଜାତିୟ ଫସଲର ବିହନ ପୁନଃସ୍ଥାପନ ହାରକୁ ବୃଦ୍ଧି କରିବା ନିମନ୍ତେ, ସରକାର 2016-17 ଏବଂ 2017-18 ରେ ଓଏଆଇସି ଲିମିଟେଡ୍ ଏବଂ ଓଏସସିଡ଼ିସି[34] ଲିମିଟେଡ୍ ପତ୍ୟେକକୁ 30 କୋଟି ଏବଂ 10 କୋଟି ଟଙ୍କାର ଏକ ସୁଧ ମୁକ୍ତ ସ୍ୱଳ୍ପମିଆଦୀ ଋଣ ପ୍ରଦାନ କରିଥିଲେ।

[34] ଓଡ଼ିଶା ରାଜ୍ୟ ଆଗ୍ରୋ ଶିଳ୍ପ ନିଗମ (ଓଏଆଇସି) ଲିମିଟେଡ୍ ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ (ଓଏସସିଡ଼ିସି) ଲିମିଟେଡ୍ ।

ନଥିପତ୍ର ଯାଂଚରୁ ଜଣାଗଲା ଯେ 2016-17 ଏବଂ 2017-18 ଅବଧିରେ ବ୍ୟବସ୍ଥା ତୁଳନାରେ କୌଣସି ଖର୍ଚ୍ଚ ହୋଇନଥିଲା ଯାହା କି ସାରଣୀ 2.10 ରେ ବିସ୍ତୃତ ଭାବରେ ଦର୍ଶାଗଲା ।

ସାରଣୀ **2.10:** ବର୍ଷ 2016-17 ଏବଂ 2017-18 ଅବଧିର ବଜେଟ ବ୍ୟବସ୍ଥା, ବ୍ୟୟ

(କୋଟି ଟଙ୍କାରେ)

କ୍ର. ସଂ	ମୁଖ୍ୟ ଶିର୍ଷକ/ ଯୋଜନା	ବର୍ଷ	ସମୁଦାୟ ବ୍ୟବସ୍ଥା	ବ୍ୟୟ
1	6401-00-103-3055- ଓଡ଼ିଶା କାଜୁ ଉନ୍ନୟନ ନିମଗ ଲିମିଟେଡ଼ ପାଇଁ କରପୋସ ଫଣ୍ଡ – 48390 ସୁଧମୁକ୍ତ ଋଣର ତୃତୀୟ କ୍ରୟ	2016-17	10.00	0.00
		2017-18	10.00	0.00
2	2401-00-103-2981-ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ଼ ପାଇଁ କରପୋସ ଫଣ୍ଡ - 48390 ସୁଧମୁକ୍ତ ଋଣର ତୃତୀୟ କ୍ରୟ	2016-17	30.00	0.00
		2017-18	30.00	0.00
ମୋଟ			**80.00**	**0.00**

ପୁନଶ୍ଚ ଯାଂଚ କରି ଜଣାଗଲା ଯେ, 2016-17 ଠାରୁ ଉଭୟ ନିଗମ ବିହନ ବ୍ୟବସାୟ ବନ୍ଦ କରିଥିଲେ । ତେଣୁ ବର୍ଷ 2017-18 ରେ ଏହି ଯୋଜନା ପାଇଁ ବଜେଟ ବ୍ୟବସ୍ଥା କରିବା ଆବଶ୍ୟକ ନ ଥିଲା । ଏପରିକି ନିଗମ ବିହନ ବ୍ୟବସାୟ, ବନ୍ଦ କରିବାର ଏକ ବର୍ଷ ପରେ ମଧ୍ୟ କୃଷି ବିଭାଗ ବଜେଟ ବ୍ୟବସ୍ଥା କରି ଆସୁଥିଲେ । ନିର୍ଦ୍ଦେଶକ, କୃଷି ନିଦ୍ଦେଶାଳୟ ବ୍ୟକ୍ତ କଲେ (ଅକ୍ଟୋବର 2018) ଋଷିମାନଙ୍କ ବିହନର ଆବଶ୍ୟକତାକୁ ମୁଖ୍ୟମନ୍ତ୍ରୀ (ସିଏମ)ଙ୍କ ସ୍ୱତନ୍ତ୍ର ପ୍ୟାକେଜରୁ ଯୋଗାଇ ଦିଆଯିବ । ଉପଯୁକ୍ତ ବ୍ୟବହାରକୁ ସୁନିଶ୍ଚିତ ନ କରି ବିଭାଗ ଦ୍ୱାର ଅନୁସରଣ କରାଯାଇଥିବା ବଜେଟ ସଂଖ୍ୟା ଉପରେ ଏହା ସାଂଘାତିକ ସନ୍ଦେହ ସୃଷ୍ଟି କଲା । ଏହା ଫଳରେ ସମସ୍ତ 80 କୋଟି ଟଙ୍କା ଅବ୍ୟବହୃତ ହୋଇ ରହିଲା ଏବଂ ପରବର୍ତ୍ତୀ ସମୟରେ ପ୍ରତ୍ୟାରୋପଣ କରାଗଲା ।

2.4.1.3 ଜାତୀୟ ଖାଦ୍ୟ ସୁରକ୍ଷା ମିଶନ

ଖାଦ୍ୟ ଶସ୍ୟ ଏବଂ ବାଣିଜିକ ଶସ୍ୟ ଉତ୍ପାଦନ ବୃଦ୍ଧି କରିବା, ମାଟିର ଉର୍ବରତା ବଜାୟ ରଖିବା ଏବଂ କୃଷି ସ୍ଥରୀୟ ଅର୍ଥ ବ୍ୟବସ୍ଥାକୁ ବୃଦ୍ଧି କରିବା ଏହି ଯୋଜନାର ଉଦ୍ଦେଶ୍ୟ ଥିଲା । ବର୍ଷ 2017-18 ରେ 145.52 କୋଟି ଟଙ୍କାର ବ୍ୟବସ୍ଥା ଥିବା ବେଳେ କେବଳ 91.66 କୋଟି ଟଙ୍କା ବିନିଯୋଗ ହୋଇପାରିଥିଲା (62.99 ପ୍ରତିଶତ) ।

ନିର୍ଦ୍ଦେଶକ ବ୍ୟକ୍ତ (ଅକ୍ଟୋବର 2018) କଲେ ଯେ, କେନ୍ଦ୍ରୀୟ ଭାଗ ନ ପାଇବା ଯୋଗୁ ରାଜ୍ୟ ଭାଗ ବିନିଯୋଗ ହୋଇପାରିଲା ନାହିଁ । କେନ୍ଦ୍ରୀୟ ଭାଗ ନ ପାଇବା ଉପରେ କୌଣସି ଉତ୍ତର ପ୍ରାପ୍ତ ହୋଇନଥିଲା ।

2.4.2 ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ (ଅନୁଦାନ ସଂଖ୍ୟା 12)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ବର୍ଷ 2015-16 ରୁ 2017-18 ମଧ୍ୟରେ ହୋଇଥିବା ବଜେଟ ବ୍ୟବସ୍ଥା ଏବଂ ବ୍ୟୟର ବିଶଦ୍ ବିବରଣୀ ସାରଣୀ 2.11 ରେ ଦର୍ଶାଗଲା ।

ସାରଣୀ **2.11:** ବର୍ଷ 2015-18 ମଧ୍ୟରେ ବଜେଟ ବ୍ୟବସ୍ଥା ତୁଳନାରେ ହୋଇଥିବା ବ୍ୟୟ

(କୋଟି ଟଙ୍କାରେ)

		2015-16	2016-17	2017-18
ରାଜସ୍ୱ ବ୍ୟୟ	ମୂଳ	3,234.27	4,054.97	4,552.33
	ଅନୁପୁରକ	122.84	384.94	57.48
	ସମୁଦାୟ ବ୍ୟବସ୍ଥା	3,357.11	4,439.91	4,609.81
	ସମୁଦାୟ ବ୍ୟୟ	3,134.38 (93)	4,033.27 (91)	4,093.04 (89)
	ସଂଚୟ	222.73	406.64	516.77
	ପ୍ରତ୍ୟାପଣ	225.44	463.67	536.13
	ସମୁଦାୟ ବ୍ୟବସ୍ଥା ତୁଳନାରେ ସଂଚୟର ପ୍ରତିଶତ	6.63	9.16	11.21
ପୁଞ୍ଜିଗତ ବ୍ୟୟ	ମୂଳ	643.61	739.00	1,160.00
	ଅନୁପୁରକ	35.00	80.00	57.30
	ସମୁଦାୟ ବ୍ୟବସ୍ଥା	678.61	819.00	1,217.30
	ସମୁଦାୟ ବ୍ୟୟ	589.75 (87)	783.83 (96)	835.38 (69)
	ସଂଚୟ	88.86	35.17	381.92
	ପ୍ରତ୍ୟାପଣ	1.20	42.95	381.95
	ସମୁଦାୟ ବ୍ୟବସ୍ଥା ତୁଳନାରେ ସଂଚୟର ପ୍ରତିଶତ	13.09	4.29	31.37

ଉତ୍ସ : ଓଡ଼ିଶା ସରକାରଙ୍କ ବର୍ଷ 2015-16 ଠାରୁ 2017-18 ଅବଧିର ବିନିଯୋଗ ହିସାବ

ଏହି ସାରଣୀରୁ ଦେଖାଗଲା ଯେ, ବର୍ଷ 2015-16 ରେ ରାଜସ୍ୱ ବିଭାଗ ଅଧିନରେ ସମୁଦାୟ ଅନୁଦାନ ବ୍ୟବସ୍ଥା 3,357.11 କୋଟି ଟଙ୍କା ଥିବା ବେଳେ ବର୍ଷ 2017-18 ରେ 4,609.81 କୋଟି ଟଙ୍କା ଥିଲା ଅର୍ଥାତ୍ 1,252.70 କୋଟି ଟଙ୍କା (37.31 ପ୍ରତିଶତ) ବୃଦ୍ଧି ପାଇଥିଲା । ସେହିପରି ବର୍ଷ 2015-16 ରେ ସମୁଦାୟ ବ୍ୟବସ୍ଥାର ପୁଞ୍ଜି ଅନୁଦାନ ବ୍ୟବସ୍ଥା 678.61 କୋଟି ଟଙ୍କା ଥିବା ବେଳେ ବର୍ଷ 2017-18 ରେ 1,217.30 କୋଟି ଟଙ୍କା ଥିଲା ଅର୍ଥାତ 538.69 କୋଟି ଟଙ୍କା (79.38 ପ୍ରତିଶତ) ବୃଦ୍ଧି ପାଇଥିଲା ।

2.4.2.2 ସମୁଦାୟ ବ୍ୟବସ୍ଥିତ ପାଣ୍ଠିର ପ୍ରତ୍ୟାରୋପଣ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବର୍ଷ 2017-18 ରେ ବିଭିନ୍ନ ଶୀର୍ଷକରେ ଯୋଜନା / କାର୍ଯ୍ୟକ୍ରମ/ କ୍ରିୟାକଳାପ ପାଇଁ 68.39 କୋଟି ଟଙ୍କାର ବ୍ୟବସ୍ଥା କରିଥିଲେ । ପାଣ୍ଠିର ଅଣ ବିନିଯୋଗ ଯୋଗୁ ସମୁଦାୟ ପାଣ୍ଠିକୁ ପ୍ରତ୍ୟାରୋପଣ କରାଯାଇଥିଲା (ସାରଣୀ 2.12) ।

ସାରଣୀ **2.12:** ପ୍ରତ୍ୟାରୋପଣ ମାଧ୍ୟମରେ ସମ୍ପୂର୍ଣ୍ଣ ବ୍ୟବସ୍ଥିତ ରାଶିର ଉଠାଣ

(କୋଟି ଟଙ୍କାରେ)

କ୍ର. ସଂ	ମୁଖ୍ୟ ଶିର୍ଷକ	ସମୁଦାୟ ବ୍ୟବସ୍ଥା	ପ୍ରତ୍ୟାରୋପଣ ପରିମାଣ	ଯୋଜନା / କାର୍ଯ୍ୟକ୍ରମ / କ୍ରିୟାକଳାପର ଉଦ୍ଦେଶ୍ୟ
12- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ				
1	2210-06-101-0957-ମ୍ୟାଲେରିଆ ନିରାକରଣ ପାଇଁ ସାମଗ୍ରୀ ଏବଂ ସାଜ ସଂରଜାମ	30.00	30.00	ମ୍ୟାଲେରିଆ ନିରାକରଣ ପାଇଁ ସାମଗ୍ରୀ ଓ ସଂରଜାମର ପ୍ରୟୋଗ
2	ଗର୍ଭ ନିରୋଧକ ସାମଗ୍ରୀ ଓ ସଂରଜାମ ଖରିଦ 2211-00-200-1131	15.00	15.00	ଗର୍ଭ ନିରୋଧକ ସାମଗ୍ରୀ ଓ ସଂରଜାମ କ୍ରୟ
3	କଟସିୟରି କେୟାର ପ୍ରୋଗାମ -2210-03-800-3269	23.39	23.39	ସ୍ୱାସ୍ଥ୍ୟ ସେବା ପ୍ରଦାନ
ମୋଟ		**68.39**	**68.39**	

ଉତ୍ସ : ବିଭାଗରୁ ପ୍ରାପ୍ତ ତଥ୍ୟରୁ ସଂକଳିତ

ସମୁଦାୟ ପାଣ୍ଠିର ପ୍ରତ୍ୟାରୋପଣ ବିଭାଗ ଦ୍ୱାରା ପାଣ୍ଠିର ଉପଯୁକ୍ତ ବିନିଯୋଗ କରିବାରେ ବିଫଳତାକୁ ସୁଚ୍ଛଇବା ଫଳରେ ଯୋଜନା / କାର୍ଯ୍ୟକ୍ରମର ଯେଉଁ ଉଦ୍ଦେଶ୍ୟ ପାଇଁ ପାଣ୍ଠିର ବ୍ୟବସ୍ଥା କରାଯାଇଥିଲା, ତାହା ହାସଲ ହୋଇପାରିଲା ନାହିଁ ।

2.4.2.3 ପାଣ୍ଠିର ଅତ୍ୟଧିକ / ଅନାବଶ୍ୟକ ପୁନଃ ବିନିଯୋଗ

ଅନୁଦାନ ସଂଖ୍ୟା 12 – ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନରେ ତିନୋଟି ଉପ ଶିର୍ଷକରେ 7.02 କୋଟି ଟଙ୍କାର ସଂଚୟ ଏବଂ ଗୋଟିଏ ଉପଶିର୍ଷକରେ 24.75 କୋଟି ଟଙ୍କାର ଅଧିକ ଖର୍ଚ୍ଚ ହୋଇଥିଲା । ଯାହା ସାରଣୀ 2.13 ରେ ଦର୍ଶାଗଲା ।

ସାରଣୀ **2.13:** 2017-18 ବର୍ଷରେ ପାଣ୍ଠିର ଅତ୍ୟଧିକ/ଅନାବଶ୍ୟକ ପୁନଃ ବିନିଯୋଗ

(ଟଙ୍କା କୋଟିରେ)

କ୍ର.ସଂ	ଅନୁଦାନ ସଂଖ୍ୟା	ପ୍ରକାର	ନିଟ ପୁନଃ ବିନିଯୋଗ	ଚୁଡ଼ାନ୍ତ ଅତ୍ୟଧିକ (+) / ସଂଚୟ (-)
1	12	2210-03-103-1092- ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର	-18.03	-3.27
2	12	2210-01-110-2099- ଡ଼ାକ୍ତରଖାନା ଓ ଔଷଧାଳୟ ଗୁଡ଼ିକର ପୁନୋରଧାର /ଡ଼ବ୍ୟୁଏସ/ ନାଳନର୍ଦ୍ଦମାର ମରାମତି	-2.52	-1.09
3	12	2210-05-105-2099- ଡ଼ାକ୍ତରଖାନା ଓ ଔଷଧାଳୟ ଗୁଡ଼ିକର ପୁନୋରଧାର /ଡ଼ବ୍ୟୁଏସ/ ନାଳନର୍ଦ୍ଦମାର ମରାମତି	2.52	-2.66
ମୋଟ			**-18.03**	**-7.02**
4	12	2210-05-105-0893- ମେଡ଼ିକାଲ କଲେଜ, କଟକ	9.94	24.75
ମୋଟ			9.94	24.75

ଉତ୍ସ : ଓଡ଼ିଶା ସରକାରଙ୍କ ମାର୍ଚ୍ଚ 2018 ର (ସପ୍ଲିମେଣ୍ଟାରି) ମାସିକ ବିନିଯୋଗର ବିବରଣ

ବିଭାଗର ନିୟନ୍ତ୍ରଣ ଅଧିକାରୀ ମାସିକ ବ୍ୟୟର ପର୍ଯ୍ୟାଲୋଚନା (ଓବିଏମ) ରେ ଦର୍ଶାଯାଇଥିବା ବ୍ୟବସ୍ଥା ଅନୁଯାୟୀ କରିବାରେ ବିଫଳ ହୋଇଥିବାକୁ ଏହା ସୂଚାଇଲା । ପାଣ୍ଠିର ପୁନଃ ବିନିଯୋଗ ଏବଂ ପରବର୍ତ୍ତି ସଂଚୟ ବିଭାଗ ଦ୍ୱାରା ଅନୁସୃତ ବଜେଟ ପ୍ରକ୍ରିୟାର ସାମର୍ଥ ଉପରେ ସନ୍ଦେହ ସୃଷ୍ଟି କଲା ।

2.4.2.4 ଅନାବଶ୍ୟକ ବଜେଟ ବ୍ୟବସ୍ଥା

ବର୍ଷ 2015-16, 2016-17 ଏବଂ 2017-18 ରେ ଯକ୍ଷ୍ମା ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ 2 କୋଟି ଟଙ୍କା ଏବଂ ମ୍ୟାଲେରିଆ ନିରାକରଣ କାର୍ଯ୍ୟ ପାଇଁ 30 କୋଟି ଟଙ୍କାର ବଜେଟ ବ୍ୟବସ୍ଥା ପ୍ରତ୍ୟେକ ବର୍ଷ କରାଯାଇଥିଲା । ଉକ୍ତ ପାଣ୍ଠି ମଧ୍ୟରୁ ଉପରୋକ୍ତ ଉଦ୍ଦେଶ୍ୟରେ କୌଣସି ପାଣ୍ଠି ବ୍ୟୟ କରାଯାଇନଥିଲା । ଯାହାକି ସାରଣୀ 2.14 ରେ ଦର୍ଶାଗଲା ।

ସାରଣୀ **2.14:** ବର୍ଷ 2017-18 ପାଇଁ ବଜେଟ ବ୍ୟବସ୍ଥା ଏବଂ ବ୍ୟୟ

(କୋଟି ଟଙ୍କାରେ)

କ୍ର.ସ	ଯୋଜନାର ନାମ (ମୁଖ୍ୟ ଶିର୍ଷ)	ବର୍ଷ	ବଜେଟ ଆବଣ୍ଟନ	ବ୍ୟୟ	ସଂଚୟର ପ୍ରତିଶତ
1	ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ 2210-01-200-1447	2017-18	2.00	0	100
		2016-17	2.00	0	100
		2015-16	2.00	0	100
2	ମ୍ୟାଲେରିଆ ନିରାକରଣ ପାଇଁ ସାମଗ୍ରୀ ଏବଂ ସାଜ ସଂରଜାମ 2210-06-101-0957	2017-18	30.00	0	100
		2016-17	30.00	0	100
		2015-16	30.00	0	100
	ମୋଟ		**96.00**	**0**	**100**

ଉତ୍ସ : ଓଡ଼ିଶା ସରକାରଙ୍କର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ

ଏହା ମଧ୍ୟ ଅବଲୋକନ କରାଗଲା ଯେ କେନ୍ଦ୍ରୀୟ ଅଂଶ ନ ମିଳିବା କାରଣରୁ 96 କୋଟି ଟଙ୍କାର ସଂପୂର୍ଣ୍ଣ ପାଣ୍ଠିକୁ ପ୍ରତ୍ୟାର୍ପଣ କରାଯାଇଥିଲା। ଯେହେତୁ ଉକ୍ତ ଦୁଇଟି ଶିର୍ଷ ଅଧିନରେ ବ୍ୟୟ କେନ୍ଦ୍ରିୟ ଅଂଶ ପ୍ରାପ୍ତି ଉପରେ ଆକସ୍ମିକ ଥିଲା । ଏହି ଶିର୍ଷରେ ପାଣ୍ଠିର ନିରନ୍ତର ବ୍ୟବସ୍ଥା କରାଯିବା ଏବଂ ପ୍ରତ୍ୟେକ ବର୍ଷ ପାଣ୍ଠିର ପ୍ରତ୍ୟାର୍ପଣ ବିଭାଗ ଦ୍ୱାରା ଅନୁସୃତ ବଜେଟ ପ୍ରକ୍ରିୟା ଉପରେ ସଂଯୋଜିକ ସନ୍ଦେହ ସୃଷ୍ଟି କଲା ।

ଅଧ୍ୟାୟ -III

ବିତ୍ତୀୟ ପ୍ରତିବେଦନ

ଅଧ୍ୟାୟ III

ବିତ୍ତୀୟ ପ୍ରତିବେଦନ

ଏକ ବିଶ୍ୱସନୀୟ ଆର୍ଥିକ ପ୍ରତିବେଦନ ପ୍ରଣାଳୀ ପାଣ୍ଠିର ବିନିଯୋଗ ଉପରେ ନିୟନ୍ତ୍ରଣ ରଖିବାରେ ସହାୟକ ହୋଇଥିଏ । ଏହି ଅଧ୍ୟାୟରେ ବିଭିନ୍ନ ଆର୍ଥିକ ନିୟମ ପଦ୍ଧତି ଏବଂ ନିର୍ଦ୍ଦେଶନାଗୁଡ଼ିକର ଅନୁପାଳନର ସ୍ଥିତି ଉପରେ ଆଲୋକପାତ କରାଯାଇଛି ।

3.1 ବ୍ୟକ୍ତିଗତ ଜମା ଖାତା

3.1.1 ବ୍ୟକ୍ତିଗତ ଜମା ଖାତାର ଢାଞ୍ଚା

ବ୍ୟକ୍ତିଗତ ଜମା ଗୁଡ଼ିକୁ ବ୍ୟାଙ୍କ ଖାତା ଆକାରରେ ରାଜକୋଷରେ ରଖା ଯାଇଥାଏ । ସେଗୁଡ଼ିକ ସାଧାରଣତଃ ଦୁଇ ପ୍ରକାରର ଥାଏ ଯଥା – ବ୍ୟକ୍ତିଗତ ଲେଜର ହିସାବ ଖାତା ଅଥବା ବ୍ୟକ୍ତିଗତ ଜମା ଖାତା । ଓଡ଼ିଶା ରାଜକୋଷ ସଂହିତା ଖଣ୍ଡ - I ଅଧିନିୟମ 423 ଅନୁଯାୟୀ ମହାଲେଖାକାରଙ୍କ ବିନା ପରାମର୍ଶରେ ଏକ ବ୍ୟକ୍ତିଗତ ଜମା ଖାତା ଖୋଲା ଯାଇ ପାରିବ ନାହିଁ ।

ଓଡ଼ିଶା ବଜେଟ୍ ମାନୁଆଲ ଧାରା 141 ଏବଂ ଉପଧାରା (3) ଅନୁଯାୟୀ ତତ୍କାଳ ବ୍ୟବହାର ପାଇଁ ଆବଶ୍ୟକ ନ ଥିଲେ କୋଷାଗାରରୁ ପାଣ୍ଠି ଉଠାଇବା ଉଚିତ୍ ନୁହେଁ । ବଜେଟ ଆବଣ୍ଟନର ସମାପ୍ତିକୁ ଏଡ଼ାଇବା ପାଇଁ କୋଷାଗାରରେ ଥିବା ରାଜସ୍ୱ ହିସାବରୁ ଟଙ୍କା ଉଠାଇ (ଯାହା କି ରାଜ୍ୟ ଶିର୍ଷ ସଂଗଠିତ ପାଣ୍ଠିର ଅଂଶ ବିଶେଷ) । ବ୍ୟକ୍ତିଗତ ଜମା ଖାତାରେ ରଖିବା ଅନୁମୋଦିତ ନୁହେଁ ।

31 ମାର୍ଚ୍ଚ 2018 ସୁଦ୍ଧା 836 ଟି ବ୍ୟକ୍ତିଗତ ଜମାଖାତାରେ 13,509.35 କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଥିଲା, ଯାହାର ସବିଶେଷ ବିବରଣୀ ସାରଣୀ 3.1 ରେ ଦର୍ଶାଯାଇଛି । ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷରେ ବ୍ୟକ୍ତିଗତ ଜମା ଖାତା ସଂଖ୍ୟାର 1.9 ପ୍ରତିଶତ ବୃଦ୍ଧି ଘଟିଥିଲା ଏବଂ ବକେୟା ରାଶି କ୍ଷେତ୍ରରେ 1,123.40 ପ୍ରତିଶତ ବୃଦ୍ଧି ଘଟିଥିଲା ।

3.1.2 ଓଡ଼ିଶାର ବ୍ୟକ୍ତିଗତ ଜମାଖାତା ହିସାବର ସ୍ଥିତି

ସାରଣୀ **-3.1:** ବ୍ୟକ୍ତିଗତ ଜମା ଖାତା

(ଟଙ୍କା କୋଟିରେ**)**

01/04/2017 ସୁଦ୍ଧା ପ୍ରାରମ୍ଭିକ ରାଶି		**2017-18** ଯୋଜନା ହୋଇଥିବା		ବନ୍ଦ ହୋଇଥିବା ପିଢ଼ି ହିସାବର ଖାତା ସଂଖ୍ୟା	ବନ୍ଦ ହୋଇଥିବା ପିଢ଼ି ହିସାବ ଖାତା ସହିତ ବର୍ଷ ମଧ୍ୟରେ ହୋଇଥିବା ବ୍ୟୟ	**31/ 03/2018** ସୁଦ୍ଧା ବକେୟା ରାଶି	
ସଂଖ୍ୟା	ପରିମାଣ	ସଂଖ୍ୟା	ପରିମାଣ	ସଂଖ୍ୟା	ପରିମାଣ	ସଂଖ୍ୟା	ପରିମାଣ
827	1,104.24	17	14,136.02	8	1,730.91	836	13,509.35

ଉତ୍ସ : ପ୍ରଧାନ ମହାଲେଖାକାର (ଲେଖା ଓ ହକ୍‌ଦାରୀ) ଓଡ଼ିଶା

ସାରଣୀ **3.1** ଅନୁଯାୟୀ 2017-18 ରେ ଆଠଟି ଅକାମୀ ବ୍ୟକ୍ତିଗତ ଜମାଖାତାକୁ ବନ୍ଦ କରାଯାଇଥିବା ବେଳେ 17 ନୂଆ ବ୍ୟକ୍ତିଗତ ଜମାଖାତା ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ) ଓଡ଼ିଶାଙ୍କ ପୂର୍ବ ଅନୁମୋଦନରେ

ଖୋଲା ଯାଇଥିଲା । 14,136.02 କୋଟି ଟଙ୍କା ଏହି ହିସାବ ଖାତାଗୁଡ଼ିକୁ ହସ୍ତାନ୍ତର କରାଯାଇଥିଲା । 2017-18 ର ଶେଷ ସୁଦ୍ଧା କ୍ରମବର୍ଦ୍ଧନଶୀଳ ଅବଶେଷ ରାଶି କ୍ଷେତ୍ରରେ 12,405.11 କୋଟି ଟଙ୍କାର (1,123.40 ପ୍ରତିଶତ) ନିଟ୍ ବୃଦ୍ଧି ଘଟିଥିଲା ।

ଚାର୍ଟ 3.1- 2013-18 ମଧ୍ୟରେ ବ୍ୟକ୍ତିଗତ ଜମା ଖାତା ଶେଷ ବଳକା



ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

- ଅବଶେଷ ରାଶିର ବିଶ୍ଳେଷଣରୁ ଜଣାଗଲା ଯେ, 31 ମାର୍ଚ୍ଚ 2018 ସୁଦ୍ଧା ଗୋଟିଏ ବ୍ୟକ୍ତିଗତ ଜମାଖାତାରେ ସମୁଦାୟ 13,509.35 କୋଟି ଟଙ୍କା ମଧ୍ୟରୁ 11,568.18 କୋଟି ଟଙ୍କାର (85.63 ପ୍ରତିଶତ) ବୃଦ୍ଧି ଘଟି ଥିଲା । ଏହି ବ୍ୟକ୍ତିଗତ ଜମା ଖାତାର ପରିଚାଳକ ହେଉଛନ୍ତି ମିନେରାଲ ବିୟରିଂ ଏରିଆଜ ଡ଼େଭେଲପମେଣ୍ଟ କର୍ପୋରେସନ (ଓଏମବିଏଡ଼ିସି)ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ । ରେକର୍ଡ଼ ଯାଂଚରୁ ଜଣାଗଲା ଯେ, ମାନ୍ୟବର ସୁପ୍ରିମ କୋର୍ଟ ଭାରତ ଖଣି ଓ ଖଣିଜ ଉନ୍ନୟନ ଏବଂ ବିନିମୟ (ଏମଏମଡ଼ିଆର) ଧାରାର 21 (5) ଅନୁଭାଗ ଅନୁଯାୟୀ ବେଆଇନ ଭାବରେ ଧାତୁ ଖନନ କ୍ଷେତ୍ରରେ ଆଦାୟ ହେବାକୁ ଥିବା କ୍ଷତି ଭରଣା ରାଶିକୁ ପ୍ରଭାବିତ ଜିଲ୍ଲାଗୁଡ଼ିକର ଆଦିବାସୀମାନଙ୍କ ହିତରେ ଏବଂ ଏହି ଅଂଚଳର ବିକାଶ ପାଇଁ ଏକ ସ୍ପେଶିଆଲ ପରପୋଜ ଭେହିକିଲ (ଏସପିଭି) ଜରିଆରେ ବିନିଯୋଗ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅଗଷ୍ଟ 2017 ରେ ନିର୍ଦ୍ଦେଶ ଦେଇଥିଲେ । ମାନ୍ୟବର ସୁପ୍ରିମ କୋଟଙ୍କର ଏହି ନିର୍ଦ୍ଦେଶକୁ ପାଳନ କରିବାକୁ ଯାଇ ଏସପିଭିର ପ୍ରାପ୍ତି ଏବଂ ବ୍ୟୟକୁ (ପରିଚାଳନା କରିବା ପାଇଁ ଅଗଷ୍ଟ 2017 ରେ) 8443-106 ମେଜର ହେଡ଼ରେ ଏକ ବ୍ୟକ୍ତିଗତ ଜମା ଖାତା ଖୋଲା ଯାଇଥିଲା । ଏହି ପାଣ୍ଠିର ହିସାବ କିତାବ ରଖିବା ପାଇଁ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଏକ ପଦ୍ଧତିର ପ୍ରବର୍ତ୍ତନ କରିଥିଲେ । ଏହି ହିସାବ ପଦ୍ଧତି ଅନୁଯାୟୀ ଓଏମବିଏଡ଼ିସିର ପ୍ରଶାସନିକ ବ୍ୟୟ ଏବଂ କାର୍ଯ୍ୟ ନିର୍ବାହୀ ଏଜେନସି ପାଣ୍ଠିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟକ୍ତିଗତ ଜମା ଖାତାର ପରିଚାଳକ ବ୍ୟୟ ଉପଯୋଗୀ ଅଧିକା ରାଶିକୁ ନିରୁପଣ କରି ଏହି ଅଧିକା ରାଶିକୁ 91/182/364 ଦିନ ଅବଧି ବିଶିଷ୍ଟ ଅକସନ୍ ଟ୍ରେଜେରି ବିଲରେ ବ୍ୟୟ କରିବାକୁ ଅର୍ଥ ବିଭାଗକୁ ପରାମର୍ଶ ଦେବ । ଓଏମବିଏଡ଼ିସି ଡ଼ିସେମ୍ବର 2017 ରୁ ପବ୍ଲିକ ଆକାଉଣ୍ଟ ଜରିଆରେ କ୍ଷତି ପୂରଣ ରାଶି ପ୍ରାପ୍ତ କରିବା ଆରମ୍ଭ କରିଥିଲେ ।

ପୁନଶ୍ଚ ଏହା ଦେଖିବାକୁ ମିଳିଥିଲା ଯେ, ଓଏମବିଏଡ଼ିସି ର ବ୍ୟକ୍ତିଗତ ଜମା ଖାତାରେ ପଡ଼ିରହିଥିବା ରାଶିକୁ 31 ମାର୍ଚ୍ଚ 2018 ସୁଦ୍ଧା ବିନିଯୋଗ କରାଯାଇ ନ ଥିଲା । ଜାନୁୟାରୀ 2019 ରେ ଓଏମବିଏଡ଼ିସି ର ମୁଖ୍ୟ ନିର୍ବାହୀ ଅଧିକାରୀ କହିଥିଲେ ଯେ, ଓଏମବିଏଡ଼ିସି କାର୍ଯ୍ୟ କଳାପକୁ ଦେଖାଶୁଣା କରିବାକୁ ମାନ୍ୟବର ସୁପ୍ରିମ କୋର୍ଟ ଏକ ଅବସରପ୍ରାପ୍ତ ବିଚାରପତିଙ୍କୁ ନିଯୁକ୍ତ ଦେଇଥିଲେ । ଅନେକ ସଂଖ୍ୟକ ପ୍ରକଳ୍ପର କାର୍ଯ୍ୟ ସଂପାଦନ ଲାଗି ଅନୁମୋଦିତ ହୋଇଥିଲା ଏବଂ ଉଦ୍ଦିଷ୍ଟ ବିଭାଗକୁ ଏହି ଗୁଡ଼ିକର ସଂପାଦନ ଲାଗି ପାଣ୍ଠି ପ୍ରଦାନ ଲାଗି ପଦକ୍ଷେପ

ନିଆଯାଇଥିଲା । ଓଏମବିଏଡ଼ିସିର ମୁଖ୍ୟ ନିର୍ବାହୀ ଅଧିକାରୀ ଆହୁରି ମଧ୍ୟ କହିଥିଲେ ଯେ (ଏପ୍ରିଲ 2019) ପ୍ରକଳ୍ପଗୁଡ଼ିକର ସଂପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ (ଡ଼ିପିଆର) ଉପସ୍ଥାପନ କରିବାରେ ସମୟ ନେଇ ଥିବାରୁ 28 ଫେବୃୟାରୀ 2019 ସୁଦ୍ଧା ପାଣ୍ଠି ମୁକ୍ତ କରାଯାଇ ପାରି ନ ଥିଲା । ମାତ୍ର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ପାଣ୍ଠିର ବିନିଯୋଗ ନହୋଇ ପାରିବା ହିଁ ତଥ୍ୟ ।

- ଅବଶିଷ୍ଟ 1,941.17 କୋଟି ଟଙ୍କା (13,509.35 କୋଟି ଟଙ୍କା – 11,568.18 କୋଟି ଟଙ୍କା) ଏହିପରି ଥିଲା (କ) 113 ଟି ଅର୍ବାନ ଲୋକାଲ ବଡ଼ି ଗୁଡ଼ିକୁ ବ୍ୟକ୍ତି ଗତ ଜମା ଖାତାରେ 743 କୋଟି ଟଙ୍କା (ଖ) 314 ଗ୍ରାମ୍ୟ ସ୍ଥାନୀୟ ବିକାଶ (ରୁରାଲ ଲୋକାଲ ବଡ଼ି)ର ବ୍ୟକ୍ତିଗତ ଜମାଖାତାରେ 283 କୋଟି ଟଙ୍କା (ଗ) 297 ଗୋଟି ଶିକ୍ଷାନୁଷ୍ଠାନର ବ୍ୟକ୍ତିଗତ ଜମାଖାତାରେ 80 କୋଟି ଟଙ୍କା ଏବଂ (ଘ) 111 ଟି ଅନ୍ୟ ଅନୁଷ୍ଠାନମାନଙ୍କ ବ୍ୟକ୍ତିଗତ ଜମା ଖାତାରେ 835.17 କୋଟି ଟଙ୍କା ଥିଲା ।

3.1.3 ଅକାମୀ / ବନ୍ଦ ପଡ଼ିଥିବା ବ୍ୟକ୍ତି ଗତ ଜମା ଖାତା

ଓଡ଼ିଶା କୋଷାଗାର ସଂହିତା ପ୍ରଥମ ଖଣ୍ଡର ଅନୁରୂପକ ଅଧିନିୟମ 423 ଅନୁଯାୟୀ ଯଦି କୌଣସି ବ୍ୟକ୍ତିଗତ ଜମା ଖାତା (ପିଡ଼ି ଆକାଉଣ୍ଟରେ) ଶେଷ ଥର କାରବାର ହେବାର ସଂପୂର୍ଣ୍ଣ ତିନି ବର୍ଷ ପର୍ଯ୍ୟନ୍ତ ଆଉ କୌଣସି କାରବାର ନ ହୋଇ ଥିବା ତେବେ ଉକ୍ତ ପିଡ଼ି ଆକାଉଣ୍ଟ ସଉ ବନ୍ଦ ହୋଇଯାଏ ଏବଂ ଜମା ରହିଥିବା ରାଶି ସ୍ଥିତିଚିତ ଘଟି ସରକାରଙ୍କ ଖାତାକୁ ଚଲିଯାଇଥାଏ । ଏଥିପାଇଁ ପ୍ରତିବର୍ଷ 31 ମାର୍ଚ୍ଚ ଶେଷରେ ପ୍ରତି କୋଷାଗାର ଅଧିକାରୀ ମାନେ ଏହିପରି ବ୍ୟକ୍ତିଗତ ଜମାଖାତାର ତାଲିକା ସହ ସ୍ଥିତିଚିତ ହେଉଥିବା ରାଶିର ପରିମାଣ (ଲାପସ ଆକାଉଣ୍ଟ) ସରକାରଙ୍କୁ ଜଣାଇବେ ।

2017-18 ବର୍ଷ ମଧ୍ୟରେ ଆଠଟି ବ୍ୟକ୍ତିଗତ ଜମା ଖାତା ଗୁଡ଼ିକୁ ବନ୍ଦ କରି ଦିଆଯାଇଥିଲା । ଏହା ସହ ପିଡ଼ି ଆକାଉଣ୍ଟ ଗୁଡ଼ିକରେ ଶେଷଥର କାରବାର ପରେ ସମ୍ପୂର୍ଣ୍ଣ ତିନି ବର୍ଷ ଧରି ଅଚଳ ହୋଇ ପଡ଼ିଥିବା 16 ପିଡ଼ି ଆକାଉଣ୍ଟକୁ ବନ୍ଦ କରିବାକୁ ଥିଲା । ଏହି 16 ଟି ହିସାବ ଖାତାରେ 0.19 କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଥିଲା। ଏହି 16 ଟି ପିଡ଼ି ଆକାଉଣ୍ଟ ମଧ୍ୟରୁ ଆଠଟିରେ କୌଣସି ରାଶି ଜମା ନ ଥିଲା । ବାକି ଆଠଟି ପିଡ଼ି ଆକାଉଣ୍ଟଗୁଡ଼ିକର ଜମା ପରିମାଣ 0.02 ଲକ୍ଷ ଟଙ୍କାରୁ 9.40 ଲକ୍ଷ ଟଙ୍କା ମଧ୍ୟରେ ଥିଲା ।

ସରକାର ଉପରୋକ୍ତ ସମ୍ବନ୍ଧରେ ତାଙ୍କ ଉତ୍ତରରେ (ମାର୍ଚ୍ଚ 2019) କହିଲେ ଯେ, ଏହି ପିଡ଼ି ଆକାଉଣ୍ଟ ଧାରିମାନେ ଏହିସବୁ ଅଚଳ/ଅକାମୀ ପିଡ଼ି ଆକାଉଣ୍ଟଗୁଡ଼ିକୁ ବନ୍ଦ କରିବାକୁ ପ୍ରଧାନ ମହାଲେଖାକାର (ହିସାବ ଓ ହକଦାରୀ) ଓଡ଼ିଶାଙ୍କ ସହ ଅବିରତ କାମ କରୁଛନ୍ତି ।

3.1.4 ବ୍ୟକ୍ତିଗତ ଜମା ଖାତା (ପିଡ଼ି ଆକାଉଣ୍ଟ ଗୁଡ଼ିକର ଅମିଳାମିଶା)

ପିଡ଼ି ଆକାଉଣ୍ଟର ପରିଚାଳକ ମାନେ ପ୍ରତିବର୍ଷ ଏହି ଆକାଉଣ୍ଟରେ ଥିବା ରାଶି ସହିତ କୋଷାଗାରା (ଟ୍ରେଜେରୀ) ଆକାଉଣ୍ଟାଟର ରାଶି ସହିତ ମେଳ କରାଇବା ଦରକାର । ମାତ୍ର 31 ମାର୍ଚ୍ଚ 2018 ସୁଦ୍ଧା 836 ପିଡ଼ି ଆକାଉଣ୍ଟ ମଧ୍ୟରୁ 569 ପିଡ଼ି ଆକାଉଣ୍ଟଗୁଡ଼ିକୁ ଟ୍ରେଜେରୀ ଆକାଉଣ୍ଟ ସହିତ ମେଳ କରାଯାଇଥିଲା (68.06 ପ୍ରତିଶତ)।

ସୁପାରିଶ – 10 : ଅର୍ଥ ବିଭାଗ ଏହି ପିଡ଼ି ଆକାଉଣ୍ଟ ଗୁଡ଼ିକରେ ଅନାବଶ୍ୟକ ହୋଇ ପଡ଼ିଥିବା ରାଶିଗୁଡ଼ିକର ସମୀକ୍ଷା କରି ଏଗୁଡ଼ିକୁ ତୁରନ୍ତ ସରକାରଙ୍କର ଏକତ୍ରିକୃତ ପାଣ୍ଠିକୁ ପ୍ରେରଣ କରିବା ଦରକାର । ଆହୁରି ମଧ୍ୟ ଅର୍ଥ ବିଭାଗ ବିତ୍ତୀୟ ନିୟମରେ ଏ ସମ୍ବନ୍ଧରେ ଉଦ୍ଦିଷ୍ଟ ଅନୁଦେଶ ପାଳନ ଦୋହରାଇ କହିଥିଲେ ଯେ ଯେଉଁ ବିଭାଗୀୟ ଅଧିକାରୀମାନେ ଏହାକୁ ଖୁଲାପ କରୁଛନ୍ତି, ତାଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକ ରହିଛି ।

3.2 ହିସାବ ଖାତାର ଅସ୍ୱଚ୍ଛତା

ଯେତେବେଳେ ଏହି ହିସାବ ଖାତା ପାଇଁ ଉପଯୁକ୍ତ ଲଘୁ ଶିର୍ଷକ ପ୍ରଦାନ କରାଯାଇନଥାଏ ତେବେ ଲଘୁ ଶିର୍ଷକ 800 ସମ୍ବନ୍ଧୀୟ ଅନ୍ୟ ପ୍ରାପ୍ତି ଓ ବ୍ୟୟକୁ ଏଥିଲାଗି ନିୟୋଜିତ କରିବା ଲାଗି ଉଦ୍ଦିଷ୍ଟ ଥାଏ । ହିସାବ ଖାତାକୁ ଅସ୍ୱଚ୍ଛ ନ ହେବାକୁ ଦୃଷ୍ଟିରେ ରଖି ଲଘୁ ଶିର୍ଷକ 800 ର ରିତିମତ ପରିଚାଳନାକୁ ନିରୁସାହିତ କରାଯିବାର ଅଛି ।

ମାତ୍ର 2016-17 ଏବଂ 2017-18 ବର୍ଷରେ ଏହି ଲଘୁ ଶିର୍ଷକରେ ହୋଇଥିବା କାରାବାର ନିମ୍ନୋକ୍ତ ସାରଣୀ 3.2 ରେ ସବିଶେଷ ପ୍ରଦାନ କରାଗଲା ।

ସାରଣୀ **3.2:** ଲଘୁ ଶିର୍ଷକ 800 ଅଧିନରେ ପ୍ରାପ୍ତି ଓ ବ୍ୟୟ

ବର୍ଷ	ପ୍ରାପ୍ତି[35] (କୋଟି ଟଙ୍କାରେ)	ମୁଖ୍ୟ ଶିର୍ଷକ ଗୁଡ଼ିକର ସଂଖ୍ୟା ଯାହା ଅଧିନରେ 800 – ଲଘୁଶିର୍ଷକ ପରିଚାଳିତ ହୋଇଥିଲା	ଲଘୁ ଶିର୍ଷକ 800 ରେ ପ୍ରାପ୍ତି (କୋଟି ଟଙ୍କାରେ) (ପ୍ରତିଶତ)	ବ୍ୟୟ [36] (କୋଟି ଟଙ୍କାରେ)	ମୁଖ୍ୟ ଶିର୍ଷକ ଗୁଡ଼ିକର ସଂଖ୍ୟା ଯାହା ଅଧିନରେ 800 – ଲଘୁ ଶିର୍ଷକ ପରିଚାଳିତ ହୋଇଥିଲା	ଲଘୁ ଶୀର୍ଷକ 800 ରେ ହୋଇଥିବା ବ୍ୟୟ (କୋଟି ଟଙ୍କାରେ) (ପ୍ରତିଶତ)
2016-17	74,299	53	13,311(18)	83,512	57	10,713(13)
2017-18	85,204	52	1,585 (2)	92,946	56	14,006 (15)

ଉତ୍ସ : ବିତ୍ତିୟ ହିସାବ

ପୁନଶ୍ଚ ଏହା ଦେଖାଗଲା କି, 9 ଟି ମୁଖ୍ୟ ଶିର୍ଷକର 92 କୋଟି ଟଙ୍କାର ସମସ୍ତ ପ୍ରାପ୍ତିକୁ ଲଘୁ ଶିର୍ଷକ 800 ଖାପଭୁକ୍ତ କରାଯାଇଥିଲା, ସେହିପରି 15 ଟି ମୁଖ୍ୟ ଶିର୍ଷକ ଅଧିନରେ ଥିବା ସମୁଦାୟ ବ୍ୟୟର 50 ପ୍ରତିଶତ ଲଘୁ ଶିର୍ଷକ 800 ରେ ହିସାବ ଖାତା ଅର୍ନ୍ତଭୁକ୍ତ କରାଯାଇଥିଲା। ଲଘୁ ଶିର୍ଷକ 800 - ଅନ୍ୟପ୍ରାପ୍ତି / ବ୍ୟୟ ଅଧିନରେ ପ୍ରାପ୍ତି ଓ ବ୍ୟୟଗୁଡ଼ିକର ଶ୍ରେଣୀଭୁକ୍ତ ଭାରତର ମହାଲେଖା ନିୟନ୍ତ୍ରଣ ଓ ମହା ସମୀକ୍ଷକଙ୍କ ପୂର୍ବ ପ୍ରତିବେଦନଗୁଡ଼ିକରେ ସର୍ବଦା ଦର୍ଶାଯାଉଥିଲେ ମଧ୍ୟ ଏହି କ୍ଷେତ୍ରରେ ଉନ୍ନତି କମ୍ ହେବାର ଦେଖାଯାଇଥିଲା । ଏହାର ସବିଶେହ ତଥ୍ୟ ହେଉଛି ଯେ, ଉଦ୍ଦିଷ୍ଟ ମୁଖ୍ୟ ଶିର୍ଷକ ଅଧିନରେ ଥିବା ପ୍ରାପ୍ତି / ବ୍ୟୟର ପ୍ରଚୁର ଭାଗ ଲଘୁ ଶିର୍ଷକ 800 ଅଧିନରେ ହିସାବଭୁକ୍ତ ହେବା ଏକ ଉଦ୍‌ବେଗ ଜନକ ବିଷୟକାର ସ୍ୱଚ୍ଛତାକୁ ବହୁମାତ୍ରାରେ ପ୍ରଭାବିତ କରିଥାଏ ।

3.3 ସ୍ୱାୟତ୍ତ ନିକାୟମାନଙ୍କ ଦ୍ୱାରା ବାର୍ଷିକ ହିସାବର ଅନୁପସ୍ଥାପନ

ଭାରତର ମହାଲେଖାକାର ନିୟନ୍ତ୍ରକ ଓ ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବ ସର୍ତ୍ତାବଳୀ 1971) ଅଧିନିୟମ ଧାରା 19 କିମ୍ବା 20 ଅଧିନରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପିତ ସ୍ୱୟତ ନିକାୟ ଗୁଡ଼ିକର ପ୍ରମାଣିକରଣ କରାଯାଇଥାଏ । (ସିଏଜି ଡ଼ିପିସି ଆକ୍ଟ ଧାରା)

ସିଏଜି ଡ଼ିପିସି ଆକ୍ଟ ଧାରା 19 କିମ୍ବା 20 ଅନୁସାରେ ଯେଉଁ ସ୍ୱାୟତ୍ତ ନିକାୟ ଗୁଡିକ ସମୀକ୍ଷା ପରିସରଭୁକ୍ତ ସେମାନେ ପ୍ରତିବର୍ଷ ଜୁନ 30 ପୂର୍ବରୁ ସେମାନଙ୍କର ବାର୍ଷିକ ହିସାବ (ଆନୁଆଲ ଆକାଉଣ୍ଟ)କୁ ସମିକ୍ଷା ଉଦ୍ଦେଶ୍ୟରେ ଉପଲବ୍ଧ କରାଇବେ । 11 ଟି ସ୍ୱାୟତ୍ତ ନିକାୟ ମାନଙ୍କର ବାର୍ଷିକ ହିସାବ ଖାତା ଏକ ମାସରୁ ଛଅ ମାସ ବିଳମ୍ବରେ ସିଏଜିକୁ ଉପଲବ୍ଧ କରାଯାଇଥିଲା (ସାରଣୀ 3.3) ।

[35] ରାଜସ୍ୱ ପ୍ରାପ୍ତି

[36] ଉଭୟ ରାଜସ୍ୱ ଏବଂ ପୁଞ୍ଜିକୁ ନେଇ

ସାରଣୀ **3.3:** ବିଳମ୍ବରେ ସମର୍ପିତ ହୋଇଥିବା ସ୍ୱାୟତ ନିକାୟ ଗୁଡ଼ିକର ବାର୍ଷିକ ହିସାବ ଖାତା ବର୍ଷ ଅନୁସାରେ

କ୍ର.ସଂ	ବର୍ଷ ଭିତ୍ତିକ ବିଳମ୍ବ	ସ୍ୱାୟତ୍ତ ନିକାୟଙ୍କ ସଂଖ୍ୟା / ପ୍ରାଧିକାରୀ
1	1	1
2	4	1
3	6 ଏବଂ ଅଧିକ	9
ମୋଟ		**11**

ଉତ୍ସ : ବିତ୍ତୀୟ ବିଭାଗ, ଓଡ଼ିଶା ସରକାର

ଏହି 11 ଜଣ ନିକାୟ/ ପ୍ରାଧିକାରୀମାନଙ୍କ ମଧ୍ୟରୁ 2 ଟି ନିକାୟ / ପ୍ରାଧିକାରୀ ତଥା ଓଡ଼ିଶା ଲିଗାଲ ସର୍ଭିସ ଅଥରିଟି (ଓଏସଏଲଏ) 2016-17 ପର୍ଯ୍ୟନ୍ତ ଏବଂ ଓଡ଼ିଶା ବିଲଡ଼ିଂଗ ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ 2013-14 ପର୍ଯ୍ୟନ୍ତ ସେମାନଙ୍କ ବିତ୍ତିୟ ହିସାବ ସମୀକ୍ଷା ପାଇଁ ଉପଲବ୍ଧ କରାଇଥିଲେ ।

ବାକି 9 ନିକାୟ / ପ୍ରାଧିକାରୀଙ୍କ[37] 2017-18 ପର୍ଯ୍ୟନ୍ତ ବକେୟା ବାର୍ଷିକ ହିସାବ ସେପ୍ଟେମ୍ବର 2018 ସୁଦ୍ଧା ପ୍ରାପ୍ତ ହୋଇନଥିଲା । ଏମାନଙ୍କର ହିସାବ ପିଛିଲା ଛଅ ବର୍ଷରୁ ଅଧିକ ହେବ ବକେୟା ପଡ଼ିରହିଛି । ଏହି ବାର୍ଷିକ ହିସାବର ଅନୁପସ୍ଥିତିରେ ଏହାର ହିସାବ ନିକାଶ ଏବଂ ଏହି ନିକାୟ/ ପ୍ରାଧିକାରୀ ମାନଙ୍କୁ ଦିଆଯାଇଥିବା ଅନୁଦାନ ଓ ଋଣର ବିନିଯୋଗକୁ ଅଡ଼ିଟ୍ ଦ୍ୱାରା ସମୀକ୍ଷା କରାଯାଇ ପାରିନଥିଲା ।

3.4 ବିନିଯୋଗ ପ୍ରମାଣ ପତ୍ରର ଅବସ୍ଥାପନା

ସରକାର କୌଣସି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ବିଭିନ୍ନ ନିକାୟ ଗୁଡ଼ିକୁ ଅନୁଦାନ ପ୍ରଦାନ କରିଥାନ୍ତି । ଓଡ଼ିଶା ସାଧାରଣ ବିତ୍ତିୟ ନିୟମ (ଓଜିଏଫଆର) 173 ଅନୁସାରେ ବିଭାଗୀୟ ଅଧିକାରୀମାନେ ଅନୁଦନ ଗ୍ରହଣକାରୀଙ୍କୁ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଲାଗି ଦିଆଯାଇଥିବା ଅନୁଦାନର ବିନିଯୋଗ ପ୍ରମାଣ ପତ୍ର ଉପଲବଧ କରି ଅନୁଦାନଗୁଡ଼ିକର ଉଦ୍ଦିଷ୍ଟ ଲକ୍ଷ୍ୟରେ ଖର୍ଚ୍ଚ ହୋଇଥିବା ପ୍ରମାଣ ସ୍ୱରୂପ ଏହି ପ୍ରମାଣ ସ୍ୱରୂପ ପରବର୍ତ୍ତୀ ବର୍ଷ 30 ଜୁନ ସୁଦ୍ଧା ପ୍ରଧାନ ମହାଲେଖାକାର (ଲେଖା ଏବଂ ହକଦାରୀ) ଓଡ଼ିଶାଙ୍କୁ ପ୍ରେରଣ କରାଇବେ । ବିନିଯୋଗ ପ୍ରମାଣ ପତ୍ର ଉପସ୍ଥାପନ ନ କରି କିମ୍ବା ଏଥିରେ ବିଳମ୍ବ କରିବା ଦ୍ୱାରା ପାଣ୍ଠି ବିନିଯୋଗ ଉପରେ ନିୟନ୍ତ୍ରଣକୁ ଦୁର୍ବଳ କରିଥାଏ ଏବଂ ପାଣ୍ଠିର ବିପଥଗାମୀ ହେବାର ତୋଷାରପାତ ଏବଂ ଅପବ୍ୟବହାର ହେବାର ସୁଯୋଗ ପ୍ରଦାନ କରିଥାଏ ।

2017-18 ବର୍ଷରେ ସରକାରଙ୍କ ଦ୍ୱାରା ଦିଆଯାଇଥିବା 21,780.30 କୋଟି ଟଙ୍କାର ଅନୁଦାନରୁ 16,391.16 କୋଟି ଟଙ୍କା (75.26 ପ୍ରତିଶତ) ବିନିଯୋଗ ପ୍ରମାଣପତ୍ର ପ୍ରାପ୍ତ ହୋଇନାହିଁ । ଏଣୁକରି ଉକ୍ତ 16,391.16 କୋଟି ଟଙ୍କା ପ୍ରାଧିକୃତ ଉଦ୍ଦେଶ୍ୟରେ ବ୍ୟୟ ହେବାର ମଧ୍ୟ କୌଣସି ପ୍ରତିଶୃତି ନାହିଁ (ମାର୍ଚ୍ଚ 2018) ସୁଦ୍ଧା । ପ୍ରଧାନ ମହାଲେଖାକାର (ଲେଖା ଏବଂ ହକଦାରୀ) ଓଡ଼ିଶାଙ୍କ ବହିରେ 35 ବିଭାଗ କ୍ଷେତ୍ରରେ 38,427.91 କୋଟି ଟଙ୍କାର ବିନିଯୋଗ ପ୍ରମାଣ ପତ୍ର ପାଇବାର ବାକି ଅଛି । 28,529 ଟି ଜିଆଇଏ ଭାଉଚର ଅନୁଦାନର ବାର୍ଷିକ ଭିତିରେ ବିନିଯୋଗ ପ୍ରମାଣ ପତ୍ର ସବିଶେଷ ସାରଣୀ-3.4 ରେ ଦର୍ଶାଯାଇଛି ।

[37] ସ୍ୱାସ୍ଥ୍ୟ ଏବଂ ସହର ବିକାଶ ବିଭାଗର (i) ଭୁବନେଶ୍ୱର ଉନ୍ନୟନ ଅଧିକାରୀ, (ii) ବ୍ରହ୍ମପୁର ଉନ୍ନୟନ ଅଧିକାରୀ, (iii) କଟକ ଉନ୍ନୟନ ଅଧିକାରୀ, (iv) କଳିଙ୍ଗ ନଗର ଜୟପୁର ଉନ୍ନୟନ ଅଧିକାରୀ, (v) ପାରାଦ୍ୱୀପ ଉନ୍ନୟନ ଅଧିକାରୀ, (vi) ପୁରୀ -କୋଣାର୍କ ଉନ୍ନୟନ ଅଧିକାରୀ, (vii) ସମ୍ବଲପୁର ଉନ୍ନୟନ ଅଧିକାରୀ, (viii) ରାଉରକେଲା ଉନ୍ନୟନ ଅଧିକାରୀ, (ix) ତାଳଚେର - ଅନୁଗୁଳ – ମେରାମୁଣ୍ଡଳୀ ଉନ୍ନୟନ ଅଧିକାରୀ

ସାରଣୀ **3.4:** ଅନୁଦାନ ବିଷୟରେ ପ୍ରଦାନ କରାନଯାଇଥିବା ବିନିଯୋଗ ପ୍ରମାଣ ପତ୍ରର ବର୍ଷ ଭିତ୍ତିକ ସ୍ଥିତି

(କୋଟି ଟଙ୍କାରେ)

ବର୍ଷ	ମାର୍ଚ୍ଚ 2018 ସୁଦ୍ଧା ସହାୟକ ଅନୁଦାନ, ଯାହାର ବିନିଯୋଗ ପ୍ରମାଣ ପତ୍ର ଅପେକ୍ଷିତ	
	ବିନିଯୋଗ ପ୍ରମାଣ ପତ୍ର ସଂଖ୍ୟା	ପରିମାଣ ରାଶି
2012-13ପର୍ଯ୍ୟନ୍ତ	15,183	3,163.40
2013-14	2,294	1,653.35
2014-15	2,314	3,171.24
2015-16	2,459	5,498.32
2016-17	3,361	8,550.44
2017-18	2,918	16,391.16
ମୋଟ	**28,529**	**38,427.91**

ଉତ୍ସ : ବିତ୍ତିୟ ହିସାବ, ଓଡ଼ିଶା ସରକାର

ପରିଶିଷ୍ଟ 3.2 ରେ 35 ବିଭାଗର ବକେୟା ବିନିଯୋଗ ପ୍ରମାଣ ପତ୍ରର ସ୍ଥିତି ବିଭାଗ ଅନୁସାରେ ସୂଚିତ କରାଯାଇଅଛି । ମାର୍ଚ୍ଚ 2018 ସୁଦ୍ଧା ଆଠଟି ବିଭାଗର ବକେୟା ବିନିଯୋଗ ପ୍ରମାଣପତ୍ର ରାଶି ସମୁଦାୟ ବକେୟା ବିନିଯୋଗ ପ୍ରମାଣ ପତ୍ର ରାଶିର 89.71 ପ୍ରତିଶତ ଥିଲା (ଚାର୍ଟ 3.2) । 2016-17 ବର୍ଷ ତୁଳନାରେ ବକେୟା ବିନିଯୋଗ ପତ୍ର ରାଶି 2017-18 ବର୍ଷରେ 7894 କୋଟି ଟଙ୍କା ବୃଦ୍ଧି ହୋଇଥିଲା (25.85 ପ୍ରତିଶତ)।

ଚାର୍ଟ **3.2:** 31 ମାର୍ଚ୍ଚ 2018 ସୁଦ୍ଧା ବିଭାଗ କ୍ରମରେ ବକେୟା ବିନିଯୋଗ ପ୍ରମାଣ ପତ୍ର

(ଟଙ୍କା କୋଟିରେ)



ଉତ୍ସ : ପ୍ରଧାନ ମହାଲେଖାକାର (ଲେଖା ଏବଂ ହକଦାରୀ) ଓଡ଼ିଶାଙ୍କ କାର୍ଯ୍ୟାଳୟ

3.4.1 10 ବର୍ଷରେ କାଳ ବକେୟା ରହିଥିବା ବିନିଯୋଗ ପ୍ରମାଣ ପତ୍ର

1044.89 କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର (5,510 ଭାଉଚର) 22 ଟି ବିଭାଗରେ 10 ବର୍ଷ ଠାରୁ ଅଧିକ କାଳ ବକେୟା ହୋଇ ପଡ଼ି ରହିଥିଲା । ମାର୍ଚ୍ଚ 2018 ରେ ତାହା ପରିଶିଷ୍ଟ 3.3 ରେ ଦର୍ଶାଗଲା। ପଂଚାୟତିରାଜ (421.84 କୋଟି ଟଙ୍କା) ଓ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା (200.17 କୋଟି ଟଙ୍କା) ନଗର ଉନ୍ନୟନ ବିଭାଗ (180.57 କୋଟି ଟଙ୍କା) ଏବଂ ଯୋଜନା ଏବଂ ସମନ୍ୱୟ ବିଭାଗ (139.83 କୋଟି ଟଙ୍କା) ବିନିଯୋଗ ପ୍ରମାଣ ପତ୍ର 90.19 ପ୍ରତିଶତ ଅଙ୍କ ବକେୟା ରହିଛି ।

ସରକାର ତାଙ୍କ ଉତ୍ତରରେ (ମାର୍ଚ୍ଚ 2019) କହିଲେ ଯେ, ବିନିଯୋଗ ପ୍ରମାଣ ପତ୍ର ଦାଖଲ ଏକ ନିରନ୍ତର

ପ୍ରକ୍ରିୟା ଥିଲା । କେନ୍ଦ୍ର ଏବଂ ରାଜ୍ୟ ଠାରୁ ଟଙ୍କା କାର୍ଯ୍ୟକାରୀ ସଂସ୍ଥାକୁ ଯାଏ । ଆବଶ୍ୟକୀୟ ଔପଚାରିକତା ସଂପାଦନ ହେତୁ କାର୍ଯ୍ୟକାରୀ ସଂସ୍ଥା ଅର୍ଥ ବିନିଯୋଗ କରିବା ପାଇଁ କିଛି ସମୟ ଆବଶ୍ୟକ କରୁଛନ୍ତି ଏବଂ ତା ପରେ ବିନିଯୋଗ ପ୍ରମାଣପତ୍ର ଦାଖଲ କରୁଛନ୍ତି । ଯାହା ଦ୍ୱାରା ସେମାନେ ଅର୍ଥର ପରବର୍ତ୍ତି କିସ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି । ତେଣୁ କୌଣସି ସମୟରେ କିଛି ବିନିଯୋଗ ପ୍ରମାଣ ପତ୍ର ଦାଖଲ ନ ହୋଇ ପଡ଼ି ରହିଥାଏ । ବିଭାଗ ଅନୁଯାୟୀ ଦାଖଲ ନ ହୋଇ ପଡ଼ି ରହିଥିବା ବିନିଯୋଗ ପ୍ରମାଣ ପତ୍ରର ସମୀକ୍ଷା ଅର୍ଥ ବିଭାଗ ସଚିବଙ୍କ ଦ୍ୱାରା ନିୟମିତ ଭାବରେ କରାଯାଇଥାଏ ଯାହା ଦ୍ୱାରା କି ବିନିଯୋଗ ପ୍ରମାଣ ପତ୍ର ଦାଖଲର ସ୍ଥିତିକୁ ଅଭିବୃଦ୍ଧି କରାଯାଇପାରିବ ।

ବିନିଯୋଗ ପ୍ରମାଣପତ୍ର ଦାଖଲର ସ୍ଥିତିରେ ଆଜି ପର୍ଯ୍ୟନ୍ତ ସେପରି କୌଣସି ଉନ୍ନତି ପରିଲିକ୍ଷିତ ହୋଇନାହିଁ । ଅତ୍ୟଧିକ ଦାଖଲ ନ ହୋଇ ପଡ଼ିରହିଥିବା ବିନିଯୋଗ ପ୍ରମାଣ ପତ୍ର ଯୋଗୁଁ ଅର୍ଥ ଆତ୍ମସାତ ଅର୍ଥ ବିନିଯୋଗର ପରିବର୍ତ୍ତନ ଏବଂ ପ୍ରବଞ୍ଚନାତ୍ମକ ରହିଛି ।

3.5 ଦାଖଲ ନ ହୋଇଥିବା ବିଷଦ ଆକସ୍ମିକ ବିଲ

ଓଡ଼ିଶା କୋଷାଗାର ସଂହିତା ଆବଶ୍ୟକ କରେ ଯେ, ଆକସ୍ମିକ ଅନିୟମିତ ବିଲ ମାଧ୍ୟମରେ ନିଆଯାଉଥିବା ଅଗ୍ରିମ ତୁରନ୍ତ ବିଷଦ ଅନିୟମିତତା ବିଲ୍ ଦ୍ୱାରା ତୁରନ୍ତ ବ୍ୟବସ୍ଥିତ କରିବା ଉଚିତ୍ ।

2017-18 ଆର୍ଥିକ ବର୍ଷରେ 16 ଟି ବିଭାଗ 764 ଆକସ୍ମିକ ବିଲ ମାଧ୍ୟମରେ ସରକାରଙ୍କ ଠାରୁ ସମୁଦାୟ 17.63 କୋଟି ଟଙ୍କା ଗ୍ରହଣ କରିଥିବା ବେଳେ ମାତ୍ର 490 ଟି ବିସ୍ତୃତ ଆକସ୍ମିକ ବିଲ ଦାଖଲ କରିଥିଲେ, ଯେଉଁଥିରେ ମାତ୍ର 3.08 କୋଟି ଟଙ୍କାର ହିସାବ ଥିଲା । ଅର୍ଥାତ 12 ବିଭାଗ ଦ୍ୱାରା ବଳକା 14.55 କୋଟି ଟଙ୍କାର ହିସାବ ସମ୍ବଳିତ 274 ଟି ବିଷଦ ଅନିୟମିତ ବିଲ ବର୍ଷ ଶେଷରେ ଦ୍ୱାରା ଦାଖଲ କରାଯାଇ ନ ଥିଲା । ତେଣୁ ସରକାରଙ୍କ ଦ୍ୱାରା ଅନୁମୋଦିତ ଏହି 14.55 କୋଟି ଟଙ୍କାର ସୁବିନିଯୋଗ ହୋଇଥିବାର କୌଣସି ପ୍ରମାଣ ନ ଥିଲା । ଏହା 2017-18 ବର୍ଷରେ ସମ୍ଭାବ୍ୟ ଅଧିକ ଖର୍ଚ୍ଚ ଥିଲା । ପୁନଃ 2015-16 ରେ 6.04 କୋଟି ଟଙ୍କାର 321 ଟି ବିଷଦ ଅନିୟମିତ ବିଲ ଏବଂ 2016-17 ରେ 16.62 କୋଟି ଟଙ୍କାର 466 ଟି ଡ଼ିସି ବିଲ ବିଭାଗ ଦ୍ୱାରା ଦାଖଲ କରାଯାଇ ନାହିଁ (ସାରଣୀ 3.5) । ଅଗ୍ରିମର ଉଠାଣ ଏବଂ ଏହାର ହିସାବ ନ ହେବା ଯୋଗୁଁ କ୍ଷତି, ତୋସରପାତ ଏବଂ ଦୁଷ୍କର୍ମର ସମ୍ଭାବନାକୁ ବଢାଏ ।

ସାରଣୀ **-3.5:** ବକେୟା ଆକସ୍ମିକ ବିଲର ବିଷଦ ବିବରଣୀ

ବର୍ଷ	ବକେୟ ଥିବା ବିଷଦ ଆକସ୍ମିକ ବିଲର ସଂଖ୍ୟା	ସଂଖ୍ୟା (କୋଟି ଟଙ୍କାରେ)
2015-16 ପର୍ଯ୍ୟନ୍ତ	321	6.04
2016-17	466	16.62
2017-18	274	14.55
ମୋଟ	**1061**	**37.21**

ଉତ୍ସ : ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ) ଓଡ଼ିଶାଙ୍କ ଦ୍ୱାରା ପରିଚାଳିତ ଭିଏଲସି ତଥ୍ୟାବଳୀରୁ ସଂକଳିତ

3.5.1 ସଂକ୍ଷିପ୍ତ ଆକସ୍ମିକ ବିଲ ମାଧ୍ୟମରେ ମାର୍ଚ୍ଚ ମାସରେ ଟଙ୍କା ଉଠାଣ

ଭିଏଲସି ତଥ୍ୟାବଳୀର ବିଶ୍ଳେଷଣରୁ ଜଣାଗଲା ଯେ, 2013-14 ଏବଂ 2017-18 ମଧ୍ୟରେ ଏସି ବିଲ ମାଧ୍ୟମରେ 356.18 କୋଟି ଟଙ୍କା ମଧ୍ୟରୁ 116.03 କୋଟି ଟଙ୍କା (32.58 ପ୍ରତିଶତ) ବର୍ଷର ଶେଷ ମାସରେ ଉଠାଯାଇଥିଲା ମାର୍ଚ୍ଚ ମାସରେ ଏସି ବିଲର ଉଠାଣ ପ୍ରତିଶତ 2013-14 ରୁ 2017-18 ମଧ୍ୟରେ ମୋଟ ଏସି ବିଲ ରାଶିର 12 ରୁ 68 ପ୍ରତିଶତ ମଧ୍ୟରେ ଥିଲା ଯାହାର ସବିଶେଷ ବିବରଣୀ (ସାରଣୀ 3.6) ପ୍ରଦାନ କରାଗଲା ।

ସାରଣୀ-**3.6:** ବର୍ଷ ଅନୁଯାୟୀ ମାର୍ଚ୍ଚ ମାସରେ ଏସି ବିଲ ମାଧ୍ୟମରେ ଟଙ୍କା ଉଠାଣ

(କୋଟି ଟଙ୍କାରେ)

ଆର୍ଥିକ ବର୍ଷ	ଏସି ବିଲ ଦ୍ୱାରା ମୋଟ ରାଶିର ଉଠାଣ	ମାର୍ଚ୍ଚ ମାସରେ ଉଠାଇଥିବା ମୋଟ ଏସି ବିଲର ପରିମାଣ	ମାର୍ଚ୍ଚ ମାସରେ ଉଠାଣ ପ୍ରତିଶତ
2013-14	130.78	64.08	50
2014-15	72.23	17.38	24
2015-16	62.39	7.58	12
2016-17	73.15	15.02	21
2017-18	17.63	11.97	68
ମୋଟ	**356.18**	**116.03**	**33**

ଉତ୍ସ : ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ) ଓଡ଼ିଶା ଦ୍ୱାରା ପରିଚାଳିତ ଭିଏଲସି ତଥ୍ୟକଳାରୁ ସଂକଳିତ

ଭିଏଲସି ତଥ୍ୟାବଳୀର ପୁର୍ନବିଶ୍ଳେଷଣରୁ ଦେଖାଗଲା ଯେ, ସଂକ୍ଷିପ୍ତ ଆକସ୍ମିକ ବିଲର ସର୍ବମୋଟ 10.53 କୋଟି ଟଙ୍କା (2.96 ପ୍ରତିଶତ) ଆର୍ଥିକ ବର୍ଷର ଶେଷ ଦିନରେ ଉଠାଯାଇଥିଲା । ଏଣୁ ଏହା ସୁସ୍ପଷ୍ଟ ଯେ ମାର୍ଚ୍ଚ ମାସରେ ଏବଂ ଆର୍ଥିକ ବର୍ଷର ଶେଷ କାର୍ଯ୍ୟ ଦିବସରେ ବିନିଯୋଗର ସମାପ୍ତିକୁ ପରିହାର କରିବା ପାଇଁ ଯଥେଷ୍ଟ ଉଠାଣ ହୋଇଥିଲା ।

ସରକାର ଜଣାଇଲେ ଯେ (2017 ନଭେମ୍ବର) ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଏହି ଘଟଣାର ତର୍ଜମା କରୁଛନ୍ତି, ଅର୍ଥନୈତିକ ଉପଦେଷ୍ଟା ଓ ନିୟନ୍ତ୍ରଣ ଅଧିକାରୀମାନଙ୍କୁ ଯଥା ସମୟରେ ଡ଼ିସି ବିଲ ଦାଖଲର ଗୁରୁତ୍ୱ ସମ୍ବନ୍ଧରେ ଅବଗତ କରାଯାଉଥିଲା । ପୁନଶ୍ଚ ମାର୍ଚ୍ଚ 2019 ମାସରେ ସରକାର ସମାନ ଉତ୍ତର ଦେଇଥିଲେ । 2017-18 ରେ ମଧ୍ୟ ଏହି ଅବସ୍ଥାରେ କୌଣସି ଉଲ୍ଲେଖନୀୟ ଉନ୍ନତି ହୋଇନଥିଲା । ପ୍ରସ୍ତାବିତ ସମୟ ମଧ୍ୟରେ ଡ଼ିସି ବିଲ ଦାଖଲ ନ ହେବା ଆର୍ଥିକ ଶୃଂଖଳା ନିୟମର ଉଲ୍ଲଙ୍ଘନ ଅଟେ । ଏବଂ ଏହା ସରକାରୀ ଅର୍ଥର ତୋଷାରପାତ ସମ୍ଭାବନାକୁ ବୃଦ୍ଧି କରେ ଏବଂ ଏହା ଏକ ଅସୁସ୍ଥ ପରମ୍ପରା ଅଟେ ।

3.6 ଅନ୍ୟାନ୍ୟ ଆର୍ଥିକ ବିବୃତି ବିଷୟ

1. ପ୍ରଦତ୍ତ ଅନୁଦାନ / ଋଣର ବିଷଦ ବିବରଣୀ ପ୍ରଦାନ ନ କରିବା

ଲେଖା ଏବଂ ଲେଖା ପରୀକ୍ଷା ନିୟମ 2007 ବ୍ୟବସ୍ଥା ଅନୁସାରେ ସରକାର ଏବଂ ବିଭାଗୀୟ ମୁଖ୍ୟମାନେ ପ୍ରତି ବର୍ଷ ଜୁଲାଇ ମାସ ଶେଷ ସୁଦ୍ଧା ପୂର୍ବ ବର୍ଷରେ 10 ଲକ୍ଷ ଟଙ୍କା କିମ୍ବା ତଦୁର୍ଦ୍ଧ୍ୱ ସହାୟତା ବା ଋଣ ଦିଆଯାଇଥିବା ଅନୁଷ୍ଠାନମାନଙ୍କର ତାଲିକା ଲେଖା ପରୀକ୍ଷା କାର୍ଯ୍ୟାଳୟକୁ ପ୍ରଦାନ କରିବା କଥା ।

ସେପ୍ଟେମ୍ବର 2018 ସୁଦ୍ଧା ସମୁଦାୟ 42 ବିଭାଗରୁ 21 ଟି ବିଭାଗ 2017-18 ରେ ମଂଜୁରୀ କରାଯାଇଥିବା ଅନୁଦାନର ବିସ୍ତୃତ ଅନୁଦାନ ଦେଇଥିଲେ । ବଳକା 21 ଟି ବିଭାଗ[38] ନିମନ୍ତେ ଅନୁଦାନର କୌଣସି ବିବରଣୀ ନ ଥିବାରୁ ସେହି ଅର୍ଥ ରାଶିର ଆବଶ୍ୟକୀୟ ବିନିଯୋଗର କୌଣସି ପ୍ରମାଣ ସରକାରଙ୍କର ଠାରେ ନାହିଁ । ଏହା ସରକାରୀ ଖର୍ଚ୍ଚର ବ୍ୟୟ ଉପରେ ନ୍ୟାୟିକ ବଳର କ୍ଷମତାକୁ ମିଶ୍ରଣ କରିଦିଏ ।

[38] ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ପଂଚାୟତି ରାଜ ଓ ପାନୀୟ ଜଳ, ନିର୍ମାଣ, ଅନୁସୂଚିତ ଜନ ଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ଅବକାରୀ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା, କୃଷି ଓ କୃଷକ ସଶକ୍ତିକରଣ, ଆଇନ, ଗୃହ ନିର୍ମାଣ ଓ ପୌର ଉନ୍ନୟନ, ଉଚ୍ଚ ଶିକ୍ଷା, ମତ୍ସ ଓ ପଶୁ ସଂପଦ, ଇଲୋକ୍ଟ୍ରନିସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ, ଜଳ ସଂପଦ, କ୍ରୀଡ଼ା ଓ ଯୁବ ସେବା, ସାଧାରଣ ପ୍ରଶାସନ, ଓଡ଼ିଶା ବିଧାନ, ପରିବହନ, ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ, ରାଜସ ଓ ବିପର୍ଯ୍ୟୟ ପରିଚାଳନା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ।

2. ସରକାରୀ ବିଭାଗ ଦ୍ୱାରା ପରିଚାଳିତ ବାଣିଜ୍ୟକ କ୍ରିୟାକଳାପ

ଆଂଶିକ ବ୍ୟବସାୟିକ କାର୍ଯ୍ୟ ସଂପାଦନ କରୁଥିବା ସରକାରୀ ବିଭାଗ ଓ ଅନୁଷ୍ଠାନଗୁଡ଼ିକ ସରକାରଙ୍କ ଅବଗତି ନିମନ୍ତେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ଖର୍ଚ୍ଚ ଖସଡ଼ା ପ୍ରସ୍ତୁତ କରିବା ଅନିବାର୍ଯ୍ୟ ଅଟେ । ମାର୍ଚ୍ଚ 2018 ସୁଦ୍ଧା 16 ଟି ବିଭାଗୀୟ ଉଦ୍ୟୋଗ ମଧ୍ୟରୁ କେବଳ ମୁଖ୍ୟ ବନ ସଂରକ୍ଷଣ (କେନ୍ଦୁପତ୍ର) 2011-12 ପର୍ଯ୍ୟନ୍ତ ହିସାବ ପ୍ରସ୍ତୁତ କରିଥିଲେ ।

3. ବ୍ୟାଙ୍କ ଅବଶେଷ ଏବଂ ରୋକଡ଼ ଖାତାର ସମିକରଣ ନ ହୋଇଥିବାରୁ 73.60 କୋଟି ଟଙ୍କାର ଆସାମଞ୍ଜସତା

ହିସାବ ଖାତାରେ ନେଣଦେଣର ସଠିକତା ନିଶ୍ଚିତ କରିବା ପାଇଁ ବ୍ୟାଙ୍କର ହିସାବ ଏବଂ ରୋକଡ଼ ଖାତାର ହିସାବର ସାମଞ୍ଜସ୍ୟକରଣ ନିୟମିତ ଭାବେ ପ୍ରତି ମାସର ଶେଷରେ କରିବା ଦରକାର । କୌଣସି ଅସାମଞ୍ଜସ୍ୟ / ଭିନ୍ନତା ଠିକ୍ କରିବା ପାଇଁ ଡ଼ିଡ଼ିଓ ମାନେ ପ୍ରତ୍ୟେକ ମାସ ଶେଷରେ ସାମଞ୍ଜସ୍ୟକରଣ କରିବା ଉଚିତ୍ ।

ମାତ୍ର 2018 ମାର୍ଚ୍ଚ ସୁଦ୍ଧା 15 ଟି ନମୁନା ଉଠାଣ ଏବଂ ବିତରଣ ଅଧିକାରୀ ରୋକର୍ଡ଼ ପରିଚାଳନା ସମୀକ୍ଷା ସମୟରେ ରୋକଡ଼ ଖାତା ଏବଂ ବ୍ୟାଙ୍କ ସଂଚୟ ବହିରେ 73.60 କୋଟି ଟଙ୍କାର ପ୍ରଭେଦ ଥିଲା । ଅବଶେଷ ଟଙ୍କାର ସାମଞ୍ଜସ୍ୟକରଣ ଅଭାବରୁ ଡ଼ିଡ଼ିଓ ମାନଙ୍କ ଦ୍ୱାରା ପରିଚାଳିତ ହିସାବର ପ୍ରାମାଣିକତା ଅଡ଼ିଟ୍ ରେ ପ୍ରମାଣିତ କରାଯାଇ ପାରିନଥିଲା ।

4. କୋଠା ବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିର ସ୍ୱଳ୍ପ ବିନିଯୋଗ

ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ଉପକାର ନିୟମ 1996 ଓ ନିଯୁକ୍ତି ଓ ସର୍ତ୍ତର ନିୟମ 1996 ଅନୁଯାୟୀ ଶ୍ରମିକ କଲ୍ୟାଣ ସଂଘର ଗଠନ ଓ ଶ୍ରମିକ ମାନଙ୍କୁ ଆର୍ଥିକ ସହାୟତା ନିମିତ୍ତ ସରକାରୀ ପାଣ୍ଠିରୁ ଓ ଆଦାୟ ହେଉଥିବା କରରୁ ଅର୍ଥ ରାଶି ଅନୁମୋଦନ କରିବାର ବ୍ୟବସ୍ଥା ରହିଅଛି । ଶ୍ରମିକ ମାନଙ୍କ ଠାରୁ ଆଦାୟ ହେଉଥିବା ଶ୍ରମ ଉପକର ଏହି ସଂଘର ସହାୟକ ରାଶି ସହ ଜମା କରିବା ନିଧି ଅଟେ, ଏହି ରାଶି ଶ୍ରମିକ ମାନଙ୍କର ଆବଶ୍ୟକ ବେଳେ ତାଙ୍କୁ ହିଁ ପ୍ରଦାନ କରାଯିବ ନିୟମ ସିଦ୍ଧ ଅଟେ ।

2013-14 ରେ ଆଦାୟ ହୋଇଥିବା 168.90 କୋଟି ଟଙ୍କାର ଶ୍ରମିକ କର 2017-18 ରେ 71.23 କୋଟି ଟଙ୍କାକୁ ବୃଦ୍ଧି ପାଇଁ 240.13 କୋଟି ଟଙ୍କାରେ ପହଂଚିଥିଲା । ଏହି ସମୟସୀମା ମଧ୍ୟରେ ଏହି ଉପକରରେ ବିଧେୟ ବିନିଯୋଗର ଯାହାକି 2013-14 ରେ 1.33 ପ୍ରତିଶତ ରୁ 2017-18 ରେ 27.77 ପ୍ରତିଶତର ପାଣ୍ଠିର ବିନିଯୋଗ ହୋଇଥିଲା । ପାଣ୍ଠିର କମ୍ ବିନିଯୋଗର ଯୋଗୁଁ ଶ୍ରମିକ କରର ଆଦାୟର ଲକ୍ଷ୍ୟ ପୁର୍ଣ୍ଣ ହୋଇନଥିଲା । କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠି ନିୟମ 5 ଅନୁଯାୟୀ ରାଜ୍ୟର ହିସାବ ପଦ୍ଧତି ଅନୁସାରେ କର ଆଦାୟ ବୋର୍ଡ଼କୁ ସ୍ଥାନାନ୍ତରିତ ହେବାକୁ ଥିଲା ।

ଓଡ଼ିଶା ସରକାରଙ୍କ ଶ୍ରମ ନିଯୁକ୍ତି ବିଭାଗ ଦ୍ୱାରା 15 ଡ଼ିସେମ୍ବର 2008 ରେ ନିଆଯାଇଥିବା ରିଜୋଲୁସନ ଅନୁସାରେ ଆଦାୟ ହେଉଥିବା ଏହି କର ସରକାରି ଟ୍ରେଜେରୀର (ରାଜ୍ୟର ଏକତ୍ରୀକୃତ ପାଣ୍ଠି) ମୁଖ୍ୟ ଶିର୍ଷ – 0230 ରେ ଜମା ହେବା ଜରୁରୀ ଥିଲା ।

ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ସଂଘର ଅର୍ଥରାଶି ହିସାବ ପଦ୍ଧତି ନିର୍ଦ୍ଧାରିତ କରିଥିଲା ଯେ, କରକୁ ବୋର୍ଡ଼ର ଚେୟାରମ୍ୟାନ ଏବଂ ସଂପାଦକଙ୍କ ଦ୍ୱାରା ପରିଚାଳିତ ହେଉଥିବା ଯୁଗ୍ମ ସ୍ୱାକ୍ଷରରେ ବ୍ୟାଙ୍କରେ ଜମା ଦେବା ଉଚିତ୍ । ଏହା କୋଠାବାଡ଼ି ଏବଂ ଶ୍ରମିକ କଲ୍ୟାଣ ନିୟମର ଉଲ୍ଲଙ୍ଘନ ଥିଲା ।

ରାଜ୍ୟ କୋଠା ବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ଙ୍କ ନଥିପତ୍ର ଯାଂଚରୁ ଜଣାଗଲା ଯେ, ବିଭିନ୍ନ ସଂସ୍ଥାମାନଙ୍କ ଦ୍ୱାରା ଆଦାୟ କରାଯାଇଥିବା କରକୁ ବୋର୍ଡ଼ରେ ଏହି ଉଦ୍ଦେଶ୍ୟରେ ଖୋଲାଯାଇଥିବା ସଂଚୟ ବ୍ୟାଙ୍କ ଖାତାରେ ଚେକ୍ / ଡ୍ରାଫ୍ଟ ମାଧ୍ୟମରେ ଜମା କରାଯାଉଥିଲା । ଯାହା କି କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ କର ନିୟମ 1998 ଏବଂ ସମ୍ବିଧାନର ଧାରା 266 (1) କୁ ଉଲ୍ଲଙ୍ଘନ କରି ରାଜ୍ୟର ଏକତ୍ରିକୃତ ପାଣ୍ଠିକୁ ସିଧାସଳଖ ଯାଉନଥିଲା ।

(ବିଭୁଦତ୍ତ ବସନ୍ତିଆ)

ଭୁବନେଶ୍ୱର

ତାରିଖ : 23 NOV 2019

ମହାଲେଖାକାର(ସାଧାରଣ ଏବଂ ସାମାଜିକ କ୍ଷେତ୍ର), ଓଡ଼ିଶା

ପ୍ରତିସ୍ୱାକ୍ଷରିତ

(ରାଜିବ ମହର୍ଷି)

ନୂଆଦିଲ୍ଲୀ

ତାରିଖ 25 NOV 2019

ଭାରତର ମହାଲେଖା ନିୟନ୍ତ୍ରକ ଓ ମହା ସମୀକ୍ଷକ

ପରିଶିଷ୍ଟ

ପରିଶିଷ୍ଟ -1.1

(ଦ୍ରଷ୍ଟବ୍ୟ ପ୍ରସ୍ତାବନାତ୍ମକ ଉଚ୍ଛେଦ ଅଧ୍ୟାୟ I, ପୃଷ୍ଠା 1)

ଓଡ଼ିଶାର ସଂକ୍ଷିପ୍ତ ପାର୍ଶ୍ୱଚିତ୍ର

କ. ସାଧାରଣ ତଥ୍ୟାବଳୀ			
ସବିଶେଷ ବିବରଣୀ			ସଂଖ୍ୟା
1	କ୍ଷେତ୍ରଫଳ		**155707** ବର୍ଗ କି.ମି
2	ଜନସଂଖ୍ୟା		
	କ.	**2001** ଜନ ଗଣନା ଅନୁଯାୟୀ	**3.68** କୋଟି
	ଖ .	**2011** ଜନ ଗଣନା ଅନୁଯାୟୀ	**4.20** କୋଟି
3	ଜନ ସଂଖ୍ୟା ସାନ୍ଦ୍ରତା [39] **(2011** ଜନ ଗଣନା ଅନୁଯାୟୀ**)** **(**ସର୍ବ ଭାରତୀୟ ସାନ୍ଦ୍ରତା = **382** ଜଣ (ପ୍ରତିବର୍ଗ କି.ମି)		**270** ଜଣ (ପ୍ରତିବର୍ଗ କି.ମି)
4	ଦାରିଦ୍ର୍ୟ ସିମା[40] ରେଖା ତଳେ ଜନ ସଂଖ୍ୟା (ବିପିଏଲ) **(**ସର୍ବ ଭାରତୀୟ ହାରାହାରି = **21.9** ପ୍ରତିଶତ**)**		**32.59** ପ୍ରତିଶତ
5	ସାକ୍ଷରତା[41] **(2011** ଜନ ଗଣନା ଅନୁଯାୟୀ**)** **(**ସର୍ବ ଭାରତୀୟ ହାରାହାରି = **73.0** ପ୍ରତିଶତ**)**		**72.90** ପ୍ରତିଶତ
6	ଶିଶୁ ମୃତ୍ୟୁ ହାର ସଂଖ୍ୟା[42] **(**ପ୍ରତି **1000** ଜୀବନ୍ତ ଜନ୍ମ**).** **(**ସର୍ବ ଭାରତୀୟ ହାରାହାରି = **34** ପ୍ରତି **1000** ଜୀବନ୍ତ ଜନ୍ମରେ**)**		**44.00**
7	ଜନ୍ମ ପ୍ରତ୍ୟାଶିତ ଆୟୁ[43]**.** **(**ସର୍ବ ଭାରତୀୟ ହାରାହାରି = **68.3** ବର୍ଷ**)**		**66.90** ବର୍ଷ
8	ମାନବୀୟ ଉନ୍ନୟନ ସୂଚକ		
	କ.	**1999-2000. (**ସର୍ବ ଭାରତୀୟ= **0.387)**	--
	ଖ.	**2007-2008 (**ସର୍ବ ଭାରତୀୟ = **0.467)**	**0.362**
9	ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ (ଜିଏସଡ଼ିପି) **2017-18** ପ୍ରଚଳିତ ଦରରେ		**₹415982** କୋଟି
10	ଜଣ ପିଛା ଜିଏସଡ଼ିପି ସିଏଜି ଆର **(2008-09** ରୁ **2017-18)**	ଓଡ଼ିଶା	**11.20**
		ସର୍ବ ସାଧାରଣ ବର୍ଗ ରାଜ୍ୟ	**13.10**
11	ଜିଏସଡ଼ିପି ସିଏଜି ଆର **(2008-09** ରୁ **2017-18)**	ଓଡ଼ିଶା	**12.10**
		ସର୍ବ ସାଧାରଣ ବର୍ଗ ରାଜ୍ୟ	**14.50**
12	ଜନ ସଂଖ୍ୟା ବୃଦ୍ଧି **(2008-09** ରୁ **2017-18)**	ଓଡ଼ିଶା	**7.80**
		ସର୍ବ ସାଧାରଣ ବର୍ଗ ରାଜ୍ୟ	**11.60**

କ. ଆର୍ଥାଜ ତଥ୍ୟ					
ସବିଶେଷ ବିବରଣୀ					
ସିଏଜି ଆର		**2008-09** ରୁ **2016-17**		**2016-17** ରୁ **2017-18**	
		ସାଧାରଣ ବର୍ଗ ରାଜ୍ୟ	ଓଡ଼ିଶା	ସାଧାରଣ ବର୍ଗ ରାଜ୍ୟ	ସାଧାରଣ ବର୍ଗ ରାଜ୍ୟ
		(ପ୍ରତିଶତରେ)			
a.	ରାଜସ୍ୱ ପ୍ରାପ୍ତି	**15.10**	**14.80**	**11.30**	**14.70**
b.	ନିଜସ୍ୱ କର ରାଜସ୍ୱ	**14.90**	**14.00**	**12.20**	**22.20**
c.	ଅଣ କର ରାଜସ୍ୱ	**9.50**	**12.30**	**5.90**	**4.40**
d.	ମୋଟ ଖର୍ଚ୍ଚ	**15.80**	**16.20**	**4.70**	**13.20**
e.	ପୁଞ୍ଜିଗତ ବ୍ୟୟ	**14.00**	**21.90**	**1.00**	**14.30**
f.	ଶିକ୍ଷା ଓ ରାଜସ୍ୱ ବ୍ୟୟ	**14.50**	**12.90**	**6.20**	**15.90**
g.	ସ୍ୱାସ୍ଥ୍ୟ ଓ ରାଜସ୍ୱ ବ୍ୟୟ	**16.20**	**21.20**	**10.70**	**1.90**
h.	ଦରମା ଓ ମଜୁରୀ	**13.40**	**11.10**	**8.90**	**7.00**
i.	ପେନସନ	**16.20**	**16.10**	**22.90**	**27.00**

ଗିନି କୋଏଫିସିଏଣ୍ଟ ଜନ ସଂଖ୍ୟା ଆୟର ଅସମାନତା । ଏହାର ମୂଲ୍ୟ ଶୂନ୍ୟ ଠାରୁ ଏକ ପର୍ଯ୍ୟନ୍ତ ହୋଇପାରେ । ଶୂନ୍ୟରୁ ନିକଟରେ, କମ ଅସମାନତାକୁ ସୂଚାଇଥାଏ; ଏକରୁ ନିକଟରେ ଅଧିକ ଅସମାନତାକୁ ସୂଚାଇଥାଏ ।

39 ଭାରତ ଜନଗଣନା 2011 ଚୂଡ଼ାନ୍ତ ସମୁଦାୟ ଜନ ସଂଖ୍ୟା ଏବଂ

40 ଅର୍ଥନୈତିକ ସର୍ବେକ୍ଷଣ 2017-18 ଭାରତ ସରକାର (ଜାନୁୟାରୀ 2018)

41 ଅର୍ଥନୈତିକ ସର୍ବେକ୍ଷଣ 2017-18 ଭାରତ ସରକାର (ଜାନୁୟାରୀ 2018)

42 ଅର୍ଥନୈତିକ ସର୍ବେକ୍ଷଣ 2017-18 ଭାରତ ସରକାର (ଜାନୁୟାରୀ 2018)

43 ଅର୍ଥନୈତିକ ସର୍ବେକ୍ଷଣ 2017-18 (ଜାନୁୟାରୀ 2018)

ପରିଶିଷ୍ଟ - 1.2

(ଦ୍ରଷ୍ଟବ୍ୟ ପ୍ରସ୍ତାବନାତ୍ମକ ଉଚ୍ଛେଦ ଅଧ୍ୟାୟ I, ପୃଷ୍ଠା 1)

ସରକାରୀ ହିସାବର ଢାଞ୍ଚା ଓ ଆକାର

ଭାଗ କ : ସରକାରୀ ହିସାବର ଢାଞ୍ଚା ଓ ଆକାର

ସରକାରୀ ଲେଖାର ସଂରଚନା : ରାଜ୍ୟ ସରକାରଙ୍କ ହିସାବ ତିନ ଭାଗରେ ରଖାଯାଏ ।

(i) ଏକତ୍ରୀକୃତ ପାଣ୍ଠି, (ii) ଆକସ୍ମିକ ପାଣ୍ଠି ଏବଂ (iii) ସରକାରୀ ହିସାବ

ଭାଗ I: ଏକତ୍ରୀକୃତ ପାଣ୍ଠି: ରାଜ୍ୟ ସରକାରଙ୍କୁ ମିଳିଥିବା ସମସ୍ତ ରାଜସ୍ୱ, କୋଷାଗାର ବିଲ୍ ଜାରିକରି ଉଠାଯାଉଥିବା ସମସ୍ତ ଋଣ ଆଭ୍ୟନ୍ତରୀଣ ଓ ବାହ୍ୟ ଋଣ ରାଶି ଏବଂ ଋଣ ପରିଶୋଧ ବାବଦରେ ସରକାର ଗ୍ରହଣ କରୁଥିବା ସମସ୍ତ ରାଶି ମିଳିତ ଭାବେ ଏକତ୍ରିକୃତ ପାଣ୍ଠି ଗଠନ କରିବେ ଯାହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 266(1) ଅନୁଯାୟୀ ରାଜ୍ୟର ଏକତ୍ରୀକୃତ ପାଣ୍ଠି ନାମରେ ନାମିତ ହେଲା ।

ଭାଗ II: ଆକସ୍ମିକ ପାଣ୍ଠି: ଭାରତୀୟ ସମ୍ବିଧାନରେ ଅନୁଚ୍ଛେଦ 267(2) ଅନୁସାରେ ଗଠିତ ଆକସ୍ମିକ ପାଣ୍ଠି ରାଜ୍ୟ ବିଧାନ ସଭାର ଅନୁମୋଦନକୁ ଅପେକ୍ଷା ନ କରି ଜରୁରୀ ଅଦୃଷ୍ଟପୂର୍ବ ବ୍ୟୟ ସକାଶେ ଅଗ୍ରିମ ଦେବା ପାଇଁ ରାଜ୍ୟପାଳଙ୍କ ଫଏସଲ ଉପରେ ନ୍ୟସ୍ତ କରାଯାଇଛି । ଏକତ୍ରିକୃତ ପାଣ୍ଠିରୁ ସେହି ଖର୍ଚ୍ଚ ଏବଂ ସମପରିମାଣର ଅର୍ଥ ଉଠାଣ ପାଇଁ ବିଧାନ ସଭାର ଅନୁମୋଦନ ପରବର୍ତ୍ତି କାଳରେ ନିଆଯାଇଥାଏ ଯେଉଁଥିରେ ଆକସ୍ମିକ ପାଣ୍ଠିରୁ ଦିଆଯାଇଥିବା ଅଗ୍ରିମ ପୁନଃ ପୁରଣ ହୋଇଥାଏ ।

ଭାଗ III: ସରକାରୀ ହିସାବ: ସ୍ୱଳ୍ପ ସଞ୍ଚୟ, ଭବିଷ୍ୟନିଧି ଜମା, ସଂରକ୍ଷିତ ପାଣ୍ଠି, ସନ୍ଦେହାତ୍ମକ ହିସାବ, ପ୍ରେରିତ ଅର୍ଥ ଆଦି କେତେକ ନିର୍ଦ୍ଦିଷ୍ଟ ନେଣଦେଣ ପରିପ୍ରେକ୍ଷୀରେ ପ୍ରାପ୍ତ ଓ ବିତରଣ ଗୁଡ଼ିକୁ ଯାହା ଏକତ୍ରୀକୃତ ପାଣ୍ଠିର ଅଂଶ ବିଶେଷ ନୁହେଁ ତାହାକୁ ସମ୍ବିଧାନର ଅନୁଚ୍ଛେଦ 266(2) ଅଧିନରେ ସ୍ଥାପିତ ସରକାରୀ ହିସାବ ଖାତାରେ ରଖାଯାଏ ଏବଂ ତାହା ଉପରେ ରାଜ୍ୟ ବିଧାନ ସଭାର ମତଦାନ ଆବଶ୍ୟକ ହୋଇନଥାଏ ।

ଭାଗ ଖ : ଆର୍ଥାଂକ ହିସାବରେ ରୂପରେଖ	
ବିବରଣୀ ସଂଖ୍ୟା	ବିଷୟରେ
ପ୍ରଥମ ଖଣ୍ଡ	
1	ଆର୍ଥିକ ସ୍ଥିତିର ବିବରଣୀ
2	ଆୟ ଏବଂ ବିତରଣ ବିବରଣି ପରିଶିଷ୍ଟ କ, ଅବଶେଷ ପାଣ୍ଠି ଏବଂ ତାହାର ବିନିଯୋଗ
3	ସଂଗଠିତ ପାଣ୍ଠିର ଆୟର ବିବରଣୀ
4	ସଂଗଠିତ ପାଣ୍ଠିର ଆୟର ବିବରଣୀ
5	ପୁଞ୍ଜି ବ୍ୟୟର ପ୍ରଗତିର ବିବରଣୀ
6	ଋଣ ଏବଂ ଅନ୍ୟ ଉତ୍ତରଦାୟିତ୍ୱର ବିବରଣୀ
7	ସରକାରଙ୍କ ଦ୍ୱାରା ପ୍ରଦତ୍ତ ଋଣ ଏବଂ ଅଗ୍ରିମର ବିବରଣୀ
8	ସରକାରଙ୍କ ପୁଞ୍ଜିଲଗାଣର ବିବରଣୀ
9	ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିର୍ଭରତାର ବିବରଣୀ
10	ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅନୁଦାନର ବିବରଣୀ
11	ଅନୁମୋଦିତ ଓ ନିର୍ଦ୍ଦେଶିତ ବ୍ୟୟର ବିବରଣୀ
12	ରାଜସ୍ୱ ହିସାବକୁ ବାଦ୍ ଦେଇ ଖର୍ଚ୍ଚ ପାଇଁ ପାଣ୍ଠିର ଉହ ଏବଂ ବ୍ୟବହରାର ବିବରଣୀ
13	ଏକତ୍ରିକୃତ ପାଣ୍ଠି, ଆକସ୍ମିକ ପାଣ୍ଠି ଏବଂ ସରକାରୀ ହିସାବ ମଧ୍ୟରେ ଥିବା ଅବଶେଷ ପାଣ୍ଠିର ସଂକ୍ଷିପ୍ତସାର
ଦ୍ୱିତୀୟ ଖଣ୍ଡ	
14	ରାଜସ୍ୱ ଏବଂ ପୁଞ୍ଜିଗତ ପ୍ରାପ୍ତିର ବିସ୍ତୃତ ବିବରଣୀ ଲଘୁ ଶିର୍ଷ ଦ୍ୱାରା
15	ରାଜସ୍ୱ ବ୍ୟୟର ବିସ୍ତୃତ ବିବରଣୀ ଲଘୁ ଶିର୍ଷ ଦ୍ୱାରା
16	ପୁଞ୍ଜିଗତ ବ୍ୟୟର ଲଘୁ ଶିର୍ଷକ ଓ ଉପଶିର୍ଷକ ଦ୍ୱାରା ବିସ୍ତୃତ ବିବରଣୀ
17	ଋଣ ଏବଂ ଦାୟିତ୍ୱର ବିସ୍ତୃତ ବିବରଣୀ
18	ସରକାରଙ୍କ ଦ୍ୱାରା ପ୍ରଦତ୍ତ ଋଣ ଏବଂ ଅଗ୍ରିମର ବିସ୍ତୃତ ବିବରଣୀ
19	ସରକାରଙ୍କ ପୁଞ୍ଜିଲଗାଣର ବିସ୍ତୃତ ବିବରଣୀ
20	ସରକାରଙ୍କ ଦ୍ୱାରା ପ୍ରତିଭୁତିର ବିସ୍ତୃତ ବିବରଣୀ
21	ଆକସ୍ମିକ ପାଣ୍ଠି ଏବଂ ଅନ୍ୟାନ୍ୟ ସରକାରୀ ହିସାବ ନେଣଦେଣର ବିସ୍ତୃତ ବିବରଣୀ
22	ଚିହ୍ନିତ ରାଶିର ପୁଞ୍ଜିଲଗାଣର ବିସ୍ତୃତ ବିବରଣୀ

ପରିଶିଷ୍ଟ – 1.3

(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.2)

2017-18 ବର୍ଷ ନିମିତ୍ତ ପ୍ରାପ୍ତି ଓ ବିତରଣର ବିବରଣୀ

(₹ in crore)

2016-17	ପ୍ରାପ୍ତି	2017-18	2016-17	ବିତରଣ	ପ୍ରଶାସନିକ	କାର୍ଯ୍ୟକ୍ରମ	2017-18
ଅନୁଭାଗ A: ରାଜସ୍ୱ							
74299.39	**I. ରାଜସ୍ୱ ପ୍ରାପ୍ତି**	**85204.30**	**65040.53**	**I. ରାଜସ୍ୱ ବ୍ୟୟ -**	**37245.50**	**34591.80**	**71837.30**
22852.39	କର ରାଜସ୍ୱ	27913.81	**16714.44**	**ସାଧାରଣ ସେବା**	**19996.07**	**264.85**	**20260.92**
	--		**27599.95**	**ସାମାଜିକ ସେବା**	**12280.44**	**17276.39**	**29556.83**
8043.10	ଅଣକର ରାଜସ୍ୱ	8398.48	11808.99	ଶିକ୍ଷା କ୍ରୀଡ଼ା କଳା ସଂସ୍କୃତି	8844.74	4943.60	13788.34
	--		4061.31	ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ	1744.75	2408.29	4153.04
28321.50	କେନ୍ଦ୍ରିୟ କରର ରାଜ୍ୟ ଅଂଶବିଶେଷ	31272.06	3555.05	ଜଳଯୋଗାଣ, ପରିମଳ ଗୃହ ନିର୍ମାଣ ଓ ନଗର ଉନ୍ନୟନ	919.94	2934.28	3854.22
	--		77.01	ସୂଚନା ପ୍ରଶାରଣ	28.08	48.98	77.06
3248.00	ଅଣ ଯୋଜନା ଅନୁଦାନ	--	1985.32	ଅନୁସୂଚିତ ଜାତି ଜନ ଜାରି ବିକାଶ ଓ ସଂଖ୍ୟାଲଘୁ ପଛୁଆ ବର୍ଗ କଲ୍ୟାଣ	478.19	1739.39	2217.58
11769.07	ରାଜ୍ୟ ଯୋଜନା ପାଇଁ ଅନୁଦାନ	--	118.84	ଶ୍ରମ ଓ ଶ୍ରମିକ କଲ୍ୟାଣ	82.09	59.78	141.87
	--		5872.11	ସାମାଜିକ କଲ୍ୟାଣ ଏବଂ ପୁଷ୍ଟି ସାଧନା	78.10	5105.97	5184.07
65.33	କେନ୍ଦ୍ର ଓ କେନ୍ଦ୍ରିୟ ପ୍ରୟୋଜିତ ଯୋଜନା ପାଇଁ ଅନୁଦାନ	--	121.32	ଅନ୍ୟାନ୍ୟ	104.54	36.11	140.65
	--		**19713.74**	ଅର୍ଥନୈତିକ ସେବା-	**4968.99**	**15787.91**	**20756.90**
--	କେନ୍ଦ୍ରିୟ ପ୍ରୟୋଜିତ ଯୋଜନା ପାଇଁ ଅନୁଦାନ	12899.92	6496.70	କୃଷି ଓ ଆନୁସାଂଗିକ କାର୍ଯ୍ୟକ୍ରମ	1455.21	4346.21	5801.42
	ଅର୍ଥ ଆୟୋଗ ଅନୁଦାନ		7991.39	ଗ୍ରାମ୍ୟ ଉନ୍ନୟନ	43.96	8973.92	9017.88
	ଅନ୍ୟାନ୍ୟ ସ୍ଥାନାନ୍ତରିତ / ରାଜ୍ୟକୁ ଅନୁଦାନ	2405.55	-	ସ୍ୱତନ୍ତ୍ର ଅଂଚଳ କାର୍ଯ୍ୟକ୍ରମ	--	--	--
			1870.11	ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ	1207.97	703.42	1911.39
		2314.48	83.57	ଶକ୍ତି	11.68	33.51	45.19
	--		487.82	ଶିଳ୍ପ ଓ ଖଣିଜ ପଦାର୍ଥ	144.46	534.09	678.55
--	--		1981.03	ପରିବହନ	1914.89	308.90	2223.79
	--		54.34	ବିଜ୍ଞାନ ଜାରିଗରୀ ଓ ପରିବେଶ	19.99	47.07	67.06
	--		748.77	ସାଧାରଣ ଅର୍ଥନୈତିକ ସେବା	170.84	840.78	1011.62
	--		**1012.40**	ଅନୁଦାନ ଓ ଅଂଶଦାନ	--	**1262.66**	**1262.66**
--	**II.** ରାଜସ୍ୱ ନିଅଣ୍ଟକୁ ନିଆଗଲା		**9258.86**	**II.** ରାଜସ୍ୱ ବଳକାକୁ ନିଆଗଲା	--	--	**13367.00**
ଅନୁଭାଗ B: ପୁଞ୍ଜି							
12047.68	**III.** ପ୍ରାରମ୍ଭିକ ଅବଶେଷ ସ୍ଥାୟୀ ଅଗ୍ରିମ ଏବଂ ନଗଦ ଅର୍ଥ ଅବଶେଷ ବିନିଯୋଗ ସମେତ	**14601.11**	--	**III.** ଭାରତୀୟ ରିଜର୍ଭ ବ୍ୟାଙ୍କରୁ ପ୍ରାରମ୍ଭିକ ଓଭରଡ୍ରାଫ୍ଟ	--	--	--
--	**IV.** ବିବିଧ ପୁଞ୍ଜିଭିତ୍ତିକ ପ୍ରାପ୍ତି	--	**18471.07**	**IV.** ପୁଞ୍ଜିଭିତିକ ଖର୍ଚ୍ଚ -	**36.90**	**21071.65**	**21108.55**
--	--	--	**374.29**	ସାଧାରଣ ସେବା-	**12.45**	**452.12**	**464.57**
--	--	--	**3001.21**	ସାମାଜିକ ସେବା -	**5.08**	**4195.87**	**4200.95**
--	--	--	360.16	ଶିକ୍ଷା,କଳା ଓ ସଂସ୍କୃତି	--	745.57	745.57
--	--	--	667.94	ସ୍ୱାସ୍ଥ୍ୟ ଓ ପରିବାର ଯୋଜନା	--	774.06	774.06
--	--	--	1371.36	ଜଳ ଯୋଗାଣ, ପରିମଳ ଗୃହ ଓ	5.08	2001.04	2006.12

2016-17	ପ୍ରାପ୍ତି	2017-18	2016-17	ବିତରଣ	ପ୍ରଶାସନିକ	କାର୍ଯ୍ୟକ୍ରମ	2017-18
				ନଗର ଉନ୍ନୟନ			
--	--	--	--	ସୂଚନା ଓ ପ୍ରଶାରଣ	--	--	--
--	--	--	461.82	ହରିଜନ ଆଦିବାସୀ ବା ଅନ୍ୟାନ୍ୟ ପଛୁଆବର୍ଗ କଲ୍ୟାଣ	--	527.36	527.36
--	--	--	2.32	ସମାଜ କଲ୍ୟାଣ ଓ ପୁଷ୍ଟି କଲ୍ୟାଣ	--	60.50	60.50
--	--	--	137.61	ଅନ୍ୟାନ୍ୟ	--	87.34	87.34
--	--	--	**15095.57**	ଅର୍ଥନୈତିକ ସେବା	**19.37**	**16423.66**	**16443.03**
--	--	--	218.23	କୃଷି ଏବଂ ଆନୁସାଂଗିକ କାର୍ଯ୍ୟକଳାପ	--	124.83	124.83
--	--	--	--	ଗ୍ରାମ୍ୟ ଉନ୍ନୟନ	--	--	--
--	--	--	148.50	ସ୍ୱତନ୍ତ୍ର ଅଂଚଳ କାର୍ଯ୍ୟକ୍ରମ	--	148.50	148.50
--	--	--	5799.07	ଜଳ ସେଚନ ଓ ବନ୍ୟା ନିୟନ୍ତ୍ରଣ	--	6841.06	6841.06
--	--	--	2048.16	ଶକ୍ତି	(-)0.08	2049.41	2049.33
--	--	--	(-)1.95	ଶିଳ୍ପ ଓ ଖଣିଜ ପଦାର୍ଥ	--	(-)2.01	(-)2.01
--	--	--	6767.42	ପରିବହନ	--	7148.19	7148.19
--	--	--	116.15	ସାଧାରଣ ଅର୍ଥନୈତିକ ସେବା	19.45	113.68	133.13
89.01	**V.** ଋଣ ଓ ଅଗ୍ରୀମ ଅସୁଲ -	**257.49**	**254.10**	**V.** ଋଣ ଓ ଅଗ୍ରୀମ ବଣ୍ଟନ -	**1875.41**	--	**1875.41**
--	ଶକ୍ତି ପ୍ରକଳ୍ପ ପାଇଁ	2.00	171.66	ଶକ୍ତି ପ୍ରକଳ୍ପ ପାଇଁ	225.47	--	225.47
79.04	ସରକାରୀ କର୍ମଚାରୀଙ୍କ ପାଇଁ	77.28	90.57	ସରକାରୀ କର୍ମଚାରୀଙ୍କ ପାଇଁ	79.94	--	79.94
9.97	ଅନ୍ୟାନ୍ୟ ମାନଙ୍କୁ	178.21	(-)8.13	ଅନ୍ୟାନ୍ୟ ମାନଙ୍କୁ	1570.00	--	1570.00
9258.86	**VI.**ରାଜସ୍ୱ ନିଅଣ୍ଟକୁ ଆଣିବା	**13367.00**	--	**VI.**ରାଜସ୍ୱ ନିଅଣ୍ଟକୁ ଆଣିବା	--	--	--
11223.44	**VII.** ସରକାରୀ ଋଣ ପରିଶୋଧ -	**12861.60**	**2962.04**	**VII.** ସରକାରୀ ଋଣ ପରିଶୋଧ -	--	--	**2690.21**
	ବାହ୍ୟ ଋଣ	--	--	ବାହ୍ୟ ଋଣ	--	--	--
10320.46	ସାଧନୋପାୟ ଅଗ୍ରିମ ଓ ଓଭରଡ୍ରାଫ୍ଟ ବ୍ୟତୀତ ଆଭ୍ୟନ୍ତରୀଣ ଋଣ	12013.25	2291.84	ସାଧନୋପାୟ ଅଗ୍ରିମ ଓ ଓଭରଡ୍ରାଫ୍ଟ ବ୍ୟତୀତ ଆଭ୍ୟନ୍ତରୀଣ ଋଣ	--	--	1982.43
--	ସାଧନୋପାୟ ଅଗ୍ରିମ ଅଧିନରେ ନିଟ ନେଣଦେଣ	--	--	ସାଧନୋପାୟ ଅଗ୍ରିମ ଅଧିନରେ ନିଟ ନେଣଦେଣ	--	--	--
--	ଓଭରଡ୍ରାଫ ଅଧିନରେ ପ୍ରକୃତ ନେଣ ଦେଣ	--	--	ଓଭରଡ୍ରାଫ ଅଧିନରେ ପ୍ରକୃତ ନେଣ ଦେଣ	--	--	--
902.98	କେନ୍ଦ୍ର ସରକାରଙ୍କୁ ଋଣ ଏବଂ ଅଗ୍ରିମ ପରିଶୋଧ	848.35	670.20	କେନ୍ଦ୍ର ସରକାରଙ୍କୁ ଋଣ ଏବଂ ଅଗ୍ରିମ ପରିଶୋଧ	--	--	707.78
--	**VIII.** ଆକସ୍ମିକ ପାଣ୍ଠିକୁ ବିନିଯୋଗ	--	--	**VIII.** ଆକସ୍ମିକ ପାଣ୍ଠିକୁ ବିନିଯୋଗ	--	--	--
122.90	**IX.** ଆକସ୍ମିକ ପାଣ୍ଠିରୁ ବ୍ୟୟ	--	--	**IX.** ଆକସ୍ମିକ ପାଣ୍ଠିରୁ ବ୍ୟୟ	--	--	--
41626.88	**X.** ସରକାରୀ ହିସାବ ବିତରଣ-	**71874.50**	**38080.45**	**X.** ସରକାରୀ ହିସାବ ବିତରଣ-	--	--	**56439.42**
4423.81	ସ୍ୱଳ୍ପ ସଂଚୟ ଓ ଭବିଷ୍ୟନିଧି ପାଣ୍ଠି	4792.17	2567.08	ସ୍ୱଳ୍ପ ସଂଚୟ ଓ ଭବିଷ୍ୟନିଧି ପାଣ୍ଠି	--	--	3234.36
4140.57	ସଂରକ୍ଷିତ ପାଣ୍ଠି	3825.82	2995.63	ସଂରକ୍ଷିତ ପାଣ୍ଠି	--	--	3911.53
22.56	ଅନିଶ୍ଚିତ ତଥା ବିବିଧ	99.30	32.10	ଅନିଶ୍ଚିତ ତଥା ବିବିଧ	--	--	21.09
18829.60	ପ୍ରେଷିତ ଅର୍ଥ	22800.52	18882.28	ପ୍ରେଷିତ ଅର୍ଥ	--	--	22812.67
14210.34	ଜମା ରାଶି ତଥା ଅଗ୍ରିମ	40356.69	13603.36	ଜମା ରାଶି ତଥା ଅଗ୍ରିମ	--	--	26459.77
--	**XI.** ପରିଶେଷରେ ରୋକଡ଼ ଅବଶେଷ	--	**14601.11**	**XI.** ପରିଶେଷରେ ରୋକଡ଼ ଅବଶେଷ	--	--	**30848.11**
--	--		--	କୋଷାଗାରରେ ଥିବା ରୋକଡ଼ ଏବଂ ସ୍ଥାନୀୟ ପ୍ରେରିତ ଅର୍ଥ	--	--	--
--	--		318.65	ରିଜର୍ଭ ବ୍ୟାଙ୍କରେ ଜମା	--	--	557.03
--	--		21.36	ସ୍ଥାୟୀ ଅଗ୍ରିମ ସହ ବିଭାଗୀୟ ରୋକଡ଼ ଅବଶେଷ	--	--	20.11
--	--		14261.10	ରୋକଡ଼ ଅବଶେଷ ବିନିଯୋଗ	--	--	30270.97
148668.16	ମୋଟ	**198166.00**	**148668.16**	ମୋଟ	--	--	**198166.00**

ପରିଶିଷ୍ଟ – 1.4

(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.2)

ରାଜ୍ୟ ସରକାରଙ୍କ ଅର୍ଥ ବ୍ୟବସ୍ଥା ଉପରେ ସମସ୍ତ ପର୍ଯ୍ୟାପ୍ତ ତଥ୍ୟ

(ଟଙ୍କା କୋଟିରେ)

	2013-14	2014-15	2015-16	2016-17	2017-18
ଭାଗ କ. ପ୍ରାପ୍ତି					
1. ରାଜସ୍ୱ ପ୍ରାପ୍ତି	**48,947**	**56,998**	**68,941**	**74,299**	**85,204**
(i) କର ରାଜସ୍ୱ	**16,892(35)**	**19,828(35)**	**22,527(33)**	**22,852(31)**	**27,914(33)**
କୃଷିଭିତ୍ତିକ ଆୟ ଉପରେ କର	Nil	Nil	Nil	Nil	6,609(24)
ବିକ୍ରିୟ ବାଣିଜ୍ୟ ଇତ୍ୟାଦି ଉପରେ କର	Nil	Nil	Nil	Nil	Nil
ରାଜ୍ୟ ଅବକାରୀ	10,729(64)	11,817(60)	13,097(58)	13,402(59)	11,522(41)
ମୋଟର ଯାନ ଉପରେ କର	1,780(11)	2,035(10)	2,547(11)	2,786(12)	3,221(12)
ଷ୍ଟାମ୍ପ ଓ ପଞ୍ଜିକରଣ ଆୟ	860(5)	910(5)	1,044(5)	1,216(5)	1,535(5)
ଭୂ –ରାଜସ୍ୱ	606(4)	800(4)	2,157(10)	1,364(6)	1,037(4)
